# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୨/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, September 12/2024 Page 16 ₹ 7.00

୫୦ଶ ଭାଗ ୨୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 289 ମୂଲ୍ୟ₹୭/-




## ରାଜକୁମାରଙ୍କ ହ୍ୟାଟ୍ରିକ୍

ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ମାଲେସିଆ ବିପକ୍ଷ ମ୍ୟାଚ୍‌ରେ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି ଭାରତର ରାଜ କୁମାର ପାଲ୍। ୧୬

୧୫

## ରାଜ୍‌ଙ୍କ ୧୫ ବର୍ଷର ଇଚ୍ଛା ପୂରଣକଲେ ଶିଳ୍ପା

ବାର୍ଥ ଡେ ଗିଫ୍ଟରେ ରାଜ୍ କୁନ୍ଦ୍ରାଙ୍କୁ ଘୋଡ଼ା ସବାର କରାଇ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ ସ୍ୱାମୀଙ୍କ ଦୀର୍ଘ ଦିନର ଇଚ୍ଛାକୁ ପୂରଣ କରିଛନ୍ତି।





ସରକାରୀ ମାନ୍ୟତା, ବକେୟା ଦରମା ପ୍ରଦାନ ଆଦି ବିଭିନ୍ନ ଦାବିରେ ଓଡ଼ିଶା ଗୋଷ୍ଠୀ ସହାୟିକା (ସିଆର୍‌ପି ସିଏମ୍) ସଂଘ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା। **(ଫଟୋ- ବିକାଶ ନାୟକ)**

# କାଳିଆ: ଅଯୋଗ୍ୟ ନେଇଗଲେ ୭୮୨ କୋଟି

**ସିଏଜି ରିପୋର୍ଟ**

ଭୁବନେଶ୍ୱର,୧୧।୯(ଅନିଲ ଦାସ)

ରାଜ୍ୟରେ କୃଷି ଓ କୃଷକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ୨୦୧୮ରେ କାଳିଆ ଯୋଜନା ଆରମ୍ଭ କରିଥିଲେ। ତେବେ ଏହି ଯୋଜନାରେ ପ୍ରକୃତ ଚାଷୀ ପରିବର୍ତ୍ତେ ଅଯୋଗ୍ୟ ହିତାଧିକାରୀଙ୍କ ପାଇଁ ପୂର୍ବ ସରକାର ସମୟରେ ରାଜକୋଷକୁ ଖୋଲି ଦିଆଯାଇଥିଲା। କେବଳ ଅଯୋଗ୍ୟ ନୁହନ୍ତି, ହିତାଧିକାରୀଙ୍କ ନାମରେ ତାଳମେଳ ନ ଥାଇ ମଧ୍ୟ ଆଖିବୁଜି ଟଙ୍କା ବଣ୍ଟାଯାଇଛି। ବୁଧବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି)ଙ୍କ ଅଡିଟ ରିପୋର୍ଟରୁ ଏଭଳି ଦୁର୍ନୀତି ଜଣାପଡ଼ିଛି।

ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଅଯୋଗ୍ୟ କାଳିଆ ହିତାଧିକାରୀଙ୍କୁ ରାଜକୋଷରୁ ୭୮୨ କୋଟି ଟଙ୍କା ପ୍ରଦାନ କରାଯାଇଛି। ୨୦୧୯ରୁ ୨୧ ମଧ୍ୟରେ ୬୫.୬୪ ଲକ୍ଷ ହିତାଧିକାରୀଙ୍କୁ କାଳିଆ ଟଙ୍କା ଦିଆଯାଇଛି। କାଳିଆ ଯୋଜନାରେ ୪୧.୬୪ ଲକ୍ଷ ହିତାଧିକାରୀଙ୍କୁ ୩ ଥର, ୮.୦୯ ଲକ୍ଷଙ୍କୁ ୨ ଥର ଏବଂ ୧୫ ଲକ୍ଷ ୯୧ ହଜାର ହିତାଧିକାରୀଙ୍କୁ କେବଳ ଥରେ କିସ୍ତି ଟଙ୍କା ମିଳିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ଏହି ଯୋଜନାର ୧୨.୭୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନା କିସ୍ତି ନେଇଯାଇଛନ୍ତି। ଉକ୍ତ ଯୋଜନା କାର୍ଯ୍ୟକାରୀ ବେଳେ ୯.୭୬ ଲକ୍ଷ ଅଯୋଗ୍ୟ ହିତାଧିକାରୀ ମିଳିଥିଲେ। ଏହା ପରେ ଡାଟାବେସ୍ ବିଶ୍ଳେଷଣ ବେଳେ ଆଉ ୨.୯୬ ଲକ୍ଷ ଅଯୋଗ୍ୟ ଥିବା ସିଏଜିଙ୍କ ଅଡିଟ୍‌ରୁ ଜଣାପଡ଼ିଛି। ଏହିପରି ମୋଟ ୧୨.୭୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆ କିସ୍ତି ପାଇଥିଲେ। ଏହି ୧୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ ୭୮୨ କୋଟି ନେଇ ଯାଇଥିବା ଜଣାପଡ଼ିଛି। କୌତୂହଳର କଥା ହେଉଛି ଯେ ୧.୨୮ ଲକ୍ଷ ଖାତାଧାରୀଙ୍କ ନାମରେ କୌଣସି ତାଳମେଳ ନ ଥାଇ ମଧ୍ୟ ୧୦୭ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ତାଲିମ ନ ଦେଇ ୧୪.୦୪ ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ଟଙ୍କା ଦିଆଯାଇଥିଲା। ୧୪.୦୪ ଲକ୍ଷ ଭୂମିହୀନ କୃଷି ଶ୍ରମିକ ୩ଟି କିସ୍ତି ଟଙ୍କା ପାଇଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

### ଜାଲ ପ୍ରମାଣପତ୍ରରେ ଛାତ୍ରବୃତ୍ତି ହଡ଼ପ

ଜାଲ୍ ପ୍ରମାଣପତ୍ରରେ କିପରି ଛାତ୍ରବୃତ୍ତି ହଡ଼ପ କରାଯାଇଛି ତାହାର ମଧ୍ୟ ଗୁମର ଖୋଲିଛନ୍ତି ସିଏଜି। ଜାଲ୍ ପ୍ରମାଣପତ୍ର ଜରିଆରେ ଏସ୍‌ସି/ଏସ୍‌ଟି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତି ଟଙ୍କା ହଡ଼ପ କରାଯାଇଛି। ଜିଲା କଲ୍ୟାଣ ଅଧିକାରୀ ଯାଞ୍ଚ ନ କରିବାରୁ ୯୭.୩୨ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ସେହିପରି ନକଲି ଆୟ ପ୍ରମାଣପତ୍ର ଦେଖାଇ ୪୮ ପିଲା ବୃତ୍ତି ଟଙ୍କା ନେଇଯାଇଛନ୍ତି। ଅନୁବନ୍ଧିତ ହୋଇ ନ ଥିବା କିଛି ଶିକ୍ଷାନୁଷ୍ଠାନ ମଧ୍ୟ ବୃତ୍ତି ଟଙ୍କା ନେଇଯାଇଛନ୍ତି। ୩୮ଟି ଶିକ୍ଷାନୁଷ୍ଠାନର ୫,୬୬୦ ପିଲାଙ୍କୁ ବେଆଇନ ଭାବେ ୧୮ କୋଟି ଟଙ୍କା ଦିଆଯାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି।

## କାଶୀପୁରରେ ଅନରକିଲିଂ

ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

ବେଦ ଓ ବୈଦିକ ଦର୍ଶନ

# ସ୍କ୍ରବ୍ ଟାଇଫସ୍: ବରଗଡ଼ରେ ୩ ମୃତ

ବରଗଡ଼,୧୧।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ସ୍କ୍ରବ୍ ଟାଇଫସ୍ ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ଆକ୍ରାନ୍ତ ହୋଇ ଏପର୍ଯ୍ୟନ୍ତ ଜିଲାର ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବୁଙ୍ଗାପାଲି ଗ୍ରାମର ସରୋଜ ପ୍ରଧାନ(୪୨), ପଦ୍ମପୁରର ସଖୀ ପ୍ରଧାନ(୭୦) ଏବଂ ପଦ୍ମପୁରର ଶିଖା ରଣା(୧୬)। ଗତ ସପ୍ତାହକ ମଧ୍ୟରେ ଜିଲାର ବିଭିନ୍ନ ଘରୋଇ ଡାକ୍ତରଖାନାରେ ସେମାନଙ୍କ ମୃତ୍ୟୁ ହୋଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ନିରୁପମା ଷଡ଼ଙ୍ଗୀ କହିଛନ୍ତି। ସେ ଆହୁରି କହିଛନ୍ତି, ଗତ ୧୦ ତାରିଖ ☞ପୃଷ୍ଠା-୪


DSPL - 106

ଓଡ଼ିଶା ସରକାର

# ନିଯୁକ୍ତି ମେଳା





୧୨-୦୯-୨୦୨୪

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ**
ଦ୍ୱାରା
୪୭୬ ନୂତନ ଭାବେ ମନୋନୀତ ହୋଇଥିବା
ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ
ଭୁବନେଶ୍ୱର

ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶା ସରକାର | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାର | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର | ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର | ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଆୟୋଜକ - ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡ଼ିଶା ସରକାର

OIPR-09013/13/0003/2425

**ଆପ୍ ବିଧାୟକ ଦୁର୍ଗେଶ ପାଠକଙ୍କୁ ଜାମିନ**

ଦିଲ୍ଲୀର ଅବକାରୀ ଦୁର୍ନୀତି ମାମଲାରେ ଆପ୍ ବିଧାୟକ ଦୁର୍ଗେଶ ପାଠକଙ୍କୁ ବୁଧବାର ଜାମିନ ମିଳିଛି। ୧ ଲକ୍ଷ ଟଙ୍କାର ବଣ୍ଡରେ ତାଙ୍କୁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଜାମିନ ଦେଇଛନ୍ତି। ଉକ୍ତ ମାମଲାରେ ସ୍ୱତନ୍ତ୍ର ଜଜ୍ କାବେରୀ ବାଓ୍ୱେଜା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ହାଜତ ମିଆଦକୁ ଆସନ୍ତା ୨୫ ତାରିଖ ଯାଏ ବଢ଼ାଇଛନ୍ତି।

## ସଂକ୍ଷେପରେ

### ରିଲ୍ସ ନିଶା: ଟ୍ରେନ୍ ଧକ୍କାରେ ମା'ବାପା, ଝିଅ ମୃତ

ଲକ୍ଷ୍ନୌ, ୧୧।୯

ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରୀ ଜିଲା ଉର୍ମିଆ ଗ୍ରାମ ନିକଟସ୍ଥ ଏକ ଟ୍ରେନ୍ ଲାଇନରେ ରିଲ୍ସ କରିବା ଏକ ପରିବାର ପାଇଁ ମହଙ୍ଗା ପଡ଼ିଛି। ରେଳ ଟ୍ରାକ୍‌ରେ ଠିଆ ହୋଇ ରିଲ୍ସ କରୁଥିବା ସମୟରେ ଟ୍ରେନ୍ ଧକ୍କାରେ ମହମ୍ମଦ ଅହମଦ(୩୦) ତାଙ୍କ ସ୍ତ୍ରୀ ନାଜମିନ ଏବଂ ୩ ବର୍ଷର ପୁଅ ଅବଦୁଲ୍ଲାଙ୍କର ମୃତ୍ୟୁ ଘଟିଛି। ଲକ୍ଷ୍ନୌରୁ ପିଲିଭିଟ୍ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଖେରୀ ଥାନା ପୋଲିସ ଏବଂ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍)ପହଞ୍ଚି ୩ ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୩ ଆତଙ୍କବାଦୀ ନିହତ

ଜମ୍ମୁ, ୧୧।୯

ଜମ୍ମୁ-କଶ୍ମୀରର ଉଧାମପୁର ଜିଲା ବସନ୍ତଗଡ଼ ଅଞ୍ଚଳରେ ବୁଧବାର ଭାରତୀୟ ସେନା ଓ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଚାଲିଥିବାବେଳେ ଏନ୍‌କାଉଣ୍ଟରରେ ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ୩ ମୃତ ଆତଙ୍କବାଦୀ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ 'ଜୈଶ-ଏ-ମହମ୍ମଦ' ସହ ଜଡ଼ିତ ବୋଲି ସୀମା ସୁରକ୍ଷା ବଳ(ବିଏସ୍‌ଏଫ୍)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେମାନଙ୍କ ନିକଟରୁ ବହୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ କରାଯାଇଛି। ସେହିପରି ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ସମୟରେ ବିଏସ୍‌ଏଫ୍‌ର ଜଣେ ଯବାନ ଆହତ ହୋଇଛନ୍ତି। ଆସନ୍ତା ସେପ୍ଟେମ୍ବର ୧୮ରୁ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଆରମ୍ଭ ହେବାକୁ ଥିବାବେଳେ ଏହାର ଠିକ୍ ପୂର୍ବରୁ ସୁରକ୍ଷାବାହିନୀକୁ ସଫଳତା ମିଳିଛି।

### ଜମ୍ମୁ-କଶ୍ମୀରରେ କଂଗ୍ରେସର ୫ ଗ୍ୟାରେଣ୍ଟି

ଅନନ୍ତନାଗ, ୧୧।୯

କଂଗ୍ରେସ ପକ୍ଷରୁ ବୁଧବାର ଜମ୍ମୁ-କଶ୍ମୀରର ଜନସାଧାରଣଙ୍କୁ ୫ ଗାରେଣ୍ଟିର ପ୍ରତିଶ୍ରୁତି ଦିଆଯାଇଛି। ଦକ୍ଷିଣ କଶ୍ମୀରର ଅନନ୍ତନାଗରେ କଂଗ୍ରେସ-ନ୍ୟାଶନାଲ କନ୍‌ଫରେନ୍ସ(ଏନ୍‌ସି) ମେଣ୍ଟ ପାଇଁ ପ୍ରଚାର କରୁଥିବା ସମୟରେ ଏନେଇ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଘୋଷଣା କରିଛନ୍ତି। ଜମ୍ମୁ-କଶ୍ମୀରରେ କଂଗ୍ରେସ-ଏନ୍‌ସି ମେଣ୍ଟର ସରକାର ଆସିଲେ ମହିଳା ଉଦ୍ୟୋଗୀମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ପ୍ରଦାନ କରାଯିବ। ସେହିପରି ପ୍ରତ୍ୟେକ ପରିବାରକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯିବ ବୋଲି ଖାର୍ଗେ ଘୋଷଣା କରିଛନ୍ତି। ପ୍ରତି ପରିବାରର ମହିଳା ମୁଖିଆଙ୍କୁ ମାସିକ ୩ ହଜାର ଟଙ୍କା ପ୍ରଦାନ କରାଯିବ। ପବ୍ଲିକ ଡିଷ୍ଟ୍ରିବ୍ୟୁଶନ୍ ସିଷ୍ଟମ ମାଧ୍ୟମରେ ପ୍ରତି ବ୍ୟକ୍ତିଙ୍କ ପାଇଁ ୧୧ କିଲୋଗ୍ରାମ ଖାଦ୍ୟଶସ୍ୟ ଯୋଗାଇଦେବାର ବ୍ୟବସ୍ଥାକୁ ମଧ୍ୟ ପୁନଃ ସ୍ଥାପିତ କରାଯିବ ବୋଲି ଖାର୍ଗେ କହିଛନ୍ତି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ କାର୍ଯ୍ୟକାଳ ସମୟରେ ପ୍ରବାସୀ କଶ୍ମୀର ପଣ୍ଡିତଙ୍କୁ ପୁନଃ ଥଇଥାନ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ କଂଗ୍ରେସ-ଏନ୍‌ସି ମେଣ୍ଟର ନୂତନ ସରକାର ଆସିଲେ ପୂରଣ କରାଯିବ ବୋଲି ଖାର୍ଗେ କହିଛନ୍ତି।

# ଜୁଲାନା ଆଖଡ଼ାରେ ଭିନେଶ, କବିତା, ଯୋଗେଶ

ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୧।୯

କୁସ୍ତିଯୋଦ୍ଧା ଭିନେଶ ଫୋଗଟ ରାଜନୀତି ଆଖଡ଼ାକୁ ଓହ୍ଲାଇ ଜୁଲାନାରୁ କଂଗ୍ରେସ ପ୍ରାର୍ଥୀ ହେବା ପରେ ଜିନ୍ଦ ଜିଲାର ଏହି ନିର୍ବାଚନମଣ୍ଡଳୀ ଚର୍ଚ୍ଚାକୁ ଆସିଛି। ଭାଜପା ମଙ୍ଗଳବାର ଏହି ଆସନରେ କ୍ୟାପଟେନ୍ ଯୋଗେଶ ବୈରାଗୀଙ୍କୁ ଟିକେଟ ଦେଇଥିବାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ବୁଧବାର କବିତା ଦଲାଲଙ୍କୁ ପ୍ରାର୍ଥୀ କରିଛି।

୩୦ ବର୍ଷୀୟା ପୂର୍ବତନ ଅଲିମ୍ପିଆନ୍ ରେସ୍‌ଲର ଭିନେଶ ପ୍ରାର୍ଥୀପତ୍ର ଦାଖଲ କରିବାବେଳେ ତାଙ୍କ ସହ ରୋହତକ୍ ଏମ୍‌ପି ଦୀପେନ୍ଦର ସିଂ ହୁଡ୍ଡା ଓ ସୋନିପତ ଏମ୍‌ପି ସତପାଲ ବ୍ରହ୍ମଚାରୀ ଉପସ୍ଥିତ ଥିଲେ। ଭିନେଶ ଏହି ଆସନରେ ବଡ଼ ବିଜୟ ହାସଲ କରିବେ। କଂଗ୍ରେସ ମଧ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡାଙ୍କ ନେତୃତ୍ୱରେ ହରିୟାଣା ବିଧାନସଭା ଦଖଲ କରିବ ଏବଂ ଭାଜପାକୁ ଭୋଟର ଗାଦିଚ୍ୟୁତ କରିବେ ବୋଲି ତାଙ୍କ ପୁଅ ଦୀପେନ୍ଦର କହିଛନ୍ତି। ଚରଖି ଦାଦ୍ରି ଜିଲା ବଲାଲିରେ ଜନ୍ମିତ ଭିନେଶଙ୍କ ଶାଶୁଘର ଜୁଲାନା ସହରରେ। ଅଲିମ୍ପିକ୍ସ ଫାଇନାଲରେ ପହଞ୍ଚିବାରେ ଭିନେଶ ହେଉଛନ୍ତି ପ୍ରଥମ ମହିଳା କୁସ୍ତିଯୋଦ୍ଧା। ତେବେ ୫୦ କେ.ଜି. ବର୍ଗରେ ଭାଗନେବାବେଳେ ୧୦୦ ଗ୍ରାମ ଅଧିକ ଓଜନ ପାଇଁ ସେ ଅଯୋଗ୍ୟ ଘୋଷିତ ହୋଇଥିଲେ। କୃଷକ ଆନ୍ଦୋଳନକୁ ସମର୍ଥନ କରି ସେ ଚର୍ଚ୍ଚିତ ହୋଇଛନ୍ତି।

## 'ସେମାନେ ପ୍ୟାରିସ୍‌ରେ ବି ରାଜନୀତି କରିଥିଲେ'



କଂଗ୍ରେସ ପ୍ରାର୍ଥୀ ଭିନେଶ ଫୋଗଟ।

ମିଳିବାକୁ ଯାଉଥିବା ପଦକ ହାତଛଡ଼ା ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ଭାରତ ସରକାର ଯେପରି ସହଯୋଗ କରିବା କଥା, ସେପରି କିଛି କରି ନ ଥିଲେ। ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍ (ଆଇଓଏ) ମୁଖ୍ୟ ପି.ଟି. ଉଷାଙ୍କଠାରୁ ଉପଯୁକ୍ତ ସହଯୋଗ ମିଳି ନ ଥିଲା। ସେ କେବଳ ଫଟୋ ଉଠାଇବା ପାଇଁ ହସ୍ପିଟାଲକୁ ମୋତେ ଦେଖିବାକୁ ଯାଇଥିଲେ। ସେମାନେ ପ୍ୟାରିସ୍‌ରେ ବି ରାଜନୀତି କରିଥିଲେ ବୋଲି ପରୋକ୍ଷରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ଅଲିମ୍ପିଆନ୍ ଭିନେଶ ଫୋଗଟ। ଭିନେଶ ହରିୟାଣାର ଜୁଲାନା ଆସନରୁ କଂଗ୍ରେସ ପ୍ରାର୍ଥୀ ହେବା ପରେ ଏକାଧିକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇଛନ୍ତି। ଭିନେଶ କହିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍ସରେ ସେ କ'ଣ ସହଯୋଗ ପାଇଛନ୍ତି, ତାହା ଜାଣିପାରିଲେ ନାହିଁ। ପି.ଟି. ଉଷା ମାଡାମ୍ ମୋତେ ହସ୍ପିଟାଲରେ ଭେଟି ଫଟୋ ଉଠାଇଥିଲେ। ରାଜନୀତିରେ ରୁଦ୍ଧଦ୍ୱାରରେ ଅନେକ କିଛି ହୋଇଥାଏ। ପ୍ୟାରିସ୍‌ରେ ମଧ୍ୟ ରାଜନୀତି ହୋଇଥିଲା। ସେଥିଲାଗି ମୁଁ ଭାଙ୍ଗିପଡ଼ିଲି। ବହୁ ଲୋକ ରେସ୍‌ଲିଙ୍ଗ ନ ଛାଡ଼ିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ କୁସ୍ତିଯୁଦ୍ଧ କାହିଁକି ଜାରି ରଖିବି ବୋଲି ଭିନେଶ ପ୍ରଶ୍ନ କରିଛନ୍ତି।

ଭିନେଶ ଆହୁରି କହିଛନ୍ତି, ଇଭେଣ୍ଟରୁ ଅଯୋଗ୍ୟ ଘୋଷିତ ହେବା ପରେ କୋର୍ଟ ଅଫ୍ ଆର୍ବିଟ୍ରେଶନ୍ ଫର୍ ସ୍ପୋର୍ଟ୍ସ (ସିଏଏସ୍)ରେ ସିଲ୍‌ଭର ମେଡାଲ ପାଇଁ ଅପିଲ କରିଥିଲି। କିନ୍ତୁ ସପ୍ତାହେ ଧରି ଶୁଣାଣି ଚାଲିବା ପରେ ସିଏଏସ୍ ରାୟ ମୋ ସପକ୍ଷରେ ଆସି ନ ଥିଲା। ଖାଲିହାତରେ ପ୍ୟାରିସ୍‌ରୁ ଫେରିବାକୁ ପଡ଼ିଲା। ମୁଁ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିବାରୁ ସରକାର ମୋ ପକ୍ଷରୁ ପିଟିଶନ କରିବା ଉଚିତ ଥିଲା। କିନ୍ତୁ ସେମାନେ କିଛି ସହଯୋଗ କରି ନ ଥିଲେ। କେବଳ ତୃତୀୟ ପକ୍ଷ ଭଳି କାର୍ଯ୍ୟ କରିଥିଲେ ବୋଲି ଭିନେଶ କ୍ଷୋଭବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷେ ଭାଜପା ମଙ୍ଗଳବାର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି। ଶାସକ ଦଳ ଏହି ଆସନରୁ ପଛୁଆ ବର୍ଗର ଯୋଗେଶ ବୈରାଗୀଙ୍କୁ ଟିକେଟ ଦେଇଛି। ଯୋଗେଶ ଜଣେ ପୂର୍ବତନ କମର୍ସିଆଲ ପାଇଲଟ୍। ବର୍ତ୍ତମାନ ସେ ହରିୟାଣା ଭାରତୀୟ ଜନତା ଯୁବମୋର୍ଚ୍ଚାର ଉପାଧ୍ୟକ୍ଷ ଅଛନ୍ତି। ୩୫ ବର୍ଷୀୟ ଯୋଗେଶ ଦଳର ସ୍ପୋର୍ଟ୍ସ ସେଲ୍ ରାଜ୍ୟ ଆବାହକ ଦାୟିତ୍ୱ ତୁଲାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ସେ ନିଜକୁ ସମାଜସେବାରେ ନିୟୋଜିତ କରିଥାନ୍ତି। ରାଜନୀତିରେ ଯୋଗଦାନ ପୂର୍ବରୁ ଯୋଗେଶ ଜଣେ ସେନା ଅଧିକାରୀ ଥିଲେ। ବିମାନ ଚଳାଇବାରେ ତାଙ୍କ ୯ ବର୍ଷର ଅଭିଜ୍ଞତା ରହିଛି।

ହରିୟାଣା ବିଧାନସଭାର ୯୦ ଆସନ ପାଇଁ ଅକ୍ଟୋବର ୫ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ୮ରେ ଭୋଟ ଗଣତି କରାଯିବ। ଜୁଲାନା ନିର୍ବାଚନମଣ୍ଡଳୀର ଜାଟ୍ ଭୋଟର ସଂଖ୍ୟା ୮୧,୦୦୦। ୩୩,୬୦୮ ଓବିସି ଭୋଟର ଥିବାବେଳେ ଏସ୍‌ସି ବର୍ଗର ମତଦାତାଙ୍କ ସଂଖ୍ୟା ୨୯,୬୬୧। ସେପ୍ଟେମ୍ବର ୧୨ ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଏହାର ଦିନକ ପୂର୍ବରୁ ଅର୍ଥାତ୍ ବୁଧବାର କଂଗ୍ରେସ ପ୍ରାର୍ଥୀ ଭିନେଶ ଫୋଗଟ ଜୁଲାନା ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି।



କବିତା ଦଲାଲ (ଆପ୍)



ଯୋଗେଶ ବୈରାଗୀ ( ଭାଜପା)

ଆପ୍ ପକ୍ଷରୁ ବୁଧବାର ଚତୁର୍ଥ ପର୍ଯ୍ୟାୟରେ ଜାରି ୨୧ ଜଣିଆ ପ୍ରାର୍ଥୀ ତାଲିକାରେ କବିତା ଦଲାଲଙ୍କ ନାମ ରହିଛି। ଭିନେଶ ଓ ଯୋଗେଶଙ୍କ ସହ ସେ ଏହି ଆସନରୁ ଲଢ଼ିବେ। ୩୭ ବର୍ଷୀୟା କବିତା ଜଣେ ଅନ୍ତର୍ଜାତୀୟ ରେସ୍‌ଲର। ଡବ୍ଲ୍ୟୁଡବ୍ଲ୍ୟୁଇରେ ଭାଗନେବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଫେସନାଲ ମହିଳା ରେସ୍‌ଲର। ୨୦୧୬ ସାଉଥ୍ ଏସିଆନ୍ ଗେମ୍ସରେ ୭୫ କେ.ଜି. ବର୍ଗରେ ସ୍ୱର୍ଣ୍ଣପଦକ ବିଜେତା କବିତାଙ୍କ ଘର ଜିନ୍ଦ୍ ଜିଲା ମାଲଭି ଗ୍ରାମରେ। ବିବାହ ପରେ ସ୍ୱାମୀଙ୍କ ସମର୍ଥନ ତାଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣିତ କରିବା ପାଇଁ ସୁଯୋଗ ଦେଇଥିଲା। ଜୁଲାନା ଆସନରେ ସେ ପ୍ରାର୍ଥୀ ହେବା ପରେ ହରିୟାଣା ରାଜନୀତି ରୋଚକ ମୋଡ଼ରେ ପହଞ୍ଚିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ଦଳ କଂଗ୍ରେସ ସହ ଆସନ ବୁଝାମଣା ନ ଛିଣ୍ଡିବାରୁ ସୋମବାରଠାରୁ ଅଦ୍ୟାବଧି ହରିୟାଣା ବିଧାନସଭା ଆସନ ପାଇଁ ୬୧ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଲାଣି।



ଆମେରିକା ରାଷ୍ଟ୍ରପତି ନିର୍ବାଚନର ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ବୁଧବାର ୯/୧୧ ଆକ୍ରମଣର ୨୩ ବର୍ଷ ପୂର୍ତ୍ତି ପାଳନ ବେଳେ ଡେମୋକ୍ରାଟିକ୍ ନୋମିନି ହାରିସ୍‌ଙ୍କ ଆଡ଼କୁ ହାତ ବଢ଼ାଉଛନ୍ତି। ନିକଟରେ ରାଷ୍ଟ୍ରପତି ଜୋ ବାଇଡେନ୍ ଉପସ୍ଥିତ।

## ୯/୧୧କୁ ୨୩ ବର୍ଷ: ହାତ ମିଳାଇଲେ ଟ୍ରମ୍ପ, ହାରିସ୍

**ଓ୍ୱାଶିଂଟନ୍,୧୧।୯:** ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାସ୍ଥିତ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)କୁ ଅଲ୍-କାଏଦା ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ପୂର୍ବ ଉପକୂଳରୁ କାଲିଫର୍ନିଆ ଅଭିମୁଖେ ଯାତ୍ରା କରୁଥିବା ୪ କମର୍ସିଆଲ ଫ୍ଲାଇଟ୍‌କୁ ହାଇଜାକ୍ କରି ଆତ୍ମଘାତୀ ଆକ୍ରମଣ କରିଥିଲେ। ଏଥିରେ ପ୍ରାୟ ୩,୦୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୫,୦୦୦ ଆହତ ହୋଇଥିଲେ। ୯/୧୧ ଆକ୍ରମଣକୁ ବୁଧବାର ୨୩ ବର୍ଷ ପୂରିବା ଅବସରରେ ଆମେରିକାର ବିଭିନ୍ନ ସ୍ଥାନରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ନ୍ୟୁୟର୍କରେ ମେମୋରିଆଲ ସେରେମନି ପାଳନ ବେଳେ ରାଷ୍ଟ୍ରପତି ଜୋ ବାଇଡେନ୍, ଉପରାଷ୍ଟ୍ରପତି କମଳା ହାରିସ୍ ଏବଂ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୋଗଦେଇଥିଲେ। ଏହି ଅବସରରେ ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ ଡେମୋକ୍ରାଟିକ୍ ନୋମିନି ହାରିସ୍‌ଙ୍କ ସହ ହାତ ମିଳାଇଛନ୍ତି। ପ୍ରଥମେ ଟ୍ରମ୍ପ ହାରିସ୍‌ଙ୍କ ଆଡ଼କୁ ହାତ ବଢ଼ାଇଥିଲେ। ପରେ ହାରିସ୍ ସ୍ମିତହାସ୍ୟ ସହ ତାଙ୍କ ସହିତ କରମର୍ଦ୍ଦନ କରିଥିଲେ।

## ଛାତରୁ ଡେଇଁ ଆତ୍ମହତ୍ୟା କଲେ ମଲାଇକାଙ୍କ ବାପା



ମୁମ୍ବାଇ, ୧୧।୯

ଅଭିନେତ୍ରୀ ମଲାଇକା ଅରୋରାଙ୍କ ବାପା ଅନିଲ କୁଲଦୀପ ମେହଟ୍ଟା(୬୫) ବୁଧବାର ସକାଳ ୯ଟା ସମୟରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ଆୟଶା ମାନୋର ବିଲ୍ଡିଂର ଷଷ୍ଠ ମହଲାସ୍ଥିତ ନିଜ ବାସଭବନର ବାଲକୋନୀରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅନିଲଙ୍କୁ ଘଟଣାସ୍ଥଳରୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିବା ପୋଲିସ କହିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ସହ ଅନିଲଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଘଟଣାର କାରଣ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନ ଥିଲେ ମଧ୍ୟ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ପରି ଜଣାପଡୁଛି ବୋଲି ବାନ୍ଦ୍ରା ଡିସିପି ରାଜ ତିଲକ ରୋଷନ କହିଛନ୍ତି। ଘଟଣାସ୍ଥଳରେ ଫରେନ୍ସିକ ଟିମ୍ ସହ ବାନ୍ଦ୍ରା ପୋଲିସ ବିଭିନ୍ନ ଦିଗକୁ ଅନୁସନ୍ଧାନ କରି ମାମଲାର ତଦନ୍ତ ଚଳାଇଛି।

ତେବେ ଜାତୀୟ ଗଣମାଧ୍ୟମର ଏକ ରିପୋର୍ଟ ଅନୁଯାୟୀ, ଅନିଲଙ୍କ ଆତ୍ମହତ୍ୟା ସମୟରେ ମଲାଇକା ପୁଣେରେ ଥିଲେ। ଆତ୍ମହତ୍ୟାର ଠିକ୍ ପୂର୍ବରୁ ଅନିଲ ନିଜ ୨ ଝିଅ ମଲାଇକା ଓ ଅମ୍ରିତାଙ୍କୁ କଲ୍ କରିଥିଲେ। ସେ ଥକିଯାଇଥିବା ନେଇ ନିଜର ୨ ଝିଅଙ୍କୁ ଫୋନ୍‌ରେ ଜଣାଇଥିଲେ ବୋଲି ଉକ୍ତ ରିପୋର୍ଟ ପ୍ରକାଶ କରିଛି। ବାପାଙ୍କ ଆତ୍ମହତ୍ୟା ସମ୍ପର୍କରେ ସୂଚନା ପାଇ ମଲାଇକା ପୁଣେରୁ ମୁମ୍ବାଇର ବାନ୍ଦ୍ରାସ୍ଥିତ ନିଜ ବାସଭାବନକୁ ଆସିଥିଲେ। ପୋଲିସ ମାମଲାରେ ମଲାଇକା ଓ ତାଙ୍କ ସାନ ଭଉଣୀ ଅମ୍ରିତାଙ୍କର ବୟାନ ରେକର୍ଡ କରିଛି। ତେବେ ବାପାଙ୍କ ଆତ୍ମହତ୍ୟାକୁ ନେଇ ତାଙ୍କ ପୂରା ପରିବାର ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଛନ୍ତି ବୋଲି ମଲାଇକା ନିଜ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଜଣାଇଛନ୍ତି। ଅରୋରା ପରିବାରକୁ ସମବେଦନା ଜଣାଇବା ପାଇଁ ମଲାଇକାଙ୍କ ପୂର୍ବତନ ସ୍ୱାମୀ ଆରବାଜ୍ ଖାନ୍‌ଙ୍କ ସହ କରୀନା କପୁର ଖାନ୍, ଅନନ୍ୟା ପାଣ୍ଡେ, ଚନ୍‌କୀ ପାଣ୍ଡେଙ୍କ ପରି ବଲିଉଡ୍‌ର ବହୁ ତାରକା ମଲାଇକାଙ୍କ ବାସଭବନରେ ପହଞ୍ଚିଛନ୍ତି। ମୂଳତଃ ପଞ୍ଜାବରେ ରହୁଥିବା ଅନିଲ ପୂର୍ବରୁ ଇଣ୍ଡିଆନ୍ ମର୍ଚ୍ଚାଣ୍ଟ ନାଭିରେ କାର୍ଯ୍ୟରତ ଥିଲେ।

## ମହାକାଶରେ ୫୯ତମ ଜନ୍ମଦିନ ପାଳିବେ ସୁନୀତା



ସୁନୀତା ୱିଲିୟମ

ଓ୍ୱାଶିଂଟନ୍,୧୧।୯

ନାସା ଆଷ୍ଟ୍ରୋନଟ୍ ସୁନୀତା ୱିଲିୟମ୍ସ ସେପ୍ଟେମ୍ବର ୧୯ରେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ନିଜ ୫୯ତମ ଜନ୍ମଦିନ ପାଳନ କରିବାକୁ ଯାଉଛନ୍ତି। ମହାକାଶରେ ଏହା ହେବ ତାଙ୍କର ଦ୍ୱିତୀୟ ଜନ୍ମଦିନ ପାଳନ। ଗତ ଜୁନ୍ ୬ରେ ମହାକାଶଯାତ୍ରୀ ବେରି ୱିଲ୍‌ମୋରଙ୍କ ସହ ଆଇଏସ୍‌ଏସ୍‌କୁ ଯାତ୍ରା କରିଥିବା ସୁନୀତା ବୋଇଂ ଷ୍ଟାରଲାଇନର ସ୍ପେସ୍‌କ୍ରାଫ୍ଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ସେଠାରେ ଫସିରହିଛନ୍ତି। ଉଭୟେ ୨୦୨୫ ଫେବୃଆରୀରେ ସ୍ପେସେକ୍ସର ଡ୍ରାଗନ୍ କ୍ରିଉ କ୍ୟାପ୍‌ସୁଲରେ ପୃଥିବୀ ପୃଷ୍ଠକୁ ଫେରିବେ ବୋଲି ନାସା ପକ୍ଷରୁ କୁହାଯାଇଛି।

୧୯୬୫ ସେପ୍ଟେମ୍ବର ୧୯ରେ ଆମେରିକାର ଅହିଓସ୍ଥିତ ଇଉକ୍ଲିଡ୍‌ରେ ଜନ୍ମିତ ସୁନୀତାଙ୍କ ବାପାଙ୍କ ଡ. ଦୀପକ ପାଣ୍ଡ୍ୟା ଓ ମା' ବୋନିଏ। ଏହି ଭାରତୀୟ ବଂଶୋଦ୍ଭବ ଏକଦା ମହାକାଶ ଯାତ୍ରାବେଳେ ସାଙ୍ଗରେ ଭଗବତଗୀତା, ସିଙ୍ଗଡ଼ା ଓ ଗଣେଶ ମୂର୍ତ୍ତି ନେଇଯାଇଥିଲେ। ବର୍ତ୍ତମାନ ସୁଦ୍ଧା ସୁନୀତା ମହାକାଶରେ ମୋଟ ୩୨୨ ଦିନ ବିତାଇସାରିଲେଣି।

## ଭିଏଟ୍‌ନାମ ବନ୍ୟାରେ ୧୫୫ ମୃତ

ହାନୋଇ, ୧୧।୯

ଉତ୍ତର ଭିଏଟ୍‌ନାମରେ 'ୟାଗି' ବାତ୍ୟା ପ୍ରଭାବରେ ବନ୍ୟା କରାଳ ରୂପ ଧାରଣ କରିଛି। ବନ୍ୟା ବିଭୀଷିକାରେ ଦେଶରେ ବୁଧବାର ସୁଦ୍ଧା ୧୫୫ ଜଣ ପ୍ରାଣ ହରାଇଛନ୍ତି। ସେହିପରି ୧୪୧ ଜଣ ନିଖୋଜ ଥିବା ସହ ଅନେକ ଶହ ଲୋକ ଆହତ ହୋଇଥିବା ଭିଏଟ୍‌ନାମ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଲାଓ କାଇ ପ୍ରଦେଶର ଲେଙ୍ଗ ନୁ ଗ୍ରାମରେ ବନ୍ୟା ଯୋଗୁ ବୁଧବାର କାଦୁଅ ଏବଂ ଆବର୍ଜନା ମଧ୍ୟରେ ୩୫ଟି ଘର ଭୁଶୁଡ଼ି ଯାଇଛି। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ୩୦ ମୃତଦେହ ଜବତ କରିଛି।

## କେନିଆ ଏୟାରପୋର୍ଟ କର୍ମଚାରୀଙ୍କ ବିକ୍ଷୋଭ

**ଆଦାନୀ ଗ୍ରୁପ୍ ସହ ଚୁକ୍ତି ପ୍ରସ୍ତାବ**

ନାଇରୋବି,୧୧।୯

କେନିଆ ସରକାର ବିମାନବନ୍ଦର ପରିଚାଳନା ପାଇଁ ଆଦାନୀ ଗ୍ରୁପ୍ ସହ ଚୁକ୍ତି କରିବା ପାଇଁ ପ୍ରସ୍ତାବ ରହିଛି। ଏକ ବିଦେଶୀ ନିବେଶକ ସହ ଏଭଳି ଚୁକ୍ତିକୁ ନେଇ କେନିଆର ମୁଖ୍ୟ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅନେକ ଶହ କର୍ମଚାରୀ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ବିମାନ ଚଳାଚଳ ବ୍ୟାହତ ହୋଇଛି। ବହୁ ସଂଖ୍ୟକ ଯାତ୍ରୀ ଉକ୍ତ ଏୟାରପୋର୍ଟରେ ଫସିରହିଛନ୍ତି। ଅନ୍ୟପକ୍ଷେ କେନିଆ ସରକାର କହିଛନ୍ତି, ଆଦାନୀ ଗ୍ରୁପ୍ ସହ ଉକ୍ତ ବିଲ୍ଡ-ଆଣ୍ଡ-ଅପରେଟ୍ ଚୁକ୍ତି କରାଗଲେ ଜୋମୋ କେନିଆଟ୍ଟା ଅନ୍ତର୍ଜାତୀୟ ବିମାନବନ୍ଦରର ନବୀକରଣ ହୋଇପାରିବ। ଅତିରିକ୍ତ ରନ୍‌ୱେ ସହ ନୂଆ ଟର୍ମିନାଲ ନିର୍ମାଣ କରାଯିବ। ଏହା ବଦଳରେ ଆଦାନୀ ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ଏୟାରପୋର୍ଟ ପରିଚାଳନା କରିବ। ପ୍ରକାଶ ଯେ, ଗତ ସପ୍ତାହରେ କର୍ମଚାରୀମାନେ ଧର୍ମଘଟକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସରକାରଙ୍କ ସହ ଆଲୋଚନା ପରେ ଏଥିରୁ ଓହରିଯାଇଥିଲେ। ତେବେ ବିମାନବନ୍ଦରରେ ଅଜ୍ଞାତ ବ୍ୟକ୍ତିମାନେ ଫଟୋ ଉଠାଉଥିବା ଦେଖି ଭାରତୀୟ କମ୍ପାନୀକୁ ସରକାର ଏୟାରପୋର୍ଟକୁ ଟେକି ଦେବାକୁ ଯାଉଛନ୍ତି ମନେକରି ସେମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଥିଲେ। ହାଇକୋର୍ଟ ଗତ ସୋମବାର କେନିଆ ହ୍ୟୁମାନ୍ ରାଇଟ୍ସ କମିଶନ ପକ୍ଷରୁ ଦାଖଲ ଏକ ପିଟିଶନର ଶୁଣାଣି ନ ହେବା ପର୍ଯ୍ୟନ୍ତ ଡିଲ୍ କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

# ଚାଇନା ଦଖଲରେ ଭାରତର ୪,୦୦୦ ବର୍ଗ କିମି: ରାହୁଲ

ଓ୍ୱାଶିଂଟନ୍/ନୂଆଦିଲ୍ଲୀ,୧୧।୯

ନରେନ୍ଦ୍ର ମୋଦି ସରକାର ଚାଇନା ସଂଘର୍ଷର ସଫଳ ମୁକାବିଲା କରିପାରି ନାହାନ୍ତି। ଏଥିଯୋଗୁ ପଡ଼ୋଶୀ ଦେଶର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ୪,୦୦୦ ବର୍ଗ କି.ମି. ଭାରତୀୟ ଭୂଖଣ୍ଡକୁ ମାଡ଼ିବସିଛି। ଏହା ଏକ ବିପର୍ଯ୍ୟୟ ବୋଲି ଆମେରିକା ଗସ୍ତରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ମନ୍ତବ୍ୟ ଦେଇଛନ୍ତି।

ରାହୁଲ ଲୋକ ସଭାର ବିରୋଧୀ ଦଳ ନେତା ହେବା ପରେ ପ୍ରଥମ ଥର ପାଇଁ ବିଦେଶ ଗସ୍ତ କରି ଆମେରିକାର ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକରେ ନିଜ ମତାମତ ରଖୁଛନ୍ତି। ଏହି କ୍ରମରେ ଓ୍ୱାଶିଂଟନ୍‌ସ୍ଥିତ ନ୍ୟାଶନାଲ ପ୍ରେସ୍ କ୍ଲବ୍‌ରେ



ରାହୁଲ କହିଛନ୍ତି, ଭାଜପା ନେତୃତ୍ୱାଧୀନ ଭାରତ ସରକାରଙ୍କ ବହିର୍ବ୍ୟାପାର ନୀତି ପ୍ରସଙ୍ଗରେ କଂଗ୍ରେସ ସହମତ। କିନ୍ତୁ ପାକିସ୍ତାନ ଆତଙ୍କବାଦକୁ ଶେଷ ନ କରିବା ପର୍ଯ୍ୟନ୍ତ ଇସ୍‌ଲାବାଦ ସହ ଆଲୋଚନା କରାଯିବ ନାହିଁ। ସେହିପରି ବାଂଲାଦେଶରେ କଠୋରପନ୍ଥୀ ତତ୍ତ୍ୱଙ୍କୁ ନେଇ ମଧ୍ୟ ସେ ଚିନ୍ତାବ୍ୟକ୍ତ କରିଛନ୍ତି। ଚାଇନା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ରାହୁଲ କହିଥିଲେ, ଚାଇନା ସୈନ୍ୟଙ୍କୁ ଆମ ଭୂଖଣ୍ଡର ୪,୦୦୦ ବର୍ଗ କି.ମି. ଭିତରକୁ ଡାକି ଅଣାଯାଇଛି। ସେମାନେ ଲଦାଖରେ ଦିଲ୍ଲୀ ଆକୃତି ସମାନ ଅଞ୍ଚଳ ମାଡ଼ିବସିଛନ୍ତି। ଏହା ଏକ ବିପର୍ଯ୍ୟୟ, ଯାହା ଉପରେ ଗଣମାଧ୍ୟମ କିଛି ଲେଖିବାକୁ ଚାହେଁ ନାହିଁ। ଆମେରିକାର ଏକ ପଡ଼ୋଶୀ ଏତେ ଅଞ୍ଚଳ ଦଖଲ କରିନେଲେ ଓ୍ୱାଶିଂଟନ୍ କିପରି ପ୍ରତିକ୍ରିୟା ପ୍ରକାଶ କରିବ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନାର ସଫଳ ମୁକାବିଲା କରିପାରି ନାହାନ୍ତି। ଚାଇନା ସୈନ୍ୟ ଆମ ଭୂଖଣ୍ଡରେ କାହିଁକି ରହିଛନ୍ତି, ତା'ର କାରଣ ଜାଣିପାରୁ ନାହିଁ ବୋଲି ରାହୁଲ କହିଛନ୍ତି।

### ସଂଖ୍ୟାଲଘୁ ଅସୁରକ୍ଷିତ ମନ୍ତବ୍ୟ

### ସୋନିଆଙ୍କ ବାସଭବନ ସମ୍ମୁଖରେ ଶିଖ୍‌ଙ୍କ ବିକ୍ଷୋଭ

ରାହୁଲ ସେଠାରେ ଉପସ୍ଥିତ ଶିଖ୍ ସମୁଦାୟର ଜଣେ ବ୍ୟକ୍ତିଙ୍କୁ ତାଙ୍କ ନାମ ପଚାରିବା ସହ କହିଥିଲେ, ଭାରତରେ ଏଭଳି ପଗଡ଼ି ପିନ୍ଧି ଗୁରୁଦ୍ୱାରାକୁ ଯିବାକୁ ଅନୁମତି ମିଳି ନ ପାରେ। ସେଥିପାଇଁ କଂଗ୍ରେସ ଲଢ଼େଇ କରୁଛି। କେବଳ ଶିଖ୍ ନୁହନ୍ତି, ବରଂ ସବୁ ଧର୍ମ ପାଇଁ ଏହି ଲଢ଼େଇ ଉଦ୍ଦିଷ୍ଟ। ଅନ୍ୟପକ୍ଷେ ରାହୁଲଙ୍କ ଏଭଳି ମନ୍ତବ୍ୟକୁ ନେଇ ଦେଶରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ରାହୁଲ ବିଦେଶକୁ ଯାଇ ଭାରତ ବିରୋଧୀ କଥା କହିବା ଦୁର୍ଭାଗ୍ୟଜନକ। ତାଙ୍କ ଦେଶ ବିରୋଧୀ ଏଜେଣ୍ଡା ସଫଳ ହେବ ନାହିଁ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କଠାରୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ପର୍ଯ୍ୟନ୍ତ କଂଗ୍ରେସ ନେତାଙ୍କ ବୟାନକୁ 'ଲଜ୍ଜାଜନକ' ଦର୍ଶାଇ ତାଙ୍କଠାରୁ କ୍ଷମା ଦାବି କରିଛନ୍ତି। ଇତିମଧ୍ୟରେ ଭାଜପା ସମର୍ଥିତ ଏକ ଶିଖ୍ ଗୋଷ୍ଠୀ ପକ୍ଷରୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଦିଲ୍ଲୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିଖ୍‌ମାନେ କଂଗ୍ରେସ ତୁଳନାରେ ଭାଜପା ସରକାର ଅମଳରେ ଅଧିକ ସୁରକ୍ଷିତ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି।

## ସମ୍ପର୍କରେ ସାଜିଲେ କଣ୍ଟା, ଝିଅର ପ୍ରେମିକକୁ ହାଣିଦେଲେ ପ୍ରେମିକାର ବାପା




## ୧୧ଜିଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର,୧୧।୯ (ଅନୁରାଧା ମହାରଣା)

ଚଳିତ ମୌସୁମୀରେ ବାରମ୍ବାର ଲଘୁଚାପ ହେବା ସହ ଏଥିଜନିତ ବର୍ଷା ଜାରି ରହିଛି। ଏହାସତ୍ତ୍ୱେ ରାଜ୍ୟର ୧୧ ଜିଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଜୁନ୍ ୧ରୁ ସେପ୍ଟେମ୍ବର ୧୧ ମଧ୍ୟରେ ୧୦୧୮.୪ ମିମି ବର୍ଷା ଆକଳନ କରାଯାଇଥିବାବେଳେ ମାତ୍ର ୯୪୨.୮ ମିମି ବର୍ଷା ହୋଇଛି। ସେହିପରି କେବଳ କୋରାପୁଟ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୧୭ ଜିଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ସୂଚନା ରହିଛି। ଅନ୍ୟପକ୍ଷରେ ବର୍ଷା ନେଇ ଗୁରୁବାର ପାଇଁ ରାଜ୍ୟର ୧୨ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି।

# ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ବଢ଼ିଲା

## ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶି ୪ ଲକ୍ଷରୁ ହେଲା ୬ ଲକ୍ଷ



ଭୁବନେଶ୍ୱର,୧୧।୯(ଅନିଲ ଦାସ)

### ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

### ନିର୍ମାଣ ଶ୍ରମିକ ହେଉଛନ୍ତି ପ୍ରକୃତ ରାଷ୍ଟ୍ର ନିର୍ମାତା: ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାର ନିର୍ମାଣ ଶ୍ରମିକମାନଙ୍କୁ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡପକ୍ଷରୁ ପୂର୍ବରୁ ମିଳୁଥିବା ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ସେହିପରି ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ମିଳୁଥିବା ସହାୟତା ରାଶିକୁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ବୁଧବାର ଲୋକସେବା ଭବନ କନଭେନ୍ସନଠାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିର୍ମାଣ ଶ୍ରମିକ ହେଉଛନ୍ତି ନିର୍ମାଣର ମେରୁଦଣ୍ଡ। ରାସ୍ତାଘାଟ, କୋଠାବାଡ଼ି, କଳକାରଖାନା, ବନ୍ଦର, ବିମାନ ବନ୍ଦର, ଶିକ୍ଷାୟତନ, ଡାକ୍ତରଖାନା, ଯେ କୌଣସି ନିର୍ମାଣ ସେମାନଙ୍କ ବିନା ଏସବୁର ପରିକଳ୍ପନା ଅସମ୍ଭବ। ନିର୍ମାଣ ଶ୍ରମିକ ହେଉଛନ୍ତି ପ୍ରକୃତ ରାଷ୍ଟ୍ର ନିର୍ମାତା। ନିର୍ମାଣ କ୍ଷେତ୍ର କେବଳ ଆମ ଅର୍ଥନୀତିକୁ ସମୃଦ୍ଧ କରେ ନାହିଁ, ଏହା ବ୍ୟାପକ କର୍ମସଂସ୍ଥାନ ଯୋଗାଇଥାଏ। ଶ୍ରମିକମାନଙ୍କ ଅଭାବ ଅସୁବିଧା ଓ ପ୍ରତିକୂଳତାକୁ ସରକାର ଗୁରୁତ୍ୱର ସହ ଦୃଷ୍ଟି ଦେଇଛନ୍ତି। ସେମାନେ କିପରି ସୁରକ୍ଷିତ ରହିବେ, ସେମାନଙ୍କ ଅଭାବ, ଅସୁବିଧା ସମୟରେ, ସେବା ନିବୃତ୍ତ ହେବା ପରେ କିମ୍ବା ଦୁର୍ଘଟଣା ଅଥବା ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରର ମଙ୍ଗଳକୁ ଦୃଷ୍ଟିରେ ରଖି 'ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ' ଗଠନ କରାଯାଇଛି। ସେଥିପାଇଁ ସମସ୍ତେ ତାଙ୍କର ସାମାଜିକ ନିରାପତ୍ତା ପାଇବା ସକାଶେ ବୋର୍ଡରେ ନିଜ ନିଜର ନାମ ପଞ୍ଜୀକୃତ କରିବା ଆବଶ୍ୟକ। 'ମୋ ସେବା' ନାମରେ ଏକ ପୋର୍ଟାଲ ମଧ୍ୟ ଏଥିପାଇଁ କାର୍ଯ୍ୟ କରୁଛି। ସମସ୍ତେ ନିଜକୁ ଏହି 'ଶ୍ରମିକ କଲ୍ୟାଣ ବୋର୍ଡ' ରେ ସାମିଲ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ନେବାକୁ ଶ୍ରମିକମାନଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି, ରାଜ୍ୟର ପ୍ରାୟ ୪୩ ଲକ୍ଷ ନିର୍ମାଣ ଶ୍ରମିକ ବୋର୍ଡ ଦ୍ୱାରା ପଞ୍ଜୀକୃତ ହୋଇଛନ୍ତି। ରାଜ୍ୟରେ ଦାଦନ ସମସ୍ୟାକୁ ଦୂର କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାସ୍ତରୀୟ ଅଧିକାରୀମାନେ ଶ୍ରମିକମାନଙ୍କ ପାଖକୁ ଯାଇ ସେମାନଙ୍କୁ ସଚେତନ କରି ସେମାନଙ୍କ ନାମ ପଞ୍ଜୀକରଣ କରୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ବିକଶିତ ଓଡ଼ିଶା ଗଠନରେ ନିର୍ମାଣ ଶ୍ରମିକଙ୍କ ବହୁତ ବଡ଼ ଯୋଗଦାନ ରହିବ। ନିର୍ମାଣ ଶ୍ରମିକଙ୍କ ସୁରକ୍ଷା ସରକାରଙ୍କ ପାଇଁ ବହୁ ଗୁରୁତ୍ୱ ବହନ କରେ। ଏହି ଅବସରରେ ଖୋର୍ଦ୍ଧା ଜିଲାରୁ ହିତାଧିକାରୀଙ୍କ ପରିବାରର ଏମ୍.ଟେକ୍ କରିଥିବା କାଦମ୍ବିନୀ ସାହୁ, ନିର୍ମାଣ ଶ୍ରମିକ କଲ୍ୟାଣ ଛାତ୍ରବୃତ୍ତି ସହାୟତା ଯୋଗୁ ଆଜି ଉଚ୍ଚ ଶିକ୍ଷା ହାସଲ କରି ସେ ସମାଜରେ ପ୍ରତିଷ୍ଠିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଖଲ୍ଲିକୋଟ ଅଞ୍ଚଳର କାଠମିସ୍ତ୍ରି ନିରାକାର ମହାରଣାଙ୍କୁ ସରକାରୀ ଅଧିକାରୀ ତାଙ୍କ ପାଖକୁ ଯାଇ ନାମ ପଞ୍ଜୀକରଣ କରି ପରିଚୟ ପତ୍ର ଦେଇଥିବାରୁ ଧନ୍ୟବାଦ ଦେଇଛନ୍ତି। ଖୋର୍ଦ୍ଧା ଜିଲାର ପ୍ରଭାତୀ ନାୟକଙ୍କୁ ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କାର ଚେକ୍, ରେବତୀ ଦାସଙ୍କୁ ପ୍ରସୂତିକାଳୀନ ସହାୟତା ୧୦ ହଜାର ଟଙ୍କାର ଚେକ୍, ମଦନ ମହାଲିଙ୍ଗଙ୍କୁ ପୁଅର ଶିକ୍ଷାବୃତ୍ତି ପାଇଁ ୧୦ ହଜାର ଟଙ୍କାର ଚେକ୍, ମନମୋହନ ପ୍ରଧାନଙ୍କୁ ଝିଅର ଉଚ୍ଚ ଶିକ୍ଷା ପାଇଁ ୪୮ ହଜାର ଟଙ୍କାର ଚେକ୍ ଓ ସ୍ୱର୍ଗତ ନରେନ୍ଦ୍ର ବେହେରାଙ୍କ ପତ୍ନୀ ସୁଷମା ବେହେରାଙ୍କୁ ୨ ଲକ୍ଷ ୫ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ସେହିପରି କଟକ ଜିଲାର ସୁଶୀଳା ପ୍ରଧାନ ଓ ବିନୋଦିନୀ ଦେବତାଙ୍କୁ ସେମାନଙ୍କ ସ୍ୱାମୀଙ୍କ ସ୍ୱାଭାବିକ ମୃତ୍ୟୁ ପାଇଁ ମୃତ୍ୟୁକାଳୀନ ସହାୟତା ବାବଦରେ ୨ ଲକ୍ଷ ୫ ହଜାର ଟଙ୍କା, ବାଲୋ ବିବି ଓ ହିରୋ ମଲିକଙ୍କୁ ବିବାହ ସହାୟତା ବାବଦକୁ ୫୦ ହଜାର ଟଙ୍କା ଏବଂ ଦିଲୀପ ସାହୁଙ୍କ ଝିଅ ପାଇଁ ଶିକ୍ଷାବୃତ୍ତି ବାବଦକୁ ୪୮ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗୀୟ ସଚିବ ଚିତ୍ରା ଆରୁମୁଗମ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରମ କମିଶନର ବିଜୟ ଅମୃତ କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଓ କଟକ ଜିଲାର ବହୁସଂଖ୍ୟକ ଶ୍ରମିକ ଉପସ୍ଥିତ ଥିଲେ।

# ୪ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ'

## ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୪ରେ ସମ୍ମାନିତ ହେଲେ ୪ ଶିଳ୍ପୀ




ଅତିଥିଙ୍କଠାରୁ ଗୁରୁ କୁମ୍‌କୁମ୍ ଲାଲ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ ଏବଂ ଅଭିନେତା ଉତ୍ତମ ମହାନ୍ତିଙ୍କ ପାଇଁ ଅପରାଜିତା ମହାନ୍ତି 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ୨୦୨୪' ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୧।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଚାଲିଥିବା ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୬ଦିନ ଧରି ଚମତ୍କାର ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉପସ୍ଥାପନା ପରେ ସପ୍ତମ ସନ୍ଧ୍ୟାରେ ଭବ୍ୟ ସମ୍ମାନ ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଡବ୍ଲ୍ୟୁ୨୦ ଓ ଜି୨୦ ଅଧ୍ୟକ୍ଷା ତଥା ବିଶିଷ୍ଟ ଭରତନାଟ୍ୟମ ନୃତ୍ୟାଙ୍ଗନା ସନ୍ଧ୍ୟା ପୁରେଚା, ବିଶିଷ୍ଟ ଅଭିନେତ୍ରୀ ମହାଶ୍ୱେତା ରାୟ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ୪ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ୨୦୨୪'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟରେ ଅତୁଳନୀୟ ଅବଦାନ ପାଇଁ ଗୁରୁ କୁମ୍‌କୁମ୍ ଲାଲ, ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସଫଳତା ପାଇଁ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ, ବାଦ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ଓଡ଼ିଆ ସିନେମା ଜଗତକୁ ଉଲ୍ଲେଖନୀୟ ଅବଦାନ ଲାଗି ଉତ୍ତମ ମହାନ୍ତିଙ୍କୁ ଏହି ସମ୍ମାନ ଦିଆଯାଇଥିଲା। ଉତ୍ତମ ମହାନ୍ତିଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀ ଅପରାଜିତା ମହାନ୍ତି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ୪୦ ବର୍ଷରୁ କମ୍ ବୟସର ୪ ଜଣ ପ୍ରତିଭାବାନ କଳାକାରଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୪' ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ପାଇଁ ପମ୍ପି ପାଲ ଓ ରାଜନୀତା ମେହେର, କୁଚିପୁଡ଼ି ନୃତ୍ୟ ପାଇଁ ଅଭିଜିତ୍ ଦାସ ଏବଂ ଓଡ଼ିଶୀ ସଙ୍ଗୀତ (ମର୍ଦ୍ଦଳ) ପାଇଁ ରୋହିତ ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।




'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ପାଇଥିବା ଶିଳ୍ପୀ ପମ୍ପି ପାଲ, ରାଜନୀତା ମେହେର, ଅଭିଜିତ୍ ଦାସ ଓ ରୋହିତ ପ୍ରଧାନ।



ସୃଜନ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟାଭିନୟ 'ତନ୍ତ୍ର'। (ଫଟୋ: ବିକାଶ ନାୟକ)

ପରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ କଳା ନିର୍ଦ୍ଦେଶନା ତଥା ନୃତ୍ୟ ସଂରଚନା ଓ ଲକ୍ଷ୍ମୀକାନ୍ତ ପାଲିତଙ୍କ ସଙ୍ଗୀତ ସଂଯୋଜନାରେ ସୃଜନ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ 'ତନ୍ତ୍ର' ଉପସ୍ଥାପିତ ହୋଇଥିଲା। ଐଶ୍ୱରୀୟ ନାରୀକୁ ଆହ୍ୱାନ କରିବା ଏବଂ ସମାଜ ତଥା ମାନବଜାତିର ଉନ୍ନତି ପାଇଁ ତନ୍ତ୍ର ସାଧନାକୁ ଭିତ୍ତିକରି ମୁକ୍ତିର ରାସ୍ତା ଖୋଜିବା ଏହି ଉପସ୍ଥାପନାର ମୂଳ ଉଦ୍ଦେଶ୍ୟ ଥିଲା। ତନ୍ତ୍ର ସଦାସର୍ବଦା ମାନବଜାତିର ଉନ୍ନତି ପାଇଁ ସାଧନ କରାଯାଇଥାଏ। ତନ୍ତ୍ର ସାଧନର ନକରାତ୍ମକ ଚିନ୍ତାଧାରାକୁ ମାନବସମାଜରୁ ଦୂରକରିବାକୁ ଶିଳ୍ପୀମାନେ ନିଖୁଣ ଅଭିନୟ ମାଧ୍ୟମରେ ବାର୍ତ୍ତା ଦେଇଥିଲେ। ଦେବୀପ୍ରସାଦ ମିଶ୍ର ଓ ଦିଲୀପ କୁମାରଙ୍କ ଆଲୋକ ଡିଜାଇନ ଏବଂ ଆନନ୍ଦ କୃଷ୍ଣ ଓ ଭରତ କୃଷ୍ଣଙ୍କ ସାଉଣ୍ଡ ଇଞ୍ଜିନିୟରିଂ ନୃତ୍ୟାଭିନୟକୁ ଚିତ୍ତାକର୍ଷକ କରିଥିଲା। ଗୁରୁ ମହାପାତ୍ର ଉତ୍ସବର ପରିକଳ୍ପନା କରିଥିବାବେଳେ ଏହାକୁ କାର୍ଯ୍ୟକାରୀ କରିଥିଲେ ଦେବୀପ୍ରସାଦ ମିଶ୍ର। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଥିଲା।

# ଖଳନାୟକଙ୍କ ନିଖୁଣ ଅଭିନୟରେ ଦର୍ଶକ ଉତ୍କ୍ଷିପ୍ତ

ସମ୍ବଲପୁର,୧୧।୯(ପ୍ରମୋଦ ବହିଦାର)



ନକ୍ସାପାଲିରେ ନାଟକ ମଞ୍ଚସ୍ଥ ବେଳେ କଳାକାରଙ୍କୁ ଦର୍ଶକଙ୍କ ଆକ୍ରମଣର ଦୃଶ୍ୟ।

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ନକ୍ସାପାଲିଠାରେ ଏକ ଅପେରା ଦଳ ମଙ୍ଗଳବାର ନାଟକ ପରିବେଷଣ ବେଳେ ଖଳନାୟକଙ୍କ ଅଭିନୟ କେତେକ ଦର୍ଶକଙ୍କୁ ଉତ୍ତେଜିତ କରିଥିଲା। କେତେଜଣ ଦର୍ଶକ ମଞ୍ଚ ଉପରକୁ ବୋତଲ ଫିଙ୍ଗିଥିଲେ। ଜଣେ ଦର୍ଶକ ମଞ୍ଚକୁ ଚଢ଼ି ଭଙ୍ଗାରୁଜା କରିବା ସହ କଳାକାରଙ୍କୁ ଆକ୍ରମଣ କରିଥିଲେ। ଆୟୋଜକ ଉତ୍ୟକ୍ତ ଦର୍ଶକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା ଏବଂ ନାଟକ ଯଥାରୀତି ଚାଲିଥିଲା।

ନକ୍ସାପାଲିଠାରେ ଗତ ଶୁକ୍ରବାରଠାରୁ ଏକ ଅପେରା ପରିବେଷଣ ହେଉଥିଲା। ଅନ୍ତିମ ରଜନୀରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ଅଭିନୀତ ହେଉଥିଲା। ଏଥିରେ ଖଳନାୟକଙ୍କ ଜୀବନ୍ତ ଅଭିନୟରେ ଦର୍ଶକ ଭାବବିହ୍ୱଳ ହୋଇ ପଡ଼ିଥିଲେ। ରାତ୍ର ପ୍ରାୟ ୨ଟାରେ ଧର୍ମାନ୍ତରୀକରଣକୁ ନେଇ ଏକ ଦୃଶ୍ୟ ପ୍ରଦର୍ଶନ ହେଉଥିଲା। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉକ୍ତ ନାଟକରେ ଜଣେ ହିନ୍ଦୁ ବ୍ୟକ୍ତିଙ୍କୁ ଗୋମାଂସ ଖୁଆଇବା ଦୃଶ୍ୟ ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଇଛି ବୋଲି ଅଭିଯୋଗ କରି ଜଣେ ଦର୍ଶକ ମଞ୍ଚ ଉପରକୁ ଉଠି ଖଳନାୟକ ଲବ ଘୋଷ ଓ ନାୟକ ସୁବାସ ବେହେରାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଯାତ୍ରାସ୍ଥଳରେ କିଛି ସମୟ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ନାଟକରୁ ହିନ୍ଦୁ ବ୍ୟକ୍ତିଙ୍କୁ ଗୋମାଂସ ଖୁଆଇବା ଦୃଶ୍ୟକୁ କାଟି ଦିଆଯାଇଥିଲା। ନାଟକର ନାୟକ ସୁବାସ ବେହେରା କହିଛନ୍ତି, ନିକଟରେ ବାଂଲାଦେଶ ଘଟଣା ପରେ ଲୋକେ ସାମାନ୍ୟ ଭାବପ୍ରବଣ ହୋଇପଡ଼ିଛନ୍ତି। ଏହା ଏକ ସାମାନ୍ୟ କଥା। ଯାତ୍ରାକୁ ଏହା ପ୍ରଭାବିତ କରିନାହିଁ। ଉକ୍ତ ଘଟଣାରେ ମଧ୍ୟ କେହି ଆହତ ହୋଇନାହାନ୍ତି। ତେଣୁ ପୋଲିସରେ ଅଭିଯୋଗ କରାଯାଇ ନାହିଁ। ବୁଧବାର ଝାରସୁଗୁଡ଼ାରେ ଉକ୍ତ ନାଟକଟି ମଞ୍ଚସ୍ଥ ହେଉଛି ବୋଲି ବେହେରା କହିଛନ୍ତି।

# ବାଙ୍ଗିରିପୋଷି ତହସିଲଦାରଙ୍କ ପାଇଁ ୧୦ କୋଟି ରାଜସ୍ୱ ହାନି

**ସିଏଜି ରିପୋର୍ଟ**

- ବ୍ୟାଙ୍କ୍ ଅନ୍‌ହୁଇଲ ପାଇଁ ୮କୋଟି ବରବାଦ
- ପୁରୀ ଜିଲାପାଳଙ୍କ ପାଇଁ ସରକାର ହରାଇଲେ ୮.୪୭ କୋଟି ରାଜସ୍ୱ

ଭୁବନେଶ୍ୱର,୧୧।୯(ଅନିଲ ଦାସ)




ବିଧାନସଭାରେ ବୁଧବାର ସିଏଜି ରିପୋର୍ଟ(ମାର୍ଚ୍ଚ ୨୦୨୨ରେ ସମାପ୍ତ ବର୍ଷ ପାଇଁ)ଉପସ୍ଥାପନ ପରେ ଏଜି ଅଫିସ୍‌ରେ ଅଡିଟ୍ ରିପୋର୍ଟକୁ ଉନ୍ମୋଚନ କରାଯାଉଛି।

ସରକାରୀ ଜମି ଆବଣ୍ଟନଠାରୁ ଆରମ୍ଭକରି ଛାତ୍ରବୃତ୍ତି, ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ତଥା ବିଭିନ୍ନ ଯୋଜନାରେ ସହାୟତା ପ୍ରଦାନ ଆଦି କ୍ଷେତ୍ରରେ ହୋଇଛି ଅନେକ ଅନିୟମିତତା। ବାବୁଙ୍କ ଦୁର୍ନୀତିଖୋର ତଥା ବେପରୁଆ ମନୋଭାବ ଯୋଗୁ ରାଜ୍ୟ ସରକାର ବହୁ କୋଟି ଟଙ୍କାର ରାଜସ୍ୱ ହରାଇବା ସାଙ୍ଗକୁ ସରକାରୀ ତହବିଲରୁ ବହୁ ଅର୍ଥ ବାଟମାରଣା ହେଉଛି। ବିଧାନସଭାରେ ବୁଧବାର ଉପସ୍ଥାପିତ ହୋଇଥିବା କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରୁ ଏ କଥାର ପର୍ଦ୍ଦାଫାଶ ହୋଇଛି।

ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଖଣିରୁ ପଥର ଉତ୍ତୋଳନ ବେଳେ ରୟାଲଟି ଏବଂ ଅନ୍ୟାନ୍ୟ ଦେୟ ଆଦାୟରେ ବାଙ୍ଗିରିପୋଷି ତହସିଲଦାର ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ-୨୦୧୬କୁ ଉଲ୍ଲଂଘନ କରିବାରୁ ୧୦ କୋଟିର ରାଜସ୍ୱ ଅନାଦାୟ ରହିଛି। ଲଘୁ ଖଣିଜ ପଦାର୍ଥ ଲିଜ୍‌ଧାରୀଙ୍କଠାରୁ ଅଗ୍ରିମ ରୟାଲଟି ଆଦାୟ କରିବା ନିୟମ ରହିଛି। ତାହାକୁ ବାଙ୍ଗିରିପୋଷି ତହସିଲଦାର ଅଣଦେଖା କରି ୧୦.୩୫ କୋଟି ଟଙ୍କା ଆଦାୟ କରି ନ ଥିଲେ। ଏହିସବୁ ରାଜସ୍ୱ ବାଙ୍ଗିରିପୋଷି ତହସିଲ ଅଧୀନରେ ଥିବା ମୁଦ୍ଧାବାଣି ପଥର ଖଣି-୨, କୁମ୍ଭାରମୁଣ୍ଡା କଟା ପଥର ଖଣି-୨ରୁ ହରାଇବାକୁ ପଡ଼ିଛି ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି।

ଅନ୍ୟପକ୍ଷରେ ସମବାୟ ବିଭାଗର ଭ୍ରାମ୍ୟମାଣ ଏଟିଏମ୍‌ରେ ବଡ଼ କେଲେଙ୍କାରୀ ହୋଇଛି। ଏଟିଏମ୍ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ସରକାରଙ୍କର ୮ କୋଟି ଟଙ୍କା ପାଣିରେ ପଡ଼ିଛି। ମୋବାଇଲ ଏଟିଏମ୍ ଭ୍ୟାନ୍ କିଣିବା ପୂର୍ବରୁ କୌଣସି ଅନୁଧ୍ୟାନ କରାଯାଇ ନ ଥିବାରୁ ଏଭଳି ଅବସ୍ଥା ହୋଇଛି। ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ନ ଥିବା ୨୦ଟି ବ୍ଲକରେ ବ୍ୟାଙ୍କ ଅନ୍ ହୁଇଲ କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ୨୦୧୬ରୁ ୨୦୨୦ ମଧ୍ୟରେ ସମବାୟ ବିଭାଗ ୨୦ଟି ଭ୍ରାମ୍ୟମାଣ ଏଟିଏମ୍ କିଣିଥିଲା। ଏଥିପାଇଁ ୨୦ କୋଟି ୬୯ ଲକ୍ଷ ଖର୍ଚ୍ଚ ହୋଇଥିଲା। ଇଣ୍ଟରନେଟ୍ ସମସ୍ୟା ଓ କର୍ମଚାରୀ ନିୟୋଜନ ଅଭାବରୁ ଏଟିଏମ୍ ସବୁ ଠପ୍ ହୋଇଯାଇଛି। କିଣା ଯାଇଥିବା ଏଟିଏମ୍ କାମରେ ନ ଲାଗିବାରୁ ୮ କୋଟି ୬୯ ଲକ୍ଷ ବରବାଦ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ରିହାତି ଦରରେ ଜମି ଲିଜ ପାଇବାକୁ ଯୋଗ୍ୟ ନ ଥିବା ଏକ ଅନୁଷ୍ଠାନକୁ ପୁରୀ ଜିଲାପାଳ ସରକାରୀ ଜମି ଲିଜ୍ ଦେବା ଯୋଗୁ ୮.୪୭ କୋଟି ଟଙ୍କାର ରାଜସ୍ୱ ହାନି ହୋଇଛି। ରାଜ୍ୟ ସରକାର ଶିଳ୍ପଗୁଡ଼ିକୁ ଜମି ଯୋଗାଇ ଦେବାକୁ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିଛନ୍ତି। ରାଜସ୍ୱ ବିଭାଗ ନୀତି ଅନୁସାରେ ସ୍କୁଲ, କଲେଜ ପାଇଁ ରିହାତି ଦରରେ ଜମି ମନା ଥିବାବେଳେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ପୁରୀ ଜିଲାପାଳ ୫ ଏକର ଜମି ଲିଜ୍ ଦେଇଥିଲେ।



**ଆଜିର ମନ୍ତବ୍ୟ**

ଭାରତରେ ସଂଖ୍ୟାଲଘୁ ସର୍ବାଧିକ ସୁରକ୍ଷିତ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆମେରିକାରେ ଏନେଇ ଭାରତ ବିରୋଧୀ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଭାରତ ବିରୋଧୀ ଶକ୍ତିଙ୍କ ସହ ମିଶି ଦେଶକୁ ବଦନାମ କରିବା ପାଇଁ ସେ ଚଳାଇଥିବା ଉଦ୍ୟମ ବିଫଳ ହେବ। **–କିରେନ୍ ରିଜିଜୁ, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ' ସଙ୍ଗଠନର ନବମ ବାର୍ଷିକ ଉତ୍ସବ, ସ୍ଥାନ: ଜୟଦେବ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ, ସ୍ଥାନ: ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ସମୟ:ପୂର୍ବାହ୍ନ ୧୧ଟା।
- ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବିଆଇଆଇଟିଏମ୍ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସମୟ: ପୂର୍ବାହ୍ନ ୧୧ଟା।
- ସୋନୋଫି ସହଯୋଗରେ ଆର୍‌ଏସ୍‌ଏସ୍‌ଡିଆଇ ପକ୍ଷରୁ ଟାଇପ୍-୧ ଡାଇବେଟିସ୍ କାର୍ଯ୍ୟକ୍ରମ, ସ୍ଥାନ: ଦୀପ ମହଲ, ସ୍ୱସ୍ତି ପ୍ରିମିୟମ ହୋଟେଲ୍, ସମୟ:ପୂର୍ବାହ୍ନ ୧୧ଟା ୪୫।
- କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂଙ୍କ ଆଇସିଏଆର୍ ପରିଦର୍ଶନ, ସ୍ଥାନ:ଆଇସିଏଆର୍,ଭୁବନେଶ୍ୱର, ସମୟ:ଅପରାହ୍ନ ୨ଟା ୩୦।
- ଉପାସନା ପକ୍ଷରୁ ମ୍ୟୁଜିକ୍ ସିଜଲର୍ସ ସହଯୋଗରେ 'ଏକ୍ ସେ ଭଲେ ଦୋ... ଦୋ ସେ ଭଲେ ତିନ୍' ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ସାଧାରଣ ସଭା ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପ୍ରସଙ୍ଗରେ ଆଲୋଚନାଚକ୍ର, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ

- ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଅବସରରେ ଭାଗବତ ସଚେତନତା ସଙ୍କୀର୍ତ୍ତନ ପଦଯାତ୍ରା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ସକାଳ ୯ଟା।
- ସମୁଦ୍ର ଆଳତି, ସ୍ଥାନ: ପୁରୀ ସ୍ୱର୍ଗଦ୍ୱାର ବେଳାଭୂମି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଗଣେଶଙ୍କ ସଂକ୍ରାନ୍ତ ଆଲୋଚନା ସଭା, ସ୍ଥାନ: ଆଦିଚାର ଗଣେଶ, ମାର୍କେଟ ଛକ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଗଣପତି ମହୋତ୍ସବ ଉଦଯାପନୀ, ସ୍ଥାନ: ନବୀନାବାଗ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପାଇଁ ଲ୍ୟାଣ୍ଡ ଲୋଜରଙ୍କ ଧାରଣା, ସ୍ଥାନ: ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ମୁଖ୍ୟ ଫାଟକ, ସମୟ: ପୂର୍ବାହ୍ନ ୧୦ଟା।
- ମିତ୍ରପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବଜାର ବନ୍ଦ ସହ ରାସ୍ତାରୋକୋ, ସ୍ଥାନ: ମିତ୍ରପୁର ବଜାର, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଚୌଧୁରୀକୁଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଚୌଧୁରୀକୁଦ ପ୍ରାଥମିକ ବିଦ୍ୟାଳୟ, ପଞ୍ଚରୁଖି, ବାଲିଆପାଳ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା।
- ମିଳିତ ଶ୍ରମିକ ସଙ୍ଗଠନର ବୈଠକ, ସ୍ଥାନ: ଉଠା ଜଳସେଚନ କର୍ମଚାରୀ ଭବନ, ପତ୍ରୁଆଁପଦା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- 'ସୁଭଦ୍ରା' ସଚେତନତା ରଥଯାତ୍ରା ଶୁଭାରମ୍ଭ, ସ୍ଥାନ: କଇଥଖୋଲା ପଞ୍ଚାୟତ, ଧାମରା, ଚାନ୍ଦବାଲି, ସମୟ: ଅପରାହ୍ନ ୧ଟା।
- ସରକାର ବାବାଙ୍କ ୧୦ମ ଫାତେହା ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ବିଭିନ୍ନ ଉନ୍ନୟନ କାର୍ଯ୍ୟ ପରିଦର୍ଶନ ଏବଂ ସମୀକ୍ଷା, ସ୍ଥାନ: ହାଟଡିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା ଏବଂ ଅପରାହ୍ନ ୪ ଟା।
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ, ଶ୍ରୀ ସୂକ୍ତ ପାଠ ଏବଂ ଭଜନ, ସ୍ଥାନ:ସରଳା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ଗଣେଶ ପୂଜା ଉପଲକ୍ଷେ ଭଜନ ସମାରୋହ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ମନୋହରପୁର, ହାଟଡ଼ିହୀ, ସମୟ : ସନ୍ଧ୍ୟା ୭ ଟା।
- ମା' ଭୂଆସୁଣୀ ମନ୍ଦିରରେ ମେଳା ଏବଂ ଭଜନ କୀର୍ତ୍ତନ, ସ୍ଥାନ: କପୁଣ୍ଡି, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ରରୁଆଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୀ ଦିବସ ପାଳନ, ସ୍ଥାନ: ପାଣ୍ଡେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦା,ସମୟ: ଅପରାହ୍ନ ୨ଟା ୩୦।

## ଗଞ୍ଜାମ

- ଜୋନାଲ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଭଞ୍ଜନଗର ବ୍ଲକ ମୁଜାଗଡ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜୋନାଲ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: ଭଞ୍ଜନଗର ବ୍ଲକ କୁଲାଡ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦ମି ।
- ରାଜ୍ୟ ସ୍ତରୀୟ କର୍ମଶାଳ, ସ୍ଥାନ: ସିଟି ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆସିକା ଏନ୍‌ଏସିରେ ସୁଭଦ୍ରା ରଥ ପରିକ୍ରମା, ସ୍ଥାନ: ସୁନାମ୍ବସାହି, ସମୟ: ଅପରାହ୍ନ ୨ଟା।

## କନ୍ଧମାଳ

- ସୁଭଦ୍ରା ରଥ ପରିକ୍ରମା ପାଇଁ ଶୁଭ ଉଦ୍‌ଘାଟନ, ସ୍ଥାନ:ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ମହିଳାମାନଙ୍କ ପାଇଁ ବୁଲିବ ସୁଭଦ୍ରା ରଥ,ସ୍ଥାନ: ୧୦ ନଂ. ୱାର୍ଡ, ମଧୁବନ, ପାରାଦୀପ, ସ୍ଥାନ: ସକାଳ ୧୦ ଟା।

## କେନ୍ଦ୍ରାପଡ଼ା

- ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ: ମାର୍ଶାଘାଇ ମହିଳା ମହାବିଦ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ସିହୋପଡା ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା, କୁରୁଣ୍ଟି ଛକ, ରାଜନଗର, ୱାର୍ଡ ୧୯, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ, ପଞ୍ଚୁପାଣ୍ଡବ ଛକ, ଡେରାବିଶ, ମହାକାଳପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡା, ସମୟ: ୧୦ଟା।
- ମା' ପାଇଁ ଗଛଟିଏ, ସ୍ଥାନ: ନିକିରାଇ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ,ସ୍ଥାନ : ଧର୍ମଶାଳା ବ୍ଲକ ପରିସର, ସମୟ : ପୂର୍ବାହ୍ନ ସାଢେ ୧୦ଟା।
- ଜାରକା ବଜାର ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୨ୟ ଦିବସ, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପାରାୟଣ ସକାଳ ୭ଟା।
- ଦାଶିଆ ଅଜା ସ୍ମୃତି କମିଟି ଓ ଦାସିଆ ପ୍ରେମୀ ସଙ୍ଗଠନ ସମୂହଙ୍କ ଆନୁକୂଲ୍ୟରେ ଦାଶିଆ ଅଜାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: କଚେରୀ ବଜାର ନୟାଗଡ଼ ସହର, ସମୟ:ସକାଳ ୯ଟା ।
- ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ, ସ୍ଥାନ: ଓଡ଼ଗାଁ ବ୍ଲକର ଜବାହାର ବିଦ୍ୟାପୀଠ ନନ୍ଦିଘୋର, ସମୟ: ପୂର୍ବାହ୍ନ ୧୦ଟା।
- ଦାଶିଆ ଅଜାଙ୍କ ୨୭ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ: ନୂଆଗାଁ ବ୍ଲକର ଉଦୟପୁର ପାଠାଗାର, ସମୟ: ଅପରାହ୍ନ ୫ଟା।
- ଭାଗବତ ମହାତ୍ମ୍ୟ ପରୀକ୍ଷିତ ବ୍ରହ୍ମ ଶାପ ଓ ମନୁକର୍ଦ୍ଦମ ସମ୍ବାଦ ଉପରେ ପ୍ରବଚନ ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଷ୍ଟାଫ ନର୍ସ, ଫାର୍ମାସିଷ୍ଟଙ୍କ ଜିଲାପାଳ, ବିଧାୟକ ଏବଂ ସିଡିଏମ୍‌ଓ ଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବିଧାୟକଙ୍କ ବାସଭବନ, ସିଡିଏମ୍‌ଓ କାର୍ଯ୍ୟାଳୟ, ରାୟଗଡା, ସମୟ: ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ୧ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା ।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା ।
- ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ମଣ୍ଡଳସ୍ତରୀୟ ସଂସ୍କୃତ ଦିବସ ସମାରୋହ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ନାଗରିକ କମିଟି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ :ଅପରାହ୍ନ ୫ଟା ।

## ବଲାଙ୍ଗୀର

- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିନ, ସ୍ଥାନ: ମିଶନ ପଡିଆ, ଖୁଜେନପାଲି ଓ ସଦାଇପାଲି ଖେଳପଡିଆ, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା

## ସୁବର୍ଣ୍ଣପୁର

- ତରଭା ବ୍ଲକରେ ସୁଭଦ୍ରା ରଥର ଶୁଭାରମ୍ଭ, ସ୍ଥାନ: ଶିବତୁଳା ପଞ୍ଚାୟତ ପରିସର, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଜିଲା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ୱାର୍ଡସଭ୍ୟା ସଭ୍ୟ ପ୍ରଶିକ୍ଷଣ ଶିବିର, ସ୍ଥାନ:ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ:ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ବୀର ସୁଭାଷ ଯୁବକ ସଂଘ, ବୁଦେଲପାଲି, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ହାଇସ୍କୁଲ, ସରଣ୍ଡା, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୋହିତ ଜେନେରାଲ ହସ୍ପିଟାଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ, ଆଲୋଚନାଚକ୍ର, ସ୍ଥାନ: ବରଗଡ଼ ମହିଳା ସମିତି, ବରଗଡ଼, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଝାରସୁଗୁଡ଼ା ପୌରାଞ୍ଚଳ ୱାର୍ଡ ନଂ. ୯ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୭ଟା।
- ସ୍ୱତନ୍ତ୍ର ଗ୍ରାମ କାର୍ଯ୍ୟ ପାଇଁ ବୈଠକ, ସ୍ଥାନ: ଝାରସୁଗଡ଼ା ପୌରାଞ୍ଚଳ ୱାର୍ଡ ନଂ. ୨୧ସ୍ଥିତ ବୁଢ଼ାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଝାରସୁଗୁଡ଼ା ସହର ୱାର୍ଡ ନଂ. ୨୧ ବୁରୋମାଲ ଏକତା କ୍ଲବ ପରିସର, ସମୟ: ଅପରାହ୍ନ ୪ଟା।
- ଭଜନ ସନ୍ଧ୍ୟା, ସ୍ଥାନ: ଝାରସୁଗୁଡ଼ା ୱାର୍ଡ ନଂ. ୨୧ ବୁରୋମାଲ ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଗୀତା ପ୍ରବଚନ କାର୍ଯ୍ୟକ୍ରମର ୩ୟ ଦିବସ, ସ୍ଥାନ: ରାଉରକେଲା ରେଳଷ୍ଟେଶନ ସ୍ଥିତ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବନ ବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ବନଖଣ୍ଡ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବନ ବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।ହ୍

## ଦେବଗଡ଼

- ଶ୍ରୀଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ, ଗଡ ମେକର୍, କେନ୍ଦ୍ରାପଡ଼ା, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ଗଣେଶ ମେଳା ଅବସରରେ କ୍ଷୀରି ବଣ୍ଟନ, ସ୍ଥାନ: ସଭାଗଲି ଛକ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଗଣେଶଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ମେଲୋଡି ଶୁଭମ ସଙ୍ଗୀତ, କଟକ, ବିଶେଷ ଆକର୍ଷଣ, ଅନ୍ତରା ଚକ୍ରବର୍ତ୍ତୀ ଗ୍ରୁପ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ରାତି ୮ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ' ଅପେରା ସ୍ୱର୍ଣ୍ଣ ମନ୍ଦିର, ସ୍ଥାନ: ପ୍ରଧାନପାଟ ରୋଡ, ବଡ ବଗିଚା, ସମୟ: ରାତି ୧୧ଟା।
- ଗଣେଶ ମେଳା ଅବସରରେ ପ୍ରି ଶୋ' ଅପେରା, ନ୍ୟୁ ବାଦଲ, ଢେଙ୍କାନାଳ, ସ୍ଥାନ: ଗୋପାଳଜୀ ମନ୍ଦିର, ପଡିଆ, ସମୟ: ରାତି୧୧ଟା।

## କଳାହାଣ୍ଡି

- ମା' ମାଣିକେଶ୍ୱରୀଙ୍କ ଛତରଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଭବାନୀପାଟଣା, ସମୟ: ଅପରାହ୍ନ ୪ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧର୍ମଗଡ଼ ଉପଖଣ୍ଡ ରକ୍ତଭଣ୍ଡାର କେନ୍ଦ୍ର, ସମୟ: ପୂର୍ବାହ୍ନ ୯ଟା।

## ବୌଦ୍ଧ

- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କୃତ୍ତିକା ନକ୍ଷତ୍ରର କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେତୁ ତାହାହିଁ ଚିନ୍ତାର କାରଣ ହୋଇପାରେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ।

**ବୃଷ** – ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। କୌଣସି ବନ୍ଧୁ କିମ୍ବା ସହକର୍ମୀଙ୍କ ସହଯୋଗରେ କାମଟି ସୁବିଧାରେ ହୋଇଯିବ। ଅଫିସ୍ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ରୋହିଣୀ ନକ୍ଷତ୍ର ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ** – ମାନସିକ ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣ ମଧ୍ୟରେ ନ ରଖି ଅନ୍ୟ ଉପରେ ଶୁଝାଇଲେ ତିକ୍ତତା ସୃଷ୍ଟି ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପୁନର୍ବସୁ ନକ୍ଷତ୍ର ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭକରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** – ସବୁ କଥାକୁ ଚିନ୍ତାକରି କାମ କରିବା ଭଲ। ନିଜ ଭାଇ, ବନ୍ଧୁ ଓ କୁଟୁମ୍ବମାନଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହୋଇପାରନ୍ତି। ପୁଷ୍ୟା ନକ୍ଷତ୍ର ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇବ।

**ସିଂହ** – ବିଭିନ୍ନ ସମସ୍ୟା ଭିତରେ ଗତିକରି ମଧ୍ୟ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ପରିବାରବର୍ଗଙ୍କ ସହାୟତା ପାଇ କାମ ହାସଲ କରିପାରନ୍ତି।

**କନ୍ୟା** – ଭଲ ସମ୍ପର୍କ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲାଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେବ। ହସ୍ତା ନକ୍ଷତ୍ରର ଆଜିର ଯାତ୍ରାରେ ଅଭିଳଷିତ କାମ ସମ୍ପନ୍ନ ହୋଇଯିବ। ଯୋଜନାବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ।

**ତୁଳା** – ଶାରୀରିକ ଦୁର୍ବଳତା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ଚିତ୍ରା ନକ୍ଷତ୍ର ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା** – ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ଅନୁରାଧା ନକ୍ଷତ୍ରର ପରିବାର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେବ।

**ଧନୁ** – ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଅଫିସ୍‌ରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ।

**ମକର** – ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଶତ୍ରୁମାନେ ଚାହିଁଲେ ବି କ୍ଷତି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଶ୍ରବଣା ନକ୍ଷତ୍ରର ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ ଓ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ। ଧନିଷ୍ଠା ନକ୍ଷତ୍ର ଅଫିସ୍‌ରେ ସାଧାରଣ କଥାରେ କଳହ ସୃଷ୍ଟି ହୋଇପାରେ। ବନ୍ଧୁରେ କଳହ, ଧନହାନି, ପରିବହନରେ ବିତର୍କ ଓ ସାଧାରଣ କଥାରୁ କଳହର ଆଶଙ୍କା ରହିଛି। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି।

**ମୀନ** – ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତିବଶତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇନେବାକୁ ବାଧହେବେ। ଉତ୍ତର ଭାଦ୍ରପଦ୍ ନକ୍ଷତ୍ର ସକାଶେ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମକରି ମନସ୍ତାପ କରିପାରନ୍ତି।

ଆଜି ସେପ୍ଟେମ୍ବର ୧୨ ତାରିଖ, ଭାଦ୍ରବ ଶୁକ୍ଳପକ୍ଷର ତାଳନବମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର, ମୂଳା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ମି. ଗତେ ଘ.୦୭।୧୪ମି. ମଧ୍ୟେ, ଘ.୧୦।୨୯ମି. ଗତେ ଘ.୧୨।୫୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୧୪ମି. ଗତେ ଘ.୦୨।୪୫ମି. ମଧ୍ୟେ ରାହୁକାଳ।

# ୨୦୩୦ ସୁଦ୍ଧା ୧ ମେଟ୍ରିକ ଟନ୍ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରସ୍ତୁତ ଲକ୍ଷ୍ୟ: ମନ୍ତ୍ରୀ



ଅକ୍ଷୟ ଉତ୍ସ ଥିବା ସ୍ଥାନରୁ ଶକ୍ତି ଉତ୍ପାଦନ ଲକ୍ଷ୍ୟ ନେଇ ବୈଠକ

**ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ପମ୍ପ୍‌ଡ ଷ୍ଟୋରେଜ ପ୍ରୋଜେକ୍ଟ (ପିଏସ୍‌ପି) ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରିନ୍ୟୁ ଗ୍ରୀନ୍ ଏନର୍ଜି ଗ୍ରୁପ୍‌ର ପ୍ରତିନିଧି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ଅକ୍ଷୟ ଶକ୍ତିର ଉତ୍ସ ଥିବା ସ୍ଥାନଗୁଡ଼ିକୁ ଚିହ୍ନଟକରି ସେହି ସ୍ଥାନରେ ଥିବା ଜଳର ଉତ୍ସରୁ ପମ୍ପ ସାହାଯ୍ୟରେ ପାଣି ଉଠାଇ ଗୋଟିଏ ସ୍ଥାନରେ ଏକତ୍ର କରି ରଖାଯିବ। ସେହି ଜଳକୁ ବ୍ୟବହାରକରି ସେଥିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବ। ଏହି ସମୟରେ ପ୍ରଧାନମନ୍ତ୍ରୀ ସବୁଜ ବିଦ୍ୟୁତ୍ ଓ ଅକ୍ଷୟ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗଚ୍ଛିତ ଅକ୍ଷୟ ଶକ୍ତିକୁ ବ୍ୟବହାରକରି ସବୁଜ ବିଦ୍ୟୁତ୍ ଉତ୍ପାଦନ, ଗ୍ରୀନ୍ ଆମୋନିଆ, ଗ୍ରୀନ୍ ମିଥାନଲ୍ ପ୍ଲାଣ୍ଟ କରିବାକୁ ରିନ୍ୟୁ ଗ୍ରୀନ୍ ଏନର୍ଜି ଆଗ୍ରହୀ ବୋଲି ବୈଠକରେ ରିନ୍ୟୁ ଗ୍ରୁପ୍‌ର ପ୍ରତିନିଧି କହିଛନ୍ତି। ୨୦୩୦ ସୁଦ୍ଧା ଓଡ଼ିଶାର ୩ଟି ସ୍ଥାନରେ ପ୍ରୋଜେକ୍ଟ ଦ୍ୱାରା ରିନ୍ୟୁ ଏନର୍ଜି ବାର୍ଷିକ ୧ ମେଟ୍ରିକ ଟନ୍‌ର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରସ୍ତୁତ କରିବା ଲକ୍ଷ୍ୟ ରଖିଛି। ଏଗୁଡ଼ିକ ହେଉଛି ପାରାଦୀପର ଗ୍ରୀନ୍ ଆମୋନିଆ, ରାୟଗଡ଼ା ଓ ମାଲକାନଗିରିରେ ଗ୍ରୀନ୍ ମିଥାନଲ୍ ପ୍ଲାଣ୍ଟ। ଏହିସବୁ ପ୍ରୋଜେକ୍ଟ ଲାଗି ସରକାରଙ୍କ ସହାୟତା ଆବଶ୍ୟକ ବୋଲି ରିନ୍ୟୁ ଏନର୍ଜି ପ୍ରତିନିଧି କହିଛନ୍ତି। ଏହିସବୁ ସବୁଜ ପ୍ରକଳ୍ପ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଘଟାଇବ ବୋଲି ମନ୍ତ୍ରୀ କହିଛନ୍ତି।

# ୯ ବର୍ଷରେ ଦେଶର ଦୁଗ୍ଧ ଉତ୍ପାଦନ ୫୭.୬୨% ବୃଦ୍ଧି

**ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)**

- **ଶୁକ୍ରବାର ମତ୍ସ୍ୟ, ପଶୁପାଳନ ଏବଂ ଡେଏରି ବିଭାଗର ମୌସୁମୀ ବୈଠକ**
- **ମୁଖ୍ୟ ଅତିଥି ହେବେ ମୁଖ୍ୟମନ୍ତ୍ରୀ, ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟ ରାଜ୍ୟର ମନ୍ତ୍ରୀ**

ମତ୍ସ୍ୟ, ପଶୁପାଳନ ଏବଂ ଡେଏରି ମନ୍ତ୍ରଣାଳୟ ଅଧୀନ ପଶୁପାଳନ ଏବଂ ଡେଏରି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ମୌସୁମୀ ବୈଠକ ଆହୂତ ହୋଇଛି। କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଆସନ୍ତା ଶୁକ୍ରବାର ଲୋକସେବା ଭବନ କନ୍‌ଭେନସନ୍ ହଲ୍‌ରେ ଆୟୋଜିତ ଏହି ବୈଠକରେ ଯୋଗଦେବେ । କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂ ବାଘେଲ ଏବଂ ମତ୍ସ୍ୟ, ପଶୁପାଳନ ଏବଂ ଡେଏରି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ ମଧ୍ୟ ଉପସ୍ଥିତ ରହିବେ। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଏବଂ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ। ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା ସମେତ ଫଳାଫଳ ଏବଂ ମଧ୍ୟବର୍ତ୍ତୀ ସଂଶୋଧନ ନେଇ ଆଲୋଚନା ସାଙ୍ଗକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ କାର୍ଯ୍ୟପନ୍ଥା ଆକଳନ ଏହି ମୌସୁମୀ ବୈଠକର ଉଦ୍ଦେଶ୍ୟ। ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସମ୍ପୃକ୍ତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିବେ। ୨୦୧୪-୧୫ରୁ ୨୦୨୨-୨୩ ପର୍ଯ୍ୟନ୍ତ ପଶୁପାଳନ କ୍ଷେତ୍ରରେ ଯୌଗିକ ବାର୍ଷିକ ଅଭିବୃଦ୍ଧି ହାର ଉଲ୍ଲେଖନୀୟ ଭାବେ ୯.୮୨% ବୃଦ୍ଧି ପାଇଛି । କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଏହାର ଯୋଗଦାନ ୨୪.୩୬%ରୁ ୩୦.୨୨%କୁ ବୃଦ୍ଧି ପାଇଛି। ୨୦୨୨-୨୩ରେ ସମୁଦାୟ ଜିଭିଏ (ଗ୍ରସ୍ ଭାଲ୍ୟୁ ଆଡେଡ୍)ରେ ଏହି କ୍ଷେତ୍ର ୫.୫% ଯୋଗଦାନ ଦେଇଥିଲା। ଗତ ୯ ବର୍ଷରେ ଆମ ଦେଶର ଦୁଗ୍ଧ ଉତ୍ପାଦନ ୫୭.୬୨% ବୃଦ୍ଧି ପାଇଛି । ୨୦୧୪-୧୫ରେ ଏହା ୧୪୬.୩ ମିଲିୟନ ଟନ ଥିବାବେଳେ ୨୦୨୨-୨୩ରେ ତାହା ୨୩୦.୬୦ ମିଲିୟନ ମେଟ୍ରିକ ଟନ୍‌ରେ ପହଞ୍ଚିଛି।

# ୧୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୧।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୭ ତାରିଖ ଅର୍ଥାତ୍ ମଙ୍ଗଳବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ। ଭୁବନେଶ୍ୱରର ଜନତା ମଇଦାନଠାରେ ସେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏହାସହ ପ୍ରଧାନମନ୍ତ୍ରୀ ଆଉ କିଛି ଜନକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ/ଶିଳାନ୍ୟାସ କରିବା କାର୍ଯ୍ୟକ୍ରମ ରହିଛି। ଗସ୍ତସୂଚୀ ଅନୁଯାୟୀ, ପୂର୍ବାହ୍ନ ୧୧ଟା ୩୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ୧୧ଟା ୫୫ରେ ଜନତା ମଇଦାନଠାରେ ପ୍ରଧାନମନ୍ତ୍ରୀ ପହଞ୍ଚିବେ। ଦିନ ୧୨ଟାରୁ ୧ଟା ପର୍ଯ୍ୟନ୍ତ ସେ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ଏବଂ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଏବଂ ଲୋକାର୍ପଣ କରିବେ। ଅପରାହ୍ନ ୧ଟା ୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ଜନତା ମଇଦାନରୁ ବିମାନବନ୍ଦର ଅଭିମୁଖେ ଯାତ୍ରା କରିବେ। ୧ଟା ୨୫ ମିନିଟ୍‌ରେ ସେ ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି।

**ପ୍ରଥମ ପୃଷ୍ଠାରୁ...**

# ସ୍କ୍ରବ୍ ଟାଇଫସ୍ ...

ସୁଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାରେ ୨୦ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୩ଜଣ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଛି ଏବଂ ସେମାନେ ନିଜ ଘରେ ରହି ଚିକିତ୍ସିତ ହେଉଛନ୍ତି। ଏପର୍ଯ୍ୟନ୍ତ ଜିଲା ମୁଖ୍ୟ ଡାକ୍ତରଖାନାରେ କୌଣସି ସ୍କ୍ରବ୍ ଟାଇଫସ୍ ରୋଗୀ ଭର୍ତ୍ତି ହୋଇ ନ ଥିବା ସିଡିଏମ୍‌ଓ ଡା. ଷଡ଼ଙ୍ଗୀ କହିଛନ୍ତି। ସ୍କ୍ରବ୍ ଟାଇଫସ୍ ପରୀକ୍ଷା ପାଇଁ ଜିଲାର ସବ୍ ସେଣ୍ଟରଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍ଦିଷ୍ଟ କିଟ୍ ପଠାଯାଇଛି ଏବଂ ଜିଲା ମୁଖ୍ୟ ଡାକ୍ତରଖାନାରେ ଏଲିସା ଟେଷ୍ଟ କରାଯାଉଥିବା ସେ ସୂଚନା ଦେଇଛନ୍ତି। ସେହିପରି ସ୍କ୍ରବ୍ ଟାଇଫସ୍ ନେଇ ଜିଲାରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ଏବଂ ଏହି ରୋଗର ଲକ୍ଷଣ ଦେଖାଦେଲେ ଅର୍ଥାତ୍ ଦୀର୍ଘଦିନ ଧରି ଜ୍ୱର ନ ଛାଡ଼ିଲେ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ସିଡିଏମ୍‌ଓ ଡା. ଷଡଙ୍ଗୀ ପରାମର୍ଶ ଦେଇଛନ୍ତି। ଏହାସହିତ ସ୍କ୍ରବ ଟାଇଫସ୍ ରୋଗୀଙ୍କ ସମ୍ପର୍କରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ତୁରନ୍ତ ସୂଚନା ଦେବା ପାଇଁ ଜିଲାର ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ସବୁ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ରହିବ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୧।୯(ସୁନିତ୍ ମିଶ୍ର)**

ରାଜ୍ୟର ସବୁ ବିଦ୍ୟାଳୟରେ ପାନୀୟ ଜଳ ସୁବିଧା, ଟ୍ୟାପ୍ ଯୋଗେ ପିଇବା ପାଣି ଏବଂ ଭୂପୃଷ୍ଠରୁ ବହିଯାଉଥିବା ବର୍ଷାଜଳକୁ ସଂରକ୍ଷଣ ତଥା ଭୂତଳ ଜଳ ଭରଣ ବ୍ୟବସ୍ଥା ନିଶ୍ଚିତ କରାଯିବ। ଏହାସହ ସବୁ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ରହିବ। ଏ ସମ୍ପର୍କରେ ଏକ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଯେଉଁସବୁ ବିଦ୍ୟାଳୟରେ ଅଦ୍ୟାବଧି ଏହିସବୁ ବ୍ୟବସ୍ଥା ହୋଇନାହିଁ, ସେସବୁକୁ ସୁନିଶ୍ଚିତ କରିବାକୁ ବୈଠକରେ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗ ଓ ନିର୍ମାଣକାରୀ ସଂସ୍ଥାଗୁଡିକୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ୱାଟ୍‌କୋ,ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂସ୍ଥା (ପିଏଚ୍‌ଇଓ)ର ଯନ୍ତ୍ରୀ ଏବଂ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଯେଉଁସବୁ ବିଦ୍ୟାଳୟରେ ଏସବୁ ସୁବିଧା ରହିଛି, ସେଗୁଡ଼ିକ ଠିକ୍ ଭାବେ ପରିଚାଳନା କରାଯାଉଛି କି ନାହିଁ ସେଥିପାଇଁ କେତେକ ବିଦ୍ୟାଳୟ ପରିଦର୍ଶନ କରି ନମୁନା ସର୍ବେକ୍ଷଣ କରି ବାସ୍ତବ ସ୍ଥିତି ଅବଗତ ହେବା ଏବଂ ଆବଶ୍ୟକତା ଅନୁସାରେ ସୁବିଧା କରାଯିବା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ର, କର୍ମଚାରୀ ଏବଂ ନିକଟସ୍ଥ ଜଳଭିତ୍ତିଭୂମିକୁ ଦେଖି ଆବଶ୍ୟକତା ସମ୍ପର୍କରେ ସମ୍ପୂର୍ଣ୍ଣ ଆକଳନକରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ପଞ୍ଚାୟତିରାଜ ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

# କାଶୀପୁରରେ ଅନରକିଲିଂ

## ଝିଅ ପ୍ରେମିକଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲେ ବାପା, ଯୁବତୀ ଗୁରୁତର

**ପରିବାରର ସହମତି ବିନା ଅନ୍ୟ ଜଣେ ପୁଅକୁ ଭଲ ପାଇ ଝିଅ ଘରୁ ଚାଲିଗଲେ। ଏହାକୁ ଝିଅଘର ଲୋକେ ସହଜରେ ଗ୍ରହଣ କରିପାରିଲେ ନାହିଁ। ପରିବାରର ସମ୍ମାନ ରକ୍ଷା କରିବାକୁ ଯାଇ ରକ୍ତମୁଖା ହୋଇଗଲେ ଝିଅର ବାପା। ଝିଅକୁ ତାଙ୍କ ପ୍ରେମିକଙ୍କ ସହ ବିବାହ କରିବେ ବୋଲି ଡକାଇ ୨ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବାକୁ ଚେଷ୍ଟା କଲେ। ଏଥିରେ ଝିଅ ଗୁରୁତର ହୋଇଥିବାବେଳେ ତାଙ୍କ ପ୍ରେମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଭଳି ଅନର କିଲିଂ ଘଟଣା ଘଟିଛି ରାୟଗଡ଼ା ଜିଲା କାଶୀପୁର ଅଞ୍ଚଳରେ। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତ ବାପାଙ୍କୁ ଅଟକ ରଖି ପଚରାଉଚରା କରୁଛି।**

ରାୟଗଡ଼ା/କାଶୀପୁର/ଟିକିରି, ୧୧।୯ (ଆଶିଷ ରଞ୍ଜନ ପଣ୍ଡା/ମୋହନ ନାଏକ/ ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ଥାନା ଅନ୍ତର୍ଗତ ଅଡାଜୋର ଗ୍ରାମର ଜଣେ ଯୁବତୀ ସ୍ଥାନୀୟ ଅଞ୍ଚଳର ମଙ୍ଗଳସିଂ ମାଝିଙ୍କୁ ଭଲ ପାଉଥିଲେ। ଉଭୟେ ଗତ କିଛି ମାସ ତଳେ ଘର ଛାଡ଼ି ପଳାଇ ଯାଇ ରାୟଗଡ଼ାରେ ରହୁଥିଲେ। ଝିଅକୁ ଘରକୁ ଫେରାଇ ଆଣିବାକୁ ବାପା ବହୁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ। ପରେ ଉଭୟଙ୍କ ବିବାହ କରାଇଦେବେ ବୋଲି କହି ସେମାନଙ୍କୁ ଫୋନ୍ ଯୋଗେ ଡାକିଥିଲେ। ମଙ୍ଗଳବାର ରାତିରେ



ମଙ୍ଗଳସିଂ ମାଝି

ମଙ୍ଗଳସିଂ ଓ ଯୁବତୀ ଉଭୟ ରାୟଗଡ଼ାରୁ ଘରକୁ ଫେରୁଥିବାବେଳେ ଗାଁଠାରୁ କିଛି ଦୂରରେ ଝିଅ ସହ ପ୍ରେମିକଙ୍କୁ ଦେଖି ବାପା ରକ୍ତମୁଖା ହୋଇପଡ଼ିଥିଲେ। ସେ ଧରିଥିବା ଟାଙ୍ଗିଆ ସାହାଯ୍ୟରେ ଝିଅ ଏବଂ ମଙ୍ଗଳସିଂଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମଙ୍ଗଳସିଂଙ୍କ ମୃତ୍ୟୁ ଘଟିଥିବାବେଳେଳ ଝିଅ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଯୁବତୀଙ୍କୁ ଉଦ୍ଧାରକରି ପ୍ରଥମେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ କାଶୀପୁର ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାଏକ ଏବଂ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନ୍‌ଭିନ୍ କରୁଛନ୍ତି। ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି ମଧ୍ୟ ସେଠାରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି। ଅଭିଯୁକ୍ତ ବାପାଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ନେଇ କାଶୀପୁର ଥାନାରେ ୧୯୭/୨୪ ଏକ ହତ୍ୟା ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଏସ୍‌ଡିପିଓ ସେନାପତି ସୂଚନା ଦେଇଛନ୍ତି।

# ଯୁବକଙ୍କୁ ଛୁରି ଭୁସି ହତ୍ୟା



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସାହିବାସିନ୍ଦା ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ଖୁଣ୍ଟୁଣୀ, ୧୧।୯ (ସଚ୍ଚିଦାନନ୍ଦ ପଣ୍ଡା)

**ଗଣେଶ ଭସାଣିରେ ୨ ଗୋଷ୍ଠୀ ଗଣ୍ଡଗୋଳ ଘଟଣା**
- ୩ ଅଭିଯୁକ୍ତ ଗିରଫ
- ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତାରୋକୋ

କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ଧୁରୁଷିଆ ଗ୍ରାମରେ ମଙ୍ଗଳବାର ରାତିରେ ଗଣେଶ ମେଢ଼ ଭସାଣିବେଳେ ରାଉତ ସାହି ଓ ହରିଜନ ସାହିର ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ରାଉତ ସାହିର କେତେଜଣ ଯୁବକ ଛୁରିଭୁସି ହରିଜନ ସାହିର ସୂର୍ଯ୍ୟକାନ୍ତ ସାମଲଙ୍କୁ ହତ୍ୟା କରିଛନ୍ତି। ଏନେଇ ସୂର୍ଯ୍ୟକାନ୍ତଙ୍କ ବାପା ରବୀନ୍ଦ୍ର ସାମଲ ବୁଧବାର ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୮୬/୨୪) ରୁଜୁ କରିଛି। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ରାଉତ ସାହିର ସନ୍ତୋଷ ବେହେରା, ଦୀପକ ବେହେରା ଓ ବିଭୁପ୍ରସାଦ ପରିଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ମୃତକଙ୍କ ପରିବାର ସଦସ୍ୟ ଓ ସାହି ଲୋକ ଧୁରୁଷିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧୁରୁଷିଆ-ମୁଣ୍ଡଳୀ ରାସ୍ତାକୁ ଅବରୋଧ କରିଥିଲେ। ଅପରପକ୍ଷରେ ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ଏଲ୍. ଦିବ୍ୟା, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଘଟଣାସ୍ଥଳରେ ପହଞ୍ଚି ସାହି ଲୋକଙ୍କ ସହିତ ଆଲୋଚନା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ସାଢେ ୧୧ଟାରେ ଧୁରୁଷିଆ ଗ୍ରାମରେ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ଶୋଭାଯାତ୍ରାରେ ନିଆଯାଉଥିଲା। ଶୋଭାଯାତ୍ରାରେ ଉଭୟ ସାହିର ମୂର୍ତ୍ତି ସାମିଲ ହୋଇଥିଲା। ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଉଭୟ ସାହିର ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ନେଇଥିଲା। ହରିଜନ ସାହିର କେତେଜଣ ଯୁବକ ରାଉତ ସାହିର ଯୁବକଙ୍କୁ ପ୍ରଥମେ ଆକ୍ରମଣ କରିଥିଲେ। ପରେ ରାଉତ ସାହିର କେତେଜଣ ଯୁବକ ହରିଜନ ସାହିର ଯୁବକଙ୍କୁ ପାଲଟା ଆକ୍ରମଣ କରିବା ସହ ଛୁରାମାଡ଼ କରିଥିଲେ। ଏଥିରେ ହରିଜନ ସାହିର ଯୁବକ ସୂର୍ଯ୍ୟକାନ୍ତ ସାମଲ ଓ ସିଦ୍ଧାର୍ଥ ବେହେରା ଗୁରୁତର ହୋଇଥିଲେ। ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ସୂର୍ଯ୍ୟକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଖୁଣ୍ଟୁଣୀ ଥାନା ଆଇଆଇସି ରବୀନ୍ଦ୍ରନାଥ ବେହେରା, ଗୁରୁଡିଝାଟିଆ ଥାନା ଆଇଆଇସି ପରେଶ କୁମାର ମହାନ୍ତି ମଙ୍ଗଳବାର ରାତିରୁ ପରିସ୍ଥିତି ଉପରେ ନଜର ରଖିଛନ୍ତି। ତେବେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ ସାହି ବାସିନ୍ଦା ରାସ୍ତାରୋକୋ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରିସ୍ଥିତି ଶାନ୍ତ ନ ପଡିବା ପର୍ଯ୍ୟନ୍ତ ଗ୍ରାମରେ ପୋଲିସ ମୁତୟନ ରହିବେ ବୋଲି ଆଇଆଇସି ବେହେରା କହିଛନ୍ତି।

## କ୍ରେନ୍ ଭୁଶୁଡ଼ି ଶ୍ରମିକ ଆହତ

ଭୁବନେଶ୍ୱର, ୧୧।୯ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ-୮ସ୍ଥିତ ଏକ କଲୋନୀରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା କ୍ରେନ୍ ବୁଧବାର ଭୁଶୁଡି ପଡିଛି। ଫଳରେ କ୍ରେନ୍‌ର କିଛି ଅଂଶ ଜଣେ ଶ୍ରମିକଙ୍କ ଉପରେ ପଡ଼ିବାରୁ ସେ ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ଜଣାପଡ଼ିନାହିଁ। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଉକ୍ତ କଲୋନୀରେ ୧୦ମହଲା ବିଶିଷ୍ଟ ଟାୱାର ନିର୍ମାଣ ପାଇଁ ସେଣ୍ଟ୍ରିଂ କାମ ଚାଲିଥିଲା। ଏଥିରେ ୫୦ରୁ ଅଧିକ ଶ୍ରମିକ କାମ କରିବା ସହ କ୍ରେନ୍ ମଧ୍ୟ ଲାଗିଥିଲା। ପୂର୍ବାହ୍ନ ୧୦ଟା ସମୟରେ ହଠାତ କ୍ରେନ୍‌ର ମଝି ଭାଗରୁ ଭାଙ୍ଗି ପଡ଼ିଥିଲା। ଏହି ସମୟରେ ତଳେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଜଣଙ୍କ ଗୋଡ଼ ଉପରେ ପଡ଼ିଯାଇଥିଲା। ଏହି ଦୁର୍ଘଟଣାରୁ ଅନ୍ୟମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ଉପସ୍ଥିତ ଥିବା ଅନ୍ୟ ଶ୍ରମିକମାନେ ଆହତ ଶ୍ରମିକଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମହାବଳ ଦାନ୍ତ, ନିଶ ଜବତ: ୪ ଶିକାରୀ ଗିରଫ

ବାରିପଦା, ୧୧।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳରେ ବନ ବିଭାଗ ଚଢ଼ାଉ କରି ୪ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମହାବଳ ବାଘ ଦାନ୍ତ, ନିଶ, ୪ଟି ବନ୍ଧୁକ, ଗନ୍ ପାଉଡର, ଧନୁ ଓ ତୀର ସମେତ ଶିକାର ସରଞ୍ଜାମ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଧୀନ ଖଣ୍ଡଚିରା ମାଣିକପୁର ଅଞ୍ଚଳର ସାଉରୁ ମୁର୍ମୁ, ନିତାଇ ମୁର୍ମୁ, ଠୁପୁଲ ହେମ୍ବ୍ରମ ଓ ମହାତ କିସ୍କୁ। ଏ ସଂକ୍ରାନ୍ତରେ ବନବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ମହାତ କିସ୍କୁଙ୍କୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍) କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଅଢ଼େଇ ବର୍ଷ ପୂର୍ବେ ଏକ ମହାବଳ ବାଘ ଶିକାର ଘଟଣାରେ ଅଭିଯୁକ୍ତ ମହାତ କିସ୍କୁ ସଂଶ୍ଳିଷ୍ଟ ଥିଲେ। ଏସ୍‌ଟିଏଫ୍ ପକ୍ଷରୁ ଚଢ଼ାଉ ସମୟରେ ସେ



ଗିରଫ ଅଭିଯୁକ୍ତ ଠୁପୁଲ ହେମ୍ବ୍ରମ ଓ ଜବତ ଶିକାର ସାମଗ୍ରୀ।

ଫେରାର ହୋଇଯାଇଥିଲେ। ସୋମବାର ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଓ ବାରିପଦା ଡିଭିଜନର କର୍ମଚାରୀମାନେ ତାଙ୍କୁ ଧରିବା ପାଇଁ ମିଳିତଭାବେ ଚଢ଼ାଉ ଆରମ୍ଭ କରିଥିଲେ। ଚଢ଼ାଉ ସମୟରେ ମହାତଙ୍କ ସମେତ ୪ ଶିକାରଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଇଥିଲା। ତଦନ୍ତ ପରେ ମହାତଙ୍କୁ ଏସ୍‌ଟିଏଫ୍‌କୁ ହସ୍ତାନ୍ତର କରାଯାଇଛି। ତେବେ ଠୁପୁଲ ମଧ୍ୟ ଅନ୍ୟ ଏକ ବାଘ ଶିକାରରେ ଜଡ଼ିତ ଥିବା ନେଇ ଜଣାପଡ଼ିବା ପରେ ବନ ବିଭାଗ ପକ୍ଷରୁ ତାଙ୍କ ଘର ତଲାସି କରାଯାଇଥିଲା। ସେଠାରୁ ମହାବଳ ବାଘ ଦାନ୍ତ, ନିଶ ଓ ୮୦ଟି ଧନୁତୀର ଜବତ ହୋଇଥିବା ବନ ବିଭାଗ ସୂଚନା ଦେଇଛି।

## ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅ ମୃତ

ରାଉରକେଲା, ୧୧।୯ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅଧୀନ ବିଶ୍ରା ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ବୃଦ୍ଧ ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ ହୋଇଛି। ମୃତକ ହେଲେ ବସନ୍ତ ଓରାମ(୩୮)। ଏହି ଘଟଣାରେ ହତ୍ୟା ଅଭିଯୁକ୍ତ ଜଟ ଓରାମ(୬୫)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରାଯାଇଛି। ଏ ନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୧୫୪/୨୪) ରୁଜୁ ହୋଇଛି। ପୋଲିସ ବୁଧବାର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ବ୍ୟବଚ୍ଛେଦ ପରେ ପରିବାରଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନା ଅନୁସାରେ, ବିଶ୍ରା ଥାନା ଅନ୍ତର୍ଗତ ଗେନଜୋର ଗ୍ରାମରେ ଜଟ ପୁଅ ବସନ୍ତ, ବୋହୂ ଓ ୨ ନାତିଙ୍କ ସହ ରହୁଥିଲେ। ବସନ୍ତ ଅଧିକାଂଶ ସମୟ ମଦ୍ୟପାନ କରି ବାପା, ସ୍ତ୍ରୀ ଓ ପୁଅଙ୍କୁ ମାଡ଼ ମାରନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ମଦ୍ୟପାନ କରି ଘର ଲୋକଙ୍କୁ ମାଡ଼ ମାରିବାରୁ ସ୍ତ୍ରୀ ଓ ପିଲାମାନେ ଘରୁ ପଳାଇଥିଲେ। ଅନ୍ୟ ଏକ କୋଠରୀରେ ଜଟ ଶୋଇଥିବାବେଳେ ବସନ୍ତ ତାଙ୍କୁ ଆକ୍ରମଣ କରିବାକୁ ଯିବା ସମୟରେ ଜଟ ଟାଙ୍ଗିଆରେ ତାଙ୍କୁ ପ୍ରତିଆକ୍ରମଣ କରିଥିଲେ। ରାତି ପ୍ରାୟ ୨ଟା ସମୟରେ ବସନ୍ତଙ୍କୁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

ଭଞ୍ଜନଗର, ୧୧।୯ (ବାବୁଲା ପ୍ରଧାନ)

ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଆଉ ଜଣେ ସରକାରୀ ବାବୁ। ଗଞ୍ଜାମ ଜିଲା ଭଞ୍ଜନଗର ଜଳସେଚନ ବିଭାଜନ କାର୍ଯ୍ୟାଳୟର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଘରେ ବୁଧବାର ସକାଳେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ସମ୍ପର୍କୀୟଙ୍କ ଘର ଏବଂ ଭଞ୍ଜନଗର କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଚଢ଼ାଉ ହୋଇଛି। ଭଞ୍ଜନଗରରେ ୭ଟି ସ୍ଥାନ, ବ୍ରହ୍ମପୁର ତୁଳସୀନଗରସ୍ଥିତ ବାସଭବନ ଏବଂ ବେଲଗୁଣ୍ଠା ବ୍ଲକ ଲୁଦଲୁଦି ଘରେ ଚଢାଉ ହୋଇଥିଲା। ଭିଜିଲାନ୍ସ ଟିମ୍ ସ୍ୱାଇଁ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୬ଟି କୋଠା, ୫ଟି ପ୍ଲଟ ଠାବ କରିଛି। ବ୍ରହ୍ମପୁରସ୍ଥିତ ଘରର ମୂଲ୍ୟ ୨ କୋଟି ୪୦ ଲକ୍ଷ ଏବଂ ଭଞ୍ଜନଗର ବାଗ୍‌ଦେବୀ ରୋଡ୍‌ରେ ଥିବା ଘରର ମୂଲ୍ୟ ୨ କୋଟି ୩୦ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସେହିପରି ବିଭିନ୍ନ ବ୍ୟାଙ୍କ, ବୀମା କମ୍ପାନୀ ଓ ଡାକ ବିଭାଗରେ ୨୩



ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁ।

ଲକ୍ଷ ୯୪ ହଜାର ୩୭୦ ଟଙ୍କାର ଜମା ଏବଂ ୨୦୦ ଗ୍ରାମ ସୁନା ଅଳଙ୍କାର, ୨ଟି ବାଇକ, ୫ ଲକ୍ଷ ୬୩ ହଜାର ଟଙ୍କାର ଘର ଉପକରଣ ଠାବ କରାଯାଇଛି। ଏତେ ପରିମାଣର ସମ୍ପତ୍ତି ଠାବ ହେବା ପରେ ସହକାରୀ ଯନ୍ତ୍ରୀ ସ୍ୱାଇଁଙ୍କୁ ଅଧିକ ତଦନ୍ତ ପାଇଁ ସନ୍ଧ୍ୟାରେ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ନିଆଯାଇଛି। ଚଢ଼ାଉରେ ୭ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର ସାମିଲ ଥିଲେ। ସୂଚନାଯୋଗ୍ୟ, ସହକାରୀ ଯନ୍ତ୍ରୀ ସ୍ୱାଇଁଙ୍କ ଘର ବେଲଗୁଣ୍ଠା ବ୍ଲକ ଲୁଦୁଲୁଦି ଗ୍ରାମରେ। ସେ ଭଞ୍ଜନଗର ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟରେ ୧୪ ବର୍ଷ ହେବ କାର୍ଯ୍ୟରତ ଅଛନ୍ତି। ୨୦୧୮ ନଭେମ୍ବରରେ ସେ କନିଷ୍ଠ ଯନ୍ତ୍ରୀରୁ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ହୋଇଥିଲେ।

## ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଛେଣ୍ଡିପଦା, ୧୧।୯ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୩୭୬/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହଳଧର ମାଝୀଙ୍କୁ ଗିରଫ କରିଛି। ପୋଲିସ କହିଛି, ଛେଣ୍ଡିପଦା ଥାନା ଅଞ୍ଚଳର ହଳଧର ଗତ ୬ ତାରିଖରେ ଜଣେ ମହିଳାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ତାଙ୍କ ଛୋଟ ପିଲାଙ୍କୁ ମାରି ଦେବାକୁ ଧମକ ଦେଇଥିଲେ। ପୂର୍ବରୁ ମଧ୍ୟ ଅଭିଯୁକ୍ତ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିବା ସହ ଧମକ ଦେଇଥିଲେ। ଭୟରେ ଚୁପ୍ ରହିଥିବା ପୀଡ଼ିତା ସାହସ ବାନ୍ଧି ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ଅଭିଯୁକ୍ତ ମାଝୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ଆଖିକୁ ଲଙ୍କାଗୁଣ୍ଡ ପକାଇ ମହିଳାଙ୍କୁ ଆକ୍ରମଣ

ବଁଅରପାଳ, ୧୧।୯ (ସୁବାସ ସାହୁ)

ଗ୍ରୀଲ୍ ଖୋଲାଥିବାର ସୁଯୋଗ ନେଇ ଲୁଟ୍ ଉଦ୍ଦେଶ୍ୟରେ ଘର ଭିତରକୁ ପଶିଲେ। ଜଣେ ମହିଳାଙ୍କ ଆଖିକୁ ଲଙ୍କାଗୁଣ୍ଡ ଫିଙ୍ଗିବା ସହ ଲୁହାରଡ୍‌ରେ ମୁଣ୍ଡକୁ ଆକ୍ରମଣ କଲେ। ଏପରି କି ମହିଳାଙ୍କ ଶାଶୁଙ୍କୁ ଆକ୍ରମଣ କରିବାକୁ ଯାଉଥିବା ବେଳେ ପରିବାରର ବଡ଼ବୋହୂ ପାଟି କରିବାରୁ ଫେରାର ହୋଇଗଲେ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ। ଅନୁଗୋଳ ଜିଲା ବଁଅରପାଳ ବ୍ଲକ ନାଲ୍‌କୋ ଥାନାଠାରୁ ମାତ୍ର ୫ଶହ ମିଟର ଦୂରରେ ବୁଧବାର ଘଟିଥିବା ଏହି ଘଟଣା ଅଞ୍ଚଳବାସୀଙ୍କୁ ଭୟଭୀତ କରିଦେଇଛି। ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ନାଲ୍‌କୋ ଥାନା କାଣ୍ଡସର ଗ୍ରାମ କୁମ୍ଭାର ସାହିର ପୁରେନ୍ଦ୍ର ବେହେରାଙ୍କ ଘରେ ମଧ୍ୟାହ୍ନ ସମୟରେ କେହି ପୁରୁଷ ନ ଥିଲେ।

- ଲୁଟ୍ ଉଦ୍ଦେଶ୍ୟରେ ଘରେ ପଶିଥିଲେ ମୁଖାପିନ୍ଧା ଦୁର୍ବୃତ୍ତ
- ବଡ଼ବୋହୂ ପାଟି କରିବାରୁ ବର୍ତ୍ତିଗଲେ ଶାଶୁ
- ନାଲ୍‌କୋ ଥାନା ଅଞ୍ଚଳରେ ବଢୁଛି ଆପରାଧିକ କାର୍ଯ୍ୟ

ଭିତରେ ୨ ବୋହୂ ଓ ଶାଶୁ ଥିବାବେଳେ ମୁଖ୍ୟ କବାଟ ଭିତରୁ ବନ୍ଦ ଥିଲା। ହେଲେ ଗ୍ରୀଲ୍ ଖୋଲାଥିବାରୁ ଜଣେ ମୁଖାପିନ୍ଧା ଦୁର୍ବୃତ୍ତ ଲୁଟ୍ ଉଦ୍ଦେଶ୍ୟରେ ଭିତରକୁ ପଶି ମୁଖ୍ୟ କବାଟ ବାଡ଼େଇଥିଲେ। ପରିବାର ଲୋକେ ଆସିଥିବା ଭାବି ସାନବୋହୂ ପ୍ରଣତୀ ବେହେରା (୨୩) କବାଟ ଖୋଲିଦେବାରୁ ଦୁର୍ବୃତ୍ତ ଜଣକ ତାଙ୍କ ଆଖିକୁ ଲଙ୍କାଗୁଣ୍ଡ ଫିଙ୍ଗିବା ସହ ଏକ ଲୁହା ରଡ୍‌ରେ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ। ମୁଣ୍ଡ ଫାଟି ଯିବାରୁ ପ୍ରଣତୀ ଖଟ ଉପରେ ପଡ଼ିଯାଇ ଚିତ୍କାର କରିଥିଲେ। ଏହାପରେ କିଛି ଦୂରରେ ଥିବା ପ୍ରଣତୀଙ୍କ ଶାଶୁଙ୍କୁ ଆକ୍ରମଣ କରିବାକୁ ଦୁର୍ବୃତ୍ତ ଜଣକ ଯାଉଥିବା ବେଳେ ବଡ଼ବୋହୂ ସ୍ୱାଗତିକା ବେହେରା (୨୬) ଜୋର୍‌ରେ ପାଟି କରିଥିଲେ। ଫଳରେ ସମ୍ପୃକ୍ତ ଦୁର୍ବୃତ୍ତ ତାଙ୍କ ଆଡ଼କୁ ଲଙ୍କା ଗୁଣ୍ଡ ଫିଙ୍ଗିବା ସହ ବାହାରୁ ଗ୍ରୀଲ୍ ବନ୍ଦ କରି ଏକ ଗଳି ବାଟ ଦେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ପରିବାର ଲୋକେ ତୁରନ୍ତ ଜରୁରିକାଳୀନ ନମ୍ବର ୧୧୨କୁ ଫୋନ କରିବାରୁ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିବା ଏସ୍‌ଆଇ ଗଙ୍ଗାଧର ବେହେରା ସୂଚନା ଦେଇଛନ୍ତି।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣା

**ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣା**
ଦେଢ଼ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ମୋରଡ଼ା, ୧୧।୯ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର ଜଣେ ସାଢ଼େ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଘଟଣାର ଦେଢ଼ ମାସ ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପ୍ରତିବାଦରେ ବୁଧବାର ଥାନା ଆଗରେ ଧାରଣା ଦିଆଯାଇଛି। ଶିଶୁ କନ୍ୟାଙ୍କ ପିତାମାତାଙ୍କ ସହ ସାମାଜିକ କର୍ମୀ, କୁଡୁମୀ ସେନା, ପେସାର ସଦସ୍ୟ, ଭାଜପା ନେତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଥାନା ଆଗରେ ଧାରଣାରେ ବସିଛନ୍ତି।

ସୂଚନା ଅନୁଯାୟୀ, ଗତ ଜୁଲାଇ ୧୩ ତାରିଖରେ ଜଣେ ୧୬ ବର୍ଷର ଆଦିବାସୀ ବାଳକ ବିଭିନ୍ନ ପ୍ରଲୋଭନ ଦେଖାଇ ଶିଶୁ କନ୍ୟାଙ୍କୁ ବଳାତ୍କାର କରିଥିଲେ। ଏନେଇ ଶିଶୁକନ୍ୟାଙ୍କ ମା’ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୧/୨୪) ରୁଜୁ



ପୋଲିସର ଅବହେଳା ପ୍ରତିବାଦରେ ଧାରଣା ଦିଆଯାଇଛି।

କରିଥିଲା। ତେବେ ଘଟଣାର ଦେଢ଼ମାସ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏହାର ପ୍ରତିବାଦରେ ଶିଶୁକନ୍ୟାଙ୍କ ମାତାପିତାଙ୍କ ସହିତ ସାମାଜିକ କର୍ମୀ ଗୀତା ହେମ୍ବ୍ରମ, କୁଡୁମୀ ସେନା ସଦସ୍ୟ ବିଶ୍ୱନାଥ ମହାନ୍ତ, ବ୍ରଜକିଶୋର ନାଏକ, ପେସା ସଦସ୍ୟ ତପନ ମୁର୍ମୁ, ସ୍ଥାନୀୟ ଅଞ୍ଚଳବାସୀ ସାଗରାମ ମୁର୍ମୁ, ମଙ୍ଗଳ ହାଁସଦା, ଭାଜପା ମୋରଡ଼ା ମଣ୍ଡଳ ମହିଳା ସଭାପତି କୁମୁଦିନୀ ମହାକୁଡ଼ ପ୍ରମୁଖ ଥାନା ଆଗରେ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ସତ୍ୟ ନାରାୟଣ ବଳଙ୍କୁ ପଚାରିବାରୁ ଘଟଣାକୁ ନେଇ ଏକ ଟିମ୍ ଗଠନ କରାଯାଇଛି ଏବଂ ପୋଲିସ ତଦନ୍ତ ଜାରି ରଖିଛି ବୋଲି କହିଛନ୍ତି।

## ଛାତ୍ରଙ୍କୁ ହାଣିଥିଲେ ପ୍ରେମିକାଙ୍କ ନାବାଳକ ଭାଇ

ଧର୍ମଶାଳା/କାଏମା, ୧୧।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ପ୍ରେମ ବ୍ୟାପାରରୁ ଯାଜପୁର ଜିଲା ଧର୍ମଶାଳା ଥାନା ଅଭୟପୁର ଗ୍ରାମର କଲେଜ୍ ଛାତ୍ର ରୁଦ୍ରପ୍ରସାଦ ବେହେରା(୧୭)ଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ହତ୍ୟାରେ ସମ୍ପୃକ୍ତ ପ୍ରେମିକାଙ୍କ ନାବାଳକ ଭାଇଙ୍କୁ ପୋଲିସ କାବୁ କରି ବାଳସୁଧାର ଗୃହକୁ ପଠାଇଛି। ତାଙ୍କ ମା’ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ରକୁ ଜବତ କରାଯାଇ ତଦନ୍ତ ଜାରିରହିଛି। ବୁଧବାର ଧର୍ମଶାଳା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଭିନୀତ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୩ ତାରିଖ ରାତିରେ ଛାତ୍ର ଜଣକ ତାଙ୍କ ପ୍ରେମିକାଙ୍କୁ ଦେଖାକରିବାକୁ ଆସିଥିଲେ। ଉଭୟ ପ୍ରେମିକା ଓ ଛାତ୍ର ଜଣକ ଅସଂଯତ ଅବସ୍ଥାରେ ଥିବାବେଳେ ପ୍ରେମିକାଙ୍କ ସାନଭାଇ ଏହାଦେଖି ଏକ ଧାରୁଆ ଅସ୍ତ୍ରରେ ଛାତ୍ରଙ୍କୁ ଆକ୍ରମଣ କରିଥିଲେ।




ଖବରଦାତା ସମ୍ମିଳନୀରେ ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

ଛାତ୍ର ଜଣକ ସେଠାରୁ ଖସି ପଳାଉଥିବା ସମୟରେ ନାଳରେ ପଡ଼ି ତାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ନାବାଳକଙ୍କୁ ତାଙ୍କ ମା’ସହଯୋଗ କରିବା ସହ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ।

ସୂଚନାଯୋଗ୍ୟ, ଅଭୟପୁର ଗ୍ରାମର ନରହରି ବେହେରାଙ୍କ କଲେଜ ପଢୁଆ ପୁଅ ରୁଦ୍ରପ୍ରସାଦ ଗତ ୩ ତାରିଖ ରାତିରେ ଘରୁ ଆସି ଆଉ ଫେରି ନ ଥିଲେ। ଏନେଇ ୪ ତାରିଖରେ ଛାତ୍ରଙ୍କ ବାପା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବାବେଳେ ୫ ତାରିଖ ସକାଳେ ରଥିଆ ନିକଟ ଶଗଡିଆ ନାଳରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଛାତ୍ରଙ୍କ ବାପାଙ୍କୁ ଡକାଇ ମୃତଦେହ ଚିହ୍ନଟ କରିଥିଲା। ମୃତଦେହ ରୁଦ୍ରପ୍ରସାଦଙ୍କର ବୋଲି ଜଣାପଡ଼ିଥିଲା। ତେବେ କିଏ କାହିଁକି ତାଙ୍କୁ ହତ୍ୟା କଲେ ସେନେଇ ପୋଲିସ ଖୋଳତାଡ଼ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ଏସ୍‌ପି ଓ ଏସ୍‌ଡିପିଓ ପହଞ୍ଚି ଅନୁସନ୍ଧାନ କରିଥିଲେ। ପୋଲିସର ପ୍ରାଥମିକ ତଦନ୍ତରେ ଏହା ଏକ ପ୍ରେମ ଜନିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଇଥିଲା। ତେଣୁ ମୃତଦେହ ମିଳିଥିବା ସ୍ଥାନ ନିକଟରେ ରହୁଥିବା ଏକ ପରିବାରର ୪ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ଘଟଣାର ୭ଦିନ ପରେ ପୋଲିସ ହତ୍ୟାଘଟଣାର ସୁରାକ ପାଇବାରେ ସକ୍ଷମ ହୋଇଥିଲା। ଏନେଇ ଥାନାରେ ନଂ.୬୭୦/୨୪ରେ ଏକ ମାମଲା ରୁଜୁ ହୋଇଛି।

**ପ୍ରେମ ବ୍ୟାପାରରୁ ଛାତ୍ରଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ**
- ପ୍ରେମିକାଙ୍କ ମା’ ଗିରଫ
- ବାଳସୁଧାର ଗୃହକୁ ଗଲେ ଭାଇ

# ବେଦ ଓ ବୈଦିକ ଦର୍ଶନ



ଦେବଦତ୍ତ ପଟ୍ଟନାୟକ

ବେଦ ବିଷୟରେ କହିବାବେଳେ ଆମକୁ ଏହାର ପଦ୍ୟାତ୍ମକ ସ୍ତୋତ୍ର, ଗଦ୍ୟାତ୍ମକ ମନ୍ତ୍ର ଏବଂ ଦର୍ଶନ ମଧ୍ୟରେ ପାର୍ଥକ୍ୟ ଜାଣିବାକୁ ପଡ଼ିବ। ବୈଦିକ ସ୍ତୋତ୍ର ହେଉଛି ବେଦର ପୁରାତନ ଭାଗ, ଯାହା ୩୦୦୦ ବର୍ଷରୁ ଅଧିକ ପୁରୁଣା। ଏହାପରେ ବୈଦିକ ମନ୍ତ୍ର ଏବଂ ପରେ ବୈଦିକ ଦର୍ଶନ ଆସିଥିଲା ଏବଂ ଏଗୁଡ଼ିକ ବ୍ରାହ୍ମଣ ପରିବାର ଦ୍ୱାରା ମୌଖିକ ଭାବରେ ପ୍ରସାରିତ ହୋଇଥିଲା ଓ ୨,୦୦୦ ବର୍ଷରୁ କମ୍ ବର୍ଷ ପୂର୍ବେ ଲେଖାଯାଇଥିଲା। ବୈଦିକ ସ୍ତୋତ୍ର କିମ୍ବା ମନ୍ତ୍ର ସଂହିତା ଭାବେ ରହିଛି। ତେବେ ଋଗ୍ ସଂହିତାରେ ପୁରାତନ ବୈଦିକ ସ୍ତୋତ୍ର ଅଛି। ପ୍ରାୟ ୧୦୦୦ ସ୍ତୋତ୍ରକୁ ୧୦ଟି ପୁସ୍ତକ କିମ୍ବା ମଣ୍ଡଳରେ ବିଭକ୍ତ କରାଯାଇଛି। ଏଥିରୁ ନବେ ପ୍ରତିଶତ ହେଉଛି ସ୍ୱର୍ଗରେ ରହୁଥିବା ଦେବତାମାନଙ୍କୁ ଆମନ୍ତ୍ରଣ ବା ସ୍ତୁତି କରିବା ମନ୍ତ୍ର। ଯାହାଙ୍କୁ ନୈବେଦ୍ୟ ଗ୍ରହଣ କରିବା ଲାଗି ଆବାହନ କରି ତା' ବଦଳରେ କର୍ତ୍ତା ସାଂସାରିକ ଜୀବନରେ ସଫଳତା ମାଗିଥାଏ ; ଯେପରିକି ସନ୍ତାନ, ସ୍ୱାସ୍ଥ୍ୟ, ଯୁଦ୍ଧରେ ବିଜୟ ଇତ୍ୟାଦି। ଏହି ସଂହିତାର ୧୦ ପ୍ରତିଶତ ବିଭିନ୍ନ ପ୍ରକାର ଦର୍ଶନ ଏବଂ ବୈଶ୍ୱିକ କଳ୍ପନା ସହ ଜଡ଼ିତ।

ଋଗ୍ ବେଦ ସ୍ତୋତ୍ରର କିଛି ଅଂଶ ସାମ ବେଦର ଅଂଶ ହୋଇଛି। ଏଥିରେ ଋଗ ବେଦର ଲେଖା ସଙ୍ଗୀତମୟ ମନ୍ତ୍ର ଆକାରରେ ରହିଛି। ଏହି ମନ୍ତ୍ରଗୁଡ଼ିକ ୨ ପ୍ରକାରର: ପ୍ରଥମଟି ହେଉଛି ଗ୍ରାମ ଗାନ , ଯାହା ଜନବସତିରେ ଗାନ କରାଯାଏ ଏବଂ ଦ୍ୱିତୀୟଟି ଅରଣ୍ୟ ଗାନ ନାମରେ ଜଣାଶୁଣା ଓ ତାହା ଜଙ୍ଗଲରେ ଗାନ କରାଯାଏ। ଯଜୁର୍ବେଦରେ ଋଗ୍ ବେଦର ଅନେକ ସ୍ତୋତ୍ର ରହିଛି। ଏହା ସହ ଏହାର କିଛି ମୂଳ ଗଦ୍ୟାତ୍ମକ ମନ୍ତ୍ର ମଧ୍ୟ ରହିଛି। କିନ୍ତୁ ଏହି ମନ୍ତ୍ରଗୁଡ଼ିକ ରୀତିନୀତି ପାଳନ ସହିତ ବିଶେଷ ଭାବରେ ଜଡ଼ିତ । ସେଥିରେ ଥିବା ସ୍ୱତନ୍ତ୍ର ସ୍ତୋତ୍ର କିମ୍ବା ମନ୍ତ୍ରକୁ ଯଜୁସ୍ କୁହାଯାଏ। ଏହାକୁ ନିର୍ଦ୍ଦିଷ୍ଟ କର୍ମକାଣ୍ଡରେ ଆବୃତ୍ତି କରାଯାଇଥାଏ। ଅନେକ ଶାସ୍ତ୍ରରେ, ଏହି ତିନୋଟିକୁ ବେଦ ଭାବରେ ବିବେଚନା କରାଯାଏ। ସେଗୁଡ଼ିକ ଲୋକେ ପାଳନ କରୁଥିବା ରୀତିନୀତିର ଏକ ଅଂଶ ଥିଲା । ଅଥର୍ବ ବେଦ ମଧ୍ୟ ସ୍ତୋତ୍ରଗୁଡ଼ିକର ଏକ ସମାହାର, କିନ୍ତୁ ଏଗୁଡ଼ିକ ମୁଖ୍ୟତଃ



ଜୀବନର ସ୍ୱାସ୍ଥ୍ୟ, ସୌଭାଗ୍ୟ ପାଇଁ ବ୍ୟବହୃତ ହୋଇଥାଏ ଏବଂ ଅନିଷ୍ଟକାରୀ ଆତ୍ମା , ଲୋକଙ୍କ ଈର୍ଷା ଏବଂ କ୍ରୋଧ ଦୂରକରିବା ପାଇଁ ଗାନ କରାଯାଇଥାଏ। ସେଥିରେ ମଧ୍ୟ କିଛି କାଳ୍ପନିକ ସିଦ୍ଧାନ୍ତସମ୍ମତ ସ୍ତୋତ୍ର ଅଛି, କିନ୍ତୁ ସାଧାରଣତଃ ଅଥର୍ବ ବେଦକୁ ମୂଳ ବୈଦିକ ସିଦ୍ଧାନ୍ତର ଅଂଶ ଭାବରେ ଦେଖାଯାଇ ନ ଥିଲା। ସେସବୁ ସାର୍ବଜନୀନ ରୀତିନୀତିର ଅଂଶ ବି ନ ଥିଲା।

ହରିୟାଣା ଅଞ୍ଚଳରେ ଋଗ୍‌ବେଦ ସଂକଳିତ ହୋଇଥିଲା। ଅନ୍ୟ ବେଦ ଗଣ୍ଡକ ନଦୀର ପୂର୍ବରେ ଥିବା ଗଙ୍ଗା-ଯମୁନା ଅବବାହିକାରେ ରଚନା କରାଯାଇଥିଲା। ଋଗ୍‌ବେଦର ଏକ ତୃଣଭୂମି ଅଞ୍ଚଳର ଯାଯାବର ଲୋକଙ୍କ ସହ ସମ୍ପର୍କ ଥିବାବେଳେ ଯଜୁର୍ବେଦ ଚାଷକରି ବସତି ସ୍ଥାପନପୂର୍ବକ ଜୀବନ ନିର୍ବାହ କରୁଥିବା ତଥା ପୂର୍ବ ଦିଗକୁ ଯାଇଥିବା ଲୋକଙ୍କ ସହ ଜଡ଼ିତ ଥିଲା। ସମୟକ୍ରମେ, ଗଦ୍ୟାତ୍ମକ ମନ୍ତ୍ର ଲେଖିବା ଆରମ୍ଭ ହେଲା। ଏଗୁଡ଼ିକ ବ୍ରାହ୍ମଣ ଏବଂ ଅରଣ୍ୟକ ନାମରେ ଜଣାଶୁଣା, ଯାହାକି ରାଜତ୍ୱ ସମ୍ବନ୍ଧୀୟ ବୃହତ୍ ସାମୂହିକ ସମାରୋହ ରୀତିନୀତି ପାଳନ ପାଇଁ ଏବଂ ଅରଣ୍ୟକଗୁଡ଼ିକ (ଅରଣ୍ୟ ଗ୍ରନ୍ଥ) ଗାଁ ବାହାରେ କରାଯାଉଥିବା କର୍ମକାଣ୍ଡ ଲାଗି ଉଦ୍ଦିଷ୍ଟ ଥିଲା। ବ୍ରାହ୍ମଣଗ୍ରନ୍ଥଗୁଡ଼ିକ ହେଉଛି ରୀତିନୀତିର ଗଦ୍ୟ ସଙ୍କଳନ । ପନ୍ଦର ଦିନରେ ପୂର୍ଣ୍ଣିମା ଏବଂ ଅମାବାସ୍ୟା ଦିନ ରୀତିନୀତି ପାଳନ କରାଯାଉଥିଲା କିମ୍ବା ପ୍ରାକ୍ ମୌସୁମୀ ଅବଧି, ମୌସୁମୀ ଅବଧି ଏବଂ ମୌସୁମୀ ପରବର୍ତ୍ତୀ ଅବଧିର ଶେଷକୁ ସୂଚିତ କରିବା ସକାଶେ ପ୍ରତି ୪ ମାସରେ ଏସବୁ ପାଳନ କରାଯାଉଥିଲା । ରାଜାଙ୍କ ଶକ୍ତି ବୃଦ୍ଧି କରିବା ଲାଗି ରାଜ ଅଭିଷେକ ଏବଂ ବାର୍ଷିକ ରୀତିନୀତି ସହିତ ମଧ୍ୟ ଏଗୁଡ଼ିକର ସମ୍ପର୍କ ଥିଲା। ଧୀରେ ଧୀରେ ସୁଲ୍‌ବା ସୂତ୍ରରେ ଏଗୁଡ଼ିକ ଉଲ୍ଲେଖ କରାଗଲା। ଅବଶ୍ୟ, ଖ୍ରୀଷ୍ଟପୂର୍ବ ୫୦୦ ପରେ ଯେତେବେଳେ ଭାରତର ପୂର୍ବ ଭାଗରେ ବୌଦ୍ଧଧର୍ମ ଉଭା ହେଲାବେଳେ ସେସବୁ ଗୁରୁତ୍ୱ ହରାଇବାକୁ ଲାଗିଲେ। ଏହି ସମୟ ପରେ, ପ୍ରାୟତଃ ଗୃହରେ ପାଳିତ ବୈଦିକ ରୀତିନୀତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାର ଆମେ ଦେଖିବାକୁ ପାଉ ଏବଂ ଏଗୁଡ଼ିକ ଗୃହ ସୂତ୍ରରେ ଲେଖା ହୋଇଗଲା। ପାଖାପାଖି ଏହି ସମୟରେ ଶାସ୍ତ୍ର ସାହିତ୍ୟ ଯଥା ଧର୍ମଶାସ୍ତ୍ରଗୁଡ଼ିକ ଗଦ୍ୟ ଆକାରରେ ରଚନା କରାଯାଇଥିଲା।

ଖ୍ରୀଷ୍ଟାବ୍ଦ ୫୦୦ ପରେ, ଉଭୟ ବୈଦିକ ସ୍ତୋତ୍ର ଏବଂ ବୈଦିକ ମନ୍ତ୍ର ସେମାନଙ୍କର ଗୁରୁତ୍ୱ ହରାଇବା ସହ ବୈଦିକ ଦର୍ଶନର ଉତ୍‌ଥାନ ହୋଇଥିବା ଆମେ ଦେଖିବାକୁ ପାଉ। ଏହି ଦର୍ଶନ ଉପନିଷଦରେ ବର୍ଣ୍ଣନା କରାଯାଇଛି। ଦେଖିବାକୁ ଗଲେ ସମଗ୍ର ଭାରତରେ ବିଭିନ୍ନ ବୈଦିକ ଶିକ୍ଷାଧାରା ବା ବିଚାରଧାରା ଦେଖିବାକୁ ପାଉ। ପ୍ରତ୍ୟେକେ ସ୍ତୋତ୍ର ବା ମନ୍ତ୍ର ସଙ୍କଳିତ ଗ୍ରନ୍ଥ ଯଥା ଋଗ୍‌ବେଦ, ସାମବେଦ କିମ୍ବା ଯଜୁର୍ବେଦ ଉପରେ ଧ୍ୟାନ ଦେଇଥିଲେ। ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟିର ଏକ ଗଦ୍ୟାତ୍ମକ ଗ୍ରନ୍ଥ ଏବଂ ଏକ ଦର୍ଶନ ବା ଉପନିଷଦ ଅଛି। କିନ୍ତୁ ଏବେ ଯେତେବେଳେ ଲୋକମାନେ ବେଦ ବିଷୟରେ ଚର୍ଚ୍ଚା କରନ୍ତି, ସେତେବେଳେ ସେମାନେ ବୈଦିକ ଦର୍ଶନ ବା ବେଦାନ୍ତ ବିଷୟରେ ହିଁ କହିଥାନ୍ତି। ଖ୍ରୀଷ୍ଟାବ୍ଦ ୫୦୦ ପରେ ଏସବୁ ଲୋକପ୍ରିୟ ହୋଇଥିଲା। ବିଶେଷକରି ଖ୍ରୀଷ୍ଟାବ୍ଦ ୮୦୦ ପରେ ଆଦି ଶଙ୍କରାଚାର୍ଯ୍ୟ ଏବଂ ତାଙ୍କୁ ଅନୁସରଣ କରୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଏହାକୁ ଅଧିକ ପ୍ରଚାରପ୍ରସାର କରାଯାଇଥିଲା। ବୈଦିକ ଦର୍ଶନରେ ରୀତିନୀତି ବା କର୍ମକାଣ୍ଡବାଦକୁ କମ୍ ଗୁରୁତ୍ୱ ଦିଆଯାଇ ଆତ୍ମା ଓ ମନୁଷ୍ୟ ଶରୀର ତଥା ଆମ ଚାରିପାଖରେ ଥିବା ବିଶ୍ୱ ସହିତ ଏହାର ସମ୍ପର୍କ ଭଳି ଦାର୍ଶନିକ ଚିନ୍ତାଧାରାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ଏଗୁଡ଼ିକ ହେଉଛି ମୋକ୍ଷ ବା ମୁକ୍ତିର ଧାରଣା। ରୀତିନୀତି ସିଦ୍ଧାନ୍ତ କିମ୍ବା ମୀମାଂସା ବା ବୈଦିକ ବିଚାରଧାରା ଶେଷରେ ମନ୍ଦିର ପରମ୍ପରା ସହ ଲୀନ ହୋଇଗଲେ। ଏପରିକି ଏବେ ମଧ୍ୟ ଯେତେବେଳେ ଲୋକେ ବେଦ କଥା କୁହନ୍ତି, ସେମାନେ ପ୍ରକୃତରେ ବୈଦିକ ଦର୍ଶନକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଅନ୍ୟପକ୍ଷରେ ବୈଦିକ ମନ୍ତ୍ର , ବୈଦିକ ସ୍ତୋତ୍ର ଏବଂ ବୈଦିକ ରୀତିନୀତି ଉପରେ ଖୁବ୍ କମ୍ ଆଲୋଚନା କରିଥାନ୍ତି।

–devduttofficial@gmail.com

# ସନ୍ତାନର ପ୍ରଥମ ଶିକ୍ଷକ



ଡ. ବିଜୟଲକ୍ଷ୍ମୀ ଭୂୟାଁ

ପରିବାରରେ ମାଆର ଅନେକ ଦାୟିତ୍ୱ। ରନ୍ଧାବଢ଼ା, ଅତିଥି ଚର୍ଚ୍ଚା, ଗୃହ ପରିଚାଳନା, ପିଲାର ଯତ୍ନ, ଶାଶୁ ଶ୍ୱଶୁରଙ୍କ ସେବା ଇତ୍ୟାଦି। କିନ୍ତୁ ସବୁ ଭିତରେ ସେ ପିଲାଟିକୁ ଆଖିପତା ପରି ଜଗି ରହିଥାଏ। ପିଲାଟି ଧୀରେ ଧୀରେ ବଢ଼ିବାକୁ ଲାଗେ। ତା' ସହ ତା'ର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୁଏ। ପିଲାଟି ତା'ର ପରିବେଶରୁ ବେଶ୍ ଜଲ୍‌ଦି ସବୁ କିଛି ଶିଖିବାକୁ ଆରମ୍ଭକରେ। ଏ ପିଲାଟି ବିଦ୍ୟାଳୟ ଯିବା ପୂର୍ବରୁ ମାଆ ସିଲଟ ଖଡ଼ି ଧରି ଗୋଲ ବୁଲାଇ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମ ଶିଖାଇ ଆଶୀର୍ବାଦ ପ୍ରାପ୍ତ କରାଏ। ଫଳରେ ପିଲାଟି ବିଦ୍ୟା ଲାଭକରିବା ପୂର୍ବରୁ ଆଧ୍ୟାତ୍ମିକ ଶକ୍ତି ଓ ଈଶ୍ୱରଭକ୍ତି ଲାଭକରେ। ମାଆ ଉଚ୍ଚ ତଥା ସୁଶିକ୍ଷିତା ହେବା ଆବଶ୍ୟକ। ଫଳରେ ସେ ପିଲାଟିକୁ ପ୍ରଥମରୁ ଉପଯୁକ୍ତକରି ଗଢ଼ି ତୋଳିପାରିବ। ମା' ଯେପରି ହେବ ପିଲାଟି ତାକୁ ଅନୁସରଣ କରିବ। ତେଣୁ ମାଆ ନିଜ ଆଚାର ବ୍ୟବହାରରେ ସତର୍କ ରହିବା ଉଚିତ।

ମାଆ କୋଳ ପିଲାର ପ୍ରାଥମିକ ବିଦ୍ୟାଳୟ। ମାଆ ତା' ପିଲାକୁ କୋଳରେ ଶୁଆଇ ନାନାବାୟା ଗୀତ ଗାଇ ସଙ୍ଗୀତ ଶିଖାଏ, ଆଙ୍ଗୁଳି ଗଣି ଗଣିତ ଶିଖାଏ, ବିଭିନ୍ନ ଗଳ୍ପ କହି ତା' ମାଧ୍ୟମରେ ନୀତିଶିକ୍ଷା ଓ ସାହିତ୍ୟ ଶିକ୍ଷା ଦିଏ, ପୁରାଣ ରାମାୟଣରୁ ଗପ କହି ଧର୍ମ ମାର୍ଗରେ ନେବାକୁ ଚେଷ୍ଟାକରେ। ଗୁରୁ ଗୁରୁଜନ ତଥା ଭଗବାନ୍‌ଙ୍କୁ ଭକ୍ତି କରିବା ଶିକ୍ଷା ଦିଏ ଓ ଏହିପରି ଆହୁରି କେତେକଣ ଉପଦେଶ ଦେଇ ପିଲାଟିକୁ ବାଲ୍ୟକାଳରୁ ଉପଯୁକ୍ତକରି ଗଢ଼ି ତୋଳିବାକୁ ପ୍ରୟାସକରେ। ଜଣେ ସମର୍ପିତା ମାଆ ପିଲାକୁ ଭଲ ମଣିଷଟିଏ କରି ବଢ଼ାଇବାକୁ ଦୃଢ଼ ନିଶ୍ଚିତ ରହେ। କେବଳ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ତା'ର ଲକ୍ଷ୍ୟ ହୋଇଥାଏ। କାରଣ ପିଲାଟି ଉପଯୁକ୍ତ ହେଲେ ତା' ପରିବାରର ଭବିଷ୍ୟତ ଉଜ୍ଜ୍ୱଳମୟ ହୁଏ। ଫଳରେ ଦେଶର, ରାଷ୍ଟ୍ରର ତଥା ବିଶ୍ୱର ଉନ୍ନତି ହୁଏ। ତେଣୁ ଜଣେ ଉପଯୁକ୍ତ ମାଆ କେବଳ ପରିବାରର ନୁହେଁ ସେ ମଧ୍ୟ ରାଷ୍ଟ୍ରୀୟ ସମ୍ପତ୍ତି।

ମାଆମାନଙ୍କୁ ସମାଜରେ ସବୁବେଳେ ଶ୍ରେଷ୍ଠସ୍ଥାନ ଦିଆଯାଇଛି। ଆଦିକବି ଶଙ୍କରାଚାର୍ଯ୍ୟଙ୍କ ଭାଷାରେ – 'କୁପୁତ୍ର ଜାୟତେ କ୍ୱଚିଦପି, କୁମାତା ନଭବତି।' ଅର୍ଥାତ୍ ସଂସାରରେ ମନ୍ଦପୁତ୍ର ଜାତ ହୋଇପାରେ ମାତ୍ର ମାଆ କଦାପି ମନ୍ଦ ହୋଇପାରନ୍ତି ନାହିଁ। କାରଣ ମାଆ ସବୁବେଳେ ନିଃସ୍ୱାର୍ଥପର ଭାବରେ ସନ୍ତାନର ଲାଳନପାଳନ ତଥା ସେବାଯତ୍ନ କରେ। ସେ ଚାହେଁ ତା'ର ସନ୍ତାନ ବୁଦ୍ଧିମାନ୍, ବିଦ୍ୱାନ, ଶାନ୍ତ ସରଳ ଓ ଈଶ୍ୱର ବିଶ୍ୱାସୀ ହେଉ। ସମାଜରେ ତା'ର ତଥା ପରିବାରର ନାମ ଓ ଯଶ ପ୍ରତିଷ୍ଠା କରୁ। ସେଥିପାଇଁ ସେ ପିଲାଟି ପ୍ରତି ପ୍ରଥମରୁ ଯତ୍ନବାନ୍ ହୁଏ। ଗୁରୁଜନଙ୍କୁ କିପରି ଭକ୍ତି କରିବାକୁ ହୁଏ ଏବଂ ଭବିଷ୍ୟତରେ କିପରି ଉତ୍ତମ ମଣିଷଟିଏ ହେବ ସେଥିପାଇଁ ଭଗବାନ୍‌ଙ୍କ ପାଖରେ ସଦାସର୍ବଦା ଗୁହାରି କରୁଥାଏ। ତେଣୁ ମାଆଠାରୁ ବଳି ଭଲ ଶିକ୍ଷକ ଓ ପଥପ୍ରଦର୍ଶକ ଆଉ କିଏ ହୋଇପାରେ? ଏଇଠି ଆମେ କେତେଜଣ ଆଦର୍ଶ ମାତାଙ୍କର ଉଦାହରଣ ଦେଇପାରିବା। ଶ୍ରୀରାମ ମାତା କୌଶଲ୍ୟାଙ୍କ ଯତ୍ନରେ ସଦାସର୍ବଦା ସତ୍ୟପଥରେ ଚାଲୁଥିଲେ। ଲବ ଓ କୁଶ ମାତା ସୀତାଙ୍କ ତତ୍ତ୍ୱାବଧାନରେ ବିଦ୍ୱାନ ଓ ଶକ୍ତିଶାଳୀ ହୋଇପାରିଥିଲେ। ଶିବାଜୀଙ୍କ ବୀରତ୍ୱ ପାଇଁ ମାତା ଜୀଜାବାଈଙ୍କର ପ୍ରେରଣା ଅନ୍ତର୍ନିହିତ। ପୁତୁଲିବାଈଙ୍କ ପ୍ରେରଣାରେ ମୋହନଦାସ ମହାତ୍ମାରେ ପରିଣତ ହୋଇପାରିଥିଲେ। ଏହିପରି ଅନେକ ଆଦର୍ଶ ମାତାଙ୍କର ଉଦାହରଣ ଆମ ପୁରାଣ ତଥା ଇତିହାସରେ ବର୍ଣ୍ଣିତ।

ସମ୍ପ୍ରତି ମାତୃଜାତି ପ୍ରତି କିଛି ଆହ୍ୱାନ ରହିଛି। ପୂର୍ବରୁ ମାଆମାନେ ପିଲାମାନଙ୍କୁ ସକାଳେ ସନ୍ଧ୍ୟାରେ ପ୍ରାର୍ଥନାକରି ପଢ଼ି ବସିବାକୁ ଶିଖାଉଥିଲେ। ଆଜିକାଲି ଅଧିକାଂଶ ମାତା ସେହି ସମୟରେ ପିଲାଙ୍କୁ ପାଠ ପଢ଼ିବାକୁ ବାଧ୍ୟ କରୁଛନ୍ତି କିମ୍ବା ଟିଉଶନ ପଠାଇଦେଇ ନିଶ୍ଚିନ୍ତରେ ରହୁଛନ୍ତି। ଏହାଦ୍ୱାରା ମାଆମାନେ ପିଲାମାନଙ୍କୁ ପ୍ରକୃତ ଜ୍ଞାନ ପ୍ରଦାନ କରିବା ବଦଳରେ ଗୋଟିଏ ଲେଖାଏଁ ପୁସ୍ତକକୀଟରେ ପରିଣତ କରୁଛନ୍ତି। ସେମାନେ ଜାଣିରଖିବା ଉଚିତ ଯେ ପିଲାମାନଙ୍କର ନୈତିକତାର ସ୍ଖଳନ ପାଇଁ ସେମାନେ ନିଜେ ହିଁ ଦାୟୀ। ଦେଶର ଉତ୍ତର ପୁରୁଷର ବଂଶଧରଗଣ ଆଜିର ମାତୃଜାତି ଦ୍ୱାରା ଗଠିତ ହେବେ। ଅନ୍ତତଃ ଆଗାମୀ କାଳର ବଂଶଧରମାନଙ୍କୁ ରକ୍ଷାକରିବା ନିମନ୍ତେ ଆଜିର ମାଆ ମାନଙ୍କୁ ସାବଧାନ ହେବାକୁ ପଡ଼ିବ। ମନେରଖିବା ଉଚିତ ମାତା ହିଁ ଦିବ୍ୟଜନନୀଙ୍କ ମୂର୍ତ୍ତିମନ୍ତ ପ୍ରତୀକ ଓ ତା' ସନ୍ତାନର ପ୍ରଥମ ଶିକ୍ଷକ।

**ଅବସରପ୍ରାପ୍ତ ରିଡର, ଶୈଳବାଳା ମହାବିଦ୍ୟାଳୟ**
**ମୋ: ୯୮୬୧୩୫୫୬୨୮**

## ଏଇ ଭାରତରେ

ପ୍ରଦୂଷଣ ହ୍ରାସ କରିବା ପାଇଁ ବୈଦ୍ୟୁତିକ ଯାନ (ଇଭି)ର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଏଥିପାଇଁ ଭିତ୍ତିଭୂମି ବିଶେଷକରି ଚାର୍ଜରର ଉପଲବ୍ଧତାରେ ଅଭାବ ଦେଖାଯାଇଛି। ତେବେ ଏଭଳି ସମସ୍ୟା ଦୂର କରିବାରେ ଏବେ ଚେନ୍ନାଇସ୍ଥିତ ପ୍ଲୁଜମାର୍ଟ ଷ୍ଟାର୍ଟଅପ୍ ଦ୍ୱାରା ନିର୍ମିତ ଫାଷ୍ଟ ଇଭି ଚାର୍ଜର ସହାୟକ ହୋଇପାରିବ। ଏହା କେବଳ ୪ ଚକିଆ ଯାନ ପାଇଁ ନିର୍ମାଣ କରାଯାଇଛି। ଏହି ୬୦ କିଲୋୱାଟ୍ ଡିସି ଚାର୍ଜରରେ ୩୦ରୁ ୮୦ ମିନିଟ ମଧ୍ୟରେ କାର ଚାର୍ଜ ହୋଇପାରୁଛି। ଏହା ଅଟୋମେଟିଭ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଆର୍‌ଏଆଇ)ର ସ୍ୱୀକୃତି ଲାଭ କରିଛି। ଫଳରେ ଏହା ସୁରକ୍ଷା ଓ କାର୍ଯ୍ୟକ୍ଷମତା ମାନକ ସମ୍ପନ୍ନ ଭାବେ ପୂରଣ କରିପାରିଛି। ପ୍ଲୁଜମାର୍ଟ ଷ୍ଟାର୍ଟଅପର ପ୍ରତିଷ୍ଠାତା ଓ ସିଇଓ ହେଉଛନ୍ତି ବିବେକ ଶ୍ୟାମନାଥନ ଏବଂ ସହ ପ୍ରତିଷ୍ଠାତା ରହିଛନ୍ତି ରାଘବେନ୍ଦ୍ର ରବିଚନ୍ଦ୍ରନ। ତେବେ ଚାଇନାରୁ ଆମଦାନୀ କରାଯାଉଥିବା ଇଭି ଚାର୍ଜର ତୁଳନାରେ ଏହା ଶସ୍ତା ଏବଂ ଖୁବ୍‌ଶୀଘ୍ର ଚାର୍ଜ ହୋଇପାରୁଛି। ଏଥିରେ ଥିବା ଇଣ୍ଟର୍ନାଲ ରେକ୍ଟିଫାୟର ଏସି ପାୱାରକୁ ଡିସି ପାୱାରରେ ପରିବର୍ତ୍ତନ କରି ସିଧା ବ୍ୟାଟେରିକୁ ଯୋଗାଇ ଦେଉଛି। ଛୋଟ ବ୍ୟାଟେରି ୩୦ ମିନିଟରେ ୭୫% ଚାର୍ଜ ହେଉଥିବାବେଳ ବଡ଼ ବ୍ୟାଟେରି ୬୦-୮୦ ମିନିଟରେ ୮୦% ଚାର୍ଜ ହୋଇପାରୁଛି। ଏହାର ଦାମ୍ ୮ରୁ ୯ ଲକ୍ଷ ଟଙ୍କା ରହିଛି। ବିଶେଷକରି ସାର୍ବଜନୀନ ପରିବହନ କ୍ଷେତ୍ରରେ ଥିବା ବହୁ କମ୍ପାନୀ ଏହାକୁ କିଣିବା ଲାଗି ଅର୍ଡର ଦେଇଥିବା କୁହନ୍ତି ବିବେକ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୨ ସେପ୍ଟେମ୍ବର ୧୯୭୫**

- ରାଜ୍ୟରେ ମଧ୍ୟବିତ୍ତ ଓ ସ୍ୱଳ୍ପ ବେତନଭୋଗୀ ସରକାରୀ କର୍ମଚାରୀଙ୍କୁ ଗୃହ ଯୋଗାଣ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧ କୋଟି ୨୫ ଲକ୍ଷ ଟଙ୍କା ଋଣ ମଞ୍ଜୁର।
- କଚ୍ଛ ଉପକୂଳବର୍ତ୍ତୀ ସମୁଦ୍ର ମଧ୍ୟରୁ ଗୁଜରାଟ ସୀମାନ୍ତ ପୋଲିସ ୫ ଜଣ ପାକିସ୍ତାନୀଙ୍କ ସମେତ ୧୭ ଜଣ ଅନୁପ୍ରବେଶକାରୀଙ୍କୁ ଗିରଫ କରିଛନ୍ତି।
- ଲେବାନନର ତ୍ରିପୋଲି ଓ ଏହାର ଆଖପାଖବର୍ତ୍ତୀ ଇଲାକାରେ ପରସ୍ପର ବିରୋଧୀ ରାଜନୈତିକ ଦଳ ମଧ୍ୟରେ ଘଟିଥିବା ସଂଘର୍ଷରେ ୩୫୦ ଜଣ ବ୍ୟକ୍ତି ନିହତ।

# ଅନୁପ୍ରବେଶ, ଡାର୍କ ଟୁରିଜମ୍



ବୈକୁଣ୍ଠନାଥ ମିଶ୍ର

ପର୍ଯ୍ୟଟନର ଅର୍ଥ କୌଣସି ସ୍ଥାନ ଭ୍ରମଣ କରିବା ଓ ସେ ସ୍ଥାନର ଭୌଗୋଳିକ ତଥା ପ୍ରାକୃତିକ ଦୃଶ୍ୟରାଜି ଉପଭୋଗ କରିବା। ପର୍ଯ୍ୟଟନ ସାଧାରଣତଃ ତିନିପ୍ରକାରର ଯଥା ସ୍ଥାନୀୟ, ଦେଶୀୟ ଓ ଆନ୍ତର୍ଜାତିକ। ପର୍ଯ୍ୟଟନ ଅବଧି ସ୍ୱଳ୍ପକାଳ କିମ୍ବା ଦୀର୍ଘ ପରିବ୍ୟାପ୍ତ ହୋଇପାରେ। ପୂର୍ବେ ଜଳଯାତ୍ରା ଥିଲା ବିଦେଶ ଭ୍ରମଣର ଉପଯୁକ୍ତ ମାଧ୍ୟମ। ସେ ଯୁଗରେ ଜାହାଜରେ ଜଳଯାତ୍ରା କଲେ ଧର୍ମନଷ୍ଟ ହେବାର ଭୟ ହିନ୍ଦୁମାନଙ୍କ ମନରେ ଥିଲା। ତଥାପି ଅନନ୍ୟୋପାୟ ହୋଇ ଜଳଯାତ୍ରା କରିବାକୁ ହେଉଥିଲା। ଗାନ୍ଧିଜୀଙ୍କର ଜଳଯାତ୍ରାରେ ବିଦେଶ ଗମନ କିପରି ପ୍ରତିବନ୍ଧକ ସୃଷ୍ଟି କରିଥିଲା, ତାହା ସେ ତାଙ୍କ ଆତ୍ମଜୀବନୀ 'ମାଇଁ ଏକ୍ସପେରିମେଣ୍ଟସ୍ ଉଇଥ୍ ଦି ଟ୍ରୁଥ୍'ରେ ବର୍ଣ୍ଣନା କରିଛନ୍ତି। ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଆମ ଦେଶକୁ ଆସନ୍ତି ଓ ଶହଶହ ଭାରତୀୟ ବିଦେଶ ଯାତ୍ରା କରୁଛନ୍ତି। ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥିତି ବେଶ୍ ସୁଦୃଢ଼। ୨୦୧୪-୧୫ ସୁଦ୍ଧା ଭାରତରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ୭୬ ଲକ୍ଷରୁ ଅଧିକ, ଯାହା ୨୦୨୩ରେ ଏକ କୋଟିରେ ପହଞ୍ଚିଛି। ସେହିପରି ୨୦୧୪-୧୫ରେ ଓଡ଼ିଶାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ୬୭ ହଜାର ଥିବା ବେଳେ ୨୦୨୩ରେ ଏହା ପାଖାପାଖି ଏକ ଲକ୍ଷ ରହିଛି।

ଅପରପକ୍ଷେ ବିନାନୁମତିରେ କୌଣସି ଦେଶରେ ବିଦେଶୀଟିଏ ପ୍ରବେଶ କଲେ ତାକୁ ଅନୁପ୍ରବେଶ ରୂପେ ବିବେଚନା କରାଯାଏ। ୧୯୭୫ରେ କେତେକ ଥାଇଲାଣ୍ଡ ଧୀବର ଭାରତର ସମୁଦ୍ରସୀମା ମଧ୍ୟକୁ ପ୍ରବେଶ କରିଥିଲେ। ସେମାନଙ୍କୁ ଧରାଯାଇ ଜଗତ୍‌ସିଂହପୁର ଅଦାଲତରେ ବିଚାର କରାଯାଇ ଆଳିପିଙ୍ଗଳ ଜେଲରେ ରଖାଗଲା। କିଛିବର୍ଷ ପରେ ସେମାନଙ୍କୁ ମୁକ୍ତି ମିଳିଲା ସତ ; କିନ୍ତୁ ସେ ଦେଶର ସରକାର ସେମାନଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ। ଫଳରେ ସେମାନେ ସ୍ଥାନୀୟ ଅଞ୍ଚଳରେ ମୂଲ ମଜୁରି ଖଟି ଜୀବିକା ନିର୍ବାହ କଲେ। ସେମାନେ ସ୍ଥାନୀୟ ଅଧିବାସୀଙ୍କ ସହିତ ବନ୍ଧୁଭାବେ ଚଳିଲେ। ଏବେ ସେମାନଙ୍କ ମଧ୍ୟରୁ ବୋଧହୁଏ କେହି ଜୀବିତ ନାହାନ୍ତି। ୨୦୦୭ରେ ଖୋକନ ଶେଖ୍ ନାମକ ଜଣେ ବାଂଲାଦେଶୀ ଅନୁପ୍ରବେଶକାରୀ ପାରାଦୀପ ପୋଲିସ ଦ୍ୱାରା ଗିରଫ ହୋଇ କୁଜଙ୍ଗ ପ୍ରଥମ ଶ୍ରେଣୀ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଲା ଓ ତିନିବର୍ଷ ଜେଲଦଣ୍ଡ ଓ ତିନିହଜାର ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିଲା। ସଂପ୍ରତି ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଯୋଗୁ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ହେଉଥିବା ଅସହ୍ୟ ଅତ୍ୟାଚାରରେ ଅତିଷ୍ଠ ହୋଇ ସେମାନେ ବାସଚ୍ୟୁତ ଭାବେ ଜଳପଥରେ ଓଡ଼ିଶା ମଧ୍ୟକୁ ପ୍ରବେଶ ପାଇଁ ଉଦ୍ୟମରତ। ଅନୁପ୍ରବେଶକୁ ରୋକିବା ପାଇଁ ଓଡ଼ିଶାର ତଟବର୍ତ୍ତୀ ଛଅ ଗୋଟି ସାମୁଦ୍ରିକ ଥାନା ଓ ସୀମାସୁରକ୍ଷା ବାହିନୀର ମିଳିତ ଉଦ୍ୟମ ଜାରି ରହିଛି। ଅନୁପ୍ରବେଶ ଆଜି ନୂଆ ନୁହେଁ। ପୂର୍ବରୁ ବିଭିନ୍ନ ସମୟରେ ବାଂଲା ଶରଣାର୍ଥୀମାନେ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳ ଅଞ୍ଚଳରେ ପ୍ରବେଶ କରି ସେଠାରେ ସ୍ଥାୟୀ ବସତି ସ୍ଥାପନ କରୁଛନ୍ତି। ସେମାନଙ୍କୁ ମିଳିଛି ସିନା ଅହେତୁକ ରାଜନୈତିକ ସମର୍ଥନ ; କିନ୍ତୁ ସେମାନଙ୍କ ଆଧିପତ୍ୟକୁ ମୂଳ ଅଧିବାସୀମାନେ ସହ୍ୟ କରିପାରୁନାହାନ୍ତି। ବିଦେଶୀଙ୍କ ଅନୁପ୍ରବେଶ ଦ୍ୱାରା ମୂଳଭୂଖଣ୍ଡର ସମସ୍ୟା ଗୁରୁତର ହୋଇଥାଏ।



ଶେଷରେ ଡାର୍କ ଟୁରିଜମ୍ ଆଲୋଚନା ସାପେକ୍ଷ। ଡାର୍କ ଟ୍ୟୁରିଜମ ଅର୍ଥ କୌଣସି ନିଷିଦ୍ଧାଞ୍ଚଳ ଓ ଦୁଃଖଦ ଘଟଣା ଘଟିଥିବା ସ୍ଥଳକୁ ଅନେକ ଉପଭୋଗ ପାଇଁ ଭ୍ରମଣ କରିବା। ନିକଟରେ କେରଳ ୱାୟନାଡ ଅଞ୍ଚଳରେ ବିଭୀଷିକା ପରେ ସେ ଅଞ୍ଚଳକୁ ବହୁସଂଖ୍ୟାରେ ପର୍ଯ୍ୟଟକ ଯାଇ ସେଠାରେ ଗହଳି ସୃଷ୍ଟି କଲେ। ପ୍ରଶାସନର ବାରଣ ସତ୍ତ୍ୱେ ସେମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇଲା। ଭୂସ୍ଖଳନଜନିତ ଦୁର୍ବିପାକର ଏତେଦିନ ପରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ ଲାଗିରହିଛି। ଭୂସ୍ଖଳନ ପରେ ଯେତେବେଳେ ୪୦ଟି ଉଦ୍ଧାରକାରୀ ଦଳ ତାଙ୍କ ଉଦ୍ୟମ ଜାରି ରଖିଥିଲେ, ସେହି ସମୟରେ ବିଭିନ୍ନ ବର୍ଗର ପର୍ଯ୍ୟଟକ ସେ ଦୃଶ୍ୟର ଆନନ୍ଦ ଉପଭୋଗ କରୁଥିଲେ। ମନେହେଉଥିଲା ସତେ ଯେପରି ବିଭୀଷିକାର ଗମ୍ଭୀରତା ଓ କାରୁଣ୍ୟ ପରିସ୍ଥିତିକୁ ନେଇ ସେମାନେ ଆଦୌ ଚିନ୍ତିତ ନ ଥିଲେ। ଏକ ପକ୍ଷରେ ଜନଗହଳି ଉଦ୍ଧାର କାର୍ଯ୍ୟରେ ବାଧାସୃଷ୍ଟି କରୁଥିଲା ଓ ଅପରପକ୍ଷେ ବିପଦର ସମ୍ଭାବନା ମଧ୍ୟ ଟଳି ନ ଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କ୍ଷୟକ୍ଷତି ଓ ଅସହାୟଙ୍କର ଅସହାୟତାକୁ ଉପଭୋଗ କରିବା ପାଇଁ ସାଧାରଣରେ ଭିଡ଼ ସୃଷ୍ଟି ହୋଇଥିଲା। ସେହିପରି ୧୯୯୯ ମହାବାତ୍ୟାରେ ଓଡ଼ିଶାର ଜଗତ୍‌ସିଂହପୁର ଜିଲାର ଉପକୂଳ ଅଞ୍ଚଳରେ ପ୍ରାୟ ୧୦ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିବା ସହ ଅକଳନୀୟ ଧନଜୀବନ ସମୁଦ୍ରର ଉଗ୍ର ତରଙ୍ଗରେ ଲୀନ ହୋଇଥିଲା। ସରକାରୀ ଓ ବେସରକାରୀ ସାହାଯ୍ୟକାରୀଙ୍କଠାରୁ ଦେଖଣାହାରୀଙ୍କ ସଂଖ୍ୟା ଢେର ଅଧିକ ଥିଲା। ବନ୍ୟା ସମୟରେ ଉଦ୍ଧାରକାରୀଙ୍କଠାରୁ ଦର୍ଶକଙ୍କ ସଂଖ୍ୟା ବହୁଗୁଣରେ ଅଧିକ। କୌଣସି ସ୍ଥାନରେ ରେଳଦୁର୍ଘଟଣା କିମ୍ବା ସଡ଼କ ଦୁର୍ଘଟଣା ଘଟିଲେ ଉଦ୍ଧାରକାରୀ ଯେତିକି ନୁହନ୍ତି, ଦେଖଣାହାରୀ ତାଙ୍କଠାରୁ ଯଥେଷ୍ଟ ଅଧିକ। କିଛି ଦୁରାତ୍ମା ତ ଧନ ସମ୍ପଦ ଆହରଣରେ ବ୍ୟସ୍ତ ରହନ୍ତି। ଖାଦ୍ୟ ସାମଗ୍ରୀ ପରିବହନ କରୁଥିବା ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେଲେ ସ୍ଥାନୀୟ ଜନସାଧାରଣ ଭିଡ଼ ସୃଷ୍ଟି କରନ୍ତି ଓ କେତେକ ମଧ୍ୟ ଖାଦ୍ୟସାମଗ୍ରୀ ବୋହି ନିଅନ୍ତି। ବସ୍ ଦୁର୍ଘଟଣାରେ ମଧ୍ୟ ସାହାଯ୍ୟକାରୀଙ୍କ ଅପେକ୍ଷା ଭ୍ରମଣକାରୀଙ୍କ ସଂଖ୍ୟା ଅଧିକ। ବାହାନଗା ରେଳ ଦୁର୍ଘଟଣା, ଯାହା ସମଗ୍ର ଭାରତବର୍ଷର ଛାତି ଥରାଇ ଦେଇଥିଲା ସେଥିରେ ଉଦ୍ଧାରକାରୀ ଦଳ ସହ ସ୍ଥାନୀୟ ଯୁବକ ସାହାଯ୍ୟର ହାତବଢ଼ାଇଥିଲେ ; ଯାହା ଅତ୍ୟନ୍ତ ପ୍ରଶଂସନୀୟ। କିନ୍ତୁ ସେ ସ୍ଥାନର ଦୃଶ୍ୟ ଉପଭୋଗ ପାଇଁ ଦୂରଦୂରାନ୍ତରୁ ବହୁଲୋକ ଆସି ଭିଡ଼ କରୁଥିଲେ ଦୁର୍ଘଟଣା ସ୍ଥଳରେ। ଡାର୍କ ଟୁରିଷ୍ଟମାନେ ଫଟୋ ଉଠାଇବା କିମ୍ବା ସେଲ୍‌ଫି ନେବା ଅତ୍ୟନ୍ତ ଅଶୋଭନୀୟ। ରାସ୍ତାରେ ଦୁର୍ଘଟଣାଗ୍ରସ୍ତ କୌଣସି ବ୍ୟକ୍ତିକୁ ସାହାଯ୍ୟକରିବା ପରିବର୍ତ୍ତେ ସେ ଦୃଶ୍ୟ ଅବଲୋକନ କରି ମଜା ନେବାକୁ ଲୋକେ ପଛଘୁଞ୍ଚା ଦିଅନ୍ତି ନାହିଁ। ୧୯୮୨ ବାନ୍ୟା ପରବର୍ତ୍ତୀ ଅବସ୍ଥାରେ ଲୋକେ ଯେତେବେଳେ ନଦୀବନ୍ଧ ଓ ଟାପୁ ଜାଗାରେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିଲେ ସେତେବେଳେ ସେମାନଙ୍କୁ ଦେଖିବା ପାଇଁ ଯେଉଁ ଭିଡ଼ ଜମୁଥିଲା, ତାହା ଅପରିକଳ୍ପନୀୟ। ଏହିସବୁ ନିଷିଦ୍ଧାଞ୍ଚଳକୁ ଯାତ୍ରାକରି ସେ ସ୍ଥାନର ଦୟନୀୟ ସ୍ଥିତିକୁ ଉପଭୋଗ କରିବାର ଅନ୍ୟନାମ ଡାର୍କ ଟୁରିଜମ୍। ଇଂଲିଶରେ ଗୋଟିଏ ପ୍ରବାଦ ଅଛି – 'ଟୁରିଜମ ଇଜ୍ ଗୁଡ୍, ବଟ୍ ଡାର୍କ ଟୁରିଜମ୍ ଇଜ୍ ନାଇଦର ପର୍ମିଶିବଲ୍ ନର ଆକ୍ସେପ୍ଟେବଲ।' ଡାର୍କ ଟୁରିଜମ୍‌କୁ ଯେତେ ଅଗ୍ରାହ୍ୟ କରିବା ମାନବିକତା ଦୃଷ୍ଟିରୁ ସେତେ ଭଲ ହେବ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | 6 | |
| 4 | | 5 | | | | | | 8 |
| 3 | | | | 9 | | | | |
| 6 | | | | | | | | |
| 7 | | 1 | | 5 | 3 | | | 6 |
| | | | 2 | | | 1 | 9 | 3 |
| 1 | | | | 6 | | | 4 | |
| | | | | | | 9 | 3 | |
| | | | 4 | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ।

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 4 | 9 | 8 | 5 | 7 | 6 | 3 |
| 8 | 7 | 9 | 2 | 6 | 3 | 5 | 4 | 1 |
| 6 | 5 | 3 | 4 | 7 | 1 | 2 | 8 | 9 |
| 5 | 4 | 7 | 6 | 1 | 9 | 3 | 2 | 8 |
| 3 | 9 | 1 | 8 | 2 | 7 | 4 | 5 | 6 |
| 2 | 8 | 6 | 3 | 5 | 4 | 1 | 9 | 7 |
| 9 | 3 | 5 | 7 | 4 | 8 | 6 | 1 | 2 |
| 7 | 1 | 2 | 5 | 9 | 6 | 8 | 3 | 4 |
| 4 | 6 | 8 | 1 | 3 | 2 | 9 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଦୃଶ୍ୟ ଅପରାଧୀ

ମହାଶୟ,

ଡିଜିଟାଲ ଯୁଗରେ ଛୋଟ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍ ଓ ଇଣ୍ଟରନେଟ୍ ବହୁଳ ବ୍ୟବହାର ହେଉଛି। ଏହାର ସୁଯୋଗ ନେଉଛନ୍ତି ସାଇବର ଠକ। ଏମାନେ ଏକପ୍ରକାର ଅଦୃଶ୍ୟ ଅପରାଧୀ। ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା ପରେ ମଧ୍ୟ ସାଇବର ଠକେଇ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସାଇବର ଠକମାନେ ବିଭିନ୍ନ ପ୍ରକାରର ଲୋଭ ଦେଖାଇ କିମ୍ବା ଭୟଭୀତ କରି ଲୋକଙ୍କୁ ଠକୁଛନ୍ତି। ସାମାନ୍ୟ ଅସାବଧାନତା ଯୋଗୁ ଏପରି ଘଟୁଛି। ଯେତେବେଳେ କୌଣସି ଅପରିଚିତ ବ୍ୟକ୍ତି ଫୋନ୍ କରି କୌଣସି ବ୍ୟକ୍ତିଗତ ତଥ୍ୟ କିମ୍ବା ଆକାଉଣ୍ଟ ସମ୍ପର୍କରେ ପଚାରୁଛି ସେ ସମୟରେ ଜଣେ ସତର୍କ ହେବା ଉଚିତ। କାରଣ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ନିଜ ବ୍ୟକ୍ତିଗତ ତଥ୍ୟ ଦେବା ଅନୁଚିତ। ସେମାନେ ଫୋନ୍ କରି ଆକାଉଣ୍ଟ ସମ୍ପର୍କରେ ତଥ୍ୟ ମାଗି ଆକାଉଣ୍ଟ ଠିକ୍ କରିବା ପାଇଁ କହି ଫସାଉଛନ୍ତି । ନ ଦେଲେ ଆକାଉଣ୍ଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ କହି ଡରାଉଛନ୍ତି । ଏମିତି କି ଫୋନ୍‌କୁ ଓଟିପି କିମ୍ବା ଲିଙ୍କ୍ ପଠାଉଛନ୍ତି, ଆଉ ଏହାକୁ କ୍ଲିକ୍ କରିବା ମାତ୍ରେ ଠକମାନେ କିଛି ସମୟ ମଧ୍ୟରେ ଆକାଉଣ୍ଟ ଶୂନ୍ୟକରି ଦେଉଛନ୍ତି। ଅନ୍‌ଲାଇନରେ ପାର୍ଟଟାଇମ୍ ଜବ୍ କରିବାକୁ କହି ଠକି ନେଉଛନ୍ତି ଲକ୍ଷାଧିକ ଟଙ୍କା। ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଦେଉଛନ୍ତି ମେସେଜ୍। ତା'ପରେ ଗ୍ରୁପ୍‌ରେ ଆଡ୍ କରିଦେଉଛନ୍ତି ଲୋଭନୀୟ ଅଫର। ଯଦି ଏମିତି କଲ୍ ଆସୁଛି ଆଉ ଏସବୁ ବିଷୟରେ ଯଦି କିଏ ଆପଣଙ୍କୁ କହୁଛି ତା'ହେଲେ ତୁରନ୍ତ ନିକଟସ୍ଥ ଥାନାରେ ଏ ବାବଦରେ ସୂଚନା ଦିଅନ୍ତୁ କିମ୍ବା ସାଇବର ଥାନାକୁ ଯାଇ ଅଭିଯୋଗ କରନ୍ତୁ । ଆପଣ ଚାହିଁଲେ ସାଇବର ହେଲ୍ପଡେସ୍କର ସହାୟତା ବି ନେଇପାରିବେ। ତା'ଛଡ଼ା ଯଦି ଆପଣ ଏପରି କୌଣସି ସାଇବର ଠକଙ୍କ ସହ ଟଙ୍କା ଟ୍ରାଞ୍ଜାକ୍ସନ କରିଦେଇଛନ୍ତି, ତା'ହେଲେ ତୁରନ୍ତ ୧୯୩୦ ନମ୍ବରରେ କଲ୍ କରନ୍ତୁ, ଯାହାଦ୍ୱାରା ଟ୍ରାଞ୍ଜାକ୍ସନକୁ ବନ୍ଦ କରିବାକୁ ଚେଷ୍ଟା କରାଯାଇଥାଏ। ଠକେଇ ହେବାର ଗୋଲ୍‌ଡେନ ପିରିଅଡ୍ ଅର୍ଥାତ୍ ପ୍ରଥମ ଏକ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

**–ରବି ନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅନ୍ଧକାରେ
ଗନ୍ଧ କା'ର
ଆସିଲା ଏଥି ଛୁଟି
ଚରଣ କା'ର କମଳ ସମ ଉଠିଲା ଆହା ଫୁଟି!
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପୂର୍ବତଟ ରେଳପଥର ୪ କର୍ମଚାରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୧।୯(ଅନୁରାଧା ମହାରଣା)

କର୍ତ୍ତବ୍ୟରେ ଆନ୍ତରିକତା ଓ ସତର୍କତା ପାଇଁ ପୂର୍ବତଟ ରେଳପଥର ୪ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ବୁଧବାର ରେଳ ସଦନଠାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପୁରସ୍କାର ପ୍ରଦାନ କରିଛନ୍ତି। ସେମାନେ ହେଲେ ରମ୍ଭା ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ୍‌ମ୍ୟାନ ଗୋପାଳ ପ୍ରଧାନ, ନିରାକାରପୁର ଷ୍ଟେଶନ ମ୍ୟାନେଜର ଚିନ୍ମୟ କୁମାର ପରି, ବିଶାଖାପାଟଣା ଡିଜେଲ ଲୋକୋ ସେଡ୍‌ରେ କାର୍ଯ୍ୟ କରୁଥିବା ଜି. କ୍ରିଷ୍ଣା ପ୍ରସାଦ ଓ ଅମ୍ଭୋଦଳା ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ଦିଲୀପ ଭୋଇ। ଏହିଅବସରରେ ଫୁଙ୍କୱାଲ କହିଛନ୍ତି, ଟ୍ରାକ୍‌ମ୍ୟାନ, ଷ୍ଟେଶନ ଅପରେଟିଂ ଷ୍ଟାଫ୍, ଟେକ୍ନିସିଆନ ଏବଂ ସୁରକ୍ଷା ଓ ରେଳ ନିରାପତ୍ତା କାର୍ଯ୍ୟରେ ନିୟୋଜିତ ଅନ୍ୟ କର୍ମଚାରୀମାନେ ଟ୍ରେନଗୁଡ଼ିକର ନିରାପଦ ଚଳାଚଳ ପାଇଁ ଦିନରାତି କଠିନ ପରିଶ୍ରମ କରୁଛନ୍ତି। କର୍ମଚାରୀଙ୍କ କର୍ତ୍ତବ୍ୟ, ପ୍ରତିବଦ୍ଧତା ଏବଂ ଉତ୍ସର୍ଗୀକୃତତାକୁ ଉତ୍ସାହିତ କରିବା ସହିତ ରେଳ ସେକ୍ସନଗୁଡ଼ିକର ନିରାପତ୍ତା କାର୍ଯ୍ୟ ସମ୍ପାଦନ କରୁଥିବା କର୍ମଚାରୀଙ୍କୁ ଚିହ୍ନଟ କରି ପୁରସ୍କୃତ କରିବାକୁ ସେ ପରାମର୍ଶ ଦେଇଥିଲେ।

### କେନାଲ ବନ୍ଧ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

ବାଲିଅନ୍ତା,୧୧।୯(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ଅଧୀନ ସାନବଇରୁଆ ଗ୍ରାମ ନିକଟସ୍ଥ ଛେଳିଆମାଳର ପଟୁପଡା ଡିଷ୍ଟ୍ରିବ୍ୟୁଟାରି କେନାଲ ବନ୍ଧ ପାର୍ଶ୍ୱସ୍ଥ ଏକ ବୁଦା ମୂଳରୁ ବୁଧବାର ଅପରାହ୍ନରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ବୟସ ୫୦ ବର୍ଷ ପାଖାପାଖି ହେବ ବୋଲି ପୋଲିସ କହିଛି। ସେ ଏକ ଗଞ୍ଜି ଓ ଲୁଙ୍ଗି ପିନ୍ଧିଥିବା ବେଳେ ବେକରେ ନାଲି ରଙ୍ଗର ଗାମୁଛା ରହିଛି। ଏହି ମୃତଦେହକୁ କେହି ଅନ୍ୟ ସ୍ଥାନରୁ ଆଣି ଏଠାରେ ଫିଙ୍ଗି ଦେଇଥିବା କୁହାଯାଇଛି। ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଭୁବନେଶ୍ୱରରୁ ସାଇଣ୍ଟିଫିକ ଟିମ୍ ମଧ୍ୟ ପହଞ୍ଚି ନମୁନା ସଂଗ୍ରହ କରିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ୍‌କୁ ପଠାଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏ ନେଇ ବାଲିଅନ୍ତା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୫/୨୪) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ମେହେର କହିଛନ୍ତି।

### ଭୁବନେଶ୍ୱର ଭସାଣି ସମିତିର ମିଳିତ ବୈଠକ

ଭୁବନେଶ୍ୱର,୧୧।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ଭସାଣି ସମିତିର ସାଧାରଣ ବୈଠକ ବୁଧବାର ଶହୀଦନଗର ଦୁର୍ଗା ପୂଜା ସମିତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ପ୍ରାୟ ୨୪ ଦୁର୍ଗାପୂଜା ସମିତିର କର୍ମକର୍ତ୍ତା ଯୋଗଦେଇଥିଲେ। ୟୁନିଟ-୯ ମହାବୀର ପୂଜା କମିଟି, ମା' ଦୁର୍ଗା ପୂଜା ସମିତି ଗଜପତି ନଗର, ବାଣୀବିହାର, ଭିଏସ୍‌ଏସ୍ ନଗର, ଚକେଇସିଆଣି, ପଳାଶୁଣୀ, ନହରକଣ୍ଟା, କେଶୁରା, ବାଙ୍କୁଆଳ, ବମିଖାଲ, ଖରପଡା, ଷ୍ଟେଶନ ବଜାର, ଲକ୍ଷ୍ମୀ ସାଗର, ଭୀମଟାଙ୍ଗୀ, ପୁରୁଣା ବସ୍‌ଷ୍ଟାଣ୍ଡ, ପାଣ୍ଡରା, ବରମୁଣ୍ଡା, ଶହୀଦନଗର, ସତ୍ୟ ନଗର, ଶାସ୍ତ୍ରୀ ନଗର ଦୁର୍ଗାପୂଜା ସମିତି, କଟକ ରୋଡ ବ୍ୟବସାୟ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଭସାଣି ସାଧାରଣ ସମ୍ପାଦକ ହରିଶ ପ୍ରସାଦ ରଥ ପୂର୍ବବର୍ଷର ଆୟ ବ୍ୟୟ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ ପୂଜା କମିଟିର ଆସିଥିବା କର୍ମକର୍ତ୍ତାମାନେ ଦୁର୍ଗାପୂଜା ସହ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଚତୁଃପାର୍ଶ୍ୱ ରାସ୍ତାଘାଟର ଉନ୍ନତି, ଆଲୋକର ସୁବ୍ୟବସ୍ଥା ଓ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଗଛ କାଟିବା ପାଇଁ ଦେଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର, ଭୁବନେଶ୍ୱର ମହାନଗର ନିଗମ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ନିବେଦନ ଉପସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ବୈଠକ ସମିତି ସଭାପତି ମନୋରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ଉପସଭାପତି ସୁରେଶ କୁମାର ରାଉତରାୟ, ଧରଣୀଧର ଜେନା,ଦେବରାଜ ମହାନ୍ତି ଶହୀଦନଗରର ଦୁର୍ଗା ପୂଜା ସମିତିର ସମ୍ପାଦକ ସଚି ନନ୍ଦନ ନାୟକ ଓ ମିଡିଆ କନ୍‌ଭେନର ସନତ କୁମାର ମିଶ୍ର ଉପସ୍ଥିତ ଥିଲେ।

# 'ସମସ୍ତେ ଆତ୍ମନିର୍ଭରଶୀଳ ହେଲେ ସାମଗ୍ରିକ ବିକାଶ ସମ୍ଭବ'

ଭୁବନେଶ୍ୱର,୧୧।୯(ଶର୍ମିଷ୍ଠା ପାଣିଗ୍ରାହୀ)



ଆଚାର୍ଯ୍ୟ ବିନୋବା ଭାବେଙ୍କ ଜୟନ୍ତୀ ଉତ୍ସବରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠୱାଲେଙ୍କ ସହ ଅନ୍ୟମାନେ।

## ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ତମ ଜୟନ୍ତୀ

ବିନୋବା ସେବା ପ୍ରତିଷ୍ଠାନ ପକ୍ଷରୁ ଭାରତ ରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ତମ ଜୟନ୍ତୀ ବୁଧବାର ସୂଚନା ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଆତ୍ମନିର୍ଭର ଭାରତରୁ ବିକଶିତ ଭାରତ : ଭୂଦାନ ଆନ୍ଦୋଳନର ଅବଦାନ' ଉପରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ମନୋଜ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠୱାଲେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

ବିନୋବା ଭାବେଙ୍କ ସ୍ମୃତି ଚାରଣ କରି ସେ କହିଲେ, ସମାଜର ସମସ୍ତ ଜନସାଧାରଣ ଆତ୍ମନିର୍ଭରଶୀଳ ହେଲେ ହିଁ ସାମଗ୍ରିକ ବିକାଶ ହୋଇପାରିବ। ବିଶେଷକରି ଦଳିତ ଶ୍ରେଣୀର ଲୋକଙ୍କ ବିକାଶ ହେଲେ ସମାନ୍ତରାଳ ଭାବେ ସମସ୍ତଙ୍କର ବିକାଶ ସମ୍ଭବ ହେବ। ମଣିଷ ବଞ୍ଚିବାକୁ ନିଜସ୍ୱ ଜମି ନିହାତି ଦରକାର। ବିନୋବା ଜୀ ଭୂଦାନ ଆନ୍ଦୋଳନ ମାଧ୍ୟମରେ ଭୂମିହୀନଙ୍କୁ ଭୂମି ଯୋଗାଇ ଆତ୍ମନିର୍ଭର ଭାରତର ମୂଳଦୁଆ ପକାଇଥିଲେ ବୋଲି ଅଠୱାଲେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ କହିଲେ, ଆମେ କେବଳ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ କେତେକାଂଶରେ ଆତ୍ମନିର୍ଭର ହୋଇଛେ। ଯଦି ବଜେଟର ୭୦%ରୁ ଊର୍ଦ୍ଧ୍ୱ ଋଣରେ ଆସୁଛି, ତେବେ ଦେଶ ଆତ୍ମନିର୍ଭର ହେବାକୁ କେତେ ଶହ ବର୍ଷ ଲାଗିବ ବୋଲି ପ୍ରଶ୍ନ କରିଥିଲେ। ନୂଆଦିଲ୍ଲୀର ଜାତୀୟ ହରିଜନ ସେବକ ସଂଘର ସଭାପତି ଶଙ୍କର ସନ୍ୟାଲ କହିଲେ, ଗାନ୍ଧୀଙ୍କ ପରମ ଶିଷ୍ୟ ବା ଦ୍ୱିତୀୟ ଗାନ୍ଧୀ ବିନୋବା ଭାବେ ପ୍ରତିଷ୍ଠା କରିଥିବା ସେବା ଗ୍ରାମକୁ ପରିଦର୍ଶନ କଲେ ଓ ସେଠିକାର ନୀତି ନିୟମକୁ ଜୀବନରେ କାର୍ଯ୍ୟକାରୀ କଲେ ହିଁ ନିଜେ ଆତ୍ମନିର୍ଭର ହେବା ସହିତ ସମାଜକୁ ତା'ର ବାର୍ତ୍ତା ଦେଇପାରିବ। ଲୋକ ସେବକ ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଳବ୍ୟ ପ୍ରତ୍ୟେକ ମଣିଷ ସମାଜରୁ ସବୁକିଛି ପାଉଛି, ତେଣୁ ଜୀବନରେ ସମାଜକୁ କିଛି ଅବଦାନ ଦେବା ଉଚିତ। ଶେଖ ଅବ୍‌ଦୁଲ ୱାଲୀ ମଞ୍ଚରେ ଉପସ୍ଥିତ ଥିଲେ। ମହିଳା ଅଧିକାର ଅଭିଯାନର ଅଧ୍ୟକ୍ଷା ଡ. ରୀନା ରାଉତରାୟ କାର୍ଯ୍ୟକ୍ରମ ସଞ୍ଚାଳନ ଓ କାଳିଚରଣ ସିଂହ ଧନ୍ୟବାଦ ଦେଇଥିଲେ। ପ୍ରସନ୍ନ ବିଷୋୟୀ, ବିଷ୍ଣୁପ୍ରିୟା ମିଶ୍ର, ବୃନ୍ଦାବନ ମିଶ୍ର, ରାଜକିରଣ ପାଣିଗ୍ରାହୀ ପ୍ରମୁଖଙ୍କୁ ସର୍ବୋଦୟ ସେବା ସମ୍ମାନ ପ୍ରଦାନ କରାଯାଇଥିଲା।

## ଚାଷୀଙ୍କୁ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ଚାଷ ପ୍ରଣାଳୀ ସହ ପରିଚିତ କରାଇବା ଆବଶ୍ୟକ

ଭୁବନେଶ୍ୱର,୧୧।୯(ଶର୍ମିଷ୍ଠା ପାଣିଗ୍ରାହୀ)

### ସ୍ୱିଚ୍‌ଅନ ଫାଉଣ୍ଡେଶନ ପକ୍ଷରୁ 'ମୁଭ ଫର୍ ଆର୍ଥ ସିମ୍ପୋଜିୟମ୍'

ସ୍ୱିଚ୍‌ଅନ ଫାଉଣ୍ଡେଶନର ବାର୍ଷିକ କାର୍ଯ୍ୟକ୍ରମ 'ମୁଭ ଫର୍ ଆର୍ଥ ସିମ୍ପୋଜିୟମ୍-କମିଙ୍ଗ୍ ଟୁଗେଦର ଟୁ ଇନସ୍ପାୟାର ଏ ସଷ୍ଟେନେବଲ ଟୁମୋରୋ' ବୁଧବାର କିଟ୍ କନଭେନଶନ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ, ସମାଜସେବୀ ନମ୍ରତା ଚଡ୍ଡା ଓ ଫାଉଣ୍ଡେଶନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଏକ୍ତା ଜାଜୁ ଉପସ୍ଥିତ ଥିଲେ। ଚାଷ ଉତ୍ପାଦନ ବୃଦ୍ଧି କରିବା ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବକୁ କମାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

ଫାଉଣ୍ଡେଶନର କାର୍ଯ୍ୟନିର୍ବାହୀ ଜାଜୁ କହିଲେ, ମୁଭ୍ ଫର୍ ଆର୍ଥ ସମ୍ମେଳନ ମାଧ୍ୟମରେ ଆମେ ସମାଜରେ ସ୍ଥାୟିତ୍ୱକୁ ବୃଦ୍ଧି କରିବା ପାଇଁ ସମସ୍ତଙ୍କୁ ଯୋଡ଼ିବାକୁ ଚାହୁଁଛୁ। ଚାଷୀମାନଙ୍କୁ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ଚାଷ ପ୍ରଣାଳୀ ସହ ପରିଚିତ କରାଇବା ଆବଶ୍ୟକ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଉପକୁଳପତି ଡ. ସଞ୍ଜୟ କେଆର୍. ନାୟକ ଏବଂ କିଟ୍‌ର ଉପକୁଳପତି ପ୍ରଫେସର ସରଣଜିତ୍ ସିଂହଙ୍କ ସହ ସରକାରୀ ଅଧିକାରୀ, ଶିଳ୍ପ ଓ ଏନ୍‌ଜିଓ ଅଧିକାରୀ, ଛାତ୍ର, ପରିବେଶକର୍ମୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଳବାୟୁ ପରିବର୍ତ୍ତନ ଓ ସ୍ଥାୟିତ୍ୱକୁ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ପୁନଃ ନବୀକରଣ ଶକ୍ତି, ଜଳବାୟୁ ପ୍ରତିରୋଧକ ଚାଷ ଓ ସ୍ୱଚ୍ଛ ବାୟୁ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।


ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ୩୧ତମ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ ବିଜୁ ନାଟ୍ୟ କେନ୍ଦ୍ରଠାରେ ବୁଧବାର ପରିବେଷିତ ନାଟକ 'ପିସି'ର ଏକ ଦୃଶ୍ୟ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ କ୍ୟାରିୟର ପ୍ରଦର୍ଶନୀ

ଭୁବନେଶ୍ୱର,୧୧।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଦୁଇଦିନିଆ କ୍ୟାରିୟର ପ୍ରଦର୍ଶନୀ ବୁଧବାର ପି. ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧ରେ ଉଦ୍‌ଘାଟିତ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଏହାକୁ ଉଦଘାଟନ କରି ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନ ଦିଗରେ ଦିଗଦର୍ଶନ, ପରାମର୍ଶ ଓ ପ୍ରୋତ୍ସାହନ ଆଦିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସହକାରୀ କମିଶନର ବିରବଲ ଧିନୱା ଏକବିଂଶ ଶତାବ୍ଦୀରେ ତରୁଣପିଢ଼ିକୁ ଅଗ୍ରସର କରାଇବାପାଇଁ ପ୍ରେରଣା ଓ ଦିଗଦର୍ଶନ କିଭଳି ସହାୟକ ହୋଇପାରିବ ସେସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ଓ ବିଦ୍ୟାଳୟର ଅଧ୍ୟକ୍ଷ ଆଦିତ୍ୟ କୁମାର ପଣ୍ଡା ବକ୍ତବ୍ୟ ରଖିଥିଲେ। ଉପାଧ୍ୟକ୍ଷା ମନୀଷ କୁମାର ପଲ ସ୍ୱାଗତ ଭାଷଣ ଓ ସଂଯୋଜିକା ଡ. ଭି. ଶଶିକଳା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜ୍ଞାନକୁ ନେଇ ଅନୁସନ୍ଧିତ୍ସୁ ହେବା ପାଇଁ ଆହ୍ୱାନ


କୃତୀ ଛାତ୍ରୀଛାତ୍ରଙ୍କ ସହ ୱାର୍ଡ ନଂ. ୩୭ର କର୍ପୋରେଟର ବନ୍ଦିତା ପାଲ୍ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୧।୯(ବନ୍ଦନା ସେଠୀ)

ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମରେ ବିଜ୍ଞାନମେଳା, ବାଟିକା ପ୍ରଦର୍ଶନୀ ତଥା ମୀନାବଜାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୱାର୍ଡ ନଂ. ୩୭ର କର୍ପୋରେଟର ବନ୍ଦିତା ପାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ବିଷୟରେ ଅନୁସନ୍ଧିତ୍ସୁ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗ କ୍ରୀଡ଼ା ପରିଷଦ ସଭାପତି ତଥା ସାମାଜିକକର୍ମୀ ଅର୍ଜୁନ ବେହେରା ଯୋଗଦେଇ ପିଲାମାନେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଆପ୍ରାଣ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ଯେପରି ପାଠକୁ ବୋଝ ଭଳି ମନେ କରିବେ ନାହିଁ ଏବଂ ଖେଳଖେଳରେ ସେମାନଙ୍କୁ ଶିକ୍ଷା ଦେବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ବ୍ୟାଙ୍କ୍ ଅଫ୍ ବରୋଦାର ଜୋନାଲ୍ ମ୍ୟାନେଜର ସ୍ୱପ୍ନା ବନ୍ଦୋପାଧ୍ୟାୟ ଯୋଗଦେଇ, କୁନିକୁନି ବୈଜ୍ଞାନିକମାନଙ୍କ ଉଚ୍ଚମାନର ପ୍ରକଳ୍ପର ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଜ୍ୟୋସ୍ନାରାଣୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ପ୍ରଧାନାଚାର୍ଯ୍ୟା ପ୍ରଭାତ କୁମାର ପଣ୍ଡା ସଭା ପରିଚାଳନା କରିଥିବାବେଳେ ବିଜ୍ଞାନ ପ୍ରମୁଖ ସିଦ୍ଧାର୍ଥ ଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୬୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ସ୍ଥାନ ପାଇଥିଲା। ମେଳାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଉ ଜଣେ ଛାତ୍ରଙ୍କ ମୃତ୍ୟୁ

### ଭସାଣିବେଳେ ଗଣେଶ ମୂର୍ତ୍ତୀ ତଳେ ଚାପି ହେବା ଘଟଣା

ବାରଙ୍ଗ,୧୧।୯(ଲିଙ୍ଗରାଜ ରାଉତ)

ଗଣେଶ ମୂର୍ତ୍ତୀ ଭସାଣିବେଳେ ମୂର୍ତ୍ତୀ ତଳେ ଚାପି ହୋଇ ଗୁରୁତର ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଛାତ୍ରଙ୍କୁ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକ ଅଞ୍ଚଳର ସନ୍ଦୀପ ସାଶମଲ। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ବାରଙ୍ଗ କଣ୍ଟାବାଡ଼ ଗାଁ ନିକଟସ୍ଥ ଏକ ଘରୋଇ କଲେଜର ଗଣେଶ ଭସାଣି ହୋଇଥିଲା। କଲେଜର ବିଟେକ ଛାତ୍ରମାନେ ଭସାଣି ଉତ୍ସବରେ ସାମିଲ ହୋଇ ମୂର୍ତ୍ତିକୁ ନେଇ ଏକ ପଥର ଖାଦାନ ପାଖକୁ ଯାଇଥିଲେ। ପାଣିରେ ମୂର୍ତ୍ତି ବିସର୍ଜନ କରିବାବେଳେ ମୂର୍ତ୍ତି ତଳେ ବିଟେକ୍ ଶେଷବର୍ଷର ଛାତ୍ର ରାଜେଶ ମହାନ୍ତି ଓ ସନ୍ଦୀପ ଚାପି ହୋଇ ରହିଯାଇଥିଲେ। ଅନ୍ୟମାନେ ଦୁହିଁଙ୍କୁ ଉଦ୍ଧାର କରି ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ରାକେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ସନ୍ଦୀପ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଦୀପଙ୍କ ମୃତ୍ୟୁ ଘଟିଛି। ଏନେଇ ଚନ୍ଦକା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଥାନା ଅଧିକାରୀ ପି.କେ. ଜେନା ସୂଚନା ଦେଇଛନ୍ତି।

## ଅତିବଡ଼ୀଙ୍କ ଭାଗବତ ସମସ୍ତଙ୍କୁ ଆଧ୍ୟାତ୍ମିକ ସୂତ୍ରରେ ବାନ୍ଧି ରଖିଛି

ଭୁବନେଶ୍ୱର,୧୧।୯(ଶର୍ମିଷ୍ଠା ପାଣିଗ୍ରାହୀ)

### ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପୁଣ୍ୟ ଜନ୍ମତିଥି

ଓଡ଼ିଆ ଜାତିର ପ୍ରାତଃସ୍ମରଣୀୟ ସିଦ୍ଧସାଧକ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପୁଣ୍ୟ ଜନ୍ମତିଥି ବୁଧବାର ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଚିବ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବିଭାଗର ନିର୍ଦ୍ଦେଶକ ଡ. ବିଜୟକେତନ ଉପାଧ୍ୟାୟ ଅଧ୍ୟକ୍ଷତା କରି କହିଲେ, ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମ ଭାବନାର ବ୍ୟାପକ ପ୍ରସାର କ୍ଷେତ୍ରରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭୂମିକା ଅତୀବ ପ୍ରଶଂସନୀୟ। ଓଡ଼ିଆ ଭାଷା ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ଓଡ଼ିଆ ଜାତିକୁ ସଂସ୍କୃତି ସମ୍ପନ୍ନ କରିବାରେ ଅତିବଡ଼ୀଙ୍କର ଉତ୍ସର୍ଗୀକୃତ ପ୍ରଚେଷ୍ଟା ଅତ୍ୟନ୍ତ ଅବିସ୍ମରଣୀୟ। ସମ୍ମାନିତ ଅତିଥି ଭାବେ ଡ. ଅରବିନ୍ଦ ପଟ୍ଟନାୟକ ଯୋଗଦେଇ କହିଲେ, ମଧ୍ୟଯୁଗୀୟ ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ଓ ପ୍ରସାର ଦିଗରେ ଅତିବଡ଼ୀଙ୍କ ସାରସ୍ୱତ ସୃଷ୍ଟି ଏ ଜାତିକୁ ନୂତନ ଦିଗଦର୍ଶନ ଦେଇଛି। ଅତିବଡ଼ୀଙ୍କ ଭାଗବତ ସମସ୍ତଙ୍କୁ ଏକ ଆଧ୍ୟାତ୍ମିକ ସୂତ୍ରରେ ବାନ୍ଧି ରଖିପାରିଛି। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ବୀରେନ୍ଦ୍ର କିଶୋର ତ୍ରିପାଠୀ ଅତିବଡ଼ୀଙ୍କ ବହୁମୁଖୀ ପ୍ରତିଭା ଉପରେ କହିଥିଲେ। ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ଜୟନ୍ତୀ ସମାରୋହର ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ ସୁରକ୍ଷା ଅଭାବରୁ ଡିଜିଟାଲ ସର୍ଭେ ପାଇଁ ଅନିଚ୍ଛୁକ କୃଷକ ସାଥୀ

କଟକ ସଦର,୧୧।୯(ସୁଶାନ୍ତ କୁମାର ଜେନା)

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ୍ରମେ ଚଳିତ ମାସଠାରୁ କଟକ ସଦର ସମେତ ରାଜ୍ୟର ୩୧୪ ବ୍ଲକ୍‌ରେ ଡିଜିଟାଲ କ୍ରପ୍ ସର୍ଭେ ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ କୃଷକ ସାଥୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ବିଲକୁ ଯାଇ ଡିଜିଟାଲ ସର୍ଭେ କରି ଜମିରେ କେଉଁ ପ୍ରକାର ଚାଷ କରାଯାଉଛି, ତାହାର ରିପୋର୍ଟ ସରକାରଙ୍କୁ ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯିବ। ହେଲେ ସାମାଜିକ ସୁରକ୍ଷା ଓ ସର୍ଭେରେ ବ୍ୟବହୃତ ଆଣ୍ଡ୍ରଏଡ ଫୋନ୍ ଯୋଗାଇ ଦେବା ପାଇଁ କୃଷକ ସାଥୀ ସଂଘ ପକ୍ଷରୁ ଏକ ଦାବିପତ୍ର ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। କୃଷକ ସାଥୀମାନେ ବିଲ, ଜଙ୍ଗଲ, ବୁଦା ଓ ରବି ଫସଲ କ୍ଷେତକୁ ଯାଇ ସର୍ଭେ କରିବା ପରିପ୍ରେକ୍ଷୀରେ ସର୍ପାଘାତ, ବଜ୍ରପାତ ଓ ବିଷାକ୍ତ କୀଟ କାମୁଡ଼ିବାଜନିତ ମୃତ୍ୟୁ ପାଇଁ ବୀମା ବ୍ୟବସ୍ଥା ନାହିଁ। ଏହାଛଡା ଅନେକ ସ୍ଥାନରେ ସରକାରଙ୍କୁ ନ ଜଣାଇ ଚାଷଜମିକୁ ଘରବାଡ଼ିରେ ପରିଣତ କରାଯାଇଛି। ତେଣୁ ଏଭଳି ଜମିରେ ବ୍ୟକ୍ତିବିଶେଷ ଡିଜିଟାଲ ସର୍ଭେ ନ କରାଇ ଦେଇପାରନ୍ତି। ଏଭଳି ପରିସ୍ଥିତିରେ ଜଣେ ଦୈନିକ ୫୦ ଟଙ୍କା ସ୍ୱଳ୍ପ ପାରିଶ୍ରମିକ ପାଉଥିବା କୃଷକ ସାଥୀ ଏହି ସର୍ଭେ କରିବା ପାଇଁ ଅନିଚ୍ଛୁକ। ଏହି ସୁବିଧା ମିଳିବାର ସରକାରୀ ପ୍ରତିଶ୍ରୁତି ମିଳିଲେ ସର୍ଭେ କାର୍ଯ୍ୟରେ ସହଯୋଗ ପାଇଁ କୃଷକ ସାଥୀମାନେ ପ୍ରସ୍ତୁତ ବୋଲି ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇଛନ୍ତି। ଏଭଳି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର କର କହିଛନ୍ତି। ଏହି ଦାବିପତ୍ରକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦିଆଯିବ ବୋଲି କର କୃଷକ ସାଥୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ସଭାପତି ଲକ୍ଷ୍ମୀଧର ରାଉତ, ଉପ ସଭାପତି ପ୍ରମୋଦ କୁମାର ସେଠୀ, ସମ୍ପାଦକ ଦିଲୀପ କୁମାର ଚୌଧୁରୀ, ସହ ସମ୍ପାଦକ ଦେବାଶିଷ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଗିଫ୍ଟ କଲେଜ ପକ୍ଷରୁ ଓରିଏଣ୍ଟେଶନ୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୧।୯: (ଅଭୟ ଦାଶ)

ଗଙ୍ଗପଡ଼ାସ୍ଥିତ ଗାନ୍ଧୀ ଇନଷ୍ଟିଚ୍ୟୁଟ ଫର ଟେକ୍ନୋଲୋଜି (ଗିଫ୍ଟ) ସ୍ୱୟଂଶାସିତ କଲେଜ ପକ୍ଷରୁ ପ୍ରଥମ ବର୍ଷ ବିଟେକ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଓରିଏଣ୍ଟେଶନ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଇଣ୍ଡଷ୍ଟ୍ରିରୁ ଆସିଥିବା ମୁଖ୍ୟ ପରିଚାଳକ, ବିଶିଷ୍ଟ ଶିକ୍ଷାବିତ୍, ବୌଦ୍ଧିକ ବିଚାର ରଖିଥିବା ବ୍ୟକ୍ତିବିଶେଷ, ଧାର୍ମିକ ବିଚାର ସମ୍ବନ୍ଧୀୟ ଅନେକ ଜ୍ଞାନୀଗୁଣୀ ବ୍ୟକ୍ତି ନବାଗତ ଛାତ୍ରୀଛାତ୍ରଙ୍କୁ ସତ୍ ଦିଗଦର୍ଶନ ଦେଇଥିଲେ। ଗିଫ୍ଟର ପୁରାତନ ଛାତ୍ରୀଛାତ୍ରମାନେ ମଧ୍ୟ ଯୋଗ ଦେଇ ସେମାନଙ୍କ ଅନୁଭବ ବାଣ୍ଟିଥିଲେ। ଗିଫ୍ଟର ପୁରାତନ ଛାତ୍ରୀ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଶାଶ୍ୱତୀ ପତି ଯୋଗଦେଇ ନବାଗତଙ୍କୁ ନିଷ୍ଠା ଓ ସାହସର ସହ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥିଲେ। ଗିଫ୍ଟ ଅଧ୍ୟକ୍ଷ ଡ.ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ଶରତ କୁମାର ମହାରଣା, ଡିନ୍ ଏକାଡେମିକ୍ ଡ. ଆର୍.ଏନ୍.ପଣ୍ଡା, ରେଜିଷ୍ଟ୍ରାର ତରୁଣ କୁମାର, ଓଏସ୍‌ଡି ଇଂ. ସମୀର ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡ.ପ୍ରିୟମ୍ବଦା ମଲ୍ଲିକ, ପ୍ରଫେସର ବିସ୍ମିତା ମଞ୍ଜରୀ ବିଶ୍ୱାଳ, ମୀନତି ପ୍ରଧାନ, ବିକ୍ରମ କେଶରୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ବିଶ୍ୱସ୍ତରୀୟ ସହଭାଗିତା

ଭୁବନେଶ୍ୱର,୧୧।୯: (ଅଭୟ ଦାଶ)



ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଭାରତୀୟ ବ୍ୟବସାୟିକ ସଂସ୍ଥା ଏବଂ ୟୁଏଇ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଛି। ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ (କାବିଲ), ଅଏଲ ଇଣ୍ଡିଆ ଲିମିଟେଡ (ଓଆଇଏଲ) ଏବଂ ଓଏନଜିସି ବିଦେଶ ଲିମିଟେଡ (ଓଭିଏଲ) ଭଳି ପ୍ରମୁଖ କମ୍ପାନୀ ମିଳିତ ଭାବେ ୟୁଏଇର ଇଣ୍ଟରନ୍ୟାଶନାଲ ରିସୋର୍ସେସ ହୋଲ୍ଡିଂସ ଆର୍‌ଏସ୍‌ସି ଲିମିଟେଡ ସହିତ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ବିଶ୍ୱସ୍ତରୀୟ ସହଭାଗିତା ନିମନ୍ତେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କୁହାଯାଉଛି। ଏହି ଏମଓୟୁର ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ ମିଳିତ ପ୍ରକଳ୍ପ ଚିହ୍ନଟ, ଡିଉ ଡିଲିଜେନ୍ସ, ବିପଦ ପରିଚାଳନା ରଣନୀତି ଏବଂ ଏକ ଦୀର୍ଘକାଳୀନ ଅଫଟେକ ରଣନୀତିର ବିକାଶ ଅନ୍ତର୍ଭୁକ୍ତ ରହିଛି।

ସେହିଭଳି ମୁମ୍ବାଇଠାରେ ଆୟୋଜିତ ୟୁଏଇ-ଭାରତ ବ୍ୟବସାୟ ମଞ୍ଚରେ କାବିଲ ସିଇଓ ତଥା ନାଲକୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ, ଓଆଇଏଲ ସିଏମଡି ଡ.ରଣଜିତ ରଥ,ଓଭିଏଲର ପରିଚାଳନା ନିର୍ଦ୍ଦେଶକ ରାଜର୍ଷି ଗୁପ୍ତାଙ୍କ ସମେତ ଆଇଆରଏଚର ଏଚଇ ମରିଆମ ମହମ୍ମଦ ସଇଦ ହରିବ ଅଲମେହରି ଏହି ଏମଓୟୁରେ ସ୍ୱାକ୍ଷର କରିଥିଲେ। ଏପରିକି ପରିଚାଳନାଗତ ଉତ୍କର୍ଷତା ହାସଲ ଏବଂ ଅତ୍ୟାବଶ୍ୟକ ଖଣିଜ ପଦାର୍ଥର ଏକ ସ୍ଥିର ଯୋଗାଣ ସୁନିଶ୍ଚିତ କରିବା ସହିତ ପ୍ରତ୍ୟେକ ପକ୍ଷର ବିଶେଷଜ୍ଞତା, ସମ୍ବଳ ଏବଂ ନେଟୱାର୍କର ଲାଭ ଉଠାଇବା ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଭୟଙ୍କ ପକ୍ଷରୁ ମତବ୍ୟକ୍ତ କରାଯାଇଛି, ଏହି ଭାଗିଦାରୀ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକଳ୍ପର ଚିହ୍ନଟ,ଅଧିଗ୍ରହଣ ଏବଂ ବିକାଶ କ୍ଷେତ୍ରରେ ଆବଶ୍ୟକ ସହଯୋଗକୁ ଆହୁରି ପ୍ରୋତ୍ସାହନ ଦେବାର ଲକ୍ଷ ରଖାଯାଇଛି।

ଏ ସମ୍ପର୍କରେ ନାଲକୋ ସିଏମଡି ତଥା କାବିଲର ଅଧ୍ୟକ୍ଷ ଶ୍ରୀଧର ପାତ୍ର କହିଥିଲେ, ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଦେଶ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ଦିଗରେ ଏହି ବୁଝାମଣା ବେଶ ସହାୟକ ହେବ। ଏପରିକି ଆତ୍ମନିର୍ଭର ଭାରତ କ୍ଷେତ୍ରରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଜଟଣୀର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ଗଜାନନ


ପୋଷ୍ଟ ଅଫିସ ଛକ ବ୍ୟବସାୟୀ ସଂଘ ଲାଇଟ ତୋରଣ।


ଟାଇଟଲ୍ କ୍ଲବ।


ଶ୍ରାବଣୀ କ୍ଲବ।


ମେଡିକାଲ ଛକ ବ୍ୟବସାୟୀ ସଂଘ ଲାଇଟ ତୋରଣ।


ସୀତାରାମ ଛକ ବ୍ୟବସାୟୀ ସଂଘ ପୂଜା ମଣ୍ଡପ।


ଗୋଲେଇ ଓ ନ୍ୟୁ ମାର୍କେଟ ବ୍ୟବସାୟୀ ସଂଘ ପୂଜା ମଣ୍ଡପ।


କାଳୀକା ୟୁଥ୍ କ୍ଲବ।

# ମନ ମୋହିଲା ନୃତ୍ୟ, ନାଟକ

## ଜଟଣୀ ଗଣେଶ ମହୋତ୍ସବର ୫ମ ସନ୍ଧ୍ୟା


ଅତିଥିଙ୍କ ଗହଣରେ ନୃତ୍ୟଶିଳ୍ପୀ ଏବଂ ଅନ୍ୟମାନେ।

ଜଟଣୀ, ୧୧।୯(ରବୀନ୍ଦ୍ରନାଥ ମହାକୁଡ଼)

ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଏବଂ ମହୋତ୍ସବର ପଞ୍ଚମ ଦିବସରେ ବୁଧବାର ବିଭିନ୍ନ ପୂଜା ମଣ୍ଡପ ଓ ମିନାବଜାରରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି। ଗତକିଛି ଦିନ ଲଘୁଚାପ ଜନିତ ବର୍ଷା କାରଣରୁ ଦର୍ଶକଙ୍କ ଭିଡ଼ ସେତେଟା ପରିଲକ୍ଷିତ ହୋଇନଥିଲା। ତେବେ ବୁଧବାର ପାଗ ଶୁଖିଲା ରହିଥିବାରୁ ପୂଜା ପେଣ୍ଡାଲ ଏବଂ ବିଭିନ୍ନ ମିନାବଜାର ଓ ମହୋତ୍ସବ ପଡିଆରେ ଦର୍ଶକଙ୍କ ଭିଡ଼ ଜମିଥିଲା। ଏହି ପରିପ୍ରେକ୍ଷୀରେ ଜଟଣୀ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଜଟଣୀ ଗଣେଶ ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଆୟୋଜକ ସଂଗଠନର ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭା ମଞ୍ଚରେ ଅତିଥି ରୂପେ ସାମାଜିକ କର୍ମୀ ନମ୍ରତା ଚଢ଼ା, ଲିଙ୍କନ ସୁବୁଦ୍ଧି ଏବଂ ଭାଜପା ନେତ୍ରୀ ରୋଜିନାରାଣୀ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିବା ସହିତ କଳା ସଂସ୍କୃତି ସମ୍ପନ୍ନ ଓଡ଼ିଶା ମାଟିର ଗୌରବର କଥା କହିଥିଲେ। ପ୍ରାରମ୍ଭରେ ଆୟୋଜକ ସଂଗଠନର ଆବାହକ ସୀତାକାନ୍ତ ନାୟକ ଅତିଥି ପରିଚୟ ସହିତ ମହୋତ୍ସବର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଶମ୍ଭୁଦତ୍ତ ସ୍ୱାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ପକ୍ଷରୁ ଅନନ୍ୟ କଳା ଦର୍ପଣ, ଭୁବନେଶ୍ୱର, ଜାଗ୍ରୁତି ନୃତ୍ୟ ଏକାଡେମୀ, କଟକ ଏବଂ ଶିଳ୍ପୀ ଏଣ୍ଟରଟେନମେଣ୍ଟ, ପୁରୀର କଳାକାରମାନଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ, ଛଉ ଏବଂ ନାଟକ ପେଟେଣ୍ଟ ମେଡିସିନ ନାଟକ ଆଦି ବିଭିନ୍ନ ସାଂସ୍କୃତିକ ନୃତ୍ୟ ପରିବେଶ କରାଯାଇଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ ଆମନ୍ତ୍ରିତ କଳାକାର ଏବଂ କଳା ସଂଗଠନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷ ପର୍ଯ୍ୟନ୍ତ ଦର୍ଶକ ମିନାବଜାର ବୁଲିବା ସହିତ ସଙ୍ଗୀତ ଓ ନାଟକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।


ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

# ଗଣେଶ ଉତ୍ସବରେ ମୂର୍ତ୍ତି, ସାଜସଜ୍ଜା ପ୍ରତିଯୋଗିତା


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିଲାମାନେ।

ଟାଙ୍ଗୀ(ଖୋର୍ଦ୍ଧା), ୧୧।୯(ରଘୁନାଥ ସାହୁ)

## ୩୫ ପୂଜା ପେଣ୍ଡାଲ ଭାଗନେଲେ

ଟାଙ୍ଗୀରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ହେଉଛି। ଗଣେଶ ଉତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ମୂର୍ତ୍ତି, ପୂଜା ପେଣ୍ଡାଲ ସାଜସଜ୍ଜା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପ୍ରତିଯୋଗିତାରେ ୩୫ଟି ପୂଜା ପେଣ୍ଡାଲ ଭାଗ ନେଇଥିଲେ। ପୂଜା କମିଟି ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଆନ୍ତଃ କ୍ଲବ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ମୂର୍ତ୍ତି ପ୍ରତିଯୋଗିତାରେ ରୟାଲ ଟାଇଗର କ୍ଲବ ପ୍ରଥମ, ଏମ୍ପରର କ୍ଲବ ଓ ରୟାଲ ଷ୍ଟାର ଦ୍ୱିତୀୟ, ଶିବଶକ୍ତି କ୍ଲବ ଓ ବିଘ୍ନେଶ୍ୱର ୱରିୟର ତୃତୀୟ ସ୍ଥାନ ହାସଲ କରିଥିଲା। ସାଜସଜ୍ଜା ପ୍ରତିଯୋଗିତାରେ କିଙ୍ଗସ୍ କ୍ଲବ ପ୍ରଥମ, ଗଣପତି ୱରିୟର ଓ ଗଜାନନ ୱରିୟର ଦ୍ୱିତୀୟ, ଗାଦିବ୍ରହ୍ମ କ୍ଲବ ଏବଂ ବ୍ଲୁ ଷ୍ଟାର କ୍ଲବ ତୃତୀୟ ସ୍ଥାନ ହାସଲ କରିଥିଲେ। ଆନ୍ତଃକ୍ଲବ ଫୁଟବଲ ଟୁର୍ନାମେଣ୍ଟରେ ଗଣପତି ୱରିୟର ଚାମ୍ପିୟନ ଓ ୟୁନିକ ଷ୍ଟାର ରନର୍ସଅପ୍ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଗୋବିନ୍ଦ ଚନ୍ଦ୍ର ସାହୁ, ସାମାଜିକକର୍ମୀ ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ ଓ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂଗଠକ ନନ୍ଦକିଶୋର ସ୍ୱାଇଁ, ସମର ମାଝି ଏବଂ ପ୍ରଣୟ ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ।

## ଗଣେଶ ମଣ୍ଡପରେ ନୃତ୍ୟ ପ୍ରତିଯୋଗିତା

ଖୋର୍ଦ୍ଧା, ୧୧।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହର ରାଧାବଲ୍ଲଭ ସାହିରେ ଗଜାନନ ପୂଜା କମିଟି ଆନୁକୂଲ୍ୟରେ ଗଣେଶ ପୂଜା ଆୟୋଜନ କରାଯାଇଛି। ବୁଧବାର କମିଟି ପକ୍ଷରୁ ଶିଶୁ କଳାମାନଙ୍କ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ସ୍ମୃତିପ୍ରଭା ବେହେରା ପ୍ରଥମ, ଶୁଭଶ୍ରୀ ସ୍ୱାଇଁ ଦ୍ୱିତୀୟ, ରଶ୍ମିତା ସୁବୁଦ୍ଧି ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କମିଟି ସଭାପତି କୁନାଲ୍ ବାରିକ, ଉପସଭାପତି କେଦାର ନାୟକ, ସମ୍ପାଦକ ଦିଲ୍ଲୀପ ଅଗ୍ରୱାଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୫୩ବର୍ଷ ତଳେ ଛାତ୍ରାବସ୍ଥାରେ ପୂଜା ଆରମ୍ଭ କରିଥିବା ଗୋପାଳକୃଷ୍ଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆକର୍ଷଣ ସାଜିଲା ଝୁମର, ଡାଲଖାଇ, ସାନ୍ତାଳି ନୃତ୍ୟ

ଖୋର୍ଦ୍ଧା, ୧୧।୯(ପ୍ରଭାତ ପାଣିଗ୍ରାହୀ)

ନବିନାବାଗ ବକ୍ସିଜଗବନ୍ଧୁ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଗଣପତି ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଗୋଟିଏ ପରେ ଗୋଟିଏ କଳା ଅନୁଷ୍ଠାନ ଚିତାକର୍ଷକ ନୃତ୍ୟ ପରିବେଷଣ କରି ଦର୍ଶକ ମନ ଜିଣିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ମା’ ସରସ୍ୱତୀ ଆଦିବାସୀ କର୍ମ ନୃତ୍ୟକଳା ପରିଷଦ ସୁନ୍ଦରଗଡ ଦ୍ୱାରା ପରିବେଷିତ ଝୁମର ନୃତ୍ୟ। ସେହିପରି କିଶାନ ଟ୍ରାଇବାଲ ଡ୍ୟାନ୍ସ ଅନୁଗୋଳର ସାନ୍ତାଳି ନୃତ୍ୟ ଡାଲଖାଇ, ୟାତ୍ରୀ ଗ୍ରୁପ୍ ଅଫ୍ ଷ୍ଟେଜ ଚାର୍ମର୍ସ୍ ସୋନପୁରର ସମ୍ବଲପୁରୀ ନୃତ୍ୟ, ଡିଭାଇନ ଡ୍ୟାନ୍ସ ଏକାଡେମୀ ଖୋରଧାର ମଡର୍ନ ଡ୍ୟାନ୍ସ ଦର୍ଶକଙ୍କ ମନ ମୋହିଥିଲା। ସୋନପୁରର ସାରେଗାମାପା ସଙ୍ଗୀତ, ସମ୍ବଲପୁରୀ ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ସ୍ମିତରଞ୍ଜନ ବଳିୟାରସିଂହ, ଦିଲନ୍ କୁମାର ଜେନା, ଲେଲିନ ପାଇକରାୟ, ବିମଳକାନ୍ତ ସାମନ୍ତରାୟ, କୌଶଲ ପ୍ରହରାଜ, ଦୀନବନ୍ଧୁ ସାହୁ, ଦେବାଶିଷ ସାହୁ, ନିରାକାର ବଳିୟାରସିଂହ, ସତ୍ୟପ୍ରକାଶ ସାହୁ, ସମୀର ସ୍ୱାଇଁ, ସୌମ୍ୟରଞ୍ଜନ ପାତ୍ର, ଅରବିନ୍ଦ ଶତପଥୀ, ସୁରେଶ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଗୁରୁବାର ଉଦଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀ ବିଭୁକିଶୋର, ପମି ମିଶ୍ର ଏବଂ ଅନେକ ସିନେ କଳାକାର ‘ଓଲିଉଡ ସନ୍ଧ୍ୟା’ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି କ୍ଲବ ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଜଣାଇଛନ୍ତି।


ଗଣପତି ମହୋତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

# ମୟୂରୀ ନୃତ୍ୟରେ ଦର୍ଶକ ବିଭୋର

## ଜଙ୍କିଆ ପଲ୍ଲୀ ମହୋତ୍ସବର ପଞ୍ଚମ ସନ୍ଧ୍ୟା

ନିରାକାରପୁର, ୧୧।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଗଣେଶପୂଜା ଉପଲକ୍ଷେ ଜଙ୍କିଆ ଓଁଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡିଆଠାରେ ଚାଲିଥିବା ଚତୁର୍ଦ୍ଦଶ ‘ଜଙ୍କିଆ ପଲ୍ଲୀ ମହୋତ୍ସବର’ ପଞ୍ଚମ ସନ୍ଧ୍ୟାରେ ବୁଧବାର କଟକ କଳାକାରଙ୍କ ମୟୂରୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନୁରୂପଭାବେ ସମ୍ବଲପୁରର ସମ୍ବଲପୁରୀ, ସାଇଲକ୍ଷ୍ମୀ ଡ୍ୟାନ୍ସ ଗ୍ରୁପ ଖୋର୍ଦ୍ଧା, ପାଇକ ଆଖଡ଼ା ଖୋର୍ଦ୍ଧା, ଲୋକାଲ ଡ୍ୟାନ୍ସ ଗ୍ରୁପର ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ କିଛି ସମୟ ବାନ୍ଧି ରଖିଥିଲା। ପରେ ଆୟୋଜିତ ସାଂସ୍କୃତିକ ସଭା ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଭୁବନେଶ୍ୱର ସନ୍‌ସାଇନ ହସ୍ପିଟାଲର ଡିଜିଏମ୍ ସନ୍ଦୀପ



ପୃଷ୍ଟି ଓ ମ୍ୟାନେଜର ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କମଲେଶ ମହାରଣା, ସୁନୀଲ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶ୍ୱଭୂଷଣ ଛୋଟରାୟ ଧନ୍ୟବାଦ ଦେଇଥିଲେ। କେଦାରଶ୍ୱର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, ତାପସ ବଳିୟାରସିଂହ, ଗୌତମ ବଳିୟାରସିଂହ, ଅରୁଣ ଶ୍ରୀଚନ୍ଦନ, ଚିନ୍ତାମଣି ବେହେରା ପ୍ରମୁଖ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ। ଘରକରଣା ସାମଗ୍ରୀ ଠାରୁ ଆରମ୍ଭକରି କାଶ୍ମୀର ଲଙ୍କା, ମଥୁରା କେକ୍, ଗୁପଚୁପ, ଚାଟ ଆଦି ଚଟପଟି ଖାଦ୍ୟ ସାମଗ୍ରୀ ଷ୍ଟଲରେ ଲୋକଙ୍କ ଭିଡ଼ ଜମୁଛି। ଦୋଳି ସମେତ ଡ୍ରାଗନ ଟ୍ରେନ ଯୋଗୁ ଉପସ୍ଥିତ ଦର୍ଶକଙ୍କ ଉତ୍ସାହ ବଢୁଛି। ସେହିପରି ଏକାଧିକ ସରକାରୀ ଓ ବେସରକାରୀ ଷ୍ଟଲ ଖୋଲିଛି।

**ସୂଚନା କେନ୍ଦ୍ର, ପାଠାଗାର ପରିଦର୍ଶନ କଲେ ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ**

କଟକ,(କାର୍ତ୍ତିକ ସାହୁ): ସୂଚନା ଓ ଲୋକସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ ହେମନ୍ତ କୁମାର ନାୟକ କଟକ ସଦର ଉପଖଣ୍ଡ ଅଧୀନ ସାଲେପୁର ଓ ଚାହାପଡ଼ାଠାରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ପାଠାଗାର ଏବଂ ସୂଚନା କେନ୍ଦ୍ର ବୁଧବାର ପରିଦର୍ଶନ କରିଛନ୍ତି। ଉଭୟ ପାଠାଗାର ଓ ସୂଚନା କେନ୍ଦ୍ରର ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଗ୍ରନ୍ଥାଗାରିକଙ୍କଠାରୁ ପଚାରିବୁଝିବା ସହ ପାଠିକାପାଠକଙ୍କ ଜରୁରୀ ଆବଶ୍ୟକତାକୁ ଦୃଷ୍ଟି ଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୂଚନା କେନ୍ଦ୍ରଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା ଅବଲମ୍ବନ ସହ ସଭ୍ୟାସଭ୍ୟ ତଥା ପରିଦର୍ଶକଙ୍କର ଠିକ୍ ତଥ୍ୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଉଭୟ ପାଠାଗାର ଓ ସୂଚନା କେନ୍ଦ୍ରର ଗ୍ରନ୍ଥାଗାରିକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୧୧।୯(ଆଶୁତୋଷ ଦାସ)

ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ୬ଟି ଗୋଷ୍ଠୀ ଶିକ୍ଷାକେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ କୁନ୍ତଳା ଖଟୁଆ, ଅତିରିକ୍ତ ଶିକ୍ଷାଧିକାରୀ ଅରୁନ୍ଧତୀ ମିଶ୍ର, ସରପଞ୍ଚ କଲ୍ୟାଣୀ ରାଉତ, ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେଶନର ଉପସଭାପତି ଧର୍ମେଶ ଗୋୟଲ, ଇମ୍ଫାର ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ, ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁ, ସମିତିସଭ୍ୟ ଟୁଟୁ ରାଉତ ପ୍ରମୁଖ ଯୋଗଦେଇଥିଲେ। ଇତିମଧ୍ୟରେ ଇମ୍ଫା ପକ୍ଷରୁ ୨୫ଟି ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଦ୍ୱାରା ସ୍ଥାନୀୟ କରଞ୍ଜି, ମଙ୍ଗରାଜପୁର ଓ ମହିଷାଁଲଣ୍ଡା ପଞ୍ଚାୟତର ୭୦୦ରୁ ଊର୍ଦ୍ଧ୍ୱ ନିରକ୍ଷର ମହିଳାଙ୍କୁ ଶିକ୍ଷାଦାନ କରାଯାଉଛି। ରାକେଶ କୁମାର ମିଶ୍ର, ଚନ୍ଦ୍ର ଶେଖର ମହାପାତ୍ର, ମନୋଜ ମହାପାତ୍ର, ପିଙ୍କି ସାହୁ, ନିର୍ଲିପା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମାନସ ପ୍ରଧାନ ଓ ଅଭିଷେକ ଘୋଷ ସହଯୋଗ କରିଥିଲେ।

# 'ରେଭେନ୍‌ଶାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ'

କଟକ,୧୧।୯(କାର୍ତ୍ତିକ ସାହୁ)



ବୈଠକରେ ବିଧାୟକ ପ୍ରକାଶ ସେଠୀଙ୍କ ସମେତ ଅନ୍ୟମାନେ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଆମର ଗର୍ବ ଓ ଗୌରବ। ଏହି ପ୍ରାଚୀନ ଶିକ୍ଷାନୁଷ୍ଠାନର ଶୈକ୍ଷିକ ପରିବେଶଠାରୁ ଆରମ୍ଭ କରି ଶିକ୍ଷାଦାନ ପଦ୍ଧତି ଓ ଭିତ୍ତିଭୂମି ଉନ୍ନତୀକରଣର ଆବଶ୍ୟକତା ରହିଛି। ରେଭେନ୍‌ଶା ନାମ ପରିବର୍ତ୍ତନ ସହିତ ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯିବା ଉଚିତ। କୌଣସି ବରପୁତ୍ରଙ୍କ ନାମରେ ବିଶ୍ୱବିଦ୍ୟାଳୟ ନାମକରଣ ଉପରେ ଦାବି ଜୋର ଧରିଛି। ରେଭେନ୍‌ଶା ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ରନେତା ଓ ବୁଦ୍ଧିଜୀବୀ ସାମ୍ମୁଖ୍ୟ ପକ୍ଷରୁ ରେଭେନ୍‌ଶା ନାମ ପରିବର୍ତ୍ତନକୁ ସମର୍ଥନ କରି କଟକ ଦେଉଳସାହିସ୍ଥିତ ଏକ ମଣ୍ଡପରେ ବୁଧବାର ଆୟୋଜିତ ବୈଠକରେ ବକ୍ତାମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି।

ରେଭେନ୍‌ଶା ଛାତ୍ର ସଂସଦର ପୂର୍ବତନ ସଭାପତି ଶୁଭେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ରନେତା ଓ ବୁଦ୍ଧିଜୀବୀମାନେ ମତ ଉପସ୍ଥାପନ କରିଥିଲେ। ରେଭେନ୍‌ଶାର ନାମ ପରିବର୍ତ୍ତନକୁ ନେଇ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା ଉପରେ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ବିତର୍କର ଆବଶ୍ୟକତା ରହିଥିବା କହିଥିଲେ। ମାତ୍ର ତାଙ୍କ ମନ୍ତବ୍ୟକୁ କଦାକାର କରି ଯେଉଁଭଳି ଭାବେ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନା କରାଯାଉଛି, ତାହା ନିଶ୍ଚିତ ରୂପେ ନିନ୍ଦନୀୟ ବୋଲି ମହାନ୍ତି କହିଛନ୍ତି। କଟକ ସଦର ବିଧାୟକ ପ୍ରକାଶ ସେଠୀ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନକୁ ସମର୍ଥନ କରିବା ସହିତ ଅନୁଷ୍ଠାନରେ ଗୁଣାତ୍ମକ ଶିକ୍ଷାର ମାନକୁ ଅଧିକ ଉନ୍ନତ କରିବା ନିମନ୍ତେ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ସହିତ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାକୁ ପ୍ରାଧାନ୍ୟ ଦେଇ ଉଚ୍ଚକୋଟୀର ଗବେଷଣା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ସେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଭାଜପା କର୍ପୋରେଟର ଗଗନ ଓଝା କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ସମର୍ଥନ ଜଣାଇଥିଲେ। ରେଭେନ୍‌ଶାର ଭୌଗୋଳିକ ସ୍ଥିତିକୁ ଅଧିକ ସୌନ୍ଦର୍ଯ୍ୟମୟ କରିବା ସହିତ ରେଭେନ୍‌ଶାର ନାମ ପରିବର୍ତ୍ତନକୁ ନେଇ ବିରୋଧୀ ଦଳ କରୁଥିବା ହୀନ ରାଜନୀତିରୁ ନିବୃତ୍ତ ରହିବା ନିମନ୍ତେ ଓଝା ଆହ୍ୱାନ ଦେଇଥିଲେ। ରେଭେନ୍‌ଶା ଛାତ୍ର ସଂସଦର ପୂର୍ବତନ ସଭାପତି ଜ୍ୟୋତି ରଞ୍ଜନ ରାୟ ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଇ ଓଡ଼ିଶାର କୌଣସି ବରପୁତ୍ରଙ୍କ ନାମରେ ବିଶ୍ୱବିଦ୍ୟାଳୟକୁ ନାମିତ କରାଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ଉନ୍ନତି, ମୌଳିକ ସମସ୍ୟା ଓ ଶୃଙ୍ଖଳିତ ପରିବେଶ ନିମନ୍ତେ ଉଚିତ୍ ପଦକ୍ଷେପ ନେବା ସହିତ ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ନିମନ୍ତେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ପ୍ରଚେଷ୍ଟାକୁ ରାୟ ପ୍ରଶଂସା କରିଥିଲେ। ଟି.ଇ. ରେଭେନ୍‌ଶାଙ୍କୁ ସମର୍ଥନ କରି ବିରୋଧୀଙ୍କ ଦ୍ୱାରା କରାଯାଉଥିବା ହୀନ ରାଜନୀତିକୁ ଦୃଢ଼ ଭାବେ ବିରୋଧ କରାଯିବ ବୋଲି ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି। ବଂଶୀଧର ପରିଡ଼ା, ପଙ୍କଜ ଜଟି, ପୂର୍ବତନ ଛାତ୍ରନେତା ପ୍ରକାଶ ଦାସ, କୃଷ୍ଣଚନ୍ଦ୍ର ମଲ୍ଲିକ, ଶ୍ରୀନିବାସ ରାଓ, ବିକାଶ ଦାସ, ଗଗନ ବାରିକ, ସଂଗ୍ରାମ ଦାସ, ଚଣ୍ଡୀ ମହାନ୍ତି, ଶରତ ସାମଲ, ସସ୍ମିତା ସୂତାର, ଅନିତା ବାରିକଙ୍କ ସମେତ ଅନ୍ୟମାନେ ମତ ପ୍ରକାଶ କରିଥିଲେ।

# ସାମାଜିକ ସୁରକ୍ଷା ଅଭାବରୁ ଡିଜିଟାଲ ସର୍ଭେ ପାଇଁ ଅନିଚ୍ଛୁକ କୃଷକ ସାଥୀ

କଟକ ସଦର,୧୧।୯(ସୁଶାନ୍ତ କୁମାର ଜେନା)

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ୍ରମେ ଚଳିତ ମାସଠାରୁ କଟକ ସଦର ସମେତ ରାଜ୍ୟର ୩୧୪ ବ୍ଲକ୍‌ରେ ଡିଜିଟାଲ ସର୍ଭେ ଆରମ୍ଭ ହୋଇଛି। ଏହି କାର୍ଯ୍ୟରେ କୃଷକ ସାଥୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ବିଲକୁ ଯାଇ ଡିଜିଟାଲ ସର୍ଭେ କରି ଜମିରେ କେଉଁ ପ୍ରକାର ଚାଷ କରାଯାଉଛି, ତାହାର ରିପୋର୍ଟ ସରକାରଙ୍କୁ ଅନ୍‌ଲାଇନ ମାଧ୍ୟମରେ ପ୍ରଦାନ କରାଯିବ। ହେଲେ ସାମାଜିକ ସୁରକ୍ଷା ଓ ସର୍ଭେରେ ବ୍ୟବହୃତ ଆଣ୍ଡ୍ରଏଡ ଫୋନ୍ ଯୋଗାଇ ଦେବା ପାଇଁ କୃଷକ ସାଥୀ ସଂଘ ପକ୍ଷରୁ ଏକ ଦାବିପତ୍ର ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। କୃଷକ ସାଥୀମାନେ ବିଲ, ଜଙ୍ଗଲ, ବୁଦା ଓ ରବି ଫସଲ କ୍ଷେତକୁ ଯାଇ ସର୍ଭେ କରିବା ପରିପ୍ରେକ୍ଷୀରେ ସର୍ପାଘାତ, ବଜ୍ରପାତ ଓ ବିଷାକ୍ତ କୀଟ କାମୁଡ଼ିବାଜନିତ ମୃତ୍ୟୁ ପାଇଁ ବୀମା ବ୍ୟବସ୍ଥା ନାହିଁ। ଏହାଛଡ଼ା ଅନେକ ସ୍ଥାନରେ ସରକାରଙ୍କୁ ନ ଜଣାଇ ଚାଷଜମିକୁ ଘରବାଡ଼ିରେ ପରିଣତ କରାଯାଇଛି। ତେଣୁ ଏଭଳି ଜମିରେ ବ୍ୟକ୍ତିବିଶେଷ ଡିଜିଟାଲ ସର୍ଭେ ନ କରାଇ ଦେଇପାରନ୍ତି। ଏଭଳି ପରିସ୍ଥିତିରେ ଜଣେ ଦୈନିକ ୫୦ ଟଙ୍କା ସ୍ୱଳ୍ପ ପାରିଶ୍ରମିକ ପାଉଥିବା କୃଷକ ସାଥୀ ଏହି ସର୍ଭେ କରିବା ପାଇଁ ଅନିଚ୍ଛୁକ। ଏହି ସୁବିଧା ମିଳିବାର ସରକାରୀ ପ୍ରତିଶ୍ରୁତି ମିଳିଲେ ସର୍ଭେ କାର୍ଯ୍ୟରେ ସହଯୋଗ ପାଇଁ କୃଷକ ସାଥୀମାନେ ପ୍ରସ୍ତୁତ ବୋଲି ପ୍ରକଳ୍ପ ନିର୍ଦ୍ଦେଶକୁ ଜଣାଇଛନ୍ତି। ଏଭଳି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି ଆତ୍ମାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର କର କହିଛନ୍ତି। ଏହି ଦାବିପତ୍ରକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦିଆଯିବ ବୋଲି କର କୃଷକ ସାଥୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ସଭାପତି ଲକ୍ଷ୍ମୀଧର ରାଉତ, ଉପ ସଭାପତି ପ୍ରମୋଦ କୁମାର ସେଠୀ, ସମ୍ପାଦକ ଦିଲୀପ କୁମାର ଚୌଧୁରୀ, ସହ ସମ୍ପାଦକ ଦେବାଶିଷ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

କଣ୍ଟାପଡ଼ା,୧୧।୯(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଅଡଶପୁରସ୍ଥିତ ପ୍ରାଚୀ ନୋଡାଲ ଏକାଡେମୀ ପରିସରରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ ମୁଖ୍ୟ ଅତିଥି, ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ ପାତ୍ର, ବ୍ଲକ ଶିକ୍ଷାଧିକାରୀ ବିଭୂତି ଭୂଷଣ ବେହେରା, ଅତିରିକ୍ତ ଶିକ୍ଷାଧିକାରୀ ଅଜିତ୍ ମହାପାତ୍ର ଅନ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ସିନିୟର ବିଭାଗରେ ପ୍ରିୟଦର୍ଶିନୀ ପାତ୍ର ପ୍ରଥମ, ଆଦିତ୍ୟ ମହାରଣା ଦ୍ୱିତୀୟ ଓ ଲିପିକା ପ୍ରଧାନ ତୃତୀୟ ହୋଇଥିଲେ। ସେହିପରି ସବ୍‌ଜୁନିୟର ବିଭାଗରେ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ପ୍ରଥମ, ଆରିୟାନ ଜେନା ଦ୍ୱିତୀୟ ଓ ପ୍ରୀତିପ୍ରଜ୍ଞା ବେହେରା ତୃତୀୟ ହୋଇଥିଲେ। ଏଥିସହ ଜୁନିୟର ବିଭାଗରେ ଜ୍ଞାନ ପ୍ରତୀକ ମହାନ୍ତି ପ୍ରଥମ, ବିଶ୍ୱଜିତ୍ ସେଠୀ ଦ୍ୱିତୀୟ ଓ ଆଦିତ୍ୟ ଜେନା ତୃତୀୟ ହୋଇଥିଲେ।

## ମାଟ୍ରିକ୍ ମାର୍କଶିଟ୍‌ରେ ହେରଫେର ଅଭିଯୋଗ

**ଘରୋଇ କଲେଜ ଛାତ୍ରଙ୍କୁ ପୋଲିସର ପଚରାଉଚରା**

କଟକ,୧୧।୯ (କାର୍ତ୍ତିକ ସାହୁ)

କଟକ ସିଡିଏ ଅଞ୍ଚଳରେ ଥିବା ଏକ ଘରୋଇ କଲେଜର ଜଣେ ଛାତ୍ର ତାଙ୍କ ମାଟ୍ରିକ୍ ମାର୍କଶିଟ୍‌ରେ ହେରଫେର କରିଥିବା ଅଭିଯୋଗ ହୋଇଛି। ଉକ୍ତ କଲେଜ କର୍ତ୍ତୃପକ୍ଷ ଏନେଇ ମର୍କତନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଉଭୟ କଲେଜ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ଛାତ୍ରଙ୍କୁ ପଚରାଉଚରା କରିଥିବା ଜଣାପଡିଛି। ସୂଚନା ଅନୁସାରେ, ସିଡିଏ ସେକ୍ଟର-୮ ଅଞ୍ଚଳରେ ଥିବା ଏକ ଘରୋଇ କଲେଜର ଯୁକ୍ତଦୁଇ ଶ୍ରେଣୀରେ ଜଣେ ଛାତ୍ର ନାମ ଲେଖାଇଥିଲେ। ୨ ବର୍ଷ ହେଲାଣି ସେ ନିଜ ମାଟ୍ରିକ୍ ମାର୍କସିଟ୍ ଅଦ୍ୟାବଧି ଦାଖଲ କରିନାହାନ୍ତି। କଲେଜ କର୍ତ୍ତୃପକ୍ଷ ବାରମ୍ବାର ଏ ସଂକ୍ରାନ୍ତରେ ଛାତ୍ରଙ୍କ ଅଭିଭାବକଙ୍କୁ ଅବଗତ କରିଥିଲେ। କିନ୍ତୁ ସେ ଦାଖଲ କରିବାରେ ଅସମର୍ଥ ହୋଇଥିଲେ। ମାଟ୍ରିକ୍ ମାର୍କଶିଟ୍‌ରେ ହେରଫେର ହୋଇଥିବା କଲେଜ କର୍ତ୍ତୃପକ୍ଷ ସନ୍ଦେହ କରିଥିଲେ। ଅପରପକ୍ଷରେ ଅଭିଯୋଗ ପାଇବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ଏନେଇ ମର୍କତନଗର ଥାନା ଆଇଆଇସି କମଳାକାନ୍ତ ଦାସ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ମାର୍କଶିଟ୍ ନ ଦେବାକୁ ନେଇ ଉଠିଥିବା ସନ୍ଦେହ ସମ୍ପର୍କରେ ସ୍ପଷ୍ଟ ହେବ।


କଟକ ଶିଳ୍ପୀ କୁମ୍ଭାର ସାହି ଅଞ୍ଚଳରେ ଜଣେ ଶିଳ୍ପୀ ବିଶ୍ୱକର୍ମାଙ୍କ ମୂର୍ତ୍ତୀକୁ ରଙ୍ଗତୁଳୀରେ ରୂପରେଖ ଦେଉଛନ୍ତି।

## ଜାତୀୟ ରାଜପଥ ସ୍ଥିତି ପରଖିଲେ ଏନ୍‌ଏଚ୍‌ଏଆଇ ଅଧିକାରୀ

ଚୌଦ୍ୱାର,୧୧।୯(ଆଶୁତୋଷ ଦାସ)

୫୫ ନମ୍ବର ଜାତୀୟ ରାଜପଥର ମଙ୍ଗୁଳିଠାରୁ ଧୂମାବତୀ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ରାସ୍ତା କାର୍ଯ୍ୟରେ ନିୟୋଜିତ ଠିକା ସଂସ୍ଥାର ଦାୟିତ୍ୱହୀନତାକୁ ବିରୋଧ ଓ ସର୍ଭିସ ରୋଡ ମରାମତି ଦାବିରେ ସୋମବାର ଚୌଦ୍ୱାର ଜାଗରଣ ମଞ୍ଚ ପକ୍ଷରୁ ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ) ପ୍ରକଳ୍ପ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାସ୍ତାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ବୁଧବାର ଏନ୍‌ଏଚ୍‌ଏଆଇର ଏକ ପ୍ରତିନିଧି ଦଳ ଚୌଦ୍ୱାରରେ ପହଞ୍ଚି ନିର୍ମାଣାଧୀନ ରାସ୍ତା ଓ ଏଥିସଂଲଗ୍ନ ସର୍ଭିସ୍ ରୋଡ ପରିଦର୍ଶନ କରି ଏହାର ସ୍ଥିତି ପରଖିଥିଲା। ଏନ୍‌ଏଚ୍‌ଏଆଇ ଢେଙ୍କାନାଳ ଅଫିସ୍‌ର ପ୍ରକଳ୍ପ ନିର୍ଦ୍ଦେଶକ, ଟେକ୍ନିକାଲ ମ୍ୟାନେଜର, ଠିକା ସଂସ୍ଥାର ସୁପରଭାଇଜର ଓ ପ୍ରତିନିଧି ମଙ୍ଗୁଳି ଛକଠାରୁ ଧୂମାବତୀ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଦେଖିଥିଲେ। ଚୌଦ୍ୱାର ଜାଗରଣ ମଞ୍ଚର ପ୍ରତିନିଧିମାନେ ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ଅବସ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ତୁରନ୍ତ ସର୍ଭିସ୍ ରୋଡ୍ ମରାମତି କରିବାକୁ ଅନୁରୋଧ କରିଥିଲେ। ଏଥିସହିତ ରାଜରାସ୍ତା କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରିବା ପାଇଁ ଦାବି ଜଣାଇଥିଲେ। ଯଥାଶୀଘ୍ର ସର୍ଭିସ ରୋଡ଼ର ମରାମତି ପାଇଁ ପଦକ୍ଷେପ ନିଆଯିବ ବୋଲି ଉଭୟ ଏନ୍‌ଏଚ୍‌ଏଆଇ ଅଧିକାରୀ ଓ ଠିକାସଂସ୍ଥାର ପ୍ରତିନିଧି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ପିଲାଙ୍କୁ ଶାନ୍ତି ବାତାବରଣ ଦେବାକୁ ଅଭିନବ ପ୍ରୟାସ



କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଓ ଅନ୍ୟମାନେ।

କଟକ,୧୧।୯ (କାର୍ତ୍ତିକ ସାହୁ)

ବିଭିନ୍ନ ବର୍ଗର ପିଲାଙ୍କୁ ପାଠପଢ଼ାରେ ଶାନ୍ତି ପରିବେଶ ଯୋଗାଇ ଦେବା ନିମନ୍ତେ ଅଭିନବ ପ୍ରୟାସ କରାଯାଇଛି। ସହରର କୋଳାହଳମୟ ପରିବେଶ ତଥା ପରିବାର ଝାମେଲାରୁ ମୁକ୍ତ ହୋଇ ପିଲାମାନେ ନିଜ କ୍ୟାରିୟର ଗଢ଼ିବେ। ଏଥିପାଇଁ ସିଡିଏ ସେକ୍ଟର-୭ରେ ଆରମ୍ଭ ହୋଇଛି ଆରଏସ୍ ଷ୍ଟଡି କର୍ଣ୍ଣର। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡ୍ଡୁ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ଡ. ଅଭିଷେକ ଶର୍ମା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସୁକାନ୍ତି ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏଠାରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ିବା ପାଇଁ ଏକ ସ୍ୱତନ୍ତ୍ର ବାତାବରଣ ପ୍ରସ୍ତୁତ ହୋଇଛି। ଖାସ୍‌କରି ଯେଉଁ ଛାତ୍ରୀଛାତ୍ରଙ୍କୁ ଆରାମଦାୟକ ତଥା ଶାନ୍ତ ପରିବେଶର ଆବଶ୍ୟକତା ରହିଛି, ସେମାନଙ୍କ ପାଇଁ ଏହା ବେଶ୍ ଉପଯୋଗୀ। ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପରୀକ୍ଷାର୍ଥୀ ମଧ୍ୟ ପଢ଼ାପଢ଼ି କରିପାରିବେ। ପିଲାମାନେ ନିଜ ପାଠପଢ଼ା ବହି ତଥା ଅନ୍ୟାନ୍ୟ ପାଠ୍ୟ ସାମଗ୍ରୀ ଆଣି ପଢ଼ିପାରିବେ। ଏଠାରେ ଥିବା ୱାଇଫାଇ ବ୍ୟବସ୍ଥାକୁ ବିନିଯୋଗ କରି ସେମାନେ ନିଜକୁ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରି ପାରିବେ ବୋଲି ଏହାର ମୁଖ୍ୟ ଆସ୍ଥା ବର୍ମା କହିଛନ୍ତି। ଅନ୍ୟତମ ମୁଖ୍ୟ ଶୈଳେଶ ବର୍ମା, ରୁବି ବର୍ମା, ଅଲେଖ ବର୍ମା ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଏସ୍‌ସିବିରେ ଥଣ୍ଡା, ଜ୍ୱର, କାଶ ରୋଗୀଙ୍କ ସଂଖ୍ୟା ବଢ଼ୁଛି

କଟକ,୧୧।୯(ଶିଲ୍ପା ପ୍ରିୟଦର୍ଶିନୀ)

- ପ୍ରତିଦିନ ଆସୁଛନ୍ତି ୧୦୦ରୁ ଅଧିକ ରୋଗୀ
- ବିନା ଡାକ୍ତର ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଆନ୍ତୁ ନାହିଁ

ଘରେ ବାହାରେ ଏବେ ସବୁଠି ଲୋକ ଖୁଁ ଖୁଁ ହୋଇ କାଶୁଛନ୍ତି। ଜ୍ୱର, ଥଣ୍ଡା ଓ କାଶରେ ଏବେ ଛୋଟ ପିଲାଠୁ ଆରମ୍ଭ କରି ବଡ଼ ଯାଏଁ ସଭିଏଁ ଆକ୍ରାନ୍ତ ହୋଇଛନ୍ତି। ଜ୍ୱର ଆସିବା ମାତ୍ରେ ଦେହ ବିନ୍ଧାଛିଟିକା ସହ ଦୁର୍ବଳ ଅନୁଭବ ହେଉଛି। ଔଷଧ ଖାଇଲେ ବି କାଶ କମୁନି। ପ୍ରାୟ ଏକ ମାସ ହେବ ବିଭିନ୍ନ ଡାକ୍ତରଖାନାରେ ଥଣ୍ଡା, କାଶ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ଏସ୍‌ସିବି ମେଡିକାଲରେ ମଧ୍ୟ ଏଭଳି ରୋଗୀଙ୍କ ସଂଖ୍ୟା ବଢ଼ିଛି। ମେଡିକାଲରୁ ମିଳିଥିବା ସୂଚନା ମୁତାବକ, ମେଡିସିନ ବିଭାଗ ଆଉଟ୍‌ଡୋରକୁ ପ୍ରାୟ ଏକ ମାସ ହେବ ପ୍ରତିଦିନ ୧୦୦ରୁ ଅଧିକ ଲୋକ ଥଣ୍ଡା, ଜ୍ୱର ଓ କାଶରେ ଆକ୍ରାନ୍ତ ହୋଇ ଆସୁଛନ୍ତି। ଏଥିସହ ଶିଶୁରୋଗ ବିଭାଗ, ଇଏନ୍‌ଟି, ପଲମୋନାରୀ, ଛାତି ଓ ଯକ୍ଷ୍ମା ରୋଗ ବିଭାଗରେ ଥଣ୍ଡା, ଜ୍ୱର ରୋଗୀଙ୍କ ସଂଖ୍ୟା ବଢ଼ିଛି। ଏବେ ଡେଙ୍ଗୁ, ମ୍ୟାଲେରିଆ, ହରପିସ୍ ଓ ମଙ୍କିପକ୍ସ ବ୍ୟାପୁଥିବାବେଳେ ଏଭଳି ଥଣ୍ଡା, ଜ୍ୱର ଓ କାଶରେ ରୋଗୀ ଆକ୍ରାନ୍ତ ହେବା ନେଇ ବିଶେଷଜ୍ଞମାନେ କହିଛନ୍ତି। ଏନେଇ ଏସ୍‌ସିବି ମେଡିସିନ ବିଭାଗର ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଛନ୍ତି, ସଂକ୍ରମଣ ବ୍ୟାପୁଥିବାବେଳେ ରୋଗୀଙ୍କୁ ଏବେ ଜ୍ୱର, ଥଣ୍ଡା ହେବା ସ୍ୱାଭାବିକ। ପ୍ରଥମେ ଜ୍ୱର ହେଲେ ପାରାସିଟାମଲ, ଲିଭୋ ସେଟ୍ରିଜିନ୍ ୩ ଦିନ ପର୍ଯ୍ୟନ୍ତ ଖାଇବା ଆବଶ୍ୟକ। ତା'ପରେ ଯଦିଓ ଜ୍ୱର ନ କମେ ତେବେ ମେଡିକାଲରେ ଡାକ୍ତର ପରାମର୍ଶ କରାଇ ଡେଙ୍ଗୁ, ମ୍ୟାଲେରିଆ ଓ ମୂତ୍ର ପରୀକ୍ଷା କରାଇ ଔଷଧ ସେବନ କରିବା ଉଚିତ୍। ଯଦି ୭ ଦିନ ପର୍ଯ୍ୟନ୍ତ ଜ୍ୱର ନ କମେ ତେବେ ମେଡିକାଲରେ ଭର୍ତ୍ତି ହେବା ଜରୁରୀ। ପ୍ରଥମରୁ ଜ୍ୱରକୁ ଯଦିଓ ରୋଗୀ ଅବହେଳା କରିବେ ତେବେ ଜ୍ୱର ବଢ଼ିବା ସହ ଟିବି, ଡେଙ୍ଗୁ, ମ୍ୟାଲେରିଆ, ଟାଇଫଏଡ଼ରେ ଆକ୍ରାନ୍ତ ହାଇ ମସ୍ତିଷ୍କ ଆଘାତର ଶିକାର ହେବାର ଆଶଙ୍କା ରହିଛି। ଜ୍ୱରକୁ ଅତି ସାଧାରଣ ଭାବି ହେଳା କରିବା ଉଚିତ୍ ନୁହେଁ। ଏଥିସହ ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଇବା ଉଚିତ୍ ନୁହେଁ।

# ୩୭ ମାସ ହେବ ଭତ୍ତା ପାଇନାହାନ୍ତି ଯାନକଳା

ମଙ୍ଗୁଳି-ଜଗତପୁର,୧୧।୯(ମାନସ ସାମଲ)




- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ, ପଦକ୍ଷେପ ନିଆଗଲାନି
- ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ଲୋଡ଼ିଲେ

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡ଼ ଗାଁ ପଞ୍ଚାୟତ କାନପୁର ମୌଜା ପଡିଆବନ୍ଧ ଗ୍ରାମର ଯାନକଳା ପୂର୍ତ୍ତି(୮୪)। ଚାଲିବା ପାଇଁ ଶକ୍ତି ନାହିଁ। ଭଲଭାବେ ଦେଖି ପାରୁନାହାନ୍ତି, କାନକୁ ଶୁଭୁ ନାହିଁ କି ଠିକ୍‌ରେ କଥା କହିପାରୁନାହାନ୍ତି। ଶରୀରର ପଞ୍ଜରା ହାଡ଼ ଗଣି ହେଇଯାଉଛି। ଏଭଳି ଅବସ୍ଥାରେ ସାହାରା ଦେବାକୁ ଝିଅଜ୍ୱାଇଁ ସେଠାରେ ଅଛନ୍ତି। ହେଲେ ୨ ବର୍ଷ ହେବ ଝିଅ ଯକ୍ଷ୍ମା ଓ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏଭଳି ପରିସ୍ଥିତିରେ ପରିବାର ଚଳିବା କଷ୍ଟକର ହୋଇପଡୁଥିବାବେଳେ ବଞ୍ଚିବା ପାଇଁ ସାହାରା ଖୋଜୁଛନ୍ତି ଯାନକଳା। ତାଙ୍କର ଜମିବାଡ଼ି ନ ଥିବାରୁ ଜଙ୍ଗଲ ଜମିର ଏକ ଚାଳଛପର କୁଡିଆରେ ଜୀବନ ବିତାଉଛନ୍ତି। ଯାନକଳାଙ୍କୁ ୨୦ ବର୍ଷ ଧରି ସରକାରଙ୍କ ପକ୍ଷରୁ ୫୦୦ ଟଙ୍କା ସିଧାସଳଖ ଭତ୍ତା ମିଳୁଥିଲା। ସେ ଉକ୍ତ ଟଙ୍କାରେ ଚଳିଯାଉଥିଲେ। ୨୦୨୧ ଜୁଲାଇରେ ସେ ଶେଷଥର ପାଇଁ ଭତ୍ତା ପାଇଥିଲେ। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଭତ୍ତା ଟଙ୍କା ପ୍ରଦାନ କରିବାକୁ ୨୦୨୧ରେ ସରକାର ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ଦିଆଯାଇଥିଲା। ହେଲେ ଅଧିକ ବୟସ ହୋଇଯାଇଥିବାରୁ ଯାନକଳାଙ୍କର ଟିପଚିହ୍ନ କମ୍ପ୍ୟୁଟରରେ ଉଠୁନାହିଁ। ଫଳରେ ତାଙ୍କର ଆଧାରକାର୍ଡ ହୋଇପାରୁନାହିଁ। ଏଥିଯୋଗୁ ସେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିପାରି ନାହାନ୍ତି। ଫଳରେ ୩୭ ମାସ ହେବ ସେ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବିଡିଓ ହେମନ୍ତ ମହନ୍ତଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଫଳରେ ତୁରନ୍ତ ନୂତନ ଭତ୍ତା ବାବଦ ୩୫୦୦ ଟଙ୍କା ଓ ବାକି ୩୭ ମାସର ଟଙ୍କା ପାଇବା ପାଇଁ ସ୍ଥାନୀୟ ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ସହାୟତାରେ ଯାନକଳା ଗତ ଜୁଲାଇ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଥିଲେ। ଇତିମଧ୍ୟରେ ୨ ମାସ ବିତିଯାଇଛି। ହେଲେ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଇ ନ ଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଏନେଇ କୌଣସି ତଦନ୍ତ ହୋଇନାହିଁ। ସରକାର ଯଦି ଗୁହାରି ନ ଶୁଣନ୍ତି, ତେବେ ଇଚ୍ଛା ମୃତ୍ୟୁ ପାଇଁ ଅନୁମତି ଦିଅନ୍ତୁ ବୋଲି ଯାନକଳା କହିଛନ୍ତି। ଏନେଇ ବିଡିଓ ମହନ୍ତଙ୍କୁ ପଚାରିବାରୁ, ସେ ପ୍ରଶ୍ନକୁ ଏଡାଇ ଚାଲି ଯାଇଥିଲେ।

# ଭସାଣି ଶୋଭାଯାତ୍ରାରେ ଡିଜେ ବାରଣ

ଚୌଦ୍ୱାର,୧୧।୯(ଆଶୁତୋଷ ଦାସ)



ରୂପଯାତ୍ରା ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଚୌଦ୍ୱାର ରୂପଯାତ୍ରା ପ୍ରସ୍ତୁତି ବୈଠକ**

ଚୌଦ୍ୱାର ଅଞ୍ଚଳର ପ୍ରସିଦ୍ଧ ରୂପଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ଦଶହରା ପୂଜା କମିଟି ବୈଠକ ଗୃହରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚୌଦ୍ୱାର ଦଶହରା ପୂଜା କମିଟି ସଭାପତି ସୁବୋଧ କୁମାର ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ନାରାୟଣ ସ୍ୱାଇଁ ଯୋଗଦେଇ କହିଛନ୍ତି, ଆସନ୍ତା ଅକ୍ଟୋବର ୧୭ରୁ କୁମାର ପୂର୍ଣ୍ଣିମା ଉତ୍ସବ ଆରମ୍ଭ ହେବ। ୧୮ ତାରିଖରେ ବିରାଟ ଚୌଦ୍ୱାର ପୁସ୍ତକ ଉନ୍ମୋଚନ ସହ ସୂଚନା କେନ୍ଦ୍ର ଉଦ୍‌ଘାଟନ ହେବ। ୧୯ ତାରିଖରେ ବିଭିନ୍ନ ମଣ୍ଡପରୁ ମେଢଗୁଡିକ ବାହାରି ମେଳଣ ପଡିଆରେ ଏକତ୍ରିତ ହେବେ। ୨୦ ତାରିଖରେ ଯାତ୍ରା ପଡିଆରୁ ଛନ୍ଦା ଗ୍ରହଣ କରି କ୍ରମାନ୍ୱୟରେ ମେଢଗୁଡିକ ଆସି ବିରୂପା ନଦୀ କୂଳରେ ଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ୱାଇଁ କହିଛନ୍ତି। ସେହିପରି ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଚଳିତବର୍ଷ ଭସାଣି ଶୋଭାଯାତ୍ରାରେ ଡିଜେକୁ ବାରଣ କରାଯାଇଛି। ଏଥିସହ ଶୋଭାଯାତ୍ରାରେ ନିଶା ସେବନ ନ କରିବା ପାଇଁ ସମସ୍ତଙ୍କୁ ସେ ନିବେଦନ କରିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ରୂପଯାତ୍ରା ପଡିଆରେ ସମସ୍ତ ସୁବିଧା ସୁଯୋଗ ଦିଆଯିବ। ପୌରପାଳିକା ପକ୍ଷରୁ ରାସ୍ତାଘାଟ ମରାମତି, ଆଲୋକୀକରଣ ଓ ସଫେଇ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପ୍ରତିଶ୍ରୁତି ଦେଇଛନ୍ତି। ଟିପିଡିଓସିଏଲ୍ ଏସ୍‌ଡିଓ ମନୋଜ ସାହୁ, ଚୌଦ୍ୱାର ଅଗ୍ନିଶମ ଅଧିକାରୀ ବିଷ୍ଣୁ ପ୍ରସାଦ ଦାଶ, ପୌରନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜନସ୍ୱାସ୍ଥ୍ୟ ବିଭାଗର ଜେଇ ପ୍ରିୟଦର୍ଶିନୀ ଶତପଥୀ, ଇମ୍ଫାର ଲୋକସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଓ ଚୌଦ୍ୱାର ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ରୂପଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ସାହାଯ୍ୟ ସହଯୋଗ କରାଯିବ ବୋଲି କହିଛନ୍ତି। କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ରବି ନାରାୟଣ ସାହୁ, ରାମଚନ୍ଦ୍ର ମହାରଣା, ପ୍ରେମଚାନ୍ଦ ନାୟକଙ୍କ ସମେତ ୪୩ଟି ମଣ୍ଡପର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ସୁଜିତ୍ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କୁ ମାଡ଼, ନୟାହାଟ ଫାଣ୍ଡିରେ ଅଭିଯୋଗ

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ): ସ୍ୱାମୀ ନ ଥିବାବେଳେ ଘରେ ପଶି ଜଣେ ବ୍ୟକ୍ତି ମାଡ଼ ମାରିଥିବା ନେଇ ମହିଳା ଜଣକ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଦୁର୍ଗାପୁର ଗ୍ରାମର ରଞ୍ଜୁବାଳା ଜେନାଙ୍କ ଜମିଜମା ସମସ୍ୟାକୁ ନେଇ ସେହି ଗ୍ରାମର ଜଣେ ବ୍ୟକ୍ତି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଓ ମାଡ଼ ମାରିବା ଘଟଣାରେ ଅଭିଯୋଗ କରିଛନ୍ତି।

# ମହିଳାଙ୍କୁ ସଶକ୍ତ, ସମୃଦ୍ଧ କରିବ 'ସୁଭଦ୍ରା'

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୧୭ ତାରିଖରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଓଡ଼ିଶାରେ ଏହି ଯୋଜନାର ଶୁଭାରମ୍ଭ ହେବା ସହ ମହିଳାଙ୍କୁ ପ୍ରଥମ କିସ୍ତି ଅର୍ଥରାଶି ବଣ୍ଟନ କରାଯିବ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଯୋଗଦେଇ ଯୋଜନାର ଶୁଭାରମ୍ଭ କରିବେ। ଏହି ପରିପ୍ରେକ୍ଷୀରେ ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ଏବଂ ପୁରୀ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବେଳାଭୂମିରେ ସୁଭଦ୍ରା ଯୋଜନାର ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ 'ସୁଭଦ୍ରା' ଯୋଜନା ସମ୍ପର୍କିତ ବାଲୁକାକଳା ଉଦ୍‌ଘାଟିତ ହୋଇଥିଲା। ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାନବ ଶୃଙ୍ଖଳ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିବୃନ୍ଦ।

ଆୟୋଜିତ ସଭାରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଯୋଗଦେଇ କହିଥିଲେ, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭ ଉଦ୍‌ଘାଟନ କରିବେ। ତାହାକୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୩୦ ଲକ୍ଷରୁ ଅଧିକ ମହିଳାଙ୍କ ସୁଭଦ୍ରା ଯୋଜନାରେ ନାମ ପଞ୍ଜୀକରଣ କରିସାରିଲେଣି। ୧୭ ତାରିଖ ବେଳକୁ ଏହା ୬୦ ଲକ୍ଷରେ ପହଞ୍ଚି ସାରିଥିବ। ୧୫ ତାରିଖ ପର୍ଯ୍ୟନ୍ତ ଏହା ଚାଲୁ ରହିବ। ତେବେ ଫର୍ମ ପକାଇବା ୱେବ୍‌ସାଇଟ ଚାଲୁ ରହିବ। ୧କୋଟିରୁ ଅଧିକ ମହିଳାଙ୍କୁ ଯୋଜନାରେ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ବର୍ଷରେ ଓଡ଼ିଶାର ବିକାଶ ମାନଚିତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିବ। ସେହିପରି କୃଷକମାନଙ୍କୁ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷତା କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ସୁଭଦ୍ରା ପ୍ରତିଟି ମହିଳାଙ୍କୁ ସମୃଦ୍ଧ କରିବା ସହ ସେମାନଙ୍କ ସ୍ୱପ୍ନକୁ ସାକାର କରିବ। ଏହା ମହିଳାଙ୍କ ଜୀବନରେ ବଡ ପରିବର୍ତ୍ତନ ଆଣିବାକୁ ଯାଉଛି। ପୁରୀ ଜିଲାରେ ୭ଲକ୍ଷ ଫର୍ମ ପ୍ରଦାନ କରାଯାଇଛି। ବର୍ତ୍ତମାନ ପୁରୀରେ ୧ ଲକ୍ଷ ୬୭ ହଜାର ୨୯୨ରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ହୋଇଛି। ସମସ୍ତ କାର୍ଯ୍ୟ ପୁରୀରୁ ଆରମ୍ଭ କରାଯାଉଛି। ଆଗାମୀ ଦିନରେ ଯୋଜନା ସୁଫଳ ହେବ। ବାର୍ଷିକ ୧୩ ହଜାର କୋଟି ଓ ୫ବର୍ଷରେ ୬୫ ହଜାର କୋଟି ଟଙ୍କା ଏହି ଯୋଜନାରେ ବ୍ୟୟ ହେବ। କଥା ଦେଇ କଥା ରଖିବା ଆମ ସରକାରଙ୍କ ମୂଳ ନୀତି ବୋଲି ସେ କହିଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ମିଶନ ଶକ୍ତି ସଚିବ ଶାଳିନୀ ପଣ୍ଡିତ, କଳାକାର ପିଙ୍କି ପ୍ରଧାନ, ଶ୍ରୀତମ ଦାସ, ମଧୁସୂଦନ ସିଂହାରୀ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ମହିଳା କିଭଳି ଅତି କମ୍ ଟଙ୍କାରେ ନିଜକୁ ସଶକ୍ତ କରିପାରିଛନ୍ତି ତାହା ବଖାଣିଥିଲେ। ଜିଲାରେ ୬ଟି ରଥ ସମସ୍ତ ବ୍ଲକ ଓ ପୌରାଞ୍ଚଳ ବୁଲି ସଚେତନତା ବାର୍ତ୍ତା ବାଣ୍ଟୁଛି। ଶେଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ସମସ୍ତ ବିଡିଓ, ବିଭିନ୍ନ ବିଭାଗର ଅଧିକାରୀ, ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ।

### ପୁରୀ ବେଳାଭୂମିରେ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

## ଯମେଶ୍ୱରଙ୍କଠାରୁ ହିସାବ ବୁଝିଲେ ଶ୍ରୀସୁଦର୍ଶନ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ତଥା ରାଧାଷ୍ଟମୀ ତିଥି ଅବସରରେ ଚକ୍ରରାଜ ସୁଦର୍ଶନ ଆଶ୍ରମ ବିଜେ କରିବା ସହ ଯମେଶ୍ୱରଙ୍କଠାରୁ ହିସାବ ବୁଝିଛନ୍ତି। ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ମହାଜନସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ସେଠାରୁ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ଘଣ୍ଟ, ଛତା, କାହାଳୀ ସହ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ କରିଥିଲେ। ମହାଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟଶେଯରେ ଶ୍ରୀଦେବୀଙ୍କୁ ସେବକମାନେ ବିଜେ କରାଇଥିଲେ। ପରେ ଠାକୁରାଣୀଙ୍କ ମାଜଣା, ନୀତି ସମ୍ପନ୍ନ ହେବା ପରେ ଠାକୁରାଣୀଙ୍କ ନିକଟରେ ଶୀତଳ ଭୋଗ ଓ ବନ୍ଦାପନା ସମ୍ପନ୍ନ କରାଯାଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ପୁଷ୍ପାଳକ ସେବକମାନେ ଖଟଶେଯ ଘରେ ବିଜେ କରାଇଥିଲେ।

ସେହିପରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଦଇତାପତି ସେବକଙ୍କ ଦ୍ୱାରା ଜଗମୋହନରେ ଥିବା ଚଉଦୋଳିରେ ବିଜେ ହୋଇଥିଲେ। ରୁନ୍ଧା ସରି ପାଟପତନି ଲାଗି ପରେ ବିମାନବଡୁ ସେବକମାନେ ଚଉଦୋଳକୁ ଝୁଲଣ ମଣ୍ଡପ ତଳକୁ ନେଇଥିଲେ। ସେଠାରେ ସୁଦର୍ଶନଙ୍କୁ ସୁନା ଅଳଙ୍କାର ସହ ମାଳଚୂଳ ଲାଗି କରାଯାଇଥିଲା। ପରେ ଶ୍ରୀମନ୍ଦିର ପରିସରରେ ଚଉଦୋଳକୁ ଗୋଟିଏ ବେଢ଼ା ପରିକ୍ରମା କରାଯିବା ପରେ ବିମାନବଡୁ ସେବକମାନେ ଚକ୍ରରାଜ ସୁଦର୍ଶନଙ୍କୁ ଯମେଶ୍ୱରଙ୍କ ମନ୍ଦିରରେ ବିଜେ କରାଇଥିଲେ। ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ନୀତି ପରେ ଯମେଶ୍ୱରଙ୍କ ପୂଜାପଣ୍ଡା ଶ୍ରୀସୁଦର୍ଶନଙ୍କ ସମ୍ମୁଖରେ ବର୍ଷକଯାକର ଆୟବ୍ୟୟର ହିସାବ ଦେଇଥିଲେ। ଶ୍ରୀସୁଦର୍ଶନ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ହୋଇ ଶ୍ରୀମନ୍ଦିର ସିଂହାସନକୁ ବାହୁଡ଼ା ବିଜେ କରିଥିଲେ।

## ବିନୋବା ଥିଲେ ବଞ୍ଚିତ, ଭୂମିହୀନଙ୍କ ବନ୍ଧୁ


ଆଚାର୍ଯ୍ୟ ବିନୋବା ଭାବେଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ ଅବସରରେ ଅତିଥିମାନେ।

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

### ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୨୯ତମ ଜୟନ୍ତୀ

ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟନଗରଠାରେ ବୁଧବାର ଆଚାର୍ଯ୍ୟ ବିନୋବା ଭବେଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଗାନ୍ଧୀବାଦୀ ଗୌରାଙ୍ଗ ପରିଡ଼ା, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିନୋବା ଭୂଦାନ ଆନ୍ଦୋଳନ ମାଧ୍ୟମରେ ଭାରତ ସାରା ପଦଯାତ୍ରା କରି ଜମିଦାର ଓ ଭୂମି ମାଲିକଙ୍କ ଠାରୁ ଅବ୍ୟବହୃତ ଜମି ସଂଗ୍ରହ କରି ସେହି ଅଞ୍ଚଳର ଭୂମିହୀନଙ୍କୁ ଦାନ କରୁଥିଲେ। ସେ ଥିଲେ ଆର୍ଥିକ ସମତା ଓ ସମାଜବାଦୀ ସମାଜର ଅଗ୍ରଦୂତ ବୋଲି ଅତିଥିମାନେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇଂ ଗିରିଜା ଶଙ୍କର ପାଢ଼ୀ, ସ୍ମୃତି ପରିଷଦ ସଭାପତି ଡ. ବଳରାମ ଦାଶ, ସର୍ବୋଦୟନଗର ସଭାପତି ଶରତ ଚନ୍ଦ୍ର ପ୍ରଧାନ, ଅଶୋକ କୁମାର ମହାପାତ୍ର, ଅଶୋକ କୁମାର ମହାନ୍ତି, ସତ୍ୟନାରାୟଣ ମିଶ୍ର, ଗୋଲକ ଚନ୍ଦ୍ର ଜେନା, କୃପାସିନ୍ଧୁ ରାଉତରାୟ, ଗିରିଜା ଶଙ୍କର ପାଢ଼ୀ, ଅଧିବକ୍ତା ଶିବପ୍ରସାଦ ମିଶ୍ର, ସଞ୍ଜୟ ଦାସ, ସୁରେନ୍ଦ୍ର ସାମନ୍ତରାୟ, ସୁଦାମ ଚରଣ ସାହୁ ଓ ଶଙ୍କର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଡ. କାର୍ତ୍ତିକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଗୋପ,୧୧।୯(ଭାରତୀ ଭୂଷଣ ଉପାଧ୍ୟାୟ): ଗୋପ ଥାନା ଅନ୍ତର୍ଗତ ମଲ୍ଲ ଗ୍ରାମର ପୋଖରୀରେ ବୁଡ଼ି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ଉକ୍ତ ଗ୍ରାମର ମହେଶ୍ୱର ନନ୍ଦି(୮୪)।

ପ୍ରକାଶ ଯେ, ବୃଦ୍ଧ ଜଣଙ୍କ ମଧ୍ୟାହ୍ନରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗାଁ ପୋଖରୀରେ ବୃଦ୍ଧ ଭାସୁଥିବା ଖବରପାଇ ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଶବ ଜବତ କରି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ସକାଳେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି।

## ବେଳାଭୂମିରେ ପ୍ରସ୍ତାବିତ ମଦ କୁଡ଼ିଆ ଯୋଜନାକୁ ପ୍ରତ୍ୟାହାର ଦାବି



ବେଳାଭୂମିରେ ମଦ କୁଡ଼ିଆ ଯୋଜନା ନିଷ୍ପତ୍ତିକୁ ବିରୋଧକରି ବୁଧବାର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

### ଏକାଠି ହେଲେ ୫୦ରୁ ଊର୍ଦ୍ଧ୍ୱ ସଙ୍ଗଠନ

ରାଜ୍ୟ ସରକାରଙ୍କ ଦ୍ୱାରା ବେଳାଭୂମିରେ ମଦ କୁଡ଼ିଆ ନିର୍ମାଣ ନିଷ୍ପତ୍ତିକୁ ବିରୋଧ କରି ୫୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ତୀର୍ଥକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିସହ ସଚେତନତା ରାଲି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ପଦଯାତ୍ରା ଓ ଲୋକ ସଚେତନତା ବାର୍ତ୍ତା ଦେଇ ଶ୍ରୀମନ୍ଦିର ଠାରୁ ଗାନ୍ଧୀଘାଟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଭେଟି ତୀର୍ଥକ୍ଷେତ୍ର, ପୁରୀ ବେଳାଭୂମିରେ ସରକାରଙ୍କ ପ୍ରସ୍ତାବିତ ମଦ କୁଡ଼ିଆ ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବା ନିମନ୍ତେ ଗଣ ଦାବିପତ୍ର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ, ରାଜେଶ ମିଶ୍ର, ବଦ୍ରି ମିଶ୍ର, ମନୋଜ ରଥ, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ମଧୁସୂଦନ ମିଶ୍ର, ସୂର୍ଯ୍ୟନାରାୟଣ ରଥ, ହେକ୍ଟର ମିଶ୍ର, ସୁକାନ୍ତ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ବିଷ୍ଣୁ ତ୍ରିପାଠୀ, ବିଶ୍ୱଜିତ୍ ପ୍ରଧାନ, ଦେବାଶିଷ ଦାସ, ଶିବ ସୁନ୍ଦର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଯୌତୁକ ପାଇଁ ମହିଳାଙ୍କୁ ନିର୍ଯାତନା

ବଲଙ୍ଗା,୧୧।୯(କେଦାରେଶ୍ୱର ନନ୍ଦ)

ଅଧିକ ଯୌତୁକ ଦାବିରେ ତରବୋଇଶାସନ ଗ୍ରାମର ଜଣେ ମହିଳାଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ୨୪୮/୨୪ରେ ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ସୂଚନା ମୁତାବକ, ତରବୋଇଶାସନ ବର୍ଷା ପଣ୍ଡା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ବର୍ଷା ତରବୋଇଶାସନ ଗ୍ରାମର ମାନସ କୁମାର ମିଶ୍ରଙ୍କୁ ୧୦ମାସ ତଳେ ବୈଦିକ ରୀତିରେ ବକ୍ରେଶ୍ୱର ମନ୍ଦିରଠାରେ ବିବାହ କରିଥିଲେ। ବିବାହ ସମୟରେ ବରଘର ଦାବି ମୁତାବକ କନ୍ୟାଘର ପକ୍ଷରୁ ନଗଦ ୬୦ ହଜାର ଟଙ୍କା, ସୁନା ଅଳଙ୍କାର ସହ ଆସବାବପତ୍ର ଦିଆଯାଇଥିଲା। ୧୦ଦିନ ଶାଶୁଘରେ ଚଳିବା ପରେ ବାପଘରୁ ୨ଲକ୍ଷ ଟଙ୍କା ଓ ୱାଶିଂ ମେଶିନ ଓ ସୁନାହାର ଆଣିବାକୁ ସ୍ୱାମୀ, ଶାଶୁ, ଶ୍ୱଶୁର କହିଥିଲେ। ବର୍ଷା ମନା କରିବାରୁ ପରିବାର ଲୋକେ ବର୍ଷା ଉପରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ମାସକ ତଳେ ବର୍ଷାଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ବାପଘର ଲୋକେ ଶାଶୁଘରୁ ନେଇ ଆସିଥିଲେ। ଆସିବା ସମୟରେ ବର୍ଷାଙ୍କ ଶାଶୁ ସୁନା ଅଳଙ୍କାର ସବୁ କାଢ଼ି ରଖି ଦେଇଥିଲେ। ବର୍ଷା ତାଙ୍କ ବାପଘରେ ରହି ଆସୁଥିବାବେଳେ ଶାଶୁ ଘରକୁ ଯିବାକୁ ଚାହୁଁଥିଲେ ମଧ୍ୟ ଟଙ୍କା ନ ଆଣି ଆସିଲେ ଶାଶୁଘର ଲୋକେ ମାରିଦେବାକୁ ଧମକ ଦେଇଛନ୍ତି ବୋଲି ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

## ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ

କୋଣାର୍କ,୧୧।୯(ଜ୍ୟୋତିରାଜ ମହାନ୍ତି)–କୋଣାର୍କ ବସଷ୍ଟାଣ୍ଡ ନିକଟରେ ବୁଧବାର ସକାଳୁ ରାସ୍ତା ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ବିଷାକ୍ତ ଦେଶୀ ମଦ ପିଇ ଯୁବକ ଜଣକ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ମୃତକ ଜଣକ ହେଲେ କୋଣାର୍କ ଥାନା ଅନ୍ତର୍ଗତ ଜୁଣେଇ ଗ୍ରାମର କୃଷ୍ଣଚନ୍ଦ୍ର ବାରିକ(୫୦)।

ବସଷ୍ଟାଣ୍ଡ ନିକଟ ଆଇଓଏଫ୍ ବସ୍ ପାର୍କିଂ କୋଣାର୍କ ଇନ୍ ଲଜ୍ ସମ୍ମୁଖ ରାସ୍ତାପାର୍ଶ୍ୱରେ ବ୍ୟକ୍ତି ଜଣକ ପଡ଼ିଥିଲେ। ଖବରପାଇ ପରିବାର ଲୋକେ ମୃତଦେହକୁ ନେଇ ଗ୍ରାମ ଶ୍ମଶାନରେ ଦାହ କରିଥିଲେ। ପୋଲିସ ୧୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି।

## ଭକ୍ତଙ୍କ ଦର୍ଶନ ଉପରେ ଗୁରୁତ୍ୱ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ଭକ୍ତମାନେ ଯେପରି ମହାପ୍ରଭୁଙ୍କ ଦର୍ଶନ ଶୃଙ୍ଖଳିତ ଭାବେ କରିପାରିବେ ଓ ଦିବ୍ୟାଙ୍ଗମାନଙ୍କ ଉତ୍ତମ ଦର୍ଶନ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏନେଇ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିର୍ଦ୍ଧାଥ ଶଙ୍କର ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିର ଭିତର କାଠ ନିକଟରେ ଡିଟାଚେବୁଲ ରାମ୍ପ ବା ଅଲଗା ହୋଇପାରୁଥିବା ରାମ୍ପ ବ୍ୟବସ୍ଥା କରାଯିବା ନେଇ ଯୋଜନା କରାଯାଉଛି। ଓଡ଼ିଶା ସେତୁ ନିର୍ମାଣ ନିଗମ ବା ଓବିସିସି ପକ୍ଷରୁ ଏହି ଡିଟାଚେବୁଲ ରାମ୍ପ ନମୁନା ପ୍ରଦର୍ଶନ କରାଯାଇଛି। ଦିନକରେ କିଛି ସମୟ ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଦର୍ଶନ ବ୍ୟବସ୍ଥା କରିବା ନେଇ ଯୋଜନା କରାଯାଉଛି। ସେହିପରି ଶ୍ରୀମନ୍ଦିର ଆନନ୍ଦବଜାରରେ ଶୃଙ୍ଖଳା ଅଣାଯିବା ସହ ଶୃଙ୍ଖଳିତ ଦର୍ଶନ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଅଗଷ୍ଟ ୩୦ରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ପରମ୍ପରା ଓ ସେବା ପୂଜାକୁ ବ୍ୟାହତ ନକରି ଏହି ଶୃଙ୍ଖଳା ଅଣାଯିବା, ନାଟମଣ୍ଡପରେ ସିନ୍ଦୁକ ଓ ଆଲମିରା କଢ଼ାଯିବ। ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରାଯିବ। ମହିଳା, ଛୋଟ ଶିଶୁ, ବୃଦ୍ଧାବୃଦ୍ଧଙ୍କ ପାଇଁ ସ୍ୱତନ୍ତ୍ର ଲାଇନ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିରର ୨ ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କଲେ ମୁଖ୍ୟ ପ୍ରଶାସକ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ସାଉଥ୍ ଏସିଆନ କମ୍ବାଟ ରେସ୍‌ଲିଂ ଚାମ୍ପିୟନଶିପରେ ପଦକ ଜିତିଥିବା ଶ୍ରୀମନ୍ଦିର ଦୁଇ ଜଣ ପୋଲିସ କର୍ମଚାରୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ, ନେପାଳର କାଠମାଣ୍ଡୁସ୍ଥିତ ବୌଦ୍ଧ ଦିବ୍ୟନଗରଠାରେ ଗତ ଅଗଷ୍ଟ ୩୦ ତାରିଖ ଠାରୁ ସେପ୍ଟେମ୍ବର ୧ତାରିଖ ପର୍ଯ୍ୟନ୍ତ ସାଉଥ୍ ଏସିଆନ କମ୍ବାଟ ରେସ୍‌ଲିଂ ଚାମ୍ପିୟନସିପ-୨୦୨୪ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳରେ ଶ୍ରୀମନ୍ଦିର କାଯ୍ୟାଳୟରେ ଜେଟିପି (ଶ୍ରୀଜଗନ୍ନାଥ ଟେମ୍ପୁଲ ପୋଲିସ) ଭାବରେ କାର୍ଯ୍ୟରତ ସନ୍ତୋଷ ଦାଶ ଓ ହେମନ୍ତ ଭୋଇ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇ ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଦୁଇ ବିଜେତାଙ୍କୁ ସମ୍ମାନିତ କରିବା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି।

## ଭାଜପା ପକ୍ଷରୁ ୨ ପଞ୍ଚାୟତରେ ସଭ୍ୟ ସଂଗ୍ରହ ଅଭିଯାନ

ନିମାପଡ଼ା/ବଲଙ୍ଗା, ୧୧।୯(ବିଚିତ୍ରାନନ୍ଦ ସାହୁ/କେଦାରେଶ୍ୱର ନନ୍ଦ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ବାସନାଳ ଓ ଅନ୍ଧୁଆର ପଞ୍ଚାୟତରେ ବୁଧବାର ୨ ପଞ୍ଚାୟତରେ ଭାଜପା ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାମନାଳ ପଞ୍ଚାୟତରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି, ଏହି ଅଭିଯାନକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ସହ ବହୁଳଭାବେ ସଭ୍ୟ ସଂଗ୍ରହ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ, ଜନକଲ୍ୟାଣକାରୀ ବିକାଶମୂଳକ ଯୋଜନାକୁ ପ୍ରତ୍ୟେକ ଗାଁର ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷା ଅନସୂୟା ମହାନ୍ତି, ସୁରେନ୍ଦ୍ର ସ୍ୱାଇଁ, ବିଶ୍ୱଜିତ ଛୋଟରାୟ, ରଞ୍ଜନ ଭୋଇ, ନବକିଶୋର ମହାନ୍ତି, ବିଷ୍ଣୁପ୍ରସାଦ ମିଶ୍ର, ଦେବରାଜ ସାହୁ, ହେମନ୍ତ ସ୍ୱାଇଁ ପ୍ରମୁଖ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। କର୍ମଶାଳାରେ ଶତାଧିକ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।


ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

## ପଞ୍ଚକୁଣ୍ଡୀୟ ଯଜ୍ଞ ପୂର୍ଣ୍ଣାହୁତି, ଶ୍ରୀରାଧା ପୁସ୍ତକ ଉନ୍ମୋଚିତ

### ଶ୍ରୀରାଧା ଜନ୍ମୋତ୍ସବ ଉଦ୍‌ଯାପିତ

ସାକ୍ଷୀଗୋପାଳ,୧୧।୯(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)

ସିଂହଦ୍ୱାର ଭଜନ କମିଟି ପକ୍ଷରୁ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ୩ଦିନିଆ ଶ୍ରୀରାଧା ଜନ୍ମୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଚଳଚ୍ଚିତ୍ର ଅଭିନେତା ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ ଏବଂ ଶ୍ରୀମନ୍ଦିର ସେବାୟତ ମଧୁସୂଦନ ସିଂହାରୀ, ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖୁବଶୀଘ୍ର ସତ୍ୟବାଦୀ ଅଞ୍ଚଳର ବିକାଶ ପାଇଁ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସୁକାନ୍ତ କିଶୋର ସାମନ୍ତରାୟ ରାଧାକୃଷ୍ଣ ପରସ୍ପର ଅଭିନ୍ନ ବୋଲି କହିଛନ୍ତି।


ଅନୁଷ୍ଠାନର ମୁଖପତ୍ର 'ଶ୍ରୀରାଧା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ପର୍ଯ୍ୟଟନ କ୍ଷେତ୍ର ସାକ୍ଷୀଗୋପାଳର ପର୍ଯ୍ୟଟନଭିତ୍ତିକ ଉନ୍ନୟନ ଏବଂ ଆକର୍ଷଣୀୟ କରିବା ସହିତ ତୀର୍ଥଯାତ୍ରୀମାନଙ୍କ ନିମନ୍ତେ ମୌଳିକ ସୁବିଧା ପାଇଁ ସମ୍ପାଦକୀୟ ବିବରଣୀ ପାଠ କରି ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନୁଷ୍ଠାନର ମୁଖପତ୍ର 'ଶ୍ରୀରାଧା'କୁ ଅତିଥିମାନେ ଉନ୍ମୋଚନ କରିବା ସହ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ ସନ୍ଧ୍ୟା ପ୍ରାରମ୍ଭରେ ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ଭଜନ ଓ ଦେବସ୍ମିତା ହୋତା ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ ମହାପାତ୍ର, ଜିତେନ ମହାପାତ୍ର, ଆଲୋକ ଖୁଣ୍ଟିଆ, ମନୋରଞ୍ଜନ ଦାସ ପରିଚାଳନାରେ ସହଯୋଗ କରିଥିଲେ।

**ନିଶା ବେପାର ବେଳେ ୨ ଧରାପଡ଼ିଲେ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)- ଲୁମ୍ବିନି ବିହାରଛକ ଅଞ୍ଚଳରେ ବ୍ରାଉନସୁଗାର ବେପାର କରୁଥିବାବେଳେ ମୈତ୍ରୀବିହାର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ନୟାଗଡ଼ର ଶିଶିର ନାୟକ ଓ କଟକର ବିନୟ ମହାନ୍ତି। ସେମାନଙ୍କଠାରୁ ୬ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି । ଜବତ ନିଶାଦ୍ରବ୍ୟର ମୂଲ୍ୟ ୬୦ହଜାର ହେବ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି।

# ସୁଭଦ୍ରା ଯୋଜନା ଆବେଦନ ପାଇଁ ଅର୍ଥ ଦାବି

**ଭୁବନେଶ୍ୱରରେ ୨ ଜନସେବା କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ**

- ଦୁଇ ଥାନାରେ ପୃଥକ୍ ମାମଲା, ୨ କର୍ମୀ ଅଟକ
- ସିଲ୍ ହେଲା ଜନସେବା କେନ୍ଦ୍ର

ଭୁବନେଶ୍ୱର,୧୧।୯(ଅନୁରାଧା ମହାରଣା)

ସୁଭଦ୍ରା ଯୋଜନା ଫର୍ମ ଦାଖଲ ପାଇଁ ଆବେଦନକାରୀଙ୍କଠୁ ଅର୍ଥ ଦାବି କରିବାରୁ ଭୁବନେଶ୍ୱରରେ ଦୁଇ ଜନ ସେବା କେନ୍ଦ୍ର(ସିଏସ୍‌ସି) ବିରୋଧରେ ବୁଧବାର କାର୍ଯ୍ୟାନୁଷ୍ଠାନ ହୋଇଛି। ସୁଭଦ୍ରା ଯୋଜନା ଫର୍ମ ଦେବା କିମ୍ବା ଅନ୍‌ଲାଇନରେ ଜମା କରିବା ପାଇଁ କୌଣସି ଅର୍ଥ ଦେବାକୁ ପଡ଼ିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ରହିଛି। ଏପରିକି ଏଥିପାଇଁ ବିଏମ୍‌ସି ଅଞ୍ଚଳରେ ସୁଭଦ୍ରା ରଥ ଦ୍ୱାରା ଜନ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ଏହି ଦୁଇ ଜନସେବା କେନ୍ଦ୍ର ନିର୍ଦ୍ଦେଶନାମା ଉଲ୍ଲଂଘନ କରି ଅକଳରେ ପଡ଼ିଛନ୍ତି। ଖାରବେଳନଗର ଥାନା ଅନ୍ତର୍ଗତ ସତ୍ୟ ନଗର ତୋଷାଳି ଭବନ ନିକଟ ଏବଂ ଚନ୍ଦ୍ରଶେଖରପୁର ଥାନା ଅଧୀନ ନୀଳାଦ୍ରି ବିହାର ଅଞ୍ଚଳରେ ଥିବା ଏହି ଦୁଇ ଜନସେବା କେନ୍ଦ୍ରରେ ଟଙ୍କା ନିଆଯାଉଥିବା ସମୟରେ ବିଏମ୍‌ସି ଜୋନାଲ କମିଶନରଙ୍କ ଦ୍ୱାରା ଧରାପଡ଼ିଛନ୍ତି । ଅର୍ଥ ନେବା ଅଭିଯୋଗରେ ଦୁଇ ଜଣଙ୍କ ବିରୋଧରେ ଦୁଇ ଥାନା ପକ୍ଷରୁ ପୃଥକ୍ ମାମଲା ରୁଜୁ ହେବା ସହ ସେମାନଙ୍କ ଦ୍ୱାରା ପରିଚାଳିତ ଜନସେବା କେନ୍ଦ୍ରକୁ ସିଲ୍ କରିଦିଆଯାଇଛି। ପୋଲିସ ସମ୍ପୃକ୍ତ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ଦିଆଯାଇଛି।

କୌଣସି ଜନସେବା କେନ୍ଦ୍ର କିମ୍ବା ମୋ ସେବା କେନ୍ଦ୍ରର କର୍ମଚାରୀ ଫର୍ମ ଦେବା ଏବଂ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଅର୍ଥ ଦାବି କଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ରାଜେଶ ପ୍ରଭାକର ପାଟିଲ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ୱାର୍ଡରେ ସମୀକ୍ଷା ଓ ତଦାରଖ କରିବାକୁ ଦାୟିତ୍ୱରେ ଥିବା ପଦାଧିକାରୀ ବିଭିନ୍ନ ସେବା କେନ୍ଦ୍ର ପରିଦର୍ଶନ କରୁଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବୁଧବାର ସୁଦ୍ଧା ବିଏମ୍‌ସି ଅଞ୍ଚଳରେ ମୋଟ ୧.୩୦ ଲକ୍ଷ ସୁଭଦ୍ରା ଯୋଜନା ଆବେଦନ ଫର୍ମ ବଣ୍ଟନ କରାଯାଇଛି। ଏଥିମଧ୍ୟରୁ ୧୭ ହଜାରରୁ ଅଧିକ ଆବେଦନ ଅନ୍‌ଲାଇନରେ ହସ୍ତଗତ ହୋଇଥିବା ବେଳେ ପ୍ରାୟ ସେଥିମଧ୍ୟରୁ ୧୫ ହଜାର ଫର୍ମ ଡିଜିଟାଲାଇଜେଶନ ହୋଇଛି। ବର୍ତ୍ତମାନ ୩୭୮ଟି ଅଙ୍ଗନୱାଡି କେନ୍ଦ୍ର ଓ ୨୩୦ଟି ସିଏସ୍‌ସି/ଏମ୍‌ଏସ୍‌କେ କେନ୍ଦ୍ରରେ ନିଃଶୁଳ୍କ ସୁଭଦ୍ରା ଆବେଦନ ଫର୍ମ ବଣ୍ଟନ କରାଯାଉଛି। ୩ଟି ଯାକ ଜୋନ୍ ଅଫିସ୍ ଏବଂ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ମଧ୍ୟ ଆବେଦନ ଫର୍ମ ମିଳୁଛି। ଏସମ୍ପର୍କିତ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଉଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାମରେ ନାଗରିକଙ୍କୁ ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଇଜର, ସାନିଟାରି ଇନ୍ସପେକ୍ଟର ପ୍ରମୁଖ ସହାୟତା କରୁଛନ୍ତି। ସୁଭଦ୍ରା ଯୋଜନା ଫର୍ମ ଦେବା କିମ୍ବା ଦାଖଲ କରିବା ପାଇଁ କାହାରିକୁ ଟଙ୍କା ନ ଦେବା କିମ୍ବା କୌଣସି ପ୍ରକାର ପ୍ରଲୋଭନରେ ନ ପଡ଼ିବାକୁ ପରାମର୍ଶ ଦିଆଯାଇଛି।

# ନାବାଳିକାଙ୍କୁ କାମ କରାଇ ନିର୍ଯାତନା

- ଉଦ୍ଧାର କଲା ଚାଇଲ୍ଡଲାଇନ୍
- ଅଭିଯୁକ୍ତ ଘର ମାଲିକଙ୍କ ନାଁରେ ମାମଲା

**ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୧୧।୯(ସତ୍ୟଜିତ୍ ରାଉତ/ ସୁବାସ ଚନ୍ଦ୍ର ପ୍ରଧାନ):** ନାବାଳିକାଙ୍କ କଅଁଳ ହାତରେ ଘରର ଯାବତୀୟ କାମ କରାଉଥିଲେ। କାମରେ ଅବହେଳା ହେଲେ, କ୍ଷମା ତ' ଦୂରର କଥା, ନିରୀହ ୧୪ ବର୍ଷୀୟା ନାବାଳିକାଙ୍କୁ ଗାଳିଗୁଲଜ ସହ ନିଷ୍ଠୁର ଭାବେ ମାଡ଼ ମାରୁଥିଲେ ଦମ୍ପତି। ରାଜଧାନୀ ଏୟାରପୋର୍ଟ ଥାନା ଅଞ୍ଚଳରେ ଏଭଳି ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଏନେଇ ଖବର ପାଇ ନିୟୁ ଫରେଷ୍ଟ ପାର୍କ ଲେନ୍-୯ ଫ୍ଲାଟ୍ ନଂ.୧୫୪୬ସ୍ଥିତ ଘରୁ ରୁଚିକା ସଂଗଠନ ଆସେସ୍ ଟୁ ଜଷ୍ଟିସ୍ ଫର୍ ଚିଲ୍ଡ୍ରେନ୍ ସଦସ୍ୟ, ଚାଇଲ୍ଡଲାଇନ ଓ ଏୟାରପୋର୍ଟ ଥାନାର ଏକ ମିଳିତ ଟିମ୍ ପୀଡ଼ିତା ନାବାଳିକାଙ୍କୁ ଉଦ୍ଧାର କରିଛି। ଏନେଇ ରୁଚିକା ସଂଗଠନର ସଦସ୍ୟା ହରପ୍ରିୟା ପତିଙ୍କ ପକ୍ଷରୁ ଏୟାରପୋର୍ଟ ଥାନାରେ ଏତଲା ଦିଆଯାଇ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ପୋଲିସ ଏହି ଏତଲାକୁ ଭିତ୍ତି କରି ଅଭିଯୁକ୍ତ ଘର ମାଲିକ ତନ୍ମୟ ମହାପାତ୍ରଙ୍କ ବିରୋଧରେ ଏକ ମାମଲା (ନଂ.୨୬୩/୨୦୨୪) ରୁଜୁ କରି ଅଧିକ ତଦନ୍ତ କରୁଛି।

ପୀଡ଼ିତାଙ୍କ ବୟାନ ଅନୁଯାୟୀ, ତାଙ୍କ ଘର ଯାଜପୁର ଜିଲା କୁଆଖିଆ ଥାନା ଅଞ୍ଚଳରେ। ତାଙ୍କ ବାପା, ମା' ଦିନ ମଜୁରିଆ ଭାବେ କାମ କରନ୍ତି। ବାପା ପ୍ରାୟ ସମୟରେ ମଦ୍ୟପାନ କରନ୍ତି। ସେ ଝିଅକୁ ପ୍ରାୟ ବର୍ଷେ ତଳେ ତନ୍ମୟଙ୍କ ଘରେ କାମ କରିବା ପାଇଁ ଛାଡ଼ି ଦେଇଥିଲେ। ମାଲିକ ଦେଉଥିବା ଦରମା ଟଙ୍କାକୁ ନାବାଳିକାଙ୍କ ବାପା ନେଇ ଯାଉଥିଲେ। ବାପା କେତେ ଟଙ୍କା ନେଉଥିଲେ ସେନେଇ ପୀଡ଼ିତା ଜାଣନ୍ତି ନାହିଁ। ନାବାଳିକା ଝିଅଟି ତନ୍ମୟଙ୍କ ଘରର ସବୁ କାମ କରୁଥିଲେ। କାମରେ ଅବହେଳା ହେଲେ ତାଙ୍କୁ ଅଧିକାଂଶ ସମୟରେ ତନ୍ମୟ ଓ ତାଙ୍କ ସ୍ତ୍ରୀ ଗାଳିଗୁଲଜ ଦେଇ ମାଡ଼ ମାରୁଥିଲେ ବୋଲି ବୟାନ ଦେଇଛନ୍ତି। ଏନେଇ ଖବର ପାଇ ମଙ୍ଗଳବାର ଅପରାହ୍ନରେ ରୁଚିକା ସଂଗଠନ ପକ୍ଷରୁ ଚାଇଲ୍ଡଲାଇନ୍‌କୁ ଜଣାଯାଇଥିଲା। ପରେ ଏକ ମିଳିତ ଟିମ୍ ତନ୍ମୟଙ୍କ ଘରେ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ପରେ ନାବାଳିକାଙ୍କୁ ସିଡବ୍ଲ୍ୟୁସିଙ୍କ ନିକଟରେ ହାଜର କରାଯାଇଥିଲା। ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ ପୀଡ଼ିତାଙ୍କୁ ବିଶ୍ୱ ଜୀବନ ସେବା ସଂଘ ଓପନ୍ ସେଲ୍ଟରରେ ରଖାଯାଇଛି।

## ନକଲି ଆର୍‌ଟିଓ କର୍ମଚାରୀଙ୍କୁ ନୋଟିସ ଦେଇ ପୋଲିସ ଛାଡ଼ିଲା

**ମହିଳା ଡାକ୍ତରଙ୍କୁ ବ୍ଲାକ୍‌ମେଲ୍ ଘଟଣା**

ଭୁବନେଶ୍ୱର,୧୧।୯(ସୂର୍ଯ୍ୟକାନ୍ତ ବେହେରା)

ମହିଳା ଡାକ୍ତରାଣୀଙ୍କୁ ହଇରାଣ କରି ହର୍ ଟିମ୍ ହାତରେ ଧରାପଡ଼ିଥିବା ନକଲି ଆର୍‌ଟିଓ କର୍ମଚାରୀ କେନ୍ଦୁଝରର ଅଜୟ ପ୍ରଧାନଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ନୋଟିସ୍ ଦେଇ ଛାଡ଼ିଛି। ବିଏନ୍‌ଏସ୍‌ଏସ୍ ଦଫା ୩୫ରେ ଛାଡ଼ି ଦିଆଯାଇଥିବା ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ କହିଛନ୍ତି । ଏହାସହ ତାଙ୍କ ଉପରେ ନଜର ରଖାଯାଇଥିବା କହିଛନ୍ତି।

ସୂଚନାନୁସାରେ ଅଜୟ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲର ଜଣେ ଡାକ୍ତରାଣୀଙ୍କ ସହ ସୋସିଆଲ ମିଡିଆରେ ପରିଚିତ ହୋଇଥିଲେ। ଅଜୟ ନିଜକୁ ଆରଟିଓ କର୍ମଚାରୀଭାବେ ପରିଚୟ ଦେଇଥିଲେ। କିଛି ଦିନ କଥା ହେବା ପରେ ସେ ଡାକ୍ତରାଣୀଙ୍କୁ ପ୍ରଥମେ ପ୍ରେମ ନିବେଦନ ଓ ପରେ ବିବାହ ପ୍ରସ୍ତାବ ଦେଇଥିଲେ। ହେଲେ ଅଜୟ କୌଣସି ଆର୍‌ଟିଓ ଅଧିକାରୀ ନ ଥିବା ଓ ବିବାହିତ ଥିବା ଡାକ୍ତରାଣୀ ଜାଣିବା ପରେ ତାଙ୍କଠାରୁ ଦୂରେଇ ଯାଇଥିଲେ। ଏଥିରେ ରାଗିଯାଇ ଅଜୟ ଡାକ୍ତରାଣୀଙ୍କ ମୋବାଇଲକୁ ହାକ୍ କରି ହଇରାଣ କରି ବ୍ଲାକ୍‌ମେଲ କରିଥିଲେ। ଏନେଇ ମହିଳା ଡାକ୍ତର ଜଣଙ୍କ କମିଶନରେଟ ପୋଲିସର ହର୍ ଟିମ୍‌କୁ ଖବର ଦେଇଥିଲେ। ହର୍ ଟିମ ଇନ୍‌ଫୋଭ୍ୟାଲି ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ସୋମବାର ରାତିରେ ଚଢ଼ାଉ କରି ଅଜୟଙ୍କୁ କାବୁକରି ଚନ୍ଦ୍ରଶେଖରପୁର ଥାନା ପୋଲିସ ଜିମାରେ ଦେଇଥିଲେ ।



ଜୀବିକା ମିଶନ ଓ ମିଶନ ଶକ୍ତି ଇସିମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ୬ଦଫା ଦାବି ନେଇ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ। (ଫଟୋ- ବିକାଶ ନାୟକ)

# ମା', ଦୁଇ ପୁଅଙ୍କୁ ୭ ବର୍ଷ ଲେଖାଏ ଜେଲଦଣ୍ଡ

**ଘର ମାଲିକଙ୍କୁ କଇଁଚି ଭୁସି ହତ୍ୟା ଉଦ୍ୟମ**

ଭୁବନେଶ୍ୱର,୧୧।୯(ସତ୍ୟଜିତ୍ ରାଉତ)

ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ହତ୍ୟା ଉଦ୍ୟମ ମାମଲାରେ ଭୁବନେଶ୍ୱର ଅତିରିକ୍ତ ଦୌରାଜଜ୍ ତଥା ଅତିରିକ୍ତ ସିଜେଏମ୍ (ସ୍ୱତନ୍ତ୍ର)ଙ୍କ କୋର୍ଟ ବୁଧବାର ରାୟ ପ୍ରକାଶ କରିଛନ୍ତି। ମାମଲାରେ ଅଭିଯୁକ୍ତ ଥିବା ମା' ରୁନି ସାହୁ ଏବଂ ତାଙ୍କ ଦୁଇପୁଅ ମିଥୁନ କୁମାର ସାହୁ ଓ ଶିତୁନ କୁମାର ସାହୁଙ୍କୁ ୭ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ସେମାନଙ୍କୁ ୧୦ ହଜାର ଲେଖାଏ ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ଜରିମାନା ଦେଇ ନ ପାରିଲେ ଅଭିଯୁକ୍ତମାନେ ଅଧିକ ୩ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାପପତି ବିନୋଦ ବିହାରୀ ସାହୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଢୁମୁଢୁମା ହାଉସିଂ ବୋର୍ଡ କଲୋନୀସ୍ଥିତ ସଞ୍ଜୀବ ଦାସଙ୍କ ଘରେ ରୁନି ଓ ତାଙ୍କ ଦୁଇ ପୁଅ ରହିଥିଲେ। ମାଲିକ ଘର ଛାଡ଼ିବାକୁ କହିବା ସତ୍ତ୍ୱେ ଅଭିଯୁକ୍ତମାନେ ଯାଉ ନ ଥିଲେ। ସଞ୍ଜୀବ ତାଙ୍କ ଭାଇ ଜ୍ଞାନେନ୍ଦ୍ର ଓ ଅରବିନ୍ଦଙ୍କ ସହ ଅଭିଯୁକ୍ତମାନଙ୍କ ଝଗଡ଼ା ଲାଗି ରହୁଥିଲା। ୨୦୧୨ ଡିସେମ୍ବର ୧୬ରେ ସଞ୍ଜୀବ ପୁଣି ଘର ଛାଡ଼ିବାକୁ କହିବାରୁ ଝଗଡ଼ା ଉଗ୍ରରୂପ ନେଇଥିଲା। ରୁନି ତାଙ୍କ ଦୁଇ ପୁଅଙ୍କୁ ଡାକି ସଞ୍ଜୀବଙ୍କୁ ମାଡ଼ ମାରିଥିଲେ। ଅଭିଯୁକ୍ତମାନେ ଇଟା ଫିଙ୍ଗିବା ସହ ଏକ କଇଁଚିରେ ସଞ୍ଜୀବଙ୍କ ପେଟକୁ ଭୁସି ଦେଇଥିଲେ। ଫଳରେ ସଞ୍ଜୀବ ଗୁରୁତର ହୋଇଥିଲେ। ଭାଇ ଅରବିନ୍ଦ ଘଟଣା ସ୍ଥଳରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ସଞ୍ଜୀବଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ଅରବିନ୍ଦ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦେଇଥିଲେ। ପୋଲିସ ଆଇପିସି ଦଫା ୩୦୭, ୩୨୩, ୨୯୪, ୩୪ରେ ମାମଲା (ନଂ.୫୬୮/୨୦୧୨)ରୁଜୁ କରି ତଦନ୍ତ କରିଥିଲା। ବିଚାରପତି ୧୨ଜଣଙ୍କ ସାକ୍ଷ୍ୟ ଓ ୧୨ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସରୋଜ କୁମାର ମିଶ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବନମାଳୀ ମହାପାତ୍ର ଓ ବ୍ରଜ କିଶୋର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।


## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

(ସଂସଦ ଅଧିନିୟମ, ୨୦୦୯ ଅଧୀନରେ ସ୍ଥାପିତ)
ସୁନାବେଡ଼ା, ଜିଲ୍ଲା- କୋରାପୁଟ, ଓଡ଼ିଶା, ପିନ୍: ୭୬୩୦୦୪

**ଅଣ-ଶିକ୍ଷାଦାନ ପଦବୀଗୁଡ଼ିକ ପାଇଁ କର୍ମନିଯୁକ୍ତି ଅଧିସୂଚନା**

ବିଜ୍ଞାପନ ନଂ. ୪/୨୦୨୪ ତାରିଖ: ୦୨/୦୯/୨୦୨୪

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତ୍ୟକ୍ଷ ନିଯୁକ୍ତି / ଡେପୁଟେଶନ୍ ଭିତ୍ତିରେ ନିମ୍ନଲିଖିତ ବୈଧାନିକ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି ।

| କ୍ର.ସଂ. | ପଦବୀର ନାମ | ପଦବୀ ସଂ. ଓ ବର୍ଗ | ୭ମ ସିପିସି ଅନୁସାରେ ବେତନ ସ୍ତର | ୬ଷ୍ଠ ସିପିସି ଅନୁସାରେ ପେ' ବ୍ୟାଣ୍ଡ ଓ ଗ୍ରେଡ୍ ପେ' |
|---|---|---|---|---|
| ୧ | **ନିବନ୍ଧକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଏଜିପି ଟ.୧୦,୦୦୦/- |
| ୨ | **ପରୀକ୍ଷା ନିୟନ୍ତ୍ରକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଜିପି ଟ.୧୦,୦୦୦/- |

ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଦେଖନ୍ତୁ (www.cuo.ac.in) । କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବାର ଅଧିକାର ବିଶ୍ୱବିଦ୍ୟାଳୟ ନିକଟରେ ସଂରକ୍ଷିତ ।
ଦରଖାସ୍ତ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍'ରେ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ।

CBC-21317/12/0002/2425 ସ୍ୱା./- ଭାରପ୍ରାପ୍ତ ନିବନ୍ଧକ



## ODISHA COAL AND POWER LTD.
(A GOVT. OF ODISHA COMPANY)

Odisha Coal and Power Limited (OCPL)
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-183_1/2024 Date : 12.09.2024

Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing and Fixing Toughened Glass and M.S Grill at Balconies of Residential Buildings of Manoharpur Township Complex at Sarbahal, Sundargarh | Rs.1,180/- (Rupees One Thousand One Hundred Eighty only) including GST | 12.09.2024 | 26.09.2024 | 03:00 PM / 03:30 PM on 03.10.2024 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./- Chief Operating Officer


## ରେଷ୍ଟୁରାଣ୍ଟରେ ଗ୍ରାହକଙ୍କୁ ଆକ୍ରମଣ ଘଟଣା, ୪ ଗିରଫ

ଭୁବନେଶ୍ୱର,୧୧।୯(ସୂର୍ଯ୍ୟକାନ୍ତ ବେହେରା)


ଗିରଫ ୪ ଅଭିଯୁକ୍ତ।

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଥର ଗାଡ଼ିଆରେ ଥିବା ଏକ ରେଷ୍ଟୁରାଣ୍ଟରେ ଚେୟାରକୁ କେନ୍ଦ୍ର କରି ଗ୍ରାହକଙ୍କୁ ଆକ୍ରମଣ ଘଟଣାରେ ସ୍ଥାନୀୟ ଅଞ୍ଚଳର ୪ ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଞ୍ଚଳର କାଳନ୍ଦୀ ବେହେରା, କୃଷ୍ଣଚନ୍ଦ୍ର ବେହେରା, ଦେବାଶିଷ ବେହେରା ଓ ଲକ୍ଷ୍ମଣ ବେହେରା। ଆକ୍ରମଣର ଶିକାର ହୋଇଥିବା ଶହୀଦନଗର ଥାନା ଅଞ୍ଚଳର ଶାଶ୍ୱତ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଇନ୍‌ଫୋସିଟି ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନାନୁସାରେ ପଥରଗାଡିଆ ଅଞ୍ଚଳରେ ଥିବା ବାଙ୍ଗାଲୋର ଏକ୍ସପ୍ରେସ ନାମକ ଏକ ରେଷ୍ଟୁରାଣ୍ଟକୁ ଶାଶ୍ୱତ ୩ ଜଣ ସାଙ୍ଗଙ୍କ ସହ ରବିବାର ରାତି ୭ଟାରେ ଚା' ପିଇବା ପାଇଁ ଯାଇଥିଲେ। ଶାଶ୍ୱତଙ୍କ ୨ଜଣ ସାଙ୍ଗ ଚା' ଆଣିବାକୁ କାଉଣ୍ଟର ପାଖକୁ ଯାଇଥିବାରୁ ୨ ଟି ଚେୟାର ଖାଲି ପଡ଼ିଥିଲା। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଯୁବକମାନେ ମଧ୍ୟ ଚା' ଅର୍ଡର କରିଥିଲେ। ହୋଟେଲରେ ଚେୟାର ଖାଲି ନ ଥିବାରୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଶାଶ୍ୱତଙ୍କ ପାଖରେ ଥିବା ୨ ଟି ଚେୟାରକୁ ନେବାକୁ କହିଥିଲେ । କିନ୍ତୁ ଶାଶ୍ୱତ ୨ ଜଣ ଅଛନ୍ତି ଦେଇ ହେବନି ବୋଲି କହିଥିଲେ। ଏଥିରେ ରାଗିଯାଇ ଅଭିଯୁକ୍ତମାନେ ଆଉ କିଛି ସହଯୋଗୀଙ୍କୁ ଡାକି ହଠାତ ଫିଙ୍ଗା ଫୋପଡ଼ା କରି ଆତଙ୍କରାଜ ଖେଳାଇଥିଲେ। ଏପିରିକି ହୋଟେଲରେ ଚେୟାର, ଟେବୁଲ, ରାସ୍ତାରେ ଥିବା ବାରିକେଡ ଆଦି ଜିନିଷ ଭଙ୍ଗାରୁଜା କରି ଗ୍ରାହକମାନଙ୍କୁ ମାଡ଼ ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।


झारखंड सरकार
ग्रामीण कार्य विभाग
कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गुमला

**शुद्धि पत्र**

एतद द्वारा सूचित किया जाता है कि ग्रामीण कार्य विभाग, कार्य प्रमंडल, गुमला के अन्तर्गत निकाली गयी ई–निविदा आमंत्रण संख्या:–10/2024-25/ RWD/W/EE/GUMLA दिनांक–27.08.2024, PR- 333816 (Rural Works Department)24-25 (D) द्वारा प्रकाशित हुआ था को अपरिहार्य कारणों से रद्द किया जाता है।

ह0/–कार्यपालक अभियंता
ग्रामीण कार्य विभाग,
कार्य प्रमंडल गुमला

PR 335447 (Rural Work Department)24-25*D


## ଫରେଷ୍ଟ ପାର୍କରେ ୫୦୦ ଗଛ କଟା ଯୋଜନାକୁ ବିରୋଧ

**ମେଟ୍ରୋ ଟ୍ରେନ୍ ପ୍ରକଳ୍ପ**

ଭୁବନେଶ୍ୱର,୧୧।୯(ଅନୁରାଧା ମହାରଣା)

ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପାଇଁ ଫରେଷ୍ଟ ପାର୍କରେ ମୃତ୍ତିକା ପରୀକ୍ଷା କରାଯାଉଥିବା ବେଳେ ପାର୍କ ଭିତରୁ ୫୦୦ ଗଛ କଟାଯିବାକୁ ଚିହ୍ନଟ କରାଯାଇଥିବା କୁହାଯାଉଛି। ପ୍ରକଳ୍ପକୁ ସ୍ୱାଗତ କରାଯାଇଥିଲେ ମଧ୍ୟ ପାର୍କ ଭିତରେ ରେଳ ଧାରଣା କରିବା ଓ ଗଛ କାଟିବାକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଫରେଷ୍ଟ ପାର୍କ କର୍ମଚାରୀ ସଂଘ ବିରୋଧ କରିଛନ୍ତି। ଏନେଇ ସେମାନେ ସରକାରଙ୍କୁ ଅବଗତ କରିବେ ବୋଲି କହିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ପାଖରେ ଥିବା ସରକାରୀ କ୍ୱାର୍ଟର୍ସ ଭଙ୍ଗାଯାଇ ରେଳ ପ୍ରକଳ୍ପ ହୋଇପାରିବ। ତେଣୁ ଅଯଥାରେ ଫରେଷ୍ଟ ପାର୍କକୁ ନଷ୍ଟକରି ରେଳ ପ୍ରକଳ୍ପ ହେଲେ ଏହାକୁ ଜୋର୍‌ଦାର ବିରୋଧ କରାଯିବ। ଦରକାର ପଡ଼ିଲେ ସଂଘ ଓ ସ୍ଥାନୀୟ ବାସିନ୍ଦା କୋର୍ଟ, ଗ୍ରୀନ ଟ୍ରିବ୍ୟୁନାଲର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଫରେଷ୍ଟ ପାର୍କରେ ସବୁଦିନ ଶହଶହ ଲୋକ ସକାଳ ଓ ସନ୍ଧ୍ୟାରେ ଚଲାବୁଲା କରୁଛନ୍ତି। ପାର୍କରେ ବିଭିନ୍ନ ସରକାରୀ, ବେସରକାରୀ ପଦ ପଦବୀରେ ଥିବା ଅଧିକାରୀ ନିର୍ଭରଶୀଳ ଥିବା ବେଳେ ପରିବେଶ ସୁରକ୍ଷା ଦିଗରେ ମୁହଁ ଖୋଲୁ ନ ଥିବା ସଂଘର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଦୀର୍ଘ ବର୍ଷର ଔଷଧୀୟ ଗଛ ସବୁ କଟାଯିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ମା' ପାଇଁ ଗଛଟିଏ ନାରା କେବଳ ନାରାରେ ସୀମିତ ବୋଲି ସେମାନେ କହିଛନ୍ତି।


## ଜିଲ୍ଲା ପରିଷଦ, ସମ୍ବଲପୁର

ଜିଲ୍ଲା: ସମ୍ବଲପୁର, ଓଡ଼ିଶା – ୭୬୮୦୦୧
Phone: (0663) 2410992, Email: ori-dsambalpur@nic.in

ପତ୍ର ସଂଖ୍ୟା: ୪୦୭୧/ଜି.ପ. ତାରିଖ: ୧୧।୦୯।୨୦୨୪

**ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବିଜ୍ଞାପନ**

ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ଜବ୍‌କାର୍ଡଧାରୀ ଓ ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆନୁକୂଲ୍ୟରେ ୨୦୨୪–୨୫ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ତା।୧୮।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଧନକଉଡ଼ା | ତା।୧୯।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, କୁଚିଣ୍ଡା |
| ଜମନକିରା | ତା।୨୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ମୁଯୋମୁରା | ତା।୨୧।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର |
| ନାକଟିଦେଉଳ | ତା।୨୪।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ମାନେଶ୍ୱର | ତା।୨୫।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବଲପୁର |
| କୁଚିଣ୍ଡା | ତା।୨୬।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ସମ୍ବଲପୁର |
| ରେଙ୍ଗାଲି | ତା।୨୭।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ରେଢ଼ାଖୋଲ | ତା।୩୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |

ସ୍ୱା./– ଜିଲ୍ଲାପାଳ–ତଥା–ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର



सूचना एवं प्रसारण मंत्रालय
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ

55th International Film Festival of India, Goa
20th-28th November, 2024

## ୫୫ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ଗୋଆ

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ନିମନ୍ତେ
**ପ୍ରବେଶିକା ଆହ୍ୱାନ**

**ଯୋଗ୍ୟତା**

ଚଳଚ୍ଚିତ୍ରଟି ସମ୍ପୃକ୍ତ ନିର୍ଦ୍ଦେଶକଙ୍କ ଡେବ୍ୟୁ (ପଦାର୍ପଣ) ଚଳଚ୍ଚିତ୍ର ହେବା ଆବଶ୍ୟକ ।

କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଦ୍ୱାରା ଚଳଚ୍ଚିତ୍ରର ପ୍ରମାଣନ କିମ୍ବା ପ୍ରଯୋଜନା ସମାପ୍ତି ୧ ଅଗଷ୍ଟ ୨୦୨୩ ଓ ୩୧ ଜୁଲାଇ ୨୦୨୪ ମଧ୍ୟରେ ହେବା ଆବଶ୍ୟକ ।

ସମସ୍ତ ଚଳଚ୍ଚିତ୍ରରେ ଇଂରାଜୀ ସବ୍‌ଟାଇଟଲ୍ ରହିଥିବା ଜରୁରୀ ।

**ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି ୨୩ ସେପ୍ଟେମ୍ବର, ୨୦୨୪ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ**

ନିୟମାବଳୀ ଏବଂ ପ୍ରବେଶିକା ଫର୍ମ ପାଇଁ
ଦୟାକରି ପରିଦର୍ଶନ କରନ୍ତୁ: www.iffigoa.org

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ଏନ୍‌ଏଫ୍‌ଡିସି-ଏଫ୍‌ଡି କମ୍ପ୍ଲେକ୍ସ
୧ମ ମହଲା, ଓଲ୍ଡ ବିଲ୍ଡିଂ
୨୪, ଡା. ଗୋପାଳରାଓ ଦେଶମୁଖ ମାର୍ଗ,
ମୁମ୍ବାଇ - ୪୦୦ ୦୨୬, ମହାରାଷ୍ଟ୍ର
ଟେଲି: ୦୨୨ ୨୩୫୩ ୩୨୭୫/୨୦୮୩ ୦୪୭୧
ଇମେଲ୍: bestdebut@nfdcindia.com

CBC 22201/11/0011/2425

# ମହିଳାଙ୍କୁ ସଶକ୍ତ, ସମୃଦ୍ଧ କରିବ ‘ସୁଭଦ୍ରା’

## ପୁରୀ ବେଳାଭୂମିରେ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥି।

ଆସନ୍ତା ୧୭ ତାରିଖରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଓଡ଼ିଶାରେ ଏହି ଯୋଜନାର ଶୁଭାରମ୍ଭ ହେବା ସହ ମହିଳାଙ୍କୁ ପ୍ରଥମ କିସ୍ତି ଅର୍ଥରାଶି ବଣ୍ଟନ କରାଯିବ। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଯୋଗଦେଇ ଯୋଜନାର ଶୁଭାରମ୍ଭ କରିବେ। ଏହି ପରିପ୍ରେକ୍ଷୀରେ ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ଏବଂ ପୁରୀ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବେଳାଭୂମିରେ ସୁଭଦ୍ରା ଯୋଜନାର ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ‘ସୁଭଦ୍ରା’ ଯୋଜନା ସମ୍ପର୍କିତ ବାଲୁକାକଳା ଉଦ୍‌ଘାଟିତ ହୋଇଥିଲା। ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମାନବ ଶୃଙ୍ଖଳ କରାଯାଇଥିଲା।

ଆୟୋଜିତ ସଭାରେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଯୋଗଦେଇ କହିଥିଲେ, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭ ଉଦ୍‌ଘାଟନ କରିବେ। ତାହାକୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୩୦ ଲକ୍ଷରୁ ଅଧିକ ମହିଳାଙ୍କ ସୁଭଦ୍ରା ଯୋଜନାରେ ନାମ ପଞ୍ଜୀକରଣ କରିସାରିଲେଣି। ୧୭ ତାରିଖ ବେଳକୁ ଏହା ୬୦ ଲକ୍ଷରେ ପହଞ୍ଚି ସାରିଥିବ। ୧୫ ତାରିଖ ପର୍ଯ୍ୟନ୍ତ ଏହା ଚାଲୁ ରହିବ। ତେବେ ଫର୍ମ ପକାଇବା ୱେବ୍‌ସାଇଟ ଚାଲୁ ରହିବ। ୧କୋଟିରୁ ଅଧିକ ମହିଳାଙ୍କୁ ଯୋଜନାରେ ଯୋଡ଼ିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ବର୍ଷରେ ଓଡ଼ିଶାର ବିକାଶ ମାନଚିତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିବ। ସେହିପରି କୃଷକମାନଙ୍କୁ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ସୁଭଦ୍ରା ପ୍ରତିଟି ମହିଳାଙ୍କୁ ସମୃଦ୍ଧ କରିବା ସହ ସେମାନଙ୍କ ସ୍ୱପ୍ନକୁ ସାକାର କରିବ। ଏହା ମହିଳାଙ୍କ ଜୀବନରେ ବଡ ପରିବର୍ତ୍ତନ ଆଣିବାକୁ ଯାଉଛି। ପୁରୀ ଜିଲାରେ ୭ଲକ୍ଷ ଫର୍ମ ପ୍ରଦାନ କରାଯାଇଛି। ବର୍ତ୍ତମାନ ପୁରୀରେ ୧ ଲକ୍ଷ ୬୭ ହଜାର ୨୯୨ରୁ ଊର୍ଦ୍ଧ୍ୱ ପଞ୍ଜୀକରଣ ହୋଇଛି। ସମସ୍ତ କାର୍ଯ୍ୟ ପୁରୀରୁ ଆରମ୍ଭ କରାଯାଉଛି। ଆଗାମୀ ଦିନରେ ଯୋଜନା ସୁଫଳ ହେବ। ବାର୍ଷିକ ୧୩ ହଜାର କୋଟି ଓ ୫ବର୍ଷରେ ୬୫ ହଜାର କୋଟି ଟଙ୍କା ଏହି ଯୋଜନାରେ ବ୍ୟୟ ହେବ। କଥା ଦେଇ କଥା ରଖିବା ଆମ ସରକାରଙ୍କ ମୂଳ ନୀତି ବୋଲି ସେ କହିଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ମିଶନ ଶକ୍ତି ସଚିବ ଶାଳିନୀ ପଣ୍ଡିତ, କଳାକାର ପିଙ୍କି ପ୍ରଧାନ, ଶ୍ରୀତମ ଦାସ, ମଧୁସୂଦନ ସିଂହାରୀ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ଜଣ ମହିଳା କିଭଳି ଅତି କମ୍ ଟଙ୍କାରେ ନିଜକୁ ସଶକ୍ତ କରିପାରିଛନ୍ତି ତାହା ବଖାଣିଥିଲେ। ଶେଷରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବ ବିବାଦକୁ ନେଇ ଆକ୍ରମଣ ମାମଲା: ଜଣେ ଗିରଫ

ଯାଁଳା,୧୧।୯(ବୁଲା ବାରିକ)

ପୂର୍ବ ବିବାଦକୁ ନେଇ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଓ ସୁନା ଜିନିଷ ଛଡ଼ାଇ ନେବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମର ରମାକାନ୍ତ ପ୍ରଧାନ। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି।

ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୧୫ ତାରିଖ ଅପରାହ୍ଣରେ ଅଭିଯୋଗକାରୀ ପ୍ରଶାନ୍ତ ମଙ୍ଗରାଜ ଏବଂ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଏକ ମୋଟରସାଇକେଲରେ ଗାଁ ବଜାରରେ ବୁଲୁଥିଲେ। ଏହି ସମୟରେ ଯାଁଳା ପଞ୍ଚାୟତ ଅଫିସ୍ ନିକଟରେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ପୂର୍ବ ବିବାଦକୁ କେନ୍ଦ୍ର କରି ଉଭୟଙ୍କୁ ରାସ୍ତାରେ ଅଟକାଇଥିଲେ। ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ସେମାନେ ପିନ୍ଧିଥିବା ସୁନାଜିନିଷ, ୫ହଜାର ଟଙ୍କା ଲୁଟି ନେଇଯାଇଥିଲେ ଓ ମୋଟରସାଇକେଲକୁ ମଧ୍ୟ ବାଡ଼େଇ ଭାଙ୍ଗି ଦେଇଥିଲେ। ଏନେଇ ଅଭିଯୋଗକାରୀ ପ୍ରଶାନ୍ତ ଇନଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ପ୍ରଶାନ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତ ରମାକାନ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଜଟଣୀ ଥାନାରେ ଏକ ମାମଲା ଥିବା ପୋଲିସ ସୂତ୍ରରୁ ଜଣାପଡିଛି।

## ଗଞ୍ଜେଇ ବେପାରୀ ଗିରଫ

**ବାଣପୁର, ୧୧।୯ (ଦିଲୀପ କୁମାର ସ୍ୱାଇଁ):** ବାଲୁଗାଁ ଅବକାରୀ ବିଭାଗ ବୁଧବାର ବାଣପୁର ଅଲାଇଡିହ ଛକରୁ ୪କିଲୋ ୮ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛନ୍ତି। ଅଲାଇଡିହ ଛକରେ ରହୁଥିବା ବସୁଦେବ ପ୍ରଧାନ ନିଜ ଘରେ ଗଞ୍ଜେଇ ବେପାର କରୁଥିବା ଅଭିଯୋଗ ହେଉଥିଲା। ବୁଧବାର ମଧ୍ୟାହ୍ନରେ ବସୁଦେବ ଓ ତାଙ୍କ ସମ୍ପର୍କୀୟ ଶୁଭେନ୍ଦୁ ଜେନା ଛକରେ ଗଞ୍ଜେଇ ବେପାର କରୁଥିବା ବେଳେ ଅବକାରୀ ଅଧିକାରୀମାନେ ଚଢାଉ କରି ଉଭୟଙ୍କଠାରୁ ୪କିଲୋ ୮ଶହ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲେ। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଉଭୟଙ୍କୁ ଅଦାଲତ ଚାଲାଣ କରାଯାଇଛି।

## ମଦ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

**ବେଗୁନିଆ,୧୧।୯(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ଅବକାରୀ ଥାନା ପୋଲିସ ମଙ୍ଗଳବାର ସିକୋରେ ଚଢାଉ କରି ଦେଶୀମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍.ଜାଗିନ ରାଓଙ୍କ ସୂଚନା ଅନୁଯାୟୀ ସିକୋ ବଜାରରେ ଚଢ଼ାଉ କରି ଦୁର୍ଯ୍ୟୋଧନ ସାହୁଙ୍କଠାରୁ ୩୦ ଲିଟର ଦେଶୀମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ସହକାରୀ ଉପନୀରିକ୍ଷକ ବିରଞ୍ଚି ମହାନ୍ତି, ସିପାହୀ ବିକାଶ ଚନ୍ଦ୍ର ରାଉତ, ମନୋଜ କୁମାର ଜୟସିଂହ ଓ ଚିନ୍ମୟୀ ସେଠୀ ପ୍ରମୁଖ ସାମିଲ ଥିଲେ।

# ଭାଇଚାରା ସୃଷ୍ଟି ଉପରେ ଗୁରୁତ୍ୱ




ଗୋଦାବରୀଶ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ବାଣପୁର, ୧୧।୯(ଦିଲୀପ କୁମାର ସ୍ୱାଇଁ)

### ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ

ଯୁଗ ପୁରୁଷ ସ୍ୱାମୀ ବିବେକାନନ୍ଦ ୧୮୯୩ ସେପ୍ଟେମ୍ବର ୧୧ରେ ଆମେରିକାର ଚିକାଗୋରେ ବିଶ୍ୱ ଧର୍ମ ସମ୍ମିଳନୀରେ ଦେଇଥିବା ବକ୍ତବ୍ୟ ସେଦିନ ସ୍ୱାମୀଜୀଙ୍କୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚିତି ଆଣିଦେଇଥିଲା। ସେହି ପବିତ୍ର ଦିବସକୁ ସ୍ମରଣୀୟ ରଖିବା ପାଇଁ ବିବେକାନନ୍ଦ କେନ୍ଦ୍ର ଓଡ଼ିଶା ଶାଖା ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ କରାଯାଉଛି। ବୁଧବାର ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ବାଣପୁର-ବାଲୁଗାଁ ନଗର ସଞ୍ଚାଳକ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତା ମୁଖ୍ୟ ଅତିଥି ଏବଂ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଲକ୍ଷ୍ମୀପ୍ରସାଦ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏହି ଦିବସ ପାଳନ କରିବାର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଇଂଲିଶ ଅଧ୍ୟାପିକା ମିକି ମନସ୍ୱିନୀଙ୍କ ସଂଯୋଜନାରେ ପରିଚାଳିତ କାର୍ଯ୍ୟକ୍ରମରେ ସଂସ୍କୃତ ଅଧ୍ୟାପକ ଅରବିନ୍ଦ ନାୟକ, ଆଦିତ୍ୟ ସାରଥୀ ବେଦମଣ୍ଡା, ନଗର ପ୍ରମୁଖ ଅଜୟ କୁମାର ଦାସ, ନଗର ବ୍ୟବସ୍ଥାପକ ସୁକାନ୍ତ କୁମାର ଜେନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭାଇଚାରା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ସମ୍ପର୍କ ପ୍ରମୁଖ ତଥା ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ ଧନ୍ୟବାଦ ଦେଇଥିଲେ। ଗତ ୬ ତାରିଖରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମଦ, ପୋଚ ନଷ୍ଟ ସହ ଗଞ୍ଜେଇ ଜବତ: ୨ ଗିରଫ

ବାଲୁଗାଁ, ୧୧।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ବିଭାଗ ବୁଧବାର ବେଆଇନ ମଦଭାଟି ଉପରେ ଚଢ଼ାଉ କରି ବିପୁଳ ପରିମାଣର ମହୁଲି ମଦ ଓ ପୋଚ ନଷ୍ଟ କରିଛି। ଏଥିସହ ବେଆଇନ ଭାବେ ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଆଦିବାସୀ ଅଧ୍ୟୁଷିତ କସୋରଡ଼ା ଅଞ୍ଚଳରେ ବ୍ୟାପକ ମହୁଲି ମଦ ପ୍ରସ୍ତୁତି ହେଉଥିବା ଖବର ପାଇ ବାଲୁଗାଁ ଅବକାରୀ ଅଧିକାରୀ ସ୍ମିତା ପଣ୍ଡା ସଦଳବଳ ବୁଧବାର ସକାଳୁ ଉକ୍ତ ଅଞ୍ଚଳରେ ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ବେଳେ ସମ୍ପୃକ୍ତ ମଦ ପ୍ରସ୍ତୁତକାରୀମାନେ ଖସି ପଳାଇବାରେ ସକ୍ଷମ ହୋଇଥିବାବେଳେ ଗଚ୍ଛିତ ଥିବା ୬୨୦୦ ଲିଟର ପୋଚ ଏବଂ ୪୨୦ ଲିଟର ମହୁଲି ମଦକୁ ନଷ୍ଟ କରିଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅଲାଇଡିହ ଛକ ନିକଟରେ ବେଆଇନ ଭାବେ ଚାଲାଣ ହେଉଥିବା ୪କିଲୋ ୮୦୦ଗ୍ରାମ ଗଞ୍ଜେଇ ଜବତ କରିବା ସହ ଉକ୍ତ ଅଞ୍ଚଳର ବାସୁଦେବ ପ୍ରଧାନ ଏବଂ ଶୁଭେନ୍ଦୁ ଜେନାକୁ ଗିରଫ କରାଯାଇଛି। ବିଭାଗ ପକ୍ଷରୁ ଏକ ମାମଲା (ନଂ. ୧୩୦/୨୪) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମା’ ଦୁର୍ଗା, ହରପାର୍ବତୀଙ୍କ ପୂଜା ପାଇଁ ମାଟି ଅନୁକୂଳ

ଖୋର୍ଦ୍ଧା,୧୧।୯(ପ୍ରଭାତ ପାଣିଗ୍ରାହୀ)

ଆସୁଛି ପାର୍ବଣ ଋତୁ। ଧରାପୃଷ୍ଠକୁ ଓହ୍ଲାଇବେ ଜଗତ୍‌ଜନନୀ ମା’ ଦୁର୍ଗା। ଚଳିତ ବର୍ଷ ଆଡ଼ମ୍ବରରେ ଦୁର୍ଗାପୂଜା ପାଳନ ନିମନ୍ତେ ଖୋର୍ଦ୍ଧା ସହରର ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ବିଭିନ୍ନ ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ କାର୍ଯ୍ୟ ବିଧି ଅନୁଯାୟୀ ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି।

ଚଳିତ ବର୍ଷ ସହର ୯ଟି ପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ସେଥିମଧ୍ୟରୁ ଟ୍ରାଫିକ ଛକ, ମାଛ ମାର୍କେଟ ବ୍ୟବସାୟୀ ସଂଘ, ଦୁଲଣା ଛକ କଣ୍ଟା କ୍ଲବ, ୪୦୭ ବ୍ୟବସାୟୀ ସଂଘ ଆଦି ୪ଟି ଅନୁଷ୍ଠାନ ପକ୍ଷରୁ ହର ପାର୍ବତୀ ପୂଜା ଆୟୋଜନ କରାଯିବ। ସେହିପରି ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ପୁରୁଣା ଦମକଳ ଛକ, କଣ୍ଟାବଜାର, ଗୁରୁଜଙ୍ଗ ମାଳିସାହି ଛକ ପ୍ରଭୃତି ୫ଟି ପୂଜା ମଣ୍ଡପରେ ମା’ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେବ। ଜୟୀରାଜଗୁରୁ ହଲ୍ (ଟାଉନ ହଲ) ସମ୍ମୁଖରେ ଟ୍ରାଫିକ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ହେଉଥିବା ହର ପାର୍ବତୀ ପୂଜା ନିମନ୍ତେ ମାଟି ଅନୁକୂଳ ହୋଇଯାଇଛି। ପୂଜକ ସନ୍ତୋଷ ଦାଶ ପୂଜାର୍ଚ୍ଚନା କରିଥିଲେ। ସଂଘ ସଭାପତି ଜିତେନ୍ଦ୍ର ଭଞ୍ଜ, ଉପସଭାପତି ଲକ୍ଷ୍ମୀଧର ପୃଷ୍ଟି, କୋଷାଧ୍ୟକ୍ଷ କପିଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଅନ୍ୟ ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ ପରେ ଶୋଭାଯାତ୍ରାରେ ଘଣ୍ଟା କାହାଳୀ, ମୃଦଙ୍ଗ ବଜାଇ ସହର ପରିକ୍ରମା କରିଥିଲେ। ଅକ୍ଟୋବର ୩ରୁ ନବଦିନାତ୍ମକ ପୂଜାରମ୍ଭ, ୯ରେ ପୀଠେ ସପ୍ତମୀ ପୂଜା, ୧୦ମହାଷ୍ଟମୀ, ୧୧ ପୀଠେ ମହାନବମୀ, ୧୨ ପୀଠେ ଦଶହରା, ବିଜୟା ଦଶମୀ ଉତ୍ସବ ରହିଛି।

# ଠାକୁରଙ୍କୁ ଭୁଲ୍ କ୍ରମରେ ପୂଜା କରାଯିବା ନେଇ ଅସନ୍ତୋଷ

ଜଟଣୀ,୧୧।୯(ରବୀନ୍ଦ୍ରନାଥ ମହାକୁଡ଼)

ପବିତ୍ର ଗଣେଶ ଚତୁର୍ଥୀ ଶନିବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ବା ମହୋତ୍ସବ। ୧୧ ଦିବସ ବ୍ୟାପୀ ରୀତିନୀତିରେ ତ୍ରିମୂର୍ତ୍ତି ବିଭିନ୍ନ ମଣ୍ଡପରେ ଭକ୍ତଙ୍କ ମେଳରେ ରହିବେ ଏବଂ ଆସନ୍ତା ପୂର୍ଣ୍ଣମୀ ତିଥିରେ ମେଲାଣି ନେବେ। ଜଟଣୀ ସହରର ବିଭିନ୍ନ ସାହି ବସ୍ତି, ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନରେ ରୀତିନୀତିରେ ପୂଜା ପାଉଛନ୍ତି ପ୍ରଭୁ ଗଜାନନଙ୍କ ସହିତ ମାତା ଲକ୍ଷ୍ମୀ ଏବଂ ଦେବୀ ସରସ୍ୱତୀ। ତେବେ ଜଟଣୀ ସହରର ଏକାଧିକ ବିଭିନ୍ନ କ୍ଲବ ପକ୍ଷରୁ ଆୟୋଜିତ ପୂଜାମଣ୍ଡପରେ ଠାକୁରଙ୍କ ମୃଣ୍ମୟୀ ମୂର୍ତ୍ତିଙ୍କୁ ନିୟମ ଅନୁଯାୟୀ କ୍ରମାନ୍ୱୟରେ ନ ରଖି ପୂଜା କରାଯାଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଭକ୍ତ, ପଣ୍ଡିତ ଏବଂ ବୁଦ୍ଧିଜୀବୀ ମହଲରେ ସମାଲୋଚନା କରାଯାଇଛି। ଭୁଲରେ ପ୍ରଭୁ ଗଜାନନ, ମାତା ଲକ୍ଷ୍ମୀ ଏବଂ ଦେବୀ ସରସ୍ୱତୀଙ୍କୁ ବସାଇ ପୂଜା କରୁଥିବା ଅନୁଷ୍ଠାନଗୁଡିକ ଭୁଲ ସଂଶୋଧନ କରି ପୂଜା କରିବା ପାଇଁ ସାଧାରଣରେ ଦାବି ହୋଇଛି। ନିୟମ ଅନୁଯାୟୀ ପ୍ରଭୁ ଗଜାନନଙ୍କ ବାମ ପାର୍ଶ୍ୱରେ ଦେବୀ ସରସ୍ୱତୀ ଏବଂ ଦକ୍ଷିଣ ପାର୍ଶ୍ୱରେ ମାତା ଲକ୍ଷ୍ମୀ ସାଧାରଣତଃ ସ୍ଥାନିତ ହୋଇ ପୂଜା ପାଇଥାନ୍ତି। ତେବେ ଜଟଣୀର କଳିକା ଯୁଥ କ୍ଲବ, ଟାଇଟଲ କ୍ଲବ ଏବଂ ଶ୍ରାବଣୀ କ୍ଲବ ପକ୍ଷରୁ ଭୁଲରେ ଠାକୁରଙ୍କୁ ସ୍ଥାନିତ କରାଯାଇଛି, ଯାହା ବାସ୍ତୁ ଅନୁସାରେ ଗ୍ରହଣୀୟ ନୁହେଁ ଏବଂ ଯେଉଁ ପଣ୍ଡିତ ବା ପୂଜକ ପୂଜା କରୁଛନ୍ତି ସେମାନେ ଏଥିପ୍ରତି ଦେବା କଥା ବୋଲି ଅନେକ ପଣ୍ଡିତ ମତ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଜଟଣୀ ସହର ଏବଂ ଏହାର ପାଖଆଖ ଅଞ୍ଚଳର ବିଭିନ୍ନ ସ୍ଥାନ ଏବଂ ମଣ୍ଡପରେ ୨୦୦ରୁ ଅଧିକ ସ୍ଥାନରେ ପୂଜା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ଆକୃତିର ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ସମସ୍ତ ରୀତିନୀତି ଓ ପବିତ୍ର ପରିବେଶ ମଧ୍ୟରେ ଘଣ୍ଟ ଘଣ୍ଟା, ବାଜା ମହୁରି, ହରିବୋଲ ହୁଳହୁଳି ଏବଂ ମନ୍ତ୍ର ଉଚ୍ଚାରଣରେ ଜଟଣୀ ସହରର ପ୍ରକମ୍ପିତ ହେଉଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜା ପାଠ, ଆଳଟ ଚାମର ଚାଳିଥିବା ବେଳେ ସହରର ସମସ୍ତ ମଣ୍ଡପ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।


## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

(ସଂସଦ ଅଧିନିୟମ, ୨୦୦୯ ଅଧୀନରେ ସ୍ଥାପିତ)
ସୁନାବେଡ଼ା, ଜିଲ୍ଲା- କୋରାପୁଟ, ଓଡ଼ିଶା, ପିନ୍: ୭୬୩୦୦୪

**ଅଣ-ଶିକ୍ଷାଦାନ ପଦବୀଗୁଡ଼ିକ ପାଇଁ କର୍ମନିଯୁକ୍ତି ଅଧିସୂଚନା**

ବିଜ୍ଞାପନ ନଂ. ୪/୨୦୨୪ — ତାରିଖ: ୦୨/୦୯/୨୦୨୪

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତ୍ୟକ୍ଷ ନିଯୁକ୍ତି / ଡେପୁଟେଶନ୍ ଭିତ୍ତିରେ ନିମ୍ନଲିଖିତ ବୈଧାନିକ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି।

| କ୍ର.ସଂ. | ପଦବୀର ନାମ | ପଦବୀ ସଂ. ଓ ବର୍ଗ | ୭ମ ସିପିସି ଅନୁସାରେ ବେତନ ସ୍ତର | ୬ଷ୍ଠ ସିପିସି ଅନୁସାରେ ପେ’ ବ୍ୟାଣ୍ଡ ଓ ଗ୍ରେଡ୍ ପେ’ |
|---|---|---|---|---|
| ୧ | **ନିବନ୍ଧକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଏଜିପି ଟ.୧୦,୦୦୦/- |
| ୨ | **ପରୀକ୍ଷା ନିୟନ୍ତ୍ରକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଜିପି ଟ.୧୦,୦୦୦/- |

ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଦେଖନ୍ତୁ (www.cuo.ac.in) । କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବାର ଅଧିକାର ବିଶ୍ୱବିଦ୍ୟାଳୟ ନିକଟରେ ସଂରକ୍ଷିତ।
ଦରଖାସ୍ତ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ ‘ଏମ୍ପ୍ଲୟମେଣ୍ଟ ନ୍ୟୁଜ୍’ରେ ପ୍ରକାଶିତ ହେବା ତାରିଖରୁ ୩୦ ଦିନ।

CBC-21317/12/0002/2425 — ସ୍ୱା./- ଭାରପ୍ରାପ୍ତ ନିବନ୍ଧକ



## ODISHA COAL AND POWER LTD.
(A GOVT. OF ODISHA COMPANY)

Odisha Coal and Power Limited — OCPL

Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-183_1/2024 — Date : 12.09.2024

Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing and Fixing Toughened Glass and M.S Grill at Balconies of Residential Buildings of Manoharpur Township Complex at Sarbahal, Sundargarh | Rs.1,180/- (Rupees One Thousand One Hundred Eighty only) including GST | 12.09.2024 | 26.09.2024 | 03:00 PM / 03:30 PM on 03.10.2024 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./- Chief Operating Officer



झारखंड सरकार
ग्रामीण कार्य विभाग
कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गुमला

**शुद्धि पत्र**

एतद द्वारा सूचित किया जाता है कि ग्रामीण कार्य विभाग, कार्य प्रमंडल, गुमला के अन्तर्गत निकाली गयी ई–निविदा आमंत्रण संख्या:–10/2024-25/ RWD/W/EE/GUMLA दिनांक–27.08.2024, PR- 333816 (Rural Works Department)24-25 (D) द्वारा प्रकाशित हुआ था को अपरिहार्य कारणों से रद्द किया जाता है।

ह0/–कार्यपालक अभियंता
ग्रामीण कार्य विभाग,
कार्य प्रमंडल गुमला

PR 335447 (Rural Work Department)24-25*D



## ଜିଲ୍ଲା ପରିଷଦ, ସମ୍ବଲପୁର

ଜିଲ୍ଲା: ସମ୍ବଲପୁର, ଓଡ଼ିଶା – ୭୬୮୦୦୧
Phone: (0663) 2410992, Email: ori-dsambalpur@nic.in

ପତ୍ର ସଂଖ୍ୟା: ୪୦୭୧/ଜି.ପ. — ତାରିଖ: ୧୧।୦୯।୨୦୨୪

**ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବିଜ୍ଞାପନ**

ଏତଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ଜବ୍‌କାର୍ଡଧାରୀ ଓ ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆନୁକୂଲ୍ୟରେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ତା୧୮।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଧନକଉଡ଼ା | ତା୧୯।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, କୁଚିଣ୍ଡା |
| ଜମନକିରା | ତା୨୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଯୁଜୋମୁରା | ତା୨୧।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ସମ୍ବଲପୁର |
| ନାକଟିଦେଉଳ | ତା୨୪।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ମାନେଶ୍ୱର | ତା୨୫।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବଲପୁର |
| କୁଚିଣ୍ଡା | ତା୨୬।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ସମ୍ବଲପୁର |
| ରେଙ୍ଗାଲି | ତା୨୭।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ରେଢ଼ାଖୋଲ | ତା୩୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |

ସ୍ୱା./– ଜିଲ୍ଲାପାଳ–ତଥା–ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର



सूचना एवं प्रसारण मंत्रालय
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ

55th International Film Festival of India, Goa
20th-28th November, 2024

## ୫୫ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ଗୋଆ

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ନିମନ୍ତେ
**ପ୍ରବେଶିକା ଆହ୍ୱାନ**

**ଯୋଗ୍ୟତା**

ଚଳଚ୍ଚିତ୍ରଟି ସମ୍ପୃକ୍ତ ନିର୍ଦ୍ଦେଶକଙ୍କ ଡେବ୍ୟୁ (ପଦାର୍ପଣ) ଚଳଚ୍ଚିତ୍ର ହେବା ଆବଶ୍ୟକ।

କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଦ୍ୱାରା ଚଳଚ୍ଚିତ୍ରର ପ୍ରମାଣନ କିମ୍ବା ପ୍ରଯୋଜନା ସମାପ୍ତି ୧ ଅଗଷ୍ଟ ୨୦୨୩ ଓ ୩୧ ଜୁଲାଇ ୨୦୨୪ ମଧ୍ୟରେ ହେବା ଆବଶ୍ୟକ।

ସମସ୍ତ ଚଳଚ୍ଚିତ୍ରରେ ଇଂରାଜୀ ସବ୍‌ଟାଇଟଲ୍ ରହିଥିବା ଜରୁରୀ।

ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି
୨୩ ସେପ୍ଟେମ୍ବର, ୨୦୨୪ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ

ନିୟମାବଳୀ ଏବଂ ପ୍ରବେଶିକା ଫର୍ମ ପାଇଁ
ଦୟାକରି ପରିଦର୍ଶନ କରନ୍ତୁ: www.iffigoa.org

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ଏନ୍‌ଏଫ୍‌ଡିସି-ଏଫ୍‌ଡି କମ୍ପ୍ଲେକ୍ସ
୧ମ ମହଲା, ଓଲ୍ଡ ବିଲ୍ଡିଂ
୨୪, ଡା. ଗୋପାଳରାଓ ଦେଶମୁଖ ମାର୍ଗ,
ମୁମ୍ବାଇ - ୪୦୦ ୦୨୬, ମହାରାଷ୍ଟ୍ର
ଟେଲି: ୦୨୨ ୨୩୫୩ ୩୨୭୫/୨୦୮୩ ୦୪୭୧
ଇମେଲ୍: bestdebut@nfdcindia.com

CBC 22201/11/0011/2425

# ଶ୍ରୀମନ୍ଦିର ଦଧିନଉତି ଉପରେ ଚଢ଼ିଗଲେ

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି )

ଶ୍ରୀମନ୍ଦିର ଭିତରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବୟସ୍କ ବ୍ୟକ୍ତି ଶ୍ରୀମନ୍ଦିର ଦଧିନଉତି ଉପରେ ଚଢ଼ିଯାଇଥିବା ଦେଖିବାକୁ ମିଳିଛି, ଯାହା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଦଧିନଉତି ଉପରକୁ ଚଢିଥିବା ବ୍ୟକ୍ତି ଜଣଙ୍କ ଛତ୍ରପୁରର ବଳରାମ ମହାରଣା ବୋଲି ଜଣାପଡ଼ିଛି। ଶ୍ରୀମନ୍ଦିର ଭିତରେ ଓ ବାହାରେ ଶତାଧିକ ପୋଲିସ ମୁତୟନ ଥିବାବେଳେ ଜଣେ ବ୍ୟକ୍ତି ସମସ୍ତ ସୁରକ୍ଷା ବଳକୁ ଭେଦ କରି କିପରି ଶ୍ରୀମନ୍ଦିର ଦଧିନଉତି ଉପରକୁ ଚଢ଼ିଗଲେ ଏବଂ ତାହା କେହି କିପରି ଜାଣିପାରିଲେ ନାହିଁ, ତାହାକୁ ନେଇ ସାଧାରଣ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ ରାତି ପ୍ରାୟ ୧୦ଟା ସମୟରେ ଜଣେ ବୟସ୍କ ବ୍ୟକ୍ତି ଶ୍ରୀମନ୍ଦିର ଦଧିନଉତି ଉପରେ ଚଢ଼ିଯାଇ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ଜଣାପଡ଼ିବା ପରେ ଶ୍ରୀମନ୍ଦିର ପୋଲିସ, ଓଡ଼ିଶା ପୋଲିସ, ସେବାୟତମାନେ ତାଙ୍କୁ ଶ୍ରୀମନ୍ଦିର ତଳକୁ ଓହ୍ଲାଇବା ନିମନ୍ତେ ଅନୁରୋଧ କରିଥିଲେ। ଏପରିକି ତାଙ୍କୁ ଶ୍ରୀମନ୍ଦିର ତଳକୁ ଓହ୍ଲାଇବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୂନରା ସେବାୟତଙ୍କୁ ଖବର ଦିଆଯାଇଥିଲା। ଚୂନରା ସେବାୟତ ନରସିଂହ ମହାପାତ୍ର ପହଞ୍ଚିବା ପୂର୍ବରୁ ବ୍ୟକ୍ତି ଜଣଙ୍କ କିଛି ବାଟ ଓହ୍ଲାଇଥିଲେ। ପରେ ମହାପାତ୍ର ଶ୍ରୀମନ୍ଦିର ଉପରକୁ ଯାଇ ଅଧା ବାଟରୁ ତାଙ୍କୁ ସୁରକ୍ଷିତ ଭାବରେ ତଳକୁ ଆଣିଥିଲେ। ପ୍ରଥମେ ତାଙ୍କୁ ଶ୍ରୀମନ୍ଦିର ଗାରଦ ଜିମା ଦିଆଯାଇଥିଲା। ପରେ ସିଂହଦ୍ୱାର ଥାନା ପୋଲିସ ଓ ଏସ୍‌ପି ପିନାକ ମିଶ୍ର ପହଞ୍ଚି ବଳରାମଙ୍କୁ ସିଂହଦ୍ୱାର ଥାନାକୁ ଆଣି ପଚରାଉଚରା କରିଛନ୍ତି। ଏନେଇ ଚୂନରା ସେବାୟତ ନରସିଂହ ମହାପାତ୍ର କହିଛନ୍ତି, ସେ ନୀଳଚକ୍ରରେ ବାନା ବାନ୍ଧି ଘରକୁ ଯାଇଥିଲେ। କେହି ଜଣେ ମନ୍ଦିର ଉପରେ ଚଢି ଯାଇଥିବା ସେ ଖବର ପାଇ ଆସିଥିଲେ। ତେବେ ବ୍ୟକ୍ତି ଜଣଙ୍କୁ ମଝି ଦେଉଳ ଓ ବଡ଼ ଦେଉଳ ସମ୍ମୁଖ ଭାଗରୁ ତାଙ୍କୁ ତଳକୁ ଆସ୍ତେ ଆସ୍ତେ ଆଣିଥିଲେ। କଥାବାର୍ତ୍ତାରୁ ବ୍ୟକ୍ତି ଜଣକ ପାଗଳ ନୁହନ୍ତି ବୋଲି ଜଣାପଡୁଛି। ବ୍ୟକ୍ତି ଜଣଙ୍କ କହିବା ହେଲା ତାଙ୍କ ପିଲାବେଳୁ ଇଚ୍ଛା ଥିଲା ନୀଳଚକ୍ରକୁ ଛୁଇଁବାକୁ। ବଳରାମ ପୂର୍ବରୁ ଶ୍ରୀମନ୍ଦିର ଉପରେ ଚଢ଼ିଥିବା କହିଛନ୍ତି। ତାଙ୍କୁ ସ୍ୱପ୍ନ ଆସିଥିଲା ବାନା ଛିଡି ଯାଇଛି। ସେ ବାନା ବାନ୍ଧିବା ପାଇଁ ଚଢିଥିଲେ ବୋଲି କହିଛନ୍ତି। ପୋଲିସ ତଦନ୍ତ ପରେ ସେ କାହିଁକି ଚଢିଥିଲେ ତାହା ସୂଚନା ମିଳିବ ବୋଲି ମହାପାତ୍ର କହିଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ଶ୍ରୀମନ୍ଦିର ଉପରେ ଏପରି ଚଢ଼ିଯିବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଏପରି ନଜିର ରହିଛି। ୨୦୧୯ ଏପ୍ରିଲ ମାସରେ ଜଣେ ଯୁବକ ଶ୍ରୀମନ୍ଦିର ଦଧିନଉତି ଉପରେ ଚଢିଯାଇଥିଲେ। ଶ୍ରୀମନ୍ଦିର କାର୍ଯ୍ୟ ଚାଲୁଥିବା କାରଣରୁ ଭାରା ବନ୍ଧା ଯାଇଥିଲା। ଭାରା ଉପରେ ଚଢି ଉକ୍ତ ଯୁବକଜଣଙ୍କ ଦଧିନଉତି ଉପରେ ଚଢ଼ି ବାନା କାଢିବା ସହ ଗାମୁଛା ବାନ୍ଧି ଦେଇଥିଲେ। ପୋଲିସ ଉକ୍ତ ଯୁବକଙ୍କୁ ଅଟକାଇ ପଚରା ଉଚରା କରିବାରେ ଯୁବକ ଜଣଙ୍କ ମାନସିକ ବିକାରଗ୍ରସ୍ତ ବାଲି ଜଣାପଡିଥିଲା। ସେହିପରି ୨୦୨୨ ଅଗଷ୍ଟ ୧୪ତାରିଖରେ ଜୁଡି ଗଉଡ ନାମକ ଜଣେ ବ୍ୟକ୍ତି ଘଣ୍ଟି ଦ୍ୱାର ଦେଇ ନାଟ ମଣ୍ଡପ ଉପରକୁ ଚଢିଯାଇଥିଲେ। ଚୂନରା ସେବାୟତମାନେ ଦେଖି ତାଙ୍କୁ ତଳକୁ ଆଣିଥିଲେ। ସେହିପରି ଅନେକ ସମୟରେ ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ଉପରେ ଅନେକ ବ୍ୟକ୍ତି ଚଢିଯିବାର ନଜିର ରହିଛି। କିଛି ବର୍ଷ ତଳେ କାକଟପୁର ଅଞ୍ଚଳର ଜଣେ କିନ୍ନର ସିଂହଦ୍ୱାର ଗୁମୁଟ ଉପରକୁ ଡେଉଁ ଆତ୍ମହତ୍ୟା କରିଥିଲେ। ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ଏପରି ଘଟଣା ବାରମ୍ବାର ଘଟୁଥିବାବେଳେ ପୋଲିସ ଓ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।



## ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତିକୁ ନେଇ ଉତ୍ତେଜନା

### ସିଡିପିଓ ଅଫିସ୍‌ରେ ମହିଳାଙ୍କ ଧାରଣା

କଣାସ,୧୧।୯(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅନ୍ତର୍ଗତ ବଡ଼ାସ ପଞ୍ଚାୟତର ତରପଡ଼ା ଗ୍ରାମରେ ଥିବା ୧ ଓ ୨ ଅଙ୍ଗନୱାଡି କେନ୍ଦ୍ରରେ କେହି କର୍ମୀ ନିଯୁକ୍ତି ହୋଇନାହାନ୍ତି। ଅଙ୍ଗନୱାଡି କର୍ମୀ ନିଯୁକ୍ତିକୁ ନେଇ ହାଇକୋର୍ଟରେ ମୋକଦ୍ଦମା ଚାଲିଛି। କିନ୍ତୁ ପରିତାପର ବିଷୟ ୨ନଂ ଅଙ୍ଗନୱାଡି କେନ୍ଦ୍ରରେ କିଛି ଦିନ ହେଲା କର୍ମୀ ଭାବେ ମୀନାକ୍ଷୀ ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ମଙ୍ଗଳବାର ସନ୍ଧ୍ୟାରେ ୫୦ରୁ ଊର୍ଦ୍ଧ୍ୱ ମହିଳା ସିଡିପିଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଫଳରେ ସିଡିପିଓ ଓ ମହିଳାଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପରେ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ସହିତ ଆଲୋଚନା କରିଥିଲେ। ବୁଧବାର ପୁନଶ୍ଚ ୨୦ରୁ ଊର୍ଦ୍ଧ୍ୱ ମହିଳା ନ୍ୟାଯ୍ୟ ଦାବି କରି ସିଡିପିଓଙ୍କ ଅଫିସ୍ ଆଗରେ ଧାରଣା ଦେଇଥିଲେ। ସିଡିପିଓ ସ୍ମିତା ମହାନ୍ତିଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରିବାରୁ କହିଛନ୍ତି, ମୁଁ ନିଯୁକ୍ତି ଦେଇନାହିଁ, ଉପଜିଲାପାଳ ନିଯୁକ୍ତି ଦେଇଛନ୍ତି। ଉପଜିଲାପାଳ ଗୋପୀନାଥ କଅଁର କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନିଯୁକ୍ତି ଦିଆଯାଇଛି। ୨୦୧୯ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ସେହି ଅନୁଯାୟୀ ନିଯୁକ୍ତି ଦିଆଯାଇଛି। ଦୁଃଖର ବିଷୟ କୋର୍ଟଙ୍କ ନିର୍ଦ୍ଦେଶ ପରେ କିପରି ଉପଜିଲାପାଳ ବିନା ବିଜ୍ଞାପନରେ ନିଯୁକ୍ତି ଦେଇଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ତରପଡ଼ା ଗାଁରେ ଉତ୍ତେଜନା ସୃଷ୍ଟି ହୋଇଛି। ଯାହାଦ୍ୱାର ଗ୍ରାମର ମହିଳାମାନେ ୨ଦିନ ହେଲା ସିଡିପିଓଙ୍କ ଅଫିସ୍ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି।

## ପୂର୍ବତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ବିୟୋଗରେ ଶୋକସଭା

ଚାରିଛକ,୧୧।୯(ଶିଶିର ସ୍ୱାଇଁ)– ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ନୀଳମଣି ସ୍ମୃତି ବିଦ୍ୟାପୀଠ ବହାରଣା ବିଦ୍ୟାଳୟ ପରିସରରେ ପୂର୍ବତନ ପ୍ରଧାନ ଶିକ୍ଷକ ଦାମୋଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ତତ୍‌କାଳୀନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଦୀନବନ୍ଧୁମିଶ୍ରଙ୍କ ବିୟୋଗରେ ବୁଧବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରକାଶଥାଉକି ସ୍ୱର୍ଗତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିକ୍ଷାନୁଷ୍ଠାନଟି ଗଢ଼ି ଉଠିଥିଲା। ସ୍ୱର୍ଗତ ମିଶ୍ର ଜଣେ ଜ୍ଞାନୀ, ପରୋପକାରୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମେଶ ରାଉତ, ନୋଡାଲ୍ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିୟ ମହାନ୍ତି, ଶିକ୍ଷକ ମୁରଲୀଧର ପ୍ରଧାନ, ଅନାଦୀଚରଣ ନାୟକ, ପଞ୍ଚାନନ ବେହେରା, ହୃଷୀକେଶ ଜେନା, ଦାମୋଦର ତିଆଡ଼ି, ମନୋଜ କୁମାର ଦାଶ, ଶଶାଙ୍କ ରଞ୍ଜନ ମହାନ୍ତି, କର୍ମଚାରୀ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(ସଂସଦ ଅଧିନିୟମ, ୨୦୦୯ ଅଧୀନରେ ସ୍ଥାପିତ)
ସୁନାବେଡ଼ା, ଜିଲ୍ଲା- କୋରାପୁଟ, ଓଡ଼ିଶା, ପିନ୍: ୭୬୩୦୦୪

**ଅଣ-ଶିକ୍ଷାଦାନ ପଦବୀଗୁଡ଼ିକ ପାଇଁ କର୍ମନିଯୁକ୍ତି ଅଧିସୂଚନା**

ବିଜ୍ଞାପନ ନଂ. ୪/୨୦୨୪ ତାରିଖ: ୦୨/୦୯/୨୦୨୪

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତ୍ୟକ୍ଷ ନିଯୁକ୍ତି / ଡେପୁଟେଶନ୍ ଭିତ୍ତିରେ ନିମ୍ନଲିଖିତ ବୈଧାନିକ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି।

| କ୍ର.ସଂ. | ପଦବୀର ନାମ | ପଦବୀ ସଂ. ଓ ବର୍ଗ | ୭ମ ସିପିସି ଅନୁସାରେ ବେତନ ସ୍ତର | ୬ଷ୍ଠ ସିପିସି ଅନୁସାରେ ପେ' ବ୍ୟାଣ୍ଡ ଓ ଗ୍ରେଡ୍ ପେ' |
|---|---|---|---|---|
| ୧ | **ନିବନ୍ଧକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଏଜିପି ଟ.୧୦,୦୦୦/- |
| ୨ | **ପରୀକ୍ଷା ନିୟନ୍ତ୍ରକ** ଗ୍ରୁପ୍ - A | ୦୧ (ୟୁଆର୍) | ସ୍ତର - ୧୪ | ପିବି: ୪: ଟ.୩୭୪୦୦-୬୭୦୦୦ ଜିପି ଟ.୧୦,୦୦୦/- |

ବିବରଣୀ ପାଇଁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ଦେଖନ୍ତୁ (www.cuo.ac.in)। କୌଣସି କାରଣ ନ ଦର୍ଶାଇ ବିଜ୍ଞାପନକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବାର ଅଧିକାର ବିଶ୍ୱବିଦ୍ୟାଳୟ ନିକଟରେ ସଂରକ୍ଷିତ।
ଦରଖାସ୍ତ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ଏହି ବିଜ୍ଞାପନ 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍'ରେ ପ୍ରକାଶିତ ହେବା ତାରିଖରୁ ୩୦ ଦିନ।

CBC-21317/12/0002/2425 ସ୍ୱା./- ଭାରପ୍ରାପ୍ତ ନିବନ୍ଧକ


## ଠିପି ଖୋଲା ବିଦେଶୀ ମଦ ଦୋକାନକୁ ଜରିମାନା

ଅସ୍ତରଙ୍ଗ,୧୧।୯(ପ୍ରଦୀପ୍ତ କୁମାର ଦୀକ୍ଷିତ): ଗ୍ରାହକଙ୍କୁ ହାତଲେଖା ରସିଦ ଦେବା ବାର୍‌କୁ ମହଙ୍ଗା ପଡ଼ିଛି। ଦୋକାନୀ ହାତଲେଖା ରସିଦ ଦେଇଥିବାରୁ ଦୋକାନ ଉପରେ ଫାଇନ ଲାଗିବ ବୋଲି ନିମାପଡ଼ା ଅବକାରୀ ଅଧିକାରୀ କହିଛନ୍ତି।

ଅସ୍ତରଙ୍ଗ ବଜାରରେ ଥିବା ଏକ ବାର୍‌ରୁ ମୋହନ ମୁରୁଡ଼ି ନାମକ ଜଣେ ଯୁବକ ମଙ୍ଗଳବାର ଦୁଇଟି ବିୟର କିଣିଥିଲେ, ଯାହାର ଏମ୍‌ଆରପି ଥିଲା ୧୬୦ଟଙ୍କା, କିନ୍ତୁ କର୍ମଚାରୀମାନେ ଏମ୍‌ଆରପିଠାରୁ ୧୦ଟଙ୍କା ଅଧିକ ନେଇ ହାତଲେଖା ରସିଦ ଦେଇଥିଲେ। ଏହାକୁ ନେଇ ବନ୍ଧୁଙ୍କ ଏକ୍ସରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ମଙ୍ଗଳବାର ସନ୍ଧ୍ୟାରେ ନିମାପଡ଼ା ଅବକାରୀ ଅଧିକାରୀ ନାରାୟଣ ବେହେରା କହିଥିଲେ ଯେ, ସତ୍ୟାସତ୍ୟ ଅନୁସନ୍ଧାନ କରିବୁ। ବୁଧବାର ପୂର୍ବାହ୍ନରେ ନିମାପଡ଼ା ଓ ପୁରୀର ଦୁଇଟି ଅବକାରୀ ଟିମ ଅତର୍କିତ ବିଭିନ୍ନ ବିଦେଶୀ ମଦ ଦୋକାନରେ ପଶି ଯାଞ୍ଚ କରିଥିଲେ। ପୁରୀ ଅବକାରୀ ଟିମ୍ ଗୋଟିଏ ବିଦେଶୀ ମଦ ଦୋକାନରେ ଯାଞ୍ଚ କରିଥିବା ବେଳେ ନିମାପଡ଼ା ଅବକାରୀ ଅଧିକାରୀ ଓ ଟିମ୍ ବାର୍‌ରେ ଚଢ଼ାଉ କରି ରେଟ୍‌ଚାର୍ଟ ଯାଞ୍ଚ କରିଥିଲେ। ନିମାପଡ଼ା ଅବକାରୀ ଇନ୍‌ସ୍ପେକ୍ଟର ନାରାୟଣ ବେହେରା କହିଥିଲେ, ଓଏସ୍‌ବିସି ଓ ଅବକାରୀ ବିଭାଗ ଏମ୍‌ଆର୍‌ପି ଠାରୁ ୧୦ଟଙ୍କା ଲେଖାଏଁ ବୃଦ୍ଧି କରିଥିବା ଯାହା ସରକାରୀ ଡିପରୁ ଚିଠି ଆସିଛି। ଏହା ସହ କମ୍ପ୍ୟୁଟର ରସିଦ ନ ଦେଇ ହାତଲେଖା ରସିଦ ଦେଇଥିବାରୁ ବଡ଼ଧରଣର ଫାଇନ ଲାଗିବ।

## ଫେରାର ଅଭିଯୁକ୍ତ ଗିରଫ

ଅଳଙ୍କାର ଦୋକାନରୁ ଲୁଟ୍ ଘଟଣା

ଗୋପ,୧୧।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଜୁଲାଇ ୧ ତାରିଖରେ ନାଗପୁର ବଜାରର ଗୋଟିଏ ଅଳଙ୍କାର ଦୋକାନରୁ ଚୋରି ଘଟଣାରେ ଗୋପ ପୋଲିସ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଅଭିଯୁକ୍ତ ଜଣକ ହେଉଛନ୍ତି ଗୋପ ଥାନା ଅନ୍ତର୍ଗତ ନାଗପୁର ବର୍ଣ୍ଣିଆସାହି ଗ୍ରାମର ଅଭିଷେକ ସାହୁ(୨୯)।

ପ୍ରକାଶ ଯେ ନାଗପୁର ବଜାରରେ ଅଳଙ୍କାର ଦୋକାନ କରିଥିବା ରୁଦ୍ର ନାରାୟଣ ସାହୁ ଜୁଲାଇ ୩୦ ତାରିଖ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବିଳମ୍ବିତ ରାତ୍ରିରେ ଅଭିଯୁକ୍ତମାନେ ଦୋକାନ ଭାଙ୍ଗି ୭ କେଜି ରୁପା ଓ ୨୦ ଗ୍ରାମ ସୁନା ଚୋରି କରିନେଇଥିଲେ। ସକାଳୁ ଦୋକାନ ମାଲିକ ଚୋରି ହୋଇଥିବା ଖବରପାଇ ଗୋପ ଥାନାରେ ଅଭିଯୋଗ କରିଥିଲେ। ପରେ ସାଇଣ୍ଟିଫିକ ଦଳ ସହିତ ସନ୍ଧାନୀ କୁକୁର ଓ ସିସିଟିଭି ଫୁଟେଜ୍‌କୁ ପୋଲିସ ତଦନ୍ତ କରିବା ପରେ ଚୋରି ସୁନରୁପା ବ୍ୟାଗ ମଧ୍ୟ ଉଦ୍ଧାର କରିଥିଲା। ଅଭିଷେକ ସାହୁ ଏହି ଚୋରି ଘଟଣାରେ ଜଡ଼ିତ ଥିବା ପୋଲିସକୁ ସୁରାକ ମିଳିଥିବା ବେଳେ ଅଭିଯୁକ୍ତ ମଧ୍ୟ ଫେରାର ହୋଇଯାଇଥିଲେ। ଖବରପାଇ ମଙ୍ଗଳବାର ରାତିରେ ପୋଲିସ ଅଭିଯୁକ୍ତ ଅଭିଷେକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ସୂଚନା ଦେଇଛନ୍ତି। ଏହି ଚୋରି ଘଟଣାରେ ଥାନା ମକଦ୍ଦମା ନମ୍ବର ୨୦୫/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗଠନ ହେଲାନି ପଞ୍ଚାୟତସ୍ତରୀୟ ସ୍ଥାୟୀ ଶିକ୍ଷା କମିଟି

### ନିର୍ବାଚନକୁ ଅଢ଼େଇ ବର୍ଷ ବିତିଲା

କଣାସ,୧୧।୯(ବିଭୂତି ଭୂଷଣ ତ୍ରିପାଠୀ)

ଅଢ଼େଇ ବର୍ଷ ହେଲା ସରିଲାଣି ପଞ୍ଚାୟତ ନିର୍ବାଚନ। କିନ୍ତୁ ବିଭାଗୀୟ ତତ୍ପରତା ଅଭାବ ଯୋଗୁ ପଞ୍ଚାୟତସ୍ତରୀୟ ସ୍ଥାୟୀ ଶିକ୍ଷା କମିଟି ଗଠନ ହୋଇପାରିଲା ନାହିଁ। ଏହି କମିଟିର ସ୍ୱୀକୃତି ବିନା ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇପାରୁ ନ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି।

ବିଦ୍ୟାଳୟ ଭିତ୍ତିଭୂମିର ବିକାଶରେ ସରକାର ପଞ୍ଚାୟତକୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ବିଦ୍ୟାଳୟ ସୁପରିଚାଳନା ପାଇଁ କମିଟି ଗଠନ ଲାଗି ନିର୍ଦ୍ଦେଶ ରହିଛି। ୨୦୨୨ ମସିହାରେ ପଞ୍ଚାୟତ ନିର୍ବାଚନ ହୋଇଥିବାରୁ ନିର୍ବାଚନ ପରେ ପରେ ନୂତନ ପଞ୍ଚାୟତ ସ୍ଥାୟୀ ଶିକ୍ଷା କମିଟି ଗଠନ ହେବା କଥା। ଏଥିନିମନ୍ତେ ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ–୯୯୯, ୨୩.୦୬.୨୦୨୨ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କଣାସ ବ୍ଲକର ୨୮ଟି ପଞ୍ଚାୟତ ମଧ୍ୟରୁ ସିରେଇ ପଞ୍ଚାୟତକୁ ଛାଡ଼ି ଦେଲେ ଅନ୍ୟ ପଞ୍ଚାୟତଗୁଡ଼ିକରେ ଏହି କମିଟି ଗଠନ ହୋଇପାରିନାହିଁ। ଯାହା ଦ୍ୱାରା ୩ବର୍ଷ କାର୍ଯ୍ୟକାଳ ସରିଯାଇଥିଲେ ମଧ୍ୟ ବହୁ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ ହୋଇପାରି ନାହିଁ। ଏ ସମ୍ପର୍କରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ସାହୁ କୁହନ୍ତି, ତୁରନ୍ତ ଶିକ୍ଷାଧିକାରୀଙ୍କ ସହ କଥାବାର୍ତ୍ତା ହୋଇ କମିଟି ଗଠନ କରିବାକୁ ଚେଷ୍ଟା କରିବି।

## ପରମ୍ପରା ଅନୁଯାୟୀ ଗର୍ଭଗୃହରେ ଶ୍ରୀରାଧା ଜନ୍ମବିଧି ପାଳିତ

ସାକ୍ଷୀଗୋପାଳ,୧୧।୯(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)–ପରମ୍ପରା ଅନୁଯାୟୀ ବୁଧବାର ଗର୍ଭଗୃହରେ ଶ୍ରୀରାଧା ଜନ୍ମବିଧି ପାଳିତ ହୋଇଯାଇଛି। ହଳଦୀ, ଅଁଳା ଓ ବାହାଡ଼ା ଲଗେଇ ଅଭିମନ୍ତ୍ରିତ ଜଳକଳସରେ ସ୍ନାନକଲେ ଶ୍ରୀରାଧା। ଏହି ଅବସରରେ ଶ୍ରୀରାଧାଙ୍କ ପୂର୍ଣ୍ଣ ସ୍ନାନ, ନୂତନ ବସ୍ତ୍ର, ସ୍ୱର୍ଣ୍ଣ ଅଳଙ୍କାର ସହିତ ଫୁଲମାଳ ଲାଗି କରାଯାଇଥିଲା। ବୀରକେଶରୀ ବଲ୍ଲଭ ଭୋଗ ପରେ ମନ୍ଦିର ଗର୍ଭଗୃହରେ ଶ୍ରୀରାଧାଙ୍କ ଜନ୍ମବିଧି ପାଳନ କରାଯାଇଥିଲା। ମନ୍ଦିର ପୁରୋହିତ, ପୁରୁଣା ପଣ୍ଡିତ, ପୂଜାପଣ୍ଡା, ସିଂହାରୀ, ପାଳିଆ ପତ୍ରୀ, ଆପଟ ଓ ଭଣ୍ଡାର ମେକାପ ଏଥିରେ ସାମିଲ ହୋଇ ଦେବନୀତି ସମ୍ପାଦନ କରିଥିଲେ। ଶିଶୁ ରାଧିକାଙ୍କ ଜନ୍ମ, କୁଆଁକୁଆଁ ଡାକ, ନାଭିଛେଦନ, ସ୍ନାନ, ଖିରପାନ, ନୂତନ ବସ୍ତ୍ର, ଅଳଙ୍କାର, ଫୁଲହାର ଲାଗି କରାଯାଇଥିଲା।


**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-183_1/2024 Date : 12.09.2024

Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Providing and Fixing Toughened Glass and M.S Grill at Balconies of Residential Buildings of Manoharpur Township Complex at Sarbahal, Sundargarh | Rs.1,180/- (Rupees One Thousand One Hundred Eighty only) including GST | 12.09.2024 | 26.09.2024 | 03:00 PM / 03:30 PM on 03.10.2024 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./- Chief Operating Officer


## ୫ବର୍ଷ ପରେ କଟାମୁଣ୍ଡ ଘଟଣାର ପର୍ଦ୍ଦାଫାସ୍

### ଅଭିଯୁକ୍ତ ଗିରଫ, ପୂର୍ବ ଶତ୍ରୁତାରୁ କରିଥିଲେ ହତ୍ୟା

ଡେଲାଙ୍ଗ,୧୧।୯(ରଶ୍ମୀରଞ୍ଜନ ପ୍ରଧାନ)

ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳରେ ୨୦୧୮ ମସିହାରେ ଘଟିଥିବା କଟାମୁଣ୍ଡ ଘଟଣାର ପର୍ଦ୍ଦାଫାସ୍ କରିଛି ପୋଲିସ। ମଙ୍ଗଳବାର ଡେଲାଙ୍ଗ ପୋଲିସ ଏହି ବହୁଚର୍ଚ୍ଚିତ ଘଟଣାର ମୁଖ୍ୟ ଅଭିଯୁକ୍ତ ସତ୍ୟନାରାୟଣ ସେନାପତି ଓରଫ ଅଗାଧୁ (୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ଆବେଦନ ଅଗ୍ରାହ୍ୟ ହୋଇଯିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ କଟୁରି ଏବଂ ଅଟୋକୁ ପୋଲିସ ଜବତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ଅଗାଧୁ ତାଙ୍କ ସମ୍ପର୍କୀୟ ଦାଦାପୁଅ ଭାଇ ସତ୍ୟବାଦୀ ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ଦୁର୍ଯ୍ୟୋଧନ ସେନାପତି(୪୦)ଙ୍କୁ କଟୁରିରେ ହାଣି ହତ୍ୟା କରିଥିଲେ ବୋଲି ପୋଲିସ ସ୍ପଷ୍ଟ କରିଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୮ ନଭେମ୍ବର ୨୮ରେ ଅଭିଯୁକ୍ତ ସତ୍ୟ ନାରାୟଣ ଓରଫ ଅଗାଧୁ ତାଙ୍କ ସମ୍ପର୍କୀୟ ଦାଦାପୁଅ ଭାଇ ଦୁର୍ଯ୍ୟୋଧନଙ୍କୁ ସାଙ୍ଗରେ ନେଇ ନିଜ ଅଟୋ (ନଂ. ଓଡି ୦୨ ଏୱାଇ୨୬୪୮)ରେ ଔଷଧ ଆଣିବାକୁ ଘରୁ ବାହାରିଥିଲେ। ତେବେ ଔଷଧ ଆଣିବାକୁ ଯିବା ପରିବର୍ତ୍ତେ ପିପିଲି ବ୍ଲକର ମଙ୍ଗଳପୁରକୁ ଯାଇ ନିଜ ସାନ ଭିଣୋଇ ହିମାଂଶୁ ମହାପାତ୍ରଙ୍କ ସହିତ ନିଶାସେବନ କରିଥିଲେ। ସେଠାରୁ ନିଶାଶକ୍ତ ଅବସ୍ଥାରେ ନିମାପଡ଼ା ଅଭିମୁଖେ ଯାଇ ଅନ୍ୟ ଜଣେ ଭିଣୋଇ ଜସୁନା ମହାପାତ୍ରଙ୍କ ସହିତ ପୁନର୍ବାର ନିଶାସେବନ କରିଥିଲେ। କୌଣସି କଥାକୁ ନେଇ ନିଶାଶକ୍ତ ଅବସ୍ଥାରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗି ମାଡ଼ ମରାମରି ହୋଇଥିଲେ। ସେଠାରୁ ଅଗାଧୁ ଓ ଦୁର୍ଯ୍ୟୋଧନ ଡେଲାଙ୍ଗ ଅଭିମୁଖେ ଆସିଥିଲେ। ହେଲେ ବାଟରେ ଉଭୟ ପୁନର୍ବାର ମଦ କିଣି ପିଇଥିଲେ। ପରେ ଉଭୟଙ୍କ ମଧ୍ୟରେ ଗାଳିମନ୍ଦ ହେବା ସହିତ ମାର୍‌ପିଟ ହୋଇଥିଲା। ଅନ୍ୟପଟେ ଅଗାଧୁ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ପାରିବାରିକ ବିବାଦ ଥିଲା। ସେହି ରାଗ ରଖି ଅଗାଧୁ ନିଜ ଅଟୋରେ ରଖିଥିବା କଟୁରିରେ ଦୁର୍ଯ୍ୟୋଧନଙ୍କ ମୁଣ୍ଡ କାଟି ହତ୍ୟା କରିଥିଲେ। ଏହାପରେ ସେ ଭୟଭୀତ ହୋଇ ମୃତଦେହକୁ ଡେଲାଙ୍ଗ ବଜାର ସନ୍ନିକଟ ରେଳଧାରଣାରେ ଫିଙ୍ଗିଦେବା ସହ କଟାମୁଣ୍ଡକୁ ଅଟୋରେ ଲୁଚାଇ ଫେରୁଥିବାବେଳେ ରାତି ପ୍ରାୟ ୮ଟାରେ ଓଡତରବୋଇ ଛକ ନିକଟରେ ଅଟୋଟି ଏକ ଗଛରେ ପିଟି ହୋଇ ଓଲଟି ପଡ଼ିଥିଲା। ଗାଡ଼ି ଭିତରୁ କଟାମୁଣ୍ଡ ରାସ୍ତା ଉପରେ ଛିଟିକି ପଡ଼ିଥିଲା। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ଦେଖିବା ପରେ ଡେଲାଙ୍ଗ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୁଣ୍ଡ ଜବତ କରିବା ସହିତ ସନ୍ଦେହରେ ଅଗାଧୁଙ୍କୁ ଅଟକ ରଖି ପଚରା ଉଚରା କରିଥିଲା। ତେବେ ପୋଲିସ ତାଙ୍କଠାରୁ କିଛି ତଥ୍ୟ ପାଇପାରି ନ ଥିଲା। ଏ ନେଇ ଏକ ମାମଲା (ନଂ. ୨୮୪/୧୮) ରୁଜୁ କରାଯାଇଥିଲା। ଦୀର୍ଘ ୬ବର୍ଷ ପରେ ବିଭିନ୍ନ ଦିଗରୁ ଘଟଣାର ତଦନ୍ତ ସହ ଅଭିଯୁକ୍ତଙ୍କୁ ବାରମ୍ବାର ଜେରା କରାଯିବା ପରେ ଅଭିଯୁକ୍ତ ଅଗାଧୁ ପୋଲିସ ନିକଟରେ ଦୋଷ ସ୍ୱୀକାର କରିଥିଲେ।



ଗିରଫ ଅଭିଯୁକ୍ତ ଏବଂ ଜବତ କଟୁରି।


झारखंड सरकार
ग्रामीण कार्य विभाग
कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, गुमला

शुद्धि पत्र

एतद द्वारा सूचित किया जाता है कि ग्रामीण कार्य विभाग, कार्य प्रमंडल, गुमला के अन्तर्गत निकाली गयी ई–निविदा आमंत्रण संख्या:–10/2024-25/ RWD/W/EE/GUMLA दिनांक–27.08.2024, PR- 333816 (Rural Works Department)24-25 (D) द्वारा प्रकाशित हुआ था को अपरिहार्य कारणों से रद्ध किया जाता है।

ह0/–कार्यपालक अभियंता
ग्रामीण कार्य विभाग,
कार्य प्रमंडल गुमला

PR 335447 (Rural Work Department)24-25*D



**ଜିଲ୍ଲା ପରିଷଦ, ସମ୍ବଲପୁର**
ଜିଲ୍ଲା: ସମ୍ବଲପୁର, ଓଡ଼ିଶା – ୭୬୮୦୦୧
Phone: (0663) 2410992, Email: ori-dsambalpur@nic.in

ପତ୍ର ସଂଖ୍ୟା: ୪୦୭୧/ଜି.ପ. ତାରିଖ: ୧୧।୦୯।୨୦୨୪

**ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ବିଜ୍ଞାପନ**

ଏତଦ୍ଦ୍ୱାରା ସମ୍ବଲପୁର ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ଜବ୍‌କାର୍ଡଧାରୀ ଓ ହିତାଧିକାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆନୁକୂଲ୍ୟରେ ୨୦୨୪–୨୫ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତି ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଏବଂ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ | ସ୍ଥାନ | ଉପସ୍ଥିତ ଅଧିକାରୀ |
|---|---|---|---|
| ବାମରା | ତା୧୮।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଧନକଉଡ଼ା | ତା୧୯।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, କୁଚିଣ୍ଡା |
| ଜମନକିରା | ତା୨୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ରେଢ଼ାଖୋଲ |
| ଯୁଯୋମୁରା | ତା୨୧।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ସମ୍ବଲପୁର |
| ନାକଟିଦେଉଳ | ତା୨୪।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ମାନେଶ୍ୱର | ତା୨୫।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବଲପୁର |
| କୁଚିଣ୍ଡା | ତା୨୬।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଉପ ଜିଲ୍ଲାପାଳ, ସମ୍ବଲପୁର |
| ରେଙ୍ଗାଲି | ତା୨୭।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସମ୍ବଲପୁର |
| ରେଢ଼ାଖୋଲ | ତା୩୦।୦୯।୨୦୨୪ ସମୟ: ୧୦.୦୦ ଘଟିକା | ପଞ୍ଚାୟତ ସମିତି | ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସମ୍ବଲପୁର |

ସ୍ୱା./– ଜିଲ୍ଲାପାଳ–ତଥା–ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମନରେଗା, ସମ୍ବଲପୁର



सूचना एवं प्रसारण मंत्रालय
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ

55th International Film Festival of India, Goa
20th - 28th November, 2024

**୫୫ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ଗୋଆ**

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ନିମନ୍ତେ
**ପ୍ରବେଶିକା ଆହ୍ୱାନ**

**ଯୋଗ୍ୟତା**

ଚଳଚ୍ଚିତ୍ରଟି ସମ୍ପୃକ୍ତ ନିର୍ଦ୍ଦେଶକଙ୍କ ଡେବ୍ୟୁ (ପଦାର୍ପଣ) ଚଳଚ୍ଚିତ୍ର ହେବା ଆବଶ୍ୟକ।

କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଦ୍ୱାରା ଚଳଚ୍ଚିତ୍ରର ପ୍ରମାଣନ କିମ୍ବା ପ୍ରଯୋଜନା ସମାପ୍ତି ୧ ଅଗଷ୍ଟ ୨୦୨୩ ଓ ୩୧ ଜୁଲାଇ ୨୦୨୪ ମଧ୍ୟରେ ହେବା ଆବଶ୍ୟକ।

ସମସ୍ତ ଚଳଚ୍ଚିତ୍ରରେ ଇଂରାଜୀ ସବ୍‌ଟାଇଟଲ୍ ରହିଥିବା ଜରୁରୀ।

ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି
୨୩ ସେପ୍ଟେମ୍ବର, ୨୦୨୪ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ

ନିୟମାବଳୀ ଏବଂ ପ୍ରବେଶିକା ଫର୍ମ ପାଇଁ
ଦୟାକରି ପରିଦର୍ଶନ କରନ୍ତୁ: www.iffigoa.org

ଶ୍ରେଷ୍ଠ ଡେବ୍ୟୁ ଭାରତୀୟ ଚଳଚ୍ଚିତ୍ର ବିଭାଗ, ୨୦୨୪
ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ଏନ୍‌ଏଫ୍‌ଡିସି-ଏଫ୍‌ଡି କମ୍ପ୍ଲେକ୍ସ
୧ମ ମହଲା, ଓଲ୍ଡ ବିଲ୍ଡିଂ
୨୪, ଡା. ଗୋପାଳରାଓ ଦେଶମୁଖ ମାର୍ଗ,
ମୁମ୍ବାଇ - ୪୦୦ ୦୨୬, ମହାରାଷ୍ଟ୍ର
ଟେଲି: ୦୨୨ ୨୩୫୩ ୩୨୭୫/୨୦୮୩ ୦୪୭୧
ଇମେଲ୍: bestdebut@nfdcindia.com

CBC 22201/11/0011/2425

# ଏସ୍‌ସିବି ଆଇସିୟୁରେ ଭର୍ତ୍ତି ହେଲେ ଫରେଷ୍ଟର ଦୀପକ

## ଦେହରେ ଲାଗିଥିଲା ଟ୍ରାଙ୍କୁଲାଇଜର ଇଞ୍ଜେକ୍ସନ୍

କଟକ,୧୧।୯(ଶିଳ୍ପା ପ୍ରିୟଦର୍ଶିନୀ)

ଟ୍ରାଙ୍କୁଲାଇଜରବେଳେ ଗୁରୁତର ହୋଇଥିବା ଫରେଷ୍ଟର ଦୀପକ ସାହୁଙ୍କୁ ଏସ୍‌ସିବି ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇଛି। ସେଠାରେ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛି। ଏନେଇ ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଫରେଷ୍ଟରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏବେ ସେ ସମ୍ପୂର୍ଣ୍ଣ ବିପଦମୁକ୍ତ ଅଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ କଙ୍କଡାହାଡ଼ ସେକ୍ସନ କେରଜୋଳି ଗ୍ରାମରେ ମଙ୍ଗଳବାର ଏକ ଭାଲୁକୁ ଟ୍ରାଙ୍କୁଲାଇଜର କରାଯାଉଥିବାବେଳେ ଟ୍ରାଙ୍କୁଲାଇଜର ଇଞ୍ଜେକସନ୍ ବାଜି ବିରାଶାଳ ଫରେଷ୍ଟର ଦୀପକ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ହସ୍ତତନ୍ତ ଓଡ଼ିଆ ଜାତିର ପ୍ରତୀକ, ପରମ୍ପରା

## ୨୨ତମ ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

■୧୫ ରାଜ୍ୟର ୧୭୦ ଷ୍ଟଲ୍

ଭୁବନେଶ୍ୱର,୧୧।୯(ଶର୍ମିଷ୍ଠା ପାଣିଗ୍ରାହୀ)



ଜାତୀୟସ୍ତରୀୟ ହସ୍ତତନ୍ତ ମେଳାକୁ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରୁଛନ୍ତି।

ହସ୍ତତନ୍ତ ଓଡ଼ିଆ ଜାତିର ପ୍ରତୀକ ଓ ପରମ୍ପରା। ଏହା ଆମ ଅସ୍ମିତାର ନିଦର୍ଶନ। ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ସହ ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ହେଉଛି ସମୟର ଆହ୍ୱାନ ବୋଲି ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ବୁଧବାର ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାମନ୍ତ ମେଳାକୁ ଉଦଘାଟନ କରି କହିଛନ୍ତି, ଚଳିତବର୍ଷ ବିଭାଗ ପକ୍ଷରୁ ପ୍ରଚାରପ୍ରସାର ପାଇଁ ୧୬ କୋଟି ଟଙ୍କା ରଖାଯାଇଛି। କଞ୍ଚାମାଲ ଅଭାବରୁ ବହୁ ବୁଣାକାର ଓ କଳାକାର କାର୍ଯ୍ୟରୁ ନିବୃତ୍ତ ରହୁଛନ୍ତି। ଆମେ ଆଗକୁ କଞ୍ଚାମାଲ କିଭଳି ଉପଲବ୍ଧ କରାଇବୁ ଓ ଅଧିକରୁ ଅଧିକ ବଜାର ସୃଷ୍ଟି କରିବୁ ସେ ନେଇ ମଧ ପଦକ୍ଷେପ ନେବୁ। ବିଭାଗର ନିର୍ଦ୍ଦେଶିକା ତଥା ବୟନିକାର ପରିଚାଳନା ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ କହିଲେ, ରାଜ୍ୟ ତଥା ଦେଶର ସମସ୍ତ ବୟନ କଳାକୁ ପ୍ରଦର୍ଶିତ କରିବା ସହ ବିକ୍ରୟ ପାଇଁ ଏହି ପ୍ରଦର୍ଶନୀ ଏକ ପ୍ରକୃଷ୍ଟ ମଞ୍ଚ। ଉତ୍କୃଷ୍ଟ ବୟନ କଳାକୁ ବଞ୍ଚାଇ ରଖିବା ପାଇଁ ଅଧିକରୁ ଅଧିକ ଗ୍ରାହକ ଆଗେଇ ଆସି ବୁଣାକାରଙ୍କୁ ଉତ୍ସାହିତ କରିବା ଉଚିତ। ଅନ୍ୟମାନଙ୍କ ମଧରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ସଭାପତି ପ୍ରକାଶ ଚନ୍ଦ୍ର ମେହେର ଉପସ୍ଥିତ ଥିଲେ।

ଏବର୍ଷ ପ୍ରଦର୍ଶନୀରେ ୧୫ଟି ରାଜ୍ୟରୁ ୧୭୦ଟି ଷ୍ଟଲ ଖୋଲାଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧ, ହାବସପୁରି ଆଦି ଉପଲବ୍ଧ ହେଉଛି। ତେବେ ପ୍ରମୁଖ ଆକର୍ଷଣ ପାଲଟିଛି ଅହିଂସା ରେସମ ବସ୍ତ୍ର। ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ, ଜମ୍ମୁ କଶ୍ମୀରର ପଶମିନା-ସାଲ, ତାମିଲନା କାଞ୍ଜିବରମ ପାଟଶାଢ଼ୀ, ଦିଲ୍ଲୀ, ହରିୟାଣାର ଫର୍ନିସିଙ୍ଗ୍ ବସ୍ତ୍ର, କର୍ଣାଟକର ସିଲ୍କ ଶାଢ଼ୀ ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଗତବର୍ଷ ମେଳାରେ ୧୧.୬୦ କୋଟିର ବ୍ୟବସାୟ ହୋଇଥିଲା ବେଳେ ଚଳିତବର୍ଷ ୧୫ କୋଟି ଟଙ୍କାର ବ୍ୟବସାୟ ପାଇଁ ବୟନିକା ଆଶା ରଖିଛି। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାଙ୍କ ଲାଗି ଖେଳକୁଦର ବ୍ୟବସ୍ଥା କରାଯାଇଛି। ଅକ୍ଟୋବର ୬ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହିବ।





ପୁରୀ ବେଳାଭୂମିରେ ବୁଧବାର ଆୟୋଜିତ ସୁଭଦ୍ରା ଯୋଜନା ସମ୍ପର୍କିତ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅବସରରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା। ନିକଟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଜାତୀୟ ହାରଠାରୁ ଓଡ଼ିଶାରେ ଷ୍ଟ୍ରୋକ୍ ଅଧିକ

## ପ୍ରତି ୭ ଜଣରେ ଜଣଙ୍କୁ ଷ୍ଟ୍ରୋକ୍ ବିପଦ

ଭୁବନେଶ୍ୱର,୧୧।୯ (ଅନୁରାଧା ମହାରଣା)

ଦେଶରେ ଦୈନିକ ପ୍ରାୟ ୨ହଜାର ମସ୍ତିଷ୍କାଘାତ (ବ୍ରେନ୍ ଷ୍ଟ୍ରୋକ୍) ଘଟଣା ରିପୋର୍ଟ ହୋଇଛି। ତେବେ ଓଡ଼ିଶାରେ ଷ୍ଟ୍ରୋକ୍ ହାର ଜାତୀୟ ହାରଠାରୁ ଅଧିକ ରହିଛି। ପ୍ରତି ୭ ଜଣଙ୍କ ମଧ୍ୟରୁ ଜଣଙ୍କୁ ଷ୍ଟ୍ରୋକ୍ ବିପଦ ରହିଥିବା ଅନ୍ତର୍ଜାତୀୟ ପତ୍ରିକା 'ଦି ଲାନ୍‌ସେଟ୍'ରେ ଗବେଷଣାମୂଳକ ରିପୋର୍ଟ ପ୍ରକାଶ ପାଇଛି। ଏହି ସ୍ୱାସ୍ଥ୍ୟ ସମସ୍ୟା ମୁଖ୍ୟତଃ ବୟସ୍କଙ୍କଠାରେ ଦେଖାଯାଉଥିଲା, ବର୍ତ୍ତମାନ ଯୁବଗୋଷ୍ଠୀଙ୍କୁ ଅଧିକ ପ୍ରଭାବିତ କରୁଛି। ପରିବର୍ତ୍ତିତ ଜୀବନଶୈଳୀ, ଅନିୟମିତ ଖାଦ୍ୟପେୟ ଅଭ୍ୟାସ, ଚାପ ସ୍ତର ବୃଦ୍ଧି, ମଧୁମେହ ରୋଗ ଓ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ବୃଦ୍ଧି ହେତୁ ଏପରି ସଙ୍କଟ ଉପୁଜୁଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ତେବେ ଏହି ରିପୋର୍ଟ ଚିନ୍ତା ବଢ଼ାଇଥିବାବେଳେ ଏମ୍‌ସ ଭୁବନେଶ୍ୱରର ନ୍ୟୁରୋଲୋଜି ବିଭାଗ ପକ୍ଷରୁ ବୁଧବାର ଆୟୋଜିତ ଇଣ୍ଡିଆନ ଆସୋସିଏଶନ ଅଫ୍ ନ୍ୟୁରୋଲୋଜି (ଆଇଏଏନ୍) ଷ୍ଟ୍ରୋକ୍ ସବ୍‌ସେକ୍ସନ୍ ମିଡ୍‌ଟର୍ମ କନ୍‌ଫରେନ୍ସରେ ଏ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। 'କୋଡ୍ ଷ୍ଟ୍ରୋକ୍ ଟୁ ଷ୍ଟ୍ରୋକ୍ ଇଣ୍ଟରଭେନ୍‌ଶନ' ଉପରେ ଆଲୋଚନାବେଳେ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ପ୍ରାରମ୍ଭିକ ଷ୍ଟ୍ରୋକ୍ ଚିହ୍ନଟ, ଚିକିତ୍ସା ଅଗ୍ରଗତି ଏବଂ ଷ୍ଟ୍ରୋକ୍ ପ୍ରତିରୋଧର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯୋଗଦେଇ କହିଲେ, ଏମ୍‌ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ମାସକୁ ୫୦୦ରୁ ଅଧିକ ମସ୍ତିଷ୍କାଘାତ ରୋଗୀଙ୍କୁ ସାମଗ୍ରିକ ଚିକିତ୍ସା ପ୍ରଦାନ କରୁଛି। ଅନ୍ତଃସ୍ରାବୀ ଥ୍ରୋମ୍ବୋଲାଇସିସ୍, ମେକାନିକାଲ ଥ୍ରୋମେକ୍ଟୋମି, ଷ୍ଟ୍ରୋକ୍ ନ୍ୟୁରୋ ସର୍ଜରି, ନ୍ୟୁରୋ କ୍ରିଟିକାଲ କେୟାର ଏବଂ ଉନ୍ନତ ନ୍ୟୁରୋ-ପୁନର୍ବାସ ଭଳି ସେବା ଅନ୍ତର୍ଭୁକ୍ତ ଥିବା ଡା. ବିଶ୍ୱାସ ସୂଚନା ଦେଇଛନ୍ତି। ଏମ୍‌ସ ଡିନ୍ ଡ. ପି. ଆର୍. ମହାପାତ୍ର, ମେଡିକାଲ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡ଼ାଙ୍କ ସମେତ ଆଇଏନ୍ ଷ୍ଟ୍ରୋକ୍ ସବ୍‌ସେକ୍ସନର ଚେୟାରମ୍ୟାନ ଡ. ସୁନୀଲ କେ. ନାରାୟଣ, ଇଣ୍ଡିଆନ ଷ୍ଟ୍ରୋକ୍ ଆସୋସିଏଶନ ସଭାପତି ଡ. ନିର୍ମଳ ସୂର୍ଯ୍ୟ, ଡ. କାମେଶ୍ୱର ପ୍ରସାଦ, ଡ. ପି. ବିଜୟ ଏବଂ ଡ. ଏସ୍. ପି. ଗୋର୍ଥୀ ପ୍ରମୁଖ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଆବାସିକ ଡାକ୍ତର ଏବଂ ଅଧ୍ୟାପିକାଅଧ୍ୟାପକଙ୍କ ପାଇଁ ଷ୍ଟ୍ରୋକ୍ ସମ୍ବନ୍ଧୀୟ ଏକ ପୋଷ୍ଟର ଅଧିବେଶନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମାନବ ସମାଜ ପାଇଁ ଉତ୍ସର୍ଗୀକୃତ ସେବା ଲାଗି ଭେଟେରାନ ସ୍ନାୟୁବିଜ୍ଞାନୀ ଡା. ଆର. ଏନ୍. ସାହୁଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରଯାଇଥିଲା। ଏହି ସମ୍ମିଳନୀକୁ ଏମ୍‌ସ ଭୁବନେଶ୍ୱରର ସ୍ନାୟୁ ବିଜ୍ଞାନ ବିଭାଗ ମୁଖ୍ୟ ଡା. ସଞ୍ଜୀବ କୁମାର ଭୋଇ, ଡା. ମେନକା ଝା ଏବଂ ଡା. ପ୍ରିୟଙ୍କା ସାମଲ ପ୍ରମୁଖ ପରିଚାଳନା କରିଥିଲେ।





ଆଇଏଏନ୍ ଷ୍ଟ୍ରୋକ୍ ସବ୍‌ସେକ୍ସନ୍ ମିଡ୍‌ଟର୍ମ କନ୍‌ଫରେନ୍ସରେ ଏମ୍‌ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସହ ଅନ୍ୟ ବିଶେଷଜ୍ଞମାନେ।

# ଅଧ୍ୟକ୍ଷଙ୍କ ନାଁରେ ନିର୍ଯାତନା ଅଭିଯୋଗ ଆଣିଲେ ୪ ଅଧ୍ୟାପିକା

ଖୁଣ୍ଟୁଣୀ, ୧୧।୯(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଗୁରୁଡିଝାଟିଆ ଥାନା ଅଧୀନ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ସାମନ୍ତରାୟ ୪ ଜଣ ଅଧ୍ୟାପିକାଙ୍କୁ ଦୁର୍ବ୍ୟବହାର ସହ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଫଳରେ ସମ୍ପୃକ୍ତା ଅଧ୍ୟାପିକାମାନେ ମଙ୍ଗଳବାର ଗୁରୁଡିଝାଟିଆ ଥାନାରେ ଲିଖିତ ଅଭିଯୋଗ କରିବା ସହ ବୁଧବାର ଆଠଗଡ଼ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏହାର ଏକ ନକଲ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଦୁର୍ବ୍ୟବହାରର ଶିକାର ହୋଇଥିବା ୪ ଅଧ୍ୟାପିକା କାର୍ଯ୍ୟରେ ଯୋଗଦେବା ଦିନଠାରୁ ଅଧ୍ୟକ୍ଷ ସାମନ୍ତରାୟ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ମାନସିକ ନିର୍ଯାତନା ଦେଉଛନ୍ତି। ଏପରି କି ଅଶାଳୀନ ମନ୍ତବ୍ୟ ସହ ଧମକ ଦେଇଥିବା ଅଧ୍ୟାପିକା ରୋଜାଲି ରଶ୍ମିତା ଓ ରଶ୍ମିତା ବେହେରାଙ୍କ ସମେତ ଅନ୍ୟ ୨ ଜଣ ବୁଧବାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ଜଣାଇଛନ୍ତି। ପୂର୍ବରୁ ଅଧ୍ୟାପକ ସାମନ୍ତରାୟ ମଧ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଆଠଗଡ଼ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଥିଲା। ପରେ ସେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହାପରେ ଅଧ୍ୟକ୍ଷ ସେମାନଙ୍କୁ ଦୁର୍ବ୍ୟବହାର କରିଛନ୍ତି। ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା କହିଛନ୍ତି, ଅଭିଯୋଗର ସତ୍ୟାସତ୍ୟ ଜାଣିବା ପରେ ପଦକ୍ଷେପ ନିଆଯିବ। ସେହିପରି ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି, ଏତଲାକୁ ଭିତ୍ତିକରି ତଦନ୍ତ କରାଯିବ। ପରେ ଏ ସମ୍ପର୍କରେ ଉଚ୍ଚ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ଅପରପକ୍ଷରେ ଅଧ୍ୟକ୍ଷ ସାମନ୍ତରାୟ କହିଛନ୍ତି, ଏପରି ଅଭିଯୋଗ ଭିତ୍ତିହୀନ। ମୋ ବିରୋଧରେ ଷଡଯନ୍ତ୍ର କରାଯାଇଛି। ଏହାପୂର୍ବରୁ ମୋ ବିରୋଧରେ ସମାନ ଅଭିଯୋଗ ଆସିଥିଲା। ଫଳରେ ମୋତେ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ଏଥିପାଇଁ ମୁଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପୁନର୍ବାର ଚାକିରିରେ ଯୋଗଦେଇଛି।

# ମହାନଦୀରୁ ମହିଳାଙ୍କ ମୃତଦେହ ଜବତ

କଟକ,୧୧।୯ (କାର୍ତ୍ତିକ ସାହୁ)

ବିଡ଼ାନାସୀ ପୋଲିସ ମହାନଦୀରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ବୁଧବାର ଜବତ କରିଛି। ତାଙ୍କ ମୁହଁ ଅଂଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ପରିଚୟ ମିଳିପାରି ନାହିଁ। ତାଙ୍କ ବୟସ ୩୫ରୁ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବିଡ଼ାନାସୀ ଥାନା ଅନ୍ତର୍ଗତ ସିଗ୍‌ନାଲ ଅଫିସ ସମ୍ମୁଖ ମହାନଦୀରେ ଜଣେ ମହିଳାଙ୍କ ମୃତଦେହ ଅପରାହ୍ନରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ମହାନଦୀର ବଢ଼ି ପାଣିରେ ମୃତଦେହ ଭାସି ଆସିଥିବା ପୋଲିସ ସନ୍ଦେହ କରୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜୀବନ



@ ଅରବିନ୍ଦ



@ ବୁଲୁ



@ ମାନସ



@ କାର୍ନିମେଶ



@ ଲକ୍ଷ୍ମୀପ୍ରିୟା



@ ପ୍ରଦୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।





ପୁରୀ ବଡ଼ଦାଣ୍ଡ ମାର୍କେଟଛକରେ ଅରୁନ୍ଧତୀ ଜୁଏଲର୍ସର ନୂତନ ଶୋ' ରୁମ୍‌କୁ ଏହାର ବ୍ରାଣ୍ଡ ଆମ୍ବାସଡ଼ର ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଉଦ୍‌ଘାଟନ କରୁଛନ୍ତି।

# ପୁରୀରେ ଖୋଲିଲା ଅରୁନ୍ଧତୀ ଜୁଏଲର୍ସର ଅତ୍ୟାଧୁନିକ ଶୋ'ରୁମ୍

ପୁରୀ,୧୧।୯(ଅଜିତ୍ କୁମାର ମହାନ୍ତି)

ଓଡ଼ିଶାର ଅଗ୍ରଣୀ ଓ ସର୍ବବୃହତ୍ ଜୁଏଲେରି ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ବୁଧବାର ବଡ଼ଦାଣ୍ଡ ମାର୍କେଟ ଛକ ନିକଟରେ 'ଅରୁନ୍ଧତୀ ଜୁଏଲର୍ସ'ର ଅତ୍ୟାଧୁନିକ ନବମ ଫ୍ଲାଗ୍‌ଶିପ୍ ଗହଣା ଶୋରୁମ୍ ଶୁଭାରମ୍ଭ ହୋଇଛି। ଫଳରେ ପୁରୀବାସୀ ଏଣିକି ସୁନା ଗହଣା କିଣିବା ପାଇଁ ଆଉ ଭୁବନେଶ୍ୱର ଯିବାକୁ ପଡ଼ିବ ନାହିଁ। ଓଲିଉଡ୍ ନାୟିକା ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସଡ଼ର ଅର୍ଚ୍ଚିତା ସାହୁ ନୂତନ ଶୋ' ରୁମ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ନୂତନ ଓ ଅତ୍ୟାଧୁନିକ ଫ୍ଲାଗଶିପ୍ ଶୋ'ରୁମ୍ ୮୦୦୦ ବର୍ଗଫୁଟ ପରିମିତ ଏବଂ ଏଠାରେ ୧୦,୦୦୦ରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ଓ ସମ୍ପୂର୍ଣ୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନା ଗହଣା, ହୀରା ଗହଣା, ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଓ କଳାକୃତି ସହ ପ୍ରିମିୟମ ହ୍ୟାଣ୍ଡଲୁମ ଶିଳ୍କ ଶାଢ଼ିର ସମ୍ଭାର ରଖାଯିବା ସହ ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଜ୍ୟର ସର୍ବପ୍ରଥମ ଗହଣା ବ୍ରାଣ୍ଡ ଭାବେ '୫ ପ୍ରମିସ୍ ସେବା' ଯୋଗାଇ ଦିଆଯିବ। ଏହି ଅବସରରେ ଆକର୍ଷଣୀୟ ଅଫର ଘୋଷଣ କରାଯାଇଛି। ଏହି ଅଫର ମାଧ୍ୟମରେ ଏଚ୍‌ୟୁଆଇଡି ଶୁଦ୍ଧତାଯୁକ୍ତ ସୁନାଗହଣାର ଗଢ଼ା ମଜୁରି ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ, ରୁପାଗହଣାର ଗଢ଼ାମଜୁରି ଉପରେ ୨୫ ପ୍ରତିଶତ ଓ ହୀରା ଗହଣାର ହୀରାମୂଲ୍ୟ ଉପରେ ୨୫ ପ୍ରତିଶତ ରିହାତି ଏବଂ ପୁରୁଣା ସୁନାଗହଣା ଏକ୍ସଚେଞ୍ଜ ଉପରେ ୨.୫% ଅତିରିକ୍ତ ମୂଲ୍ୟ ପାଇପାରିବେ। ଏହା ସହିତ ହସ୍ତତନ୍ତ୍ର ବୁଣା ପ୍ରିମିୟମ ସମ୍ବଲପୁରୀ ଶାଢ଼ିର କ୍ରୟ ଉପରେ ୧୫ ପ୍ରତିଶତ ରିହାତି ସହିତ ପ୍ରତ୍ୟେକ କ୍ରୟ ଉପରେ ସୁନିଶ୍ଚିତ ଆକର୍ଷଣୀୟ ଉପହାର ଓ ୩୫ ଜଣ ଭାଗ୍ୟଶାଳୀ ଲକ୍ଷପତି ବିଜେତା ହେବାର ସୁଯୋଗ ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାବାସୀଙ୍କ ଭଲ ପାଇବା ଓ ବିଶ୍ୱାସ ଯୋଗୁ ଅରୁନ୍ଧତୀ ଜୁଏଲର୍ସ ୨୫ ବର୍ଷ ଧରି ସେବା ଯୋଗାଇଆସୁଛି। ସୁବର୍ଣ୍ଣ ସମ୍ପର୍କର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଅରୁନ୍ଧତୀ ଏହି ନୂତନ ଫ୍ଲାଗଶିପ୍ ଶୋ'ରୁମ୍ ଐତିହ୍ୟ ଓ ଜଗନ୍ନାଥ ସଂସ୍କୃତିର ସହର ନୀଳାଚଳ ଧାମ ପୁରୀଠାରେ ଆରମ୍ଭ କରିଛି। ଏହି ଉଦ୍‌ଘାଟନ ସମାରୋହରେ ମୁମ୍ବାଇ ଏବଂ ଓଡ଼ିଶାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ଗୌରାଙ୍ଗ ମେହେର, ଲକ୍ଷ୍ମୀ ମେହେର, ଅପରେଶନ ହେଡ୍ ନିହାର ରଞ୍ଜନ ନନ୍ଦ, ସିପିସିଓ ନିଖିଲ ମାହେଶ୍ୱରୀ, ଜୋନାଲ ହେଡ୍ ସମୀର ପାଟଶାଣୀ ଏବଂ ପୁରୀ ବ୍ରାଞ୍ଚ ହେଡ୍ ମନମୋହନ ବାରିକ ଉପସ୍ଥିତ ଥିଲେ।

**ଖସିଲା ଶେୟାର ବଜାର**

ନୂଆଦିଲ୍ଲୀ: କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୯୮ (୩୯୮.୧୩) ପଏଣ୍ଟ କମି ୮୧,୫୨୩ (୮୧,୫୨୩.୧୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ ୧୨୩ (୧୨୨.୬୫) ପଏଣ୍ଟ ହ୍ରାସ ଘଟି ୨୪,୯୧୮ (୨୪,୯୧୮.୪୫) ଅଙ୍କରେ କାରବାର ଶେଷ ହୋଇଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଓମ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# 'ବିଶ୍ୱର ପ୍ରତ୍ୟେକ ଡିଭାଇସ୍‌ରେ ଭାରତ ନିର୍ମିତ ଚିପ୍ ରହିବା ଆମର ସ୍ୱପ୍ନ'

**ନୂଆଦିଲ୍ଲୀ, ୧୧।୯(ଅଭୟ ଦାଶ)**

ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଉତ୍ତରପ୍ରଦେଶର ଗ୍ରେଟର ନୋଏଡାସ୍ଥିତ ଇଣ୍ଡିଆ ଏକ୍ସପୋଜିଶନ ମାର୍ଟ ଲିମିଟେଡ୍‌ଠାରେ ଏକ ୩ ଦିନିଆ ସମ୍ମିଳନୀ 'ସେମିକନ୍ ଇଣ୍ଡିଆ-୨୦୨୪'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏପରିକି ୨୦୨୪ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୩ଦିନିଆ ସମ୍ମିଳନୀରେ ଭାରତର ସେମିକଣ୍ଡକ୍ଟର ରଣନୀତି ଏବଂ ନୀତି ପ୍ରଦର୍ଶିତ ହୋଇଛି,ଯେଉଁଥିରେ ଭାରତକୁ ସେମିକଣ୍ଡକ୍ଟର ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି।ଏହିଅବସରରେଆୟୋଜିତ ପ୍ରଦର୍ଶନୀକୁ ମୋଦି ବୁଲି ଦେଖିଥିଲେ।



ନରେନ୍ଦ୍ର ମୋଦୀ

ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ସହ ଜଡ଼ିତ ଏକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଭାରତ ବିଶ୍ୱର ଅଷ୍ଟମ ଦେଶ ହୋଇପାରିଛି। ଭାରତରେ ଉପସ୍ଥିତ ରହିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ,ଆପଣ ଠିକ୍ ସମୟରେ ଠିକ୍ ସ୍ଥାନରେ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦି ଜୋର ଦେଇ କହିଥିଲେ। ମୋଦି ଚଳିତ ବର୍ଷ ଲାଲକିଲ୍ଲାରୁ ଘୋଷଣା କରିଥିଲେ, ଆମର ସ୍ୱପ୍ନ ହେଉଛି ବିଶ୍ୱର ପ୍ରତ୍ୟେକ ଡିଭାଇସ୍‌ରେ ଏକ ଭାରତ ନିର୍ମିତ ଚିପ୍ ରହିବ। ସେମିକଣ୍ଡକ୍ଟର ଉଦ୍ୟୋଗ ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଖଣିଜ ଉପରେ ସରକାର ଧ୍ୟାନ କେନ୍ଦ୍ରିତ କରୁଥିବା ବିଷୟରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ।

ଆଇଆଇଟି ସହଯୋଗରେ ଭାରତୀୟ ମହାକାଶ ବିଜ୍ଞାନ ପ୍ରତିଷ୍ଠାନରେ ଏକ ସେମିକଣ୍ଡକ୍ଟର ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାର ଯୋଜନା ବିଷୟରେ ପ୍ରକାଶ କରିଥିଲେ, ଯାହା କେବଳ ଆଜିର ନୁହେଁ, ବରଂ ପରବର୍ତ୍ତୀ ପିଢ଼ିର ଉଚ୍ଚ ପ୍ରଯୁକ୍ତି ସମ୍ପନ୍ନ ବା ହାଇଟେକ୍ ଚିପ୍ ଉତ୍ପାଦନ କରିବ। ଏହାବ୍ୟତୀତ ଜାପାନ ଓ ସିଙ୍ଗାପୁର ଭଳି ଦେଶ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଆମେରିକା ସହ ସହଯୋଗକୁ ଆହୁରି ସୁଦୃଢ଼ କରୁଛି ବୋଲି ସେ କହିଥିଲେ। ଯେଉଁମାନେ ସେମିକଣ୍ଡକ୍ଟର ଉପରେ ଭାରତର ଗୁରୁତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି ସେମାନେ ଡିଜିଟାଲ ଇଣ୍ଡିଆ ମିଶନର ସଫଳତା ଅଧ୍ୟୟନ କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି।

ଭାରତର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ମୂଲ୍ୟ ବର୍ତ୍ତମାନ ୧୫୦ ବିଲିୟନ ଡଲାରରୁ ଅଧିକ ହୋଇଥିବାବେଳେ ଚଳିତ ଦଶନ୍ଧି ଶେଷ ସୁଦ୍ଧା ଦେଶର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରକୁ ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବା ଏବଂ ୬ ନିୟୁତ ନିଯୁକ୍ତି ସୃଷ୍ଟି କରିବାକୁ ଏକ ବୃହତ୍ ଲକ୍ଷ୍ୟ ପ୍ରଧାନମନ୍ତ୍ରୀ ଧାର୍ଯ୍ୟ କରିଥିଲେ ଏହି ଅଭିବୃଦ୍ଧି ଭାରତର ସେମିକଣ୍ଡକ୍ଟର କ୍ଷେତ୍ରକୁ ସିଧାସଳଖ ଫାଇଦା ଦେବ ବୋଲି ସେ କହିଥିଲେ ପ୍ରଧାନମନ୍ତ୍ରୀ କହିଥିଲେ, ଆମର ଲକ୍ଷ୍ୟ ହେଉଛି ୧୦୦% ଇଲେକ୍ଟ୍ରୋନିକ୍ ଉତ୍ପାଦନ ଭାରତରେ ହେବା ଉଚିତ। ଭାରତ ସେମିକଣ୍ଡକ୍ଟର ଚିପ୍ ଏବଂ ପ୍ରସ୍ତୁତ ଉତ୍ପାଦ ମଧ୍ୟ ତିଆରି କରିବ। ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ କେବଳ ଭାରତର ଆହ୍ୱାନ ଲାଗି ନୁହେଁ ବରଂ ବୈଶ୍ୱିକ ଆହ୍ୱାନ ପାଇଁ ମଧ୍ୟ ଏକ ସମାଧାନ ବୋଲି ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ, ସେମିର ସଭାପତି ତଥା ସିଇଓ ଅଜିତ ମନୋଚା, ଏନ୍‌ଏକ୍ସପି ସେମିକଣ୍ଡକ୍ଟରର ସିଇଓ ଡ. ରଣଧୀର ଠାକୁର, ରେନେସାସ୍‌ର ସିଇଓ କୁର୍ଟ ସିଭର୍ସ, ହିଦେତୋଶୀ ଶିବାତା ଏବଂ ଆଇଏମ୍‌ଇସିର ସିଇଓ ଲକ୍ ଭାନ୍ ଡେନ୍ ହୋଭ୍ ଉପସ୍ଥିତ ଥିଲେ।

# ବେଦାନ୍ତ ଆଲୁମିନିୟମର ନୂତନ ଉତ୍ପାଦ




**ନୂଆଦିଲ୍ଲୀ, ୧୧।୯(ଅଭୟ ଦାଶ)**

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୨ଟି ନୂତନ ଉତ୍ପାଦ ' ଏଏଲ୍‌୫୯ ଇନ୍‌ଗଟ୍ ଏବଂ ଇସି ଓୟାର ରଡ୍‌'କୁ ଆନୁଷ୍ଠାନିକ ଭାବେ ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପାୱାର ଏଜ୍-୨୦୨୪ ପ୍ରଦର୍ଶନୀରେ କମ୍ପାନୀ ଶକ୍ତି କ୍ଷେତ୍ର ଲାଗି ଏହି ଦୁଇଟି ଅତ୍ୟାବଶ୍ୟକ ସାମଗ୍ରୀ ଉନ୍ମୋଚନ କରିଛି। ବିଦ୍ୟୁତ୍ ଓ ଟ୍ରାନ୍ସମିଶନ ଉଦ୍ୟୋଗ ଲାଗି ଦୁଇଟି ଉଚ୍ଚମାନର ଉତ୍ପାଦ ଏଏଲ୍‌୫୯ ଇନ୍‌ଗଟ୍ ଏବଂ ଇସି ଓୟାର ରଡ୍ ଉନ୍ନତ ବୈଦ୍ୟୁତିକ କଣ୍ଡକ୍ଟିଭିଟି,କାର୍ଯ୍ୟକ୍ଷମତା ଓ ଗଠନମୂଳକ ସନ୍ତୁଳନ ସହ କ୍ଷିପ୍ର ପ୍ରୟୋଗଗୁଡ଼ିକ ଲାଗି ଏହା ଡିଜାଇନ ହୋଇଛି। ଉଭୟ ଉତ୍ପାଦ ଠିକ୍ ଇଞ୍ଜିନିୟରିଂରେ ନିର୍ମିତ ହୋଇଥିବାରୁ ପ୍ରୟୋଗ ଲାଗି ଅନୁକୂଳ ହୋଇପାରିବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ପାୱାର ଏଜ୍-୨୦୨୪ ଶକ୍ତି କ୍ଷେତ୍ରର ପରିବର୍ତ୍ତନକୁ ସକ୍ଷମ କରିବାରେ ଆଲୁମିନିୟମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକିତ କରିଛି। ଏପରିକି ଆମର ନୂଆ ଉତ୍ପାଦ ଏହି ଦର୍ଶନର ପ୍ରମାଣ ହୋଇଥିଲାବେଳେ ଶକ୍ତି ଶିଳ୍ପରେ ଡ୍ରାଇଭିଂ ଦକ୍ଷତା ଓ ସ୍ଥିରତା ପାଇଁ ଆମର ପ୍ରତିବଦ୍ଧତାକୁ ଆମେ ନିଶ୍ଚିତ କରୁଛୁ।



ଧ-୧୩୦୨

# ୨୦୪୭ ସୁଦ୍ଧା ଦେଶରେ ବିମାନବନ୍ଦର ସଂଖ୍ୟା ୪୦୦ ହେବ

**ଭୁବନେଶ୍ୱର,୧୧।୯ (ଅନୁରାଧା ମହାରଣା)**

ଭାରତକୁ ବିଶ୍ୱ ବିମାନ ଚଳାଚଳ ହବ୍ କରିବା ସହ ଦେଶରେ ବିମାନ ଉତ୍ପାଦନ ଆରମ୍ଭ କରିବା ପାଇଁ ଉଦ୍ୟମ ଚାଲିଛି। ବିମାନ ଚଳାଚଳ କ୍ଷେତ୍ରର ଅଭିବୃଦ୍ଧି ସମ୍ପର୍କରେ ଆଲୋଚନାକରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ବୁଧବାର ଏପରି କହିଛନ୍ତି। ମନ୍ତ୍ରଣାଳୟ ଦେଶରେ ଏକ ନିରବିଚ୍ଛିନ୍ନ ବିମାନ ଚଳାଚଳ ପାଇଁ କାର୍ଯ୍ୟ କରୁଛି। ଆଞ୍ଚଳିକ ସଂଯୋଗ ଯୋଜନା 'ଉଡ଼ାନ' ଅଧୀନରେ ବଡ଼ ବିମାନ ସହିତ ହେଲିକପ୍ଟର ଏବଂ ସାମୁଦ୍ରିକ କାର୍ଯ୍ୟକୁ ଏକୀଭୂତ କରୁଥିବା କହିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁଯାୟୀ, ଭାରତ ଦ୍ରୁତତମ ବୃଦ୍ଧି ପାଉଥିବା ବେସାମରିକ ବିମାନ ଚଳାଚଳ ବଜାର ମଧ୍ୟରୁ ଗୋଟିଏ ଏବଂ ଘରୋଇ ବିମାନ କମ୍ପାନୀଗୁଡ଼ିକର ଜାହାଜ ଆକାର ୨୦୧୪ରେ ୪୦୦ରୁ ବର୍ତ୍ତମାନ ୮୦୦କୁ ବୃଦ୍ଧି ପାଇଛି। ସେହି ସମୟ ମଧ୍ୟରେ ଘରୋଇ ଯାତ୍ରୀଙ୍କ ସଂଖ୍ୟା ୬.୭ କୋଟିରୁ ୧୫.୨ କୋଟିକୁ ବୃଦ୍ଧି ପାଇଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି, କାର୍ଯ୍ୟକ୍ଷମ ବିମାନବନ୍ଦର ସଂଖ୍ୟା ୨୦୧୪ରେ ୭୪ରୁ ବର୍ତ୍ତମାନ ୧୫୭କୁ ବୃଦ୍ଧି ପାଇଛି। ୨୦୪୭ ସୁଦ୍ଧା ଏହାକୁ ୩୫୦-୪୦୦କୁ ବୃଦ୍ଧି କରିବାକୁ ଯୋଜନା ରହିଛି। ଘରୋଇ ତଥା ଅନ୍ତର୍ଜାତୀୟ ବିମାନ କମ୍ପାନୀଗୁଡ଼ିକୁ ବ୍ୟୟବହୁଳ ତଥା ଉଚ୍ଚମାନର ଏମ୍‌ଆର୍‌ଓ (ରକ୍ଷଣାବେକ୍ଷଣ ଏବଂ ମରାମତି) ସେବା ଯୋଗାଇବା ପାଇଁ ଦେଶ ଭଲ ସ୍ଥିତିରେ ଅଛି ବୋଲି ସେ କହିଛନ୍ତି। ନାଇଡୁ କହିଛନ୍ତି, ସରକାର ସ୍ୱଦେଶୀ ଉତ୍ପାଦନ କ୍ଷମତା ବୃଦ୍ଧି ଏବଂ ଦେଶରେ ବିମାନ ଉତ୍ପାଦନ ଆରମ୍ଭ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ବୁଧବାର ବେସାମରିକ ବିମାନ ଚଳାଚଳ ଉପରେ ଦ୍ୱିତୀୟ ଏସିଆ-ପ୍ରଶାନ୍ତ ମହାସାଗରୀୟ ମନ୍ତ୍ରୀସ୍ତରୀୟ ସମ୍ମିଳନୀକୁ ସମ୍ବୋଧିତକରି ନାଇଡୁ ଏହି କ୍ଷେତ୍ରର ଅଭିବୃଦ୍ଧି ପାଇଁ ଭିତ୍ତିଭୂମି, ଏକୀକରଣ ଏବଂ ନବସୃଜନ ତିନୋଟି ଉପାଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଅତ୍ୟାଧୁନିକ ଏମରାଲ୍ଡ ଟେକ୍ନୋଲୋଜିର ଶୁଭାରମ୍ଭ

**ଭୁବନେଶ୍ୱର,୧୧।୯**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା 'ୟୁବିୟୁ ଆଡଭାନ୍ସଡ୍ ଏସ୍ଥେଟିକ୍ସ' ପକ୍ଷରୁ ଏକ ଅତ୍ୟାଧୁନିକ 'ଏମରାଲ୍ଡ ଟେକ୍ନୋଲୋଜି'ର ଶୁଭାରମ୍ଭ କରାଯାଇଛି। ଏପରିକି ଆମ ଶରୀରରୁ ଅଣକ୍ଷତିକାରୀ ଫ୍ୟାଟ୍ ହ୍ରାସ କରିବା ଦିଗରେ ଏହା ବେଶ୍ ସହାୟକ ହେବ। ସେହିଭଳି ଏମରାଲ୍ଡ ପରି ଏକ ନୂତନ କୌଶଳକୁ ଶିଳ୍ପରେ ପରିଚିତ କରାଇବା ସହ ରୋଗୀଙ୍କ ଚିକିତ୍ସା ଆରମ୍ଭ କରିବାରେ ୟୁବିୟୁ ଓଡ଼ିଶାରେ ପ୍ରଥମ ଏବଂ ଭାରତରେ କେତେକ ଅଗ୍ରଣୀ ସଂସ୍ଥାନ ମଧ୍ୟରୁ ଅନ୍ୟତମ ବୋଲି କୁହାଯାଇଛି।

ଅପରପକ୍ଷରେ ଏମରାଲ୍ଡ ଫ୍ୟାଟ୍ ଲସ୍ ଟ୍ରିଟ୍‌ମେଣ୍ଟ ହେଉଛି, ଏକମାତ୍ର ଏଫ୍‌ଡିଏ ଦ୍ୱାରା ଅନୁମୋଦିତ ଚିକିତ୍ସା ଶୈଳୀ, ଯାହା ୪୦ ବିଏମ୍‌ଆଇ ଉପରେ ରହିଥିବା ବ୍ୟକ୍ତିମାନଙ୍କ ଶରୀରର ଫ୍ୟାଟ୍‌କୁ ବି ହ୍ରାସ କରିବା ଦିଗରେ ସହାୟତା କରିଥାଏ ଏ ସମ୍ପର୍କରେ ୟୁବିୟୁର ପ୍ରତିଷ୍ଠାତା ଡା. ସମ୍ପଦା ସେଠିଆ କହିଥିଲେ, ଆମ ଆମର ରୋଗୀମାନଙ୍କ ପାଇଁ ଏମରାଲ୍ଡ ଚିକିତ୍ସା ସୁବିଧା ଆଣିବା ପାଇଁ ବହୁ ଆଗରୁ ପ୍ରୟାସ କରି ଆଜି ଶେଷରେ ସଫଳ ହୋଇଛୁ। ଏପରିକି ଏହି ନୂତନ କୌଶଳ ଆମ ସ୍ୱାସ୍ଥ୍ୟକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ।

**Classified Everyday**

**0674-2580101, 2549949**



**REAL ESTATE**

**SALE**

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ low cost plot କିଣି immediate ଘର କରନ୍ତୁ। 9692213354. ଧ-୭୪୭୮୨

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1304

**Gharabari converted plots available near Hitech Square, Sundarpada, Bhubaneswar. For more details Contact- 9437054765, 9853035888.** D-1305




କଟକ ମହତାବ ରୋଡ୍ ଦୋଳମୁଣ୍ଡାଇ ଠାରେ ଦୋକାନ, ଅଫିସ୍, କୋଚିଂ ସେଣ୍ଟର ଉଦ୍ଦେଶ୍ୟରେ **(3600sqft.)** ଘରଭଡ଼ା ଦିଆଯାଉଛି। ଯୋଗାଯୋଗ- **9937778558.** D-1288

Your classified advertisement published in Dharitri will be listed free in Dharitri online edition: **dharitriepaper.in**

**LEASE**

Require Holiday Home, Homestay, Guest house on Lease/Rent. Contact- 9831505715. D-1291




Newly open Jyoti SPA positively health benefits (Expert therapist). 8458067955. D-76151

Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

**AFFIDAVIT**

I, Priyabrat Mohanty, Age 40 Years, F/o Aarvy Mohanty Address: M-89, Phase II, GB Nagar, Cheend, Rourkela has changed my son's name from Aarvy Mohanty to Aadvay Pranik vide Affidavit Number 699174 dated 08.05.2024 before Notary. Now onwards, my son will be known as Aadvay Pranik for all future purposes. D-1308

I, Latiprava Kantha, D/o Ajaya Kantha from Gandhichowk, Brajrajnagar changed my name to Ananya Mishra affidavit dated 11.09.2024 Notary by Pratap Narayan Tiwari. D-1307

**LEGAL NOTICE**

**ବିଜ୍ଞାପନ**

**ପ୍ରଥମ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତିଙ୍କ ନ୍ୟାୟାଳୟ, ଭୁବନେଶ୍ୱର**

**ସିଭିଲ ସୁଟ୍ ନଂ୧୮୪୨/୨୦୧୦ନ୍ୱର**

ଦେଶରଞ୍ଜନ ତ୍ରିପାଠୀ ଓରଫ ଟୁକୁନା, ବୟସ ୬୬ ବର୍ଷ, ପିତା- ସ୍ୱର୍ଗତ ଗୌରାଙ୍ଗ ତ୍ରିପାଠୀ, ସା.- ବସନ୍ତପେଡ଼ି, ପୋଷ୍ଟ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ... ... ବାଦୀ

ବନାମ

୧. (ଏ) ଶରତ କୁମାରୀ ତ୍ରିପାଠୀ ଓଗେର ... ... ପ୍ରତିବାଦୀ

**୮୨ ଧାରା ମତେ ବିଜ୍ଞାପନ**

୧.(ଏ) ଶରତ କୁମାରୀ ତ୍ରିପାଠୀ, ବୟସ ୬୪ ବର୍ଷ, ପିତା- ଯଦୁମଣି ଓରଫ ଯଦୁନାଥ ତ୍ରିପାଠୀ, ସା.- ବସନ୍ତପେଡ଼ି, ପୋଷ୍ଟ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ହାଲ ସ୍ୱାମୀ- ଚିତ୍ତରଞ୍ଜନ ସାମନ୍ତରାୟ, ପ୍ଲଟ୍ ନଂ୭୮୬ନ୍ୱର, ସେକ୍ଟର-୯, ସି.ଡି.ଏ., ମର୍କତନଗର, ଜିଲ୍ଲା- କଟକ, ପିନ୍- ୭୫୩୦୧୪ ।

୧.(ବି) ବସନ୍ତ କୁମାର ଦାଶ, ବୟସ ୭୦ ବର୍ଷ, ପିତା- ୰ଯଦୁମଣି ଓରଫ ଯଦୁନାଥ ତ୍ରିପାଠୀ, ସା.- ବସନ୍ତପେଡ଼ି, ପୋଷ୍ଟ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ହାଲ ସ୍ୱାମୀ- ରାଜକିଶୋର ଦାଶ, ଇନ୍ଦ୍ରଧନୁ ମାର୍କେଟ, ନୟାପଲ୍ଲୀ, ଏଚ୍.ଏନ୍. ନଂଏନ୍୪/୨୨୭ନ୍ୱର, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

୧.(ଡି) ନାରାୟଣ ତ୍ରିପାଠୀ, ବୟସ ୪୨ ବର୍ଷ, (କାବୁଲା), ପିତା- ୰ ଯଦୁମଣି ଓରଫ ଯଦୁନାଥ ତ୍ରିପାଠୀ, ସା.- ବସନ୍ତପେଡ଼ି, ପୋଷ୍ଟ- ବାଳକାଟି, ଥାନା- ବାଲିଅନ୍ତା, ଜିଲ୍ଲା- ଖୋର୍ଦ୍ଧା, ହାଲ ସା.- ସପନପୁର, ପୋଷ୍ଟ- ଗରୁଡ଼ଗାଁ, ଥାନା- ଟାଙ୍ଗୀ, ପିନ୍- ୭୫୪୦୨୨, ଜିଲ୍ଲା- କଟକ। ... ... ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.୧(ଏ), ୧(ବି) ଓ ୧(ଡି)ମାନଙ୍କୁ ଅବଗତ କରାଇ ଦିଆଯାଉଅଛି କି ବାଦୀ ତୁମ୍ଭମାନଙ୍କ ପିତାଙ୍କ ନାମରେ ଉପରୋକ୍ତ ମୋକଦ୍ଦମା ଦାଏର କରିଥିଲେ। ମୋକଦ୍ଦମା ବିଚାର ଚାଲିଥିବା ଅବସ୍ଥାରେ ତୁମ୍ଭମାନଙ୍କ ପିତା ମୃତ୍ୟୁବରଣ କରିଥିବା ହେତୁ ବାଦୀ ତୁମ୍ଭମାନଙ୍କୁ ପକ୍ଷଭୁକ୍ତ କରିଅଛନ୍ତି। ଅଦାଲତଙ୍କ ଆଦେଶ ଅନୁଯାୟୀ ତୁମ୍ଭେ ପ୍ରତିବାଦୀମାନଙ୍କ ନିକଟକୁ ନୋଟିସ ଆଦି ରେଜେଷ୍ଟ୍ରି ଡାକ ଦ୍ୱାରା ଯାଇଥିଲେ ହେଁ ତୁମ୍ଭେମାନେ ନିଜକୁ ଲୁଚାଇ ଛପାଇ ନୋଟିସ ଆଦି ଗ୍ରହଣ କରୁନାହଁ କିମ୍ବା ଅଦାଲତରେ ହାଜର ହେଉନାହଁ, ତେଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ତୁମ୍ଭମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତୁମ୍ଭେମାନେ ମୋକଦ୍ଦମାର ଧାର୍ଯ୍ୟ ତାରିଖ ତା୩୦।୯।୨୦୨୪ରିଖରେ ସ୍ୱୟଂ କିମ୍ବା ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମାରେ ବିହିତ କାର୍ଯ୍ୟକରିବେ। ବିଚାର କରିବେ ନଚେତ ତୁମ୍ଭମାନଙ୍କ ଅନୁପସ୍ଥିତିରେ ମୋକଦ୍ଦମା ତୁମ୍ଭମାନଙ୍କ ବିରୁଦ୍ଧେ ଏକତରଫା ବିଚାର କରାଯିବ।

ଅଦ୍ୟ ଆମ୍ଭର ସ୍ୱାକ୍ଷର ଅଦାଲତ ମୋହର କ୍ରମେ ଦିଆଗଲା ତା୩୦।୭।୨୪ରିଖ

**ତଫସିଲ ସମ୍ପତ୍ତିର ବିବରଣୀ**

ଜିଲ୍ଲା- ପୁରୀ, ହାଲ ଜିଲ୍ଲା- ଖୋର୍ଦ୍ଧା, ଥାନା- ବାଲିଅନ୍ତା, ତହସିଲ- ଭୁବନେଶ୍ୱର, ମୌଜା- ପ୍ରତାପ ଶାସନ ଖାତା ନଂ୬୭୯ନ୍ୱର, ଚକ ନଂ୧୭୬ନ୍ୱର, ପ୍ଲଟ୍ ନଂ୪୬୨୬ନ୍ୱର, ଏ୦.୫୯ ସ୍ଥଧରୁ ଉତ୍ତର ତରଫରୁ ଏ୦.୦୧୯. ୨/୩ ଡିସିମିଲ।

**ସ୍ୱା./- ପ୍ରଥମ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି, ଭୁବନେଶ୍ୱର**

ଧ-୧୩୦୧ Dt.30.7.24

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବଜାରରେ ସ୍କୋଡାର ଅଲ୍ ନ୍ୟୁ ମଣ୍ଟେ କାର୍ଲୋ




**ଭୁବନେଶ୍ୱର,୧୧।୯ (ଅଭୟ ଦାଶ)**

**ଟ୍ରିନିଟି ସ୍କୋଡା ଭୁବନେଶ୍ୱର ପକ୍ଷରୁ ସ୍କୋଡା ସାଲଭିଆ ମଣ୍ଟେ କାର୍ଲୋର ପ୍ରଥମ ଡେଲିଭରି**

ସ୍କୋଡା ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ସ୍କୋଡା ମଣ୍ଟେ କାର୍ଲୋର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ବ୍ରାଣ୍ଡର ଏହି ମଡେଲ ନିକଟରେ ବଜାର ପ୍ରବେଶ ହୋଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଟ୍ରିନିଟି ସ୍କୋଡା ଭୁବନେଶ୍ୱର (ଟ୍ରିନିଟି ମୋଟର୍ସ) ପକ୍ଷରୁ ଏକ ଗ୍ରାହକ ଡେଲିଭରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ କଟକ ଜିଲା ନିଶ୍ଚିନ୍ତକୋଇଲିର ସୁରେନ୍ଦ୍ରନାଥ ସାହୁ ସ୍କୋଡା ସାଲଭିଆ ମଣ୍ଟେ କାର୍ଲୋର ପ୍ରଥମ ଗ୍ରାହକ ଭାବେ ଶୋ'ରୁମ୍‌ରୁ ଉକ୍ତ ଗାଡ଼ି ଗ୍ରହଣ କରିଥିଲେ।

ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ମଣ୍ଟେ କାର୍ଲୋରେ ଅନେକ ବୈଶିଷ୍ଟ୍ୟ ସାମିଲ ଥିଲାବେଳେ ସମସ୍ତ ପ୍ରକାର ଆଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଆକର୍ଷଣୀୟ ଡିଜାଇନ ଓ କଲରରେ ଏହା ଉପଲବ୍ଧ।

# ଚିଲିକାରେ ମାଛ ଉତ୍ପାଦନ ବଢୁଛି: ଚିଙ୍ଗୁଡ଼ି , କଙ୍କଡ଼ା କମୁଛି

**ବିଦେଶକୁ ରପ୍ତାନି ପରିମାଣ ନେଇ ବିଭାଗ ପାଖରେ ନାହିଁ ତଥ୍ୟ**

**ଭୁବନେଶ୍ୱର,୧୧।୯ (ଅନୁରାଧା ମହାରଣା)**

ଚିଲିକାରୁ ଉତ୍ପାଦିତ ହେଉଥିବା ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ାର ଚାହିଦା ରାଜ୍ୟରୁ ଆରମ୍ଭକରି ସମଗ୍ର ଦେଶ ତଥା ବିଦେଶରେ ମଧ୍ୟ ରହିଛି। ପ୍ରତିବର୍ଷ ଚିଲିକା ହ୍ରଦରୁ ମାଛ ଉତ୍ପାଦନ ପରିମାଣ ବଢୁଛି। ମାତ୍ର ଚିଙ୍ଗୁଡ଼ି ଓ କଙ୍କଡ଼ା ଉତ୍ପାଦନ ପରିମାଣ କମିବାରେ ଲାଗିଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ମୋଟ ମତ୍ସ୍ୟ ଜାତୀୟ ଉତ୍ପାଦନ ପରିମାଣ ୧୯୪୨୮.୩୦ ମେଟ୍ରିକ୍ ଟନ୍ ରହିଥିବାବେଳେ ୨୦୨୨-୨୩ରେ ୧୯୮୦୭.୫୬ ମେଟ୍ରିକ ଉତ୍ପାଦନ ରହିଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ପରିମାଣ ୨୦୯୪୭.୪୧ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୧୨୧୮୭.୫୮ ମେଟ୍ରିକ ଟନ୍ ମାଛ ଉତ୍ପାଦନ ହୋଇଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ୧୩୦୩୪.୬୦ ମେଟ୍ରିକ୍ ଟନ୍ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ୧୪୪୮୩.୭୪ ମେଟ୍ରିକ୍ ଟନ୍ ମାଛ ଉତ୍ପାଦିତ ହୋଇଛି। ଅନ୍ୟପଟେ ୨୦୨୧-୨୨ ଆର୍ଥିକ ବର୍ଷରେ ୬୭୬୨.୦୧୫ ମେଟ୍ରିକ୍ ଟନ୍ ଚିଙ୍ଗୁଡ଼ି, ୨୦୨୨-୨୩ରେ ୬୩୨୭.୮୦ ମେଟ୍ରିକ୍ ଟନ୍ ଏବଂ ୨୦୨୩-୨୪ରେ ଚିଙ୍ଗୁଡ଼ି ଉତ୍ପାଦନ ୬୦୩୮ ମେଟ୍ରିକ୍ ଟନ୍‌କୁ ହ୍ରାସ ପାଇଛି। ସେହିପରି ୨୦୨୧-୨୨ରେ ୪୭୮.୭୦ ମେଟ୍ରିକ୍ ଟନ୍ କଙ୍କଡ଼ା ଉତ୍ପାଦନ କରାଯାଇଥିବାବେଳେ ୨୦୨୨-୨୩ରେ ୪୪୫.୧୬ ମେଟ୍ରିକ୍ ଟନ୍ କଙ୍କଡ଼ା ଉତ୍ପାଦନ ହୋଇଛି। ୨୦୨୩-୨୪ରେ କଙ୍କଡ଼ା ଉତ୍ପାଦନ ପରିମାଣ ୪୨୪.୭୧ ମେଟ୍ରିକ୍ ଟନ୍‌କୁ ହ୍ରାସ ପାଇଛି। ସୂଚନା ଥାଉକି, ବୁଧବାର ଗୃହରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରଶ୍ନର ଉତ୍ତର ରଖି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ଗତ ୩ ବର୍ଷରେ ଚିଲିକାରୁ କେତେ ଚିଙ୍ଗୁଡ଼ି, ମାଛ, କଙ୍କଡ଼ା ଓ ଅନ୍ୟ ମତ୍ସ୍ୟଜାତ ଦ୍ରବ୍ୟ ଉତ୍ପାଦିତ ହୋଇଛି ବୋଲି ବିଧାୟକ ବଳବନ୍ତରାୟ ପ୍ରଶ୍ନ ଉପସ୍ଥାପନ କରିଥିବାବେଳେ ମନ୍ତ୍ରୀ ଉତ୍ତରରେ ଏହି ତଥ୍ୟ ରଖିଥିଲେ। ତେବେ ଉତ୍ପାଦନ ବୃଦ୍ଧି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ମନ୍ତ୍ରୀ ଆଲୋକପାତକରି କହିଛନ୍ତି, ଚିଲିକାରେ ବେଆଇନ ଘେରି ଉଚ୍ଛେଦ କାର୍ଯ୍ୟକ୍ରମ, ମତ୍ସ୍ୟ ସମ୍ପଦର ଆକଳନ, କଙ୍କଡ଼ା ଓ ଚିଙ୍ଗୁଡ଼ି ଉପରେ ଗବେଷଣା, ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ, ମତ୍ସ୍ୟଜୀବୀମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ତାଲିମ ଏବଂ ଚିଲିକାକୁ ସଂଯୋଗ କରୁଥିବା ଅନ୍ତନାଳୀଗୁଡ଼ିକରେ ପଟୁମାଟି ପୋତିହୋଇଯାଉଥିବାରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ କରୁଛନ୍ତି।

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଗୋପୀନାଥ ଷଡଙ୍ଗୀ**

ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ

ପଙ୍କପାଳ, ଜିଲ୍ଲା - ଜଗତ୍‌ସିଂହପୁର

ହାଲ ମହିମା ନଗର, ନୂଆ ବଜାର, କଟକ

ଆବିର୍ଭାବ : ତା ୧୦.୦୯.୧୯୪୪

ତିରୋଧାନ : ତା ୦୧.୦୯.୨୦୨୪

ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ

ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଧ-୧୩୦୩

# କାଜଲ ଯାହା ଭାବୁଥିଲେ..

କଥାରେ ଅଛି–ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା । ଏବେ ତ ଗୋଟିଏ ସିନେମା ବଲିଉଡ୍‌ର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି । ତାହା ହେଲା ସାଜିଦ ନାଡିୱାଡୱାଲାଙ୍କ ପ୍ରଯୋଜିତ ତଥା ଏ.ଆର. ମୁରୁଗୋଡସ୍‌ଙ୍କ ନିର୍ଦ୍ଦେଶିତ 'ସିକନ୍ଦର' । ଏହି ଆକ୍ସନ–ପ୍ୟାକ୍‌ଡ ଏବଂ ବିଗ୍ ବଜେଟ ଫିଲ୍ମର ଶୁଟିଂ ବର୍ତ୍ତମାନ ଚାଲୁରହିଛି । ତେବେ ଏହାର ଟାଇଟଲ ଭୂମିକାରେ ସଲ୍‌ମାନ ଖାଁ ଅଭିନୟ କରୁଛନ୍ତି–ଏକଥା ସମସ୍ତେ ଜାଣନ୍ତି । ହେଲେ ଚିତ୍ରଟିର କାଷ୍ଟିଂରେ ଆଉ ଦୁଇଜଣ ଲୋକପ୍ରିୟ ଅଭିନେତ୍ରୀଙ୍କୁ ସାମିଲ କରାଯାଇଛି । ସେ ଦୁହେଁ ହେଲେ କାଜଲ ଅଗ୍ରୱାଲ ଏବଂ ରଶ୍ମିକା ମନ୍ଦାନା । ଏ ନେଇ କାଜଲ କହନ୍ତି, 'ଏ ଫିଲ୍ମରେ ସୁଯୋଗ ମିଳିବ ବୋଲି ମୁଁ ଆଶା ରଖିଥିଲି । ଯାହହେଉ ସଲମାନଙ୍କ ପରି ଅଭିନେତାଙ୍କ ସହ କାମ କରିବାର ସୁଯୋଗ ମିଳିଛି ତାହା ହେଉଛି ବଡ଼ କଥା । ଏହାବ୍ୟତୀତ ଫିଲ୍ମଟିର କାହାଣୀ କୌଣସି ଗୁଣରେ କମ୍ ନୁହେଁ ।' ଏଥିରେ ପ୍ରତୀକ ବବର ଖଳନାୟକ ଭୂମିକାରେ ଅଭିନୟ କରୁଛନ୍ତି । ଏହାସହ 'ବାହୁବଳି' ଷ୍ଟାର ସତ୍ୟରାଜଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ । ଫିଲ୍ମଟି ଆସନ୍ତା ବର୍ଷ ଇଦ୍‌ରେ ପରଦା ଉପରକୁ ଆସିବାର ଯୋଜନା ରହିଛି ।


କାଜଲ ଅଗ୍ରୱାଲ

# ଅଡୁଆ କରିଛି ବିକିନି

ସାରା ଅଲ୍ଲୀ ଖାଁ ଏବେ ଅଡୁଆରେ ପଡିଛନ୍ତି । ନୂଆ ଅଫରଟି ପାଇବା ପରେ ସେ ସିନା ଖୁସିରେ ଉଛୁଳି ଉଠିଥିଲେ, ହେଲେ କାହାଣୀ ଶୁଣିବା ପରେ ତାଙ୍କ ମୁହଁ ଟିକେ ଶୁଖି ଯାଇଥିଲା । କାରଣ କ'ଣ ଜାଣନ୍ତି ? ଅସଲ କଥା ହେଲା, ଏଥିରେ ସୈଫ ତନୟାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ, ପୁଣି ବିକିନି ପିନ୍ଧି । ଏକଥା ଜାଣିବା ପରେ ତାଙ୍କର ଖୁସି ସତେଯେମିତି ମଉଳି ଯାଇଥିଲା । ଏବେ ସେ ଏହି ପ୍ରୋଜେକ୍ଟକୁ ନେଇ ଆଗକୁ ଆଗେଇବେ ନା ସେଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେବେ–ସେ ନେଇ ଦୋ'ଛକିରେ ପଡିଛନ୍ତି । ଏଭଳି ସମସ୍ୟା ବିଷୟରେ ସଫେଇ ଦେଇ ସାରା କହନ୍ତି, 'ଏହି ନୂଆ ଅଫରର କାହାଣୀ ଶୁଣିବା ସମୟରେ ମୁଁ ଟେନ୍‌ସନର ବଶବର୍ତ୍ତୀ ହୋଇଥିଲି । କାରଣ ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡ଼ିବ, ତାହା ପୁଣି ବିକିନି ପିନ୍ଧି । ସେକଥା ଜାଣିବା ପରେ ମୁଁ ଅଡୁଆରେ ପଡିଯାଇଛି । କ'ଣ ନିଷ୍ପତ୍ତି ନେବି କିଛି ଜାଣିପାରୁନାହିଁ । ସେପଟେ ମୋର ଏଭଳି ଅବସ୍ଥା ଦେଖି ଜନୈକ ନୂଆ ପ୍ରଯୋଜକ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି । ତେବେ ଏହି ସୀମିତ ସମୟ ଭିତରେ ମୋତେ ଯାହା କିଛି ନିଷ୍ପତ୍ତି ନେବାକୁ ପଡିବ ।' ଦେଖାଯାଉ, ସାରା ନୂଆ ଅଫରଟିକୁ ଗ୍ରହଣ କରୁଛନ୍ତି ନା ବିକିନି ପାଇଁ ତାହାକୁ ହାତଛଡ଼ା କରୁଛନ୍ତି !


ସାରା ଅଲ୍ଲୀ ଖାଁ

# କିପରି ମିଳିଥିଲା 'ଡର୍' ଅଫର..



'ଡର୍' ଫିଲ୍ମରେ ଶାହରୁଖ

୧୯୯୦ରେ ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ଯଶ୍ ଚୋପ୍ରାଙ୍କର କେତୋଟି ଫିଲ୍ମ ଫ୍ଲପ୍ ହେବା ପରେ ସେ ଚିନ୍ତାରେ ପଡ଼ିଯାଇଥାଆନ୍ତି । ଏହି ସମୟରେ ତାଙ୍କ ମନରେ ଆଶାର କିରଣ ସୃଷ୍ଟି କରିଥିଲେ ପୁତ୍ର ଉଦୟ । ଏକଦା ଉଦୟ ନିଜ ସାଙ୍ଗ ହ୍ରିତିକ୍ ରୋଶନଙ୍କ ସହ 'ଡେଡ୍ କାମ୍' ଟାଇଟଲବିଶିଷ୍ଟ ଏକ ହଲିଉଡ୍ ସିନେମା ଦେଖୁଥାଆନ୍ତି । ଏହାପରେ ହ୍ରିତିକ୍ ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟିଏ ନିର୍ମାଣ କରିବାକୁ ଯଶଙ୍କୁ କହିଥିଲେ । କେବଳ ସେତିକି ନୁହେଁ, ଏହାର ଟାଇଟଲ 'ଡର୍' ରଖିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ତା'ପରେ ଯଶ୍ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଅଜୟ ଦେବଗନ ଏବଂ ରାହୁଲ ରୟଙ୍କୁ ଅଫର ଦେଇଥିଲେ । କିନ୍ତୁ ଦୁହେଁ ମନା କରିବା ପରେ ଆମୀର ଖାଁଙ୍କୁ ସାଇନ୍ କରାଯାଇଥିଲା । ଏପରି କି ଏହାର କିଛି ଅଂଶ ସେ ମଧ୍ୟ ଶୁଟିଂ କରିଥିଲେ । ହେଲେ ଭୂମିକାଟି ତାଙ୍କ କ୍ୟାରିୟର ପାଇଁ ଶୁଭପ୍ରଦ ହେବନାହିଁ କହି ସେ ଅଧାରୁ ଛାଡ଼ି ଚାଲିଯାଇଥିଲେ । ତା'ପରେ ରିଷି କପୁରଙ୍କୁ ଯଶ୍ ଯୋଗାଯୋଗ କରିଥିଲେ । ରିଷି କହିଥିଲେ ଯେ, ଶାହରୁଖ୍ ଖାଁ ଏହି ଭୂମିକାଟିକୁ ଠିକ୍‌ଭାବରେ ତୁଲାଇପାରିବେ । ଆଉ ବିଳମ୍ବ ନ କରି ଶାହରୁଖଙ୍କୁ ସାଇନ୍ କରାଯାଇଥିଲା । ତା'ପରେ କ'ଣ ଘଟିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ । ସନି ଦେଓଲଙ୍କ ଭଳି କଳାକାର ଏଥିରେ ଥିଲେ ମଧ୍ୟ ଶାହରୁଖ ନିଜ ଅଭିନୟ ବଳରେ ଦର୍ଶକଙ୍କ ମନ ଜିଣି ନେଇଥିଲେ ।


ଅର୍ଦ୍ଧେନ୍ଦୁ ସାହୁ

# ଅର୍ଦ୍ଧେନ୍ଦୁଙ୍କ ଲେଉଟାଣି

'ଟପୋରି', 'ବ୍ଲାକ ମେଲ୍' ଏବଂ 'ମୁଁ ପରଦେଶୀ ଚଢ଼େଇ' ପରି ସିନେମାର ଭିନ୍ନ ଭିନ୍ନ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ଅର୍ଦ୍ଧେନ୍ଦୁ ସାହୁ କିଛିବର୍ଷର ଗ୍ୟାପ୍ ପରେ ପୁଣିଥରେ ଦମ୍‌ଦାର ରିଟର୍ନ କରୁଛନ୍ତି । ଏଥର ବଡ଼ ପରଦାରେ ଦର୍ଶକ ତାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ପାଇବେ । ଉକ୍ତ ସିନେମାର ଟାଇଟଲ ରହିଛି 'ଭିଲେନ୍' । ନିକଟରେ ଏହି ବିଗ୍ ବଜେଟ୍ ଫିଲ୍ମର ଶୁଟିଂ ଶେଷ ହୋଇଛି । ତା'ସହ ଚିତ୍ରଟି ଏଥର ଦଶହରା ଅବସରରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ହୋମ୍ ବ୍ୟାନର ଆଦିଲକ୍ଷ୍ମୀ ଫିଲ୍ମସରେ ଏହାର ପ୍ରଯୋଜନା କରିଛନ୍ତି ଅର୍ଦ୍ଧେନ୍ଦୁ । ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କେ. ମୁରଲୀକ୍ରିଷ୍ଣା । ''ଏହି ସିନେମାର କାହାଣୀରେ କେବଳ ଆକ୍ସନ ଭରି ରହିଛି । ଦର୍ଶକ ଏଥିରୁ ଏକ ଡିଫରେଣ୍ଟ ଚାର୍ମ ପାଇବେ । ମୋ ଆକ୍ଟିଂ କ୍ୟାରିୟରରେ ଫିଲ୍ମଟି ଟର୍ନିଂ ପଏଣ୍ଟ ହେବ ବୋଲି ଦୃଢ଼ ବିଶ୍ୱାସ ରହିଛି । କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ ଶୁଟିଂ ସମୟରେ ଚେଷ୍ଟା କରାଯାଇଛି । ରିଲିଜ୍ ପରେ ଦର୍ଶକ ଏହାକୁ ଗ୍ରହଣ କଲେ ଆମର ପରିଶ୍ରମ ସାର୍ଥକ ହେବ ବୋଲି କହନ୍ତି ଅର୍ଦ୍ଧେନ୍ଦୁ ।'' ଏଥିରେ ଅର୍ଦ୍ଧେନ୍ଦୁଙ୍କ ନାୟିକା ସାଜିଛନ୍ତି ତମନ୍ନା । ଅନ୍ୟପକ୍ଷରେ ଉଶଷୀ ମିଶ୍ର, ବବି ମିଶ୍ର, କେ.କେ, ସମରେଶ, ବ୍ରଜ ସିଂ, ରବି ମିଶ୍ର, ରାଜୁ ଦାସ (ଫେସ୍‌ବୁକ୍‌ର ସାହୁବାବୁ) ଏବଂ ସୋମୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି ।

ନୂଆଁଖାଇ ଜୁହାର
Inani Coal Services Pvt. Ltd.
Brajarajnagar

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ବ୍ରଜରାଜନଗରବାସୀଙ୍କୁ ଅଭିନନ୍ଦନ ଓ ଜୁହାର ।
ବିଜୁ ଜନତା ଦଳ
ନୃପଲାଲ ତାଣ୍ଡିଆ
ବରିଷ୍ଠ ବିଜେଡି ନେତା
ବ୍ରଜରାଜନଗର

ନୂଆଁଖାଇ ଜୁହାର
Supriya Minerals
Office : ESI Chowk, Brajarajnagar, Dist - Jharsuguda, Odisha Pin - 768216, Factory Site, Mouza - Khadam, PO - Bandhabahal PS - Banaharpali, Pin - 768211, Tel - +91 9777320148

ନୂଆଁଖାଇ ଜୁହାର
ସମସ୍ତଙ୍କୁ ନୂଆଁଖାଇ ଜୁହାର।
ସଦାନନ୍ଦ ମାଝୀ
ଏ.ଡ଼ି.ଇ.ଓ., ତେଲେନପାଲି ଗ୍ରା.ପ.

ନୂଆଁଖାଇ ଜୁହାର
ମହରାପଦର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ସରୋଜ କୁମାର ଭୋଇ
ଏ.ଡ଼ି.ଇ.ଓ. ମହରାପଦର ଗ୍ରା.ପ.

ନୂଆଁଖାଇ ଜୁହାର
ତିହାର ଭିତରେ ତିହାର, ନୂଆଁଖାଇ ତିହାର । ଜୁହାର ଭିତରେ ଜୁହାର, ନୂଆଁଖାଇର ଜୁହାର । ସମସ୍ତଙ୍କୁ ନୂଆଁଖାଇ ଜୁହାର ।
ସୀମାଞ୍ଚଳ ପୁରୋହିତ
ସରପଞ୍ଚ, ଲୁହାସିଂହା, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଭାଇ ଓ ଭଉଣୀଙ୍କୁ ନୂଆଁଖାଇ ଜୁହାର ।
ସୂର୍ଯ୍ୟଭାନୁ ମେହେର
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଖପ୍ରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇର ଜୁହାର ।
ସତ୍ୟାନନ୍ଦ ସେନ୍ଦ୍ରିଆ
ଭାଜପା ସାଧାରଣ ସମ୍ପାଦକ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ସତ୍ୟନାରାୟଣ ପଣ୍ଡା
ବି.ଜେ.ପି. ନେତା, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ସମସ୍ତଙ୍କୁ ନୂଆଁଖାଇ ଜୁହାର।
ସୁନିତା ବାରିକ
ଏ.ଡ଼ି.ଇ.ଓ., ଲୁହାସିଂହା ଗ୍ରା.ପ.

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଆରୁ ଚଙ୍ଗରିଆ ପଞ୍ଚାୟତର ସମସ୍ତଙ୍କୁ ନୂଆଁଖାଇ ଜୁହାର ।
ସୁଶିଲ କୁମାର ଗୁରୁ
ସରପଞ୍ଚ, ଚଙ୍ଗରିଆ ତଥା ସଭାପତି, ମାଁ ପାଟଣେଶ୍ୱରୀ ମହାବିଦ୍ୟାଳୟ, ପାଈଁଛକ

ନୂଆଁଖାଇ ଜୁହାର
ଓଡ଼ିଆପାଲି ଗ୍ରାମପଞ୍ଚାୟତର ସମସ୍ତ ଗୁରୁଜନମାନଙ୍କୁ ନୂଆଁଖାଇ ଜୁହାର ।
ଶାନ୍ତି ଛୁରା
ସରପଞ୍ଚ, ଓଡ଼ିଆପାଲି ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତଙ୍କୁ ଅଭିନନ୍ଦନା ନୂଆଖାଇ ଜୁହାର।
ଶ୍ୟାମ କୁମାର
ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇର ଜୁହାର ।
ସୁଧୀର କୁମାର ଜେନା
ବନପାଳ, ଖପ୍ରାଖୋଲ

ନୂଆଁଖାଇ ଜୁହାର
ରେଙ୍ଗାଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଉମାକାନ୍ତ ମେହେର
ସରପଞ୍ଚ, ରେଙ୍ଗାଲି ଗ୍ରାମପଞ୍ଚାୟତ

## ଖଟିଆରେ ଏକସଙ୍ଗେ ଶତାଧିକ ବସିପାରୁଛନ୍ତି

ଅମୃତସର

ପଞ୍ଜାବର ଅମୃତସରରେ ଏକ ଖଟିଆକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ଉକ୍ତ ଖଟିଆରେ କେବଳ ୪ କିମ୍ବା ୫ ନୁହେଁ ବରଂ ୧୦୦ ଲୋକ ଆରାମରେ ବସିପାରିବେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ବହୁ ସଂଖ୍ୟାରେ ଲୋକ ଖଟିଆ ଉପରେ ବସିଥିବାର ଦେଖିବାକୁ ମିଳିଛି। ଭିଡିଓରେ ଜଣେ ବ୍ୟକ୍ତି କହିଛନ୍ତି, ଏହା ହେଉଛି ବିଶ୍ୱର ସବୁଠାରୁ ବଡ଼ ଖଟିଆ। ଏଥିରେ ଏକସଙ୍ଗେ ୧୦୦ରୁ ଅଧିକ ଲୋକ ଆରାମରେ ବିଶ୍ରାମ କରି



ପାରିବେ। ୭୦ରୁ ୭୫ ବର୍ଷ ପୁରୁଣା ଏହି ଖଟିଆଟି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇପାରିଛି। ଏହା ଏତେ ବଡ ଯେ ଏହାକୁ ଦେଖିବା ପରେ ଆଖିକୁ ବିଶ୍ୱାସ ହୋଇ ନ ଥାଏ। ଏହି ଖଟିଆଟି ଏକ ସ୍ୱତନ୍ତ୍ର ପ୍ରକାରର ଦଉଡ଼ିରୁ ନିର୍ମିତ ବୋଲି ଭିଡିଓରେ କୁହାଯାଇଛି। ଏହି ଖଟିଆଟି ଏକ ପୋଟିକ ତଳେ ରଖାଯାଇଥିବା ନେଇ ଭିଡିଓରୁ ଦେଖିବାକୁ ମିଳିଛି। ସେହିପରି ଏଥିରେ ବିଶ୍ରାମ ନେଉଥିବା ଲୋକଙ୍କ ପାଇଁ ସିଲିଂ ଫ୍ୟାନ୍‌ର ସୁବିଧା ମଧ୍ୟ ଉପଲବ୍ଧ ରହିଛି।



## ରାଜ୍‌ଙ୍କ ୧୫ ବର୍ଷର ଇଚ୍ଛା ପୂରଣକଲେ ଶିଳ୍ପା

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟି ଓ ବ୍ୟବସାୟୀ ରାଜ୍ କୁନ୍ଦ୍ରାଙ୍କ ଯୋଡ଼ିକୁ ନେଇ ଅଧିକାଂଶ ସମୟରେ ଚର୍ଚ୍ଚା ଲାଗି ରହିଥାଏ। ରାଜ୍‌ଙ୍କ ୪୯ତମ ଜନ୍ମଦିନକୁ ସ୍ୱତନ୍ତ୍ର କରିବା ପାଇଁ ଶିଳ୍ପା କୌଣସି ମଧ୍ୟ ସୁଯୋଗ ହାତଛଡ଼ା କରି ନ ଥିଲେ। ସେ ପ୍ରଥମେ ରାଜ୍‌ଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଏହି ଭିଡିଓରେ ସେ ରାଜ୍‌ଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଏକ ଭାବପ୍ରବଣ ନୋଟ୍ ମଧ୍ୟ ଲେଖିଥିଲେ। ଏହାପରେ ସେ ତାଙ୍କ ସ୍ୱାମୀଙ୍କୁ ଏକ ସରପ୍ରାଇଜ୍ ଗିଫ୍ଟ ଦେଇଥିଲେ। ଉକ୍ତ ଗିଫ୍ଟଟି ରାଜ୍‌ଙ୍କ ପାଇଁ ବେଶ୍ ଖାସ ଥିଲା। ରାଜ୍ ଏହାର ସ୍ୱପ୍ନ ଦୀର୍ଘ ୧୫ ବର୍ଷ ଧରି ଦେଖି ଆସୁଥିଲେ। ରାଜ୍‌ଙ୍କ ଜନ୍ମଦିନ ପାଳନ ପାଇଁ ଶିଳ୍ପା ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ। ଜନ୍ମଦିନରେ ସେ ତାଙ୍କ ସ୍ୱାମୀଙ୍କୁ ଘୋଡ଼ା ସବାର କରାଇଥିଲେ। ଉକ୍ତ ଘୋଡ଼ା ସବାରି ସହ ରାଜ୍‌ଙ୍କ ଜନ୍ମଦିନ ସେଲିବ୍ରେଶନ ଶେଷ ହୋଇଥିଲା। ଶିଳ୍ପାଙ୍କ ଏହି ସରପ୍ରାଇଜ୍‌ରେ ରାଜ୍ ବେଶ୍ ଖୁସି ହୋଇଥିଲେ। ରାଜ୍ ଏହି ଘୋଡ଼ା ସବାରିକୁ ନିଜ କ୍ୟାମେରାରେ କଏଦ କରି ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରିଛନ୍ତି। ସେ ଶିଳ୍ପାଙ୍କ ସହ ଦୀର୍ଘ ଦିନ ହେବ ଏପରି ଏକ ରୋମାଣ୍ଟିକ ଘୋଡ଼ା ସବାରି କରିବାକୁ ଚାହୁଁଥିଲେ। ଏହି ସରପ୍ରାଇଜ୍ ଦେଇ ତାଙ୍କର ଦୀର୍ଘ ବର୍ଷର ଇଚ୍ଛାକୁ ଶିଳ୍ପା ପୂରଣ କରିଛନ୍ତି ବୋଲି ରାଜ୍ ଉକ୍ତ ଷ୍ଟୋରିରେ ଲେଖିଛନ୍ତି। ଏହି ଷ୍ଟୋରିରେ ଉଭୟ ଶିଳ୍ପା ଏବଂ ରାଜ୍ ମୁମ୍ବାଇର ଏକ ସଡ଼କରେ ରୋମାଣ୍ଟିକ ଘୋଡ଼ା ସବାରି କରୁଥିବା ଦେଖିବାକୁ ମିଳିଛି।


ନୂଆଁଖାଇ ଜୁହାର
ଖପ୍ରାଖୋଲ ତହସିଲ ଅଞ୍ଚଳରେ ମାଁ ସମଲେଶ୍ୱରୀ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦିଅନ୍ତୁ। ନୂଆଁଖାଇ ଜୁହାର।
ଆଦିତ୍ୟ ପ୍ରସାଦ ମିଶ୍ର
ତହସିଲଦାର, ଖପ୍ରାଖୋଲ ଓ ତହସିଲ କର୍ମଚାରୀ

ନୂଆଁଖାଇ ଜୁହାର
ପାଟଣାଗଡ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ମାଁ ପାଟଣେଶ୍ୱରୀ ସୁଖ, ଶାନ୍ତି, ସମୃଦ୍ଧି ଆଣି ଦିଅନ୍ତୁ। ନୂଆଁଖାଇ ଜୁହାର।
ବ୍ରଜବନ୍ଧୁ ଠାକୁର
ପାଟଣାଗଡ଼

ନୂଆଁଖାଇ ଜୁହାର
ଭାନପୁର ପେକ୍ସର ସମସ୍ତ ଚାଷୀମାନଙ୍କୁ ନୂଆଁଖାଇ ଜୁହାର।
ଜଗଦୀଶ ରଣା
ସମ୍ପାଦକ, ଭାନପୁର ପେକ୍ସ

ନୂଆଁଖାଇ ଜୁହାର
ସମସ୍ତଙ୍କୁ ନୂଆଁଖାଇ ଜୁହାର।
ପବିତ୍ର କାଲସାଏ
ଏ.ଡ଼ି.ଇ.ଓ., ବାଘମୁଣ୍ଡ ଗ୍ରା.ପ.

ନୂଆଁଖାଇ ଜୁହାର
ଘୁନସରର ସମସ୍ତ ଶ୍ରମିକ ତଥା ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଅନୁସୟା ସାହୁ
ସରପଞ୍ଚ, ଘୁନସର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ସମସ୍ତଙ୍କ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି। ନୂଆଁଖାଇ ଜୁହାର।
ଚିନ୍ମୟ ପଧାନ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ,ଖପ୍ରାଖୋଲ

ନୂଆଁଖାଇ ଜୁହାର
ସମସ୍ତଙ୍କୁ ନୂଆଁଖାଇ ଜୁହାର।
ଜିରମୟ ନନ୍ଦ
ଏ.ଡ଼ି.ଇ.ଓ., ମାଟିଆଭଟା ଗ୍ରା.ପ.

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଗୁରୁଜନମାନଙ୍କୁ ନୂଆଁଖାଇ ଜୁହାର।
ପରମେଶ୍ୱର ନାଏକ
ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ଖପ୍ରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଅରବିନ୍ଦ ନାଏକ
ବନାଞ୍ଚଳ ଅଧିକାରୀ, ହରିଶଙ୍କର, ଖପ୍ରାଖୋଲ

ନୂଆଁଖାଇ ଜୁହାର
ବାଘମୁଣ୍ଡ ଅଞ୍ଚଳର ଗୁରୁଜନମାନଙ୍କୁ ନୂଆଁଖାଇ ଜୁହାର।
ଦେବାଶିଷ ସାହୁ
ସରପଞ୍ଚ, ବାଘମୁଣ୍ଡ ଗ୍ରା.ପ.

ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଚାଷୀ ଭାଇଙ୍କୁ ନୂଆଁଖାଇର ଜୁହାର। ମାଁ ସମଲେଇ ଓ ପାଟଣେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ଦିଅନ୍ତୁ।
ନୂଆଁଖାଇ ଜୁହାର
କନ୍ଦର୍ପ ସୁଆର — ସଭାପତି, ଲୁହାସିଂହା ପେକ୍ସ
ଦମୟନ୍ତୀ ସୁଆର — ବି.ଡ଼ି.ସି.ସି.ବ୍ୟାଙ୍କ, ନିର୍ଦ୍ଦେଶିକା

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଅଣକୁଶଳୀ ଶ୍ରମିକମାନଙ୍କୁ ଅଭିନନ୍ଦନ, ନୂଆଁଖାଇ ଜୁହାର।
ପ୍ରଶାନ୍ତ କୁମାର ସାହୁ
ଏ.ପି.ଓ., ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଧଣ୍ଡାମୁଣ୍ଡା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ବୈଦ୍ୟନାଥ ମିଶ୍ର
ସରପଞ୍ଚ, ଧଣ୍ଡାମୁଣ୍ଡା ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି। ନୂଆଁଖାଇ ଜୁହାର।
ଦିପକ ବେହେରା
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣ,ଶ୍ରମିକ,କୃଷକ, ଯୁବକମାନଙ୍କୁ ମୋର ନୂଆଁଖାଇ ଜୁହାର।
ଇ. କୁଳମଣୀ ଭୋଇ
ସହକାରୀ ନିର୍ବାହୀ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣମାନଙ୍କୁ ନୂଆଁଖାଇ ଜୁହାର।
ରାଜକିଶୋର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ବଳଭଦ୍ର ନାଏକ
ବୈଷୟିକ ପରାମର୍ଶ ଦାତା, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଡୋଳାମଣି ଦୀପ
କାର୍ଯ୍ୟନିର୍ବାହୀ ଅଧିକାରୀ, ସାହଜପାଣି ଗ୍ରା.ପ.

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର
ମୋହନ ବେହେରା
କାର୍ଯ୍ୟନିର୍ବାହୀ ଅଧିକାରୀ, ଭାନପୁର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ସମସ୍ତଙ୍କୁ ନୂଆଁଖାଇ ଜୁହାର।
ରଂଜିତ କୁମ୍ଭାର
ବନପାଳ, ଧଣ୍ଡାମୁଣ୍ଡା

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି। ନୂଆଁଖାଇ ଜୁହାର।
ବିବେକାନନ୍ଦ ଷଡଙ୍ଗୀ
ବିଡିଓ, ଖପ୍ରାଖୋଲ ବ୍ଲକ

ନୂଆଁଖାଇ ଜୁହାର
ସମସ୍ତଙ୍କୁ ନୂଆଁଖାଇ ଜୁହାର।
ହେମନ୍ତ ଭୋଇ
ଏ.ଡ଼ି.ଇ.ଓ., ଘୁନସର ଗ୍ରା.ପ.

ନୂଆଁଖାଇ ଜୁହାର
ଖପ୍ରାଖୋଲ ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ନରେନ୍ଦ୍ର ଛତର
ଥାନା ଅଧିକାରୀ, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଭାନପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ରୀନା ଜାଲ
ସରପଞ୍ଚ, ଭାନପୁର ଗ୍ରାମପଞ୍ଚାୟତ

ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୨/୨୦୨୪ Bhubaneswar, Thursday, September 12/ 2024

**ଧନ୍ୟବାଦ ଶ୍ରୀଜେଶ୍**

# ପୂର୍ବତନ ଗୋଲ୍‌କିପରଙ୍କୁ ମୋଦିଙ୍କ ଚିଠି



**ନୂଆଦିଲ୍ଲୀ,୧୧।୯(ପି.ଟି.):** ଭାରତୀୟ ହକିର ଦ ୱାଲ ଭାବରେ ପରିଚିତ ପରାଜ୍ଜୁ ରବୀନ୍ଦ୍ରନ ଶ୍ରୀଜେଶଙ୍କୁ ଚିଠି ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦୀର୍ଘ ୧୫ ବର୍ଷ ଧରି ଭାରତୀୟ ଦଳର ଗୋଲକିପର ଭାବେ ନିଃସ୍ୱାର୍ଥପର ସେବା ଯୋଗାଇ ଆସିଥିବା ଶ୍ରୀଜେଶ୍‌ଙ୍କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ବ୍ରୋଞ୍ଜ ପଦକ ଜିତାଇବା ପରେ ଶ୍ରୀଜେଶ୍ ଅବସର ଘୋଷଣା କରିଥିଲେ। ୧୬ ଅଗଷ୍ଟ ୨୦୨୪ରେ ମୋଦି ଏହି ଚିଠି ଲେଖିଥିବା ବେଳେ ବୁଧବାର ଶ୍ରୀଜେଶ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏହା ଶେୟାର କରିଛନ୍ତି। ଅବସର ପରେ ବର୍ତ୍ତମାନ ଶ୍ରୀଜେଶଙ୍କୁ ଜୁନିୟର ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବରେ ନିଯୁକ୍ତି ମିଳିଛି। ଭାରତକୁ ହକିର ପାୱାର ହାଉସ୍ ଭାବରେ ଗଢିତୋଳିବା ତାଙ୍କର ଏକମାତ୍ର ଲକ୍ଷ୍ୟ ବୋଲି କହିଛନ୍ତି ଶ୍ରୀଜେଶ। ଖେଳାଳି ଭାବରେ ତୁମ ଯାତ୍ରା ବେଶ୍ ପ୍ରେରଣାଦାୟୀ ରହିଥିବା ବେଳେ କୋଚ୍ ଭାବରେ ଏହା ସମାନ ପ୍ରଭାବ ସୃଷ୍ଟି କରିବ ବୋଲି ମୋଦି ଚିଠିରେ ଲେଖିଛନ୍ତି। ଶ୍ରୀଜେଶ୍ ଏହି ଚିଠିକୁ ନିଜ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ତାଙ୍କ ଉପରେ ଭରସା ଦେଖାଇ ଥିବାରୁ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀଜେଶ୍ ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଦଳର ସଦସ୍ୟ ରହିଥିବା ବେଳେ ୨୦୧୬ ରିଓ ଅଲିମ୍ପିକ୍ସରେ ତାଙ୍କ ନେତୃତ୍ୱରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏପରିକି ୨୦୨୦ ଓ ୨୦୨୪ରେ ଭାରତର ବ୍ରୋଞ୍ଜ ବିଜୟରେ ଶ୍ରୀଜେଶଙ୍କ ବଡ ଭୂମିକା ରହିଥିବା ମୋଦି ଚିଠିରେ ଉଲ୍ଲେଖ କରିଛନ୍ତି।

# ସେମିଫାଇନାଲରେ ଭାରତ

**ହୁଲୁନବୁଇର (ଚାଇନା), ୧୧।୯**

ଟାଇଟଲ ଦାବିଦାର ଭାରତ ପ୍ରଥମ ଦଳଭାବେ ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଭାରତ ରାଜକୁମାର ପାଲ୍‌ଙ୍କ ହ୍ୟାଟ୍ରିକ ବଳରେ ମାଲେସିଆକୁ ୮-୧ ଗୋଲରେ ପରାସ୍ତ କରିଛି। ଏଥିସହ ଚଳିତ ଟୁର୍ନାମେଣ୍ଟରେ ବିଜୟରେ ମଧ୍ୟ ହ୍ୟାଟ୍ରିକ କରିଛି ଭାରତୀୟ ଦଳ। ପୂର୍ବ ୨ ମ୍ୟାଚରେ ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଚାଇନାକୁ ୩-୦ ଓ ଜାପାନକୁ ୫-୧ ଗୋଲରେ ପରାସ୍ତ କରିଥିଲା। ୩ ମ୍ୟାଚରୁ ୯ ପଏଣ୍ଟ ପାଇ ଭାରତ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଦକ୍ଷିଣ କୋରିଆ ଓ ପାକିସ୍ତାନ ୩ ମ୍ୟାଚରୁ ୫ ପଏଣ୍ଟ ଲେଖାଏ ଏବଂ ଚାଇନା ୩ ପଏଣ୍ଟ ସହ ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଛନ୍ତି। ଜାପାନ ଓ ମାଲେସିଆ ଗୋଟିଏ ଲେଖାଏ ପଏଣ୍ଟ ପାଇ ଶେଷ ୨ ସ୍ଥାନରେ ରହିଛନ୍ତି।

ମାଲେସିଆ ବିପକ୍ଷରେ ଭାରତ ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ରାଜକୁମାର ୩ୟ, ୨୫ ଓ ୩୩ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଅରାଇଜିତ ସିଂ ହୁଣ୍ଡାଲ ୬ ଓ ୩୯ତମ ମିନିଟରେ ୨ଟି ଏବଂ ଯୁଗରାଜ ସିଂ ୭ମ, ଅଧିନାୟକ ହରମନପ୍ରୀତ ସିଂ ୨୨ ଓ ଉତ୍ତମ ସିଂ ୪୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମାଲେସିଆ ପକ୍ଷରୁ ଅଖିମୁଲ୍ଲା ଅନୁଆର ୩୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହି ମ୍ୟାଚରେ ଭାରତୀୟ ଷ୍ଟ୍ରାଇକରମାନେ ଚମତ୍କାର ଫର୍ମରେ ନଜରକୁ ଆସିଥିଲେ। ଫଳରେ ଭାରତ ୫ଟି ଫିଲ୍ଡ ଗୋଲ ଦେଇଥିବାବେଳେ ୩ଟି ପେନାଲ୍ଟି କର୍ନରକୁ ସଫଳତାର ସହ ଗୋଲରେ କନଭର୍ଟ କରିଥିଲେ ଯୁଗରାଜ, ହରମନପ୍ରୀତ ଓ ଉତ୍ତମ।

୨୦୨୩ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଭାରତ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭାରତ ପ୍ରଥମାର୍ଦ୍ଧରେ ୧-୩ ଗୋଲରେ ପଛୁଆ ରହିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ସଫଳ ପ୍ରତ୍ୟାବର୍ତ୍ତନ କରି ୪-୩ରେ ମ୍ୟାଚ ଜିତିବା ସହ ଚାମ୍ପିୟନ ହୋଇଥିଲା। ରାଉଣ୍ଡ ରବିନ ଭିତ୍ତିରେ ଖେଳାଯାଉଥିବା ୬ ରାଷ୍ଟ୍ର ବିଶିଷ୍ଟ ଏହି ଟୁର୍ନାମେଣ୍ଟର ଶ୍ରେଷ୍ଠ ୪ ଟିମ୍ ସେମିଫାଇନାଲରେ ପ୍ରବେଶ କରିବେ। ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଗୁରୁବାର ଦକ୍ଷିଣ କୋରିଆ ଓ ଶେଷ ଲିଗ୍ ମ୍ୟାଚ ଶନିବାର ପାକିସ୍ତାନ ବିପକ୍ଷରେ ଖେଳିବ।



ଭାରତ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

- ରାଜକୁମାର ପାଲ୍‌ଙ୍କ ହ୍ୟାଟ୍ରିକ
- ମାଲେସିଆକୁ ୮-୧ରେ ହରାଇଲା ଭାରତ

# ରାଜ୍ୟରେ ବରଫ କ୍ରୀଡ଼ାର ପ୍ରଚାରପ୍ରସାର ପାଇଁ ପଦକ୍ଷେପ

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

ଓଡ଼ିଶା ଏକ ବରଫବିହୀନ ରାଜ୍ୟ ହୋଇଥିଲେ ହେଁ 'ସ୍ନୋ ଗର୍ଲ' ଭାବେ ପରିଚିତ ରଞ୍ଜିତା ବେହେରା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପ୍ରଦର୍ଶନର ଛାପ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ଏଥିରେ ସ୍ୱାଭାବିକଭାବେ ଉତ୍ସାହିତ ସ୍କି ଆଣ୍ଡ ସ୍ନୋବୋର୍ଡ ଆସୋସିଏଶନ ଅଫ୍ ଓଡ଼ିଶା ରାଜ୍ୟରେ ଏହି କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ ଅଣ୍ଟା ଭିଡ଼ିଛି। ବରଫ ସଂଶ୍ଳିଷ୍ଟ ବିଭିନ୍ନ ଖେଳରେ ଅଭ୍ୟାସରତ ତଥା ଆଗ୍ରହୀ ୧୦ରୁ ୩୦ ବର୍ଷର ବାଳିକା ବାଳକଙ୍କୁ ପଞ୍ଜୀକରଣ କରାଯିବ। ଏହାପରେ ବୟସ ଅନୁସାରେ ବିଭିନ୍ନ ବର୍ଗରେ ବିଭକ୍ତ କରାଯାଇ ଯିଏ ଯେଉଁଥିରେ ଆଗ୍ରହ ପ୍ରକାଶ କରୁଥିବ ତାଙ୍କୁ ସେଥିରେ ଅର୍ଥାତ୍ ଆଲ୍‌ପାଇନ୍ ସ୍କି, କ୍ରସ୍ କଣ୍ଟ୍ରି, ସ୍ନୋବୋର୍ଡିଂ ଏବଂ ରୋଲର ସ୍କି'ରେ ପ୍ରଶିକ୍ଷଣ ଦିଆଯିବ। ଏହା ବ୍ୟତୀତ ଆଗାମୀ ଦିନରେ ବିଭିନ୍ନ ସ୍ତରରେ ଆୟୋଜନ ହେବାକୁଥିବା ଖେଳ ପାଇଁ ମାନଦଣ୍ଡ ଅନୁସାରେ ଚୟନ କରାଯିବ। ତେଣୁ ବରଫ କ୍ରୀଡ଼ାରେ ଆଗ୍ରହ ରଖୁଥିବା ଖେଳାଳିମାନେ ପ୍ରଥମେ ସେମାନଙ୍କ ନାମ ଚଳିତ ମାସ ୩୦ ତାରିଖରେ ପଞ୍ଜୀକରଣ କରାଇନେବାକୁ ପଡ଼ିବ ବୋଲି ଆସୋସିଏଶନ ସମ୍ପାଦକ ସୁଶାନ୍ତ କୁମାର ଦାସ ପ୍ରକାଶ କରିଛନ୍ତି।

ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ଜିଲାରେ ଅବସ୍ଥାପିତ ବ୍ଲକ ଏବଂ କ୍ରୀଡ଼ା ସଙ୍ଗଠନ ବରଫ କ୍ରୀଡ଼ା ପ୍ରତି ଆଗ୍ରହ ଏବଂ ପ୍ରସାର ପାଇଁ ଉଦ୍ୟମ କରୁଥିଲେ ରାଜ୍ୟ ସ୍କି ଆଣ୍ଡ ସ୍ନୋ ବୋର୍ଡ ସଂଘ ସହିତ ଅନୁବନ୍ଧିତ ହେବାକୁ ସୁଶାନ୍ତ ଅନୁରୋଧ କରିଛନ୍ତି। ଏହା ହେଲେ ସମସ୍ତଙ୍କ ମିଳିତ ପ୍ରୟାସରେ ରାଜ୍ୟରେ ଏହି କ୍ରୀଡ଼ାର ଦ୍ରୁତ ପ୍ରଚାର ଓ ପ୍ରସାର ହୋଇପାରିବ। ପ୍ରକାଶଯୋଗ୍ୟ ଯେ, ରାଉରକେଲାର ସାହସୀ ଝିଅ ରଞ୍ଜିତା ରାଜ୍ୟ ସଂଘର ପ୍ରଚେଷ୍ଟାରେ କ୍ରମାଗତଭାବେ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଏବଂ ଅନ୍ୟ ଜାତୀୟ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଗତ ଜାନୁୟାରୀରେ ଅଷ୍ଟ୍ରିଆର ସେଣ୍ଟ ମିଚେଲ୍ସଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ରେସ୍‌ରେ ଅନେକ ଅଭିଜ୍ଞ ରେସର ଫେଲ୍ ମାରିଥିବାବେଳେ ରଞ୍ଜିତା ସାହସର ସହିତ ଫିନିଶିଂ ପଏଣ୍ଟରେ ପହଞ୍ଚି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିଲେ।

# ଓଡ଼ିଶା ବାଳିକା ଦଳ ସେମିରେ

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ନିମୁଚ୍‌ଠାରେ ଚାଲିଥିବା ଜାତୀୟ ସବ୍-ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ବୁଧବାର ନିଜର ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୫-୨ ଗୋଲରେ ରାଜସ୍ଥାନକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ କାମିନି ମଲିକ ୧୧, ୪୮ ଓ ୭୩ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ଅଧିନାୟିକା ରିତୁ ବଡେକ ୨୨ ଓ ଖୁନ୍ଦୋଙ୍ଗବାମ୍ ଅମ୍ବାଲିକା ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ବିପକ୍ଷ ଦଳର କ୍ରିଷ୍ଟା ଜାଟ୍ ୩୭ ଓ ଦୀପିକା ୩୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ୪-୧ ଗୋଲରେ ତେଲେଙ୍ଗାନାକୁ ପରାସ୍ତ କରିଥିଲା।

**ଜାତୀୟ ସବ୍‌ଜୁନିୟର ଫୁଟ୍‌ବଲ**

**ବାଳକ ଦଳର ଦ୍ୱିତୀୟ ପରାଜୟ**

ବେଙ୍ଗାଲୁରୁଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ରେ କିନ୍ତୁ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପ୍ରଥମ ମ୍ୟାଚରେ ୧-୯ ଗୋଲରେ ମିଜୋରାମଠାରୁ ହାରିଥିବା ଓଡ଼ିଶା ବୁଧବାର ଦ୍ୱିତୀୟ ମ୍ୟାଚରେ ଦିଲ୍ଲୀଠାରୁ ୨-୭ ଗୋଲରେ ପରାସ୍ତ ହୋଇଛି।



ହ୍ୟାଟ୍ରିକ ଗୋଲ ସ୍କୋରର କାମିନି ମଲିକ।

# ଲକ୍ଷ୍ମୀପ୍ରିୟାଙ୍କୁ ରୌପ୍ୟ, ଜୟରାମ ବ୍ରୋଞ୍ଜ

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ):** ଚେନ୍ନାଇଠାରେ ଚାଲିଥିବା ୪ର୍ଥ ଜୁନିୟର ସାଉଥ୍ ଏସିଆନ୍ ଆଥ୍‌ଲେଟିକ୍ସ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍‌ରେ ଓଡ଼ିଶା ଧାବିକା ଲକ୍ଷ୍ମୀ ପ୍ରିୟା କିଷାନ ରୌପ୍ୟ ଓ ଦଣ୍ଡପତି ଜୟରାମ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ୮୦୦ ମିଟର ରେସ୍‌ରେ ଲକ୍ଷ୍ମୀ ପ୍ରିୟା ୨:୧୦.୮୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଶ୍ରୀଲଙ୍କାର ଏମ୍.ଜି.ଟି. ଅଭିଷେକା ପ୍ରେମଶିରି ସ୍ୱର୍ଣ୍ଣ ଓ ୟୁ.ଏମ. ସନ୍‌ସଲା ହିମଶନି ଏସ. ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଓଡ଼ିଶା ଧାବକ ଦଣ୍ଡପତି ଜୟରାମ ପୁରୁଷ ୧୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସମ୍ପ୍ରତି କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଜୟରାମ ୧୦.୫୬ ସେକେଣ୍ଡ ସମୟ ନେଇ ଏହସ ସଫଳତା ପାଇଛନ୍ତି। ଶ୍ରୀଲଙ୍କାର ୱିଜେସିଂହେ ମେରୋନେ ସ୍ୱର୍ଣ୍ଣ ଓ ୱିରାରତ୍ନା ଦିନେଥ ରୌପ୍ୟ ପଦକ ଜିତିଛନ୍ତି।

# କ୍ରୀଡ଼ାର ବିକାଶ ପାଇଁ ୧,୩୧୫ କୋଟି

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

**ଆର୍ଥିକ ବର୍ଷ ୨୦୨୪-୨୫**

ଚଳିତ ଆର୍ଥିକ ବର୍ଷରେ ଓଡ଼ିଶା ସରକାର ୧,୩୧୫ କୋଟି ଟଙ୍କା କ୍ରୀଡ଼ା ଏବଂ ଯୁବସେବା ପାଇଁ ବ୍ୟୟ କରିବାକୁ ନିର୍ଦ୍ଧାରିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର କ୍ରୀଡ଼ା ବଜେଟକୁ ବିଗତ ବର୍ଷଠାରୁ ୯୮ କୋଟି ଟଙ୍କା ଅଧିକ ବଢ଼ାଇଛନ୍ତି। ଗତ ବର୍ଷ ଏହା ୧,୨୧୭ କୋଟି ଟଙ୍କା ଥିଲା। ଏହି ୧,୩୧୫ କୋଟି ଟଙ୍କାରୁ ୧,୨୧୦ କୋଟି ଟଙ୍କା ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଏବଂ ୧୦୫ କୋଟି ଟଙ୍କା ରକ୍ଷଣାବେକ୍ଷଣରେ ବ୍ୟୟ କରାଯିବ ବୋଲି ବଜେଟରେ ଉଲ୍ଲେଖ ରହିଛି।

ଭୁବନେଶ୍ୱରରେ ଏକ ନୂତନ ବିଶ୍ୱସ୍ତରୀୟ ଷ୍ଟାଡିୟମ, ରାଜ୍ୟର ୪ଟି ଜୋନ୍‌ରେ ବିଶ୍ୱସ୍ତରୀୟ କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା, ଜିଲାସ୍ତରୀୟ କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା, ତୃଣମୂଳ ସ୍ତରରେ କ୍ରୀଡ଼ାବିତ୍‌ଙ୍କ ବିକାଶ, ମିନି ଷ୍ଟାଡିୟମଗୁଡିକର ସକ୍ରିୟତା ପାଇଁ ସରକାର ୯୫୨ କୋଟି ଟଙ୍କା ବ୍ୟୟର ପ୍ରସ୍ତାବ ଦେଇଛନ୍ତି। ଯୁବକମାନଙ୍କର ସମନ୍ୱିତ ବିକାଶ ପାଇଁ ରାଜ୍ୟ ସରକାର ଯୁବଶକ୍ତି ଯୋଜନାରେ ୧୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଏବଂ ତାଙ୍କର ସାମଗ୍ରିକ ବିକାଶ ପାଇଁ ସରକାର 'ଖେଳରତ୍ନ ଖୋଜା ଅଭିଯାନ'ର ମଧ୍ୟ ଘୋଷଣା କରିଛନ୍ତି। କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଏବଂ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ସରକାର ୬୫ କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷରେ ଆବଣ୍ଟନ କରିଛନ୍ତି। କ୍ରୀଡ଼ା ଏବେ କେବଳ ଶାରୀରିକ ସୁସ୍ଥତାର ମାଧ୍ୟମ ହୋଇନାହିଁ, ବରଂ ଯୁବପିଢ଼ିଙ୍କ ସାମଗ୍ରିକ ବିକାଶ ଏବଂ ରାଜ୍ୟର ଗର୍ବ ପାଇଁ ଏକ ପ୍ରମୁଖ ମଞ୍ଚ ପାଲଟିଛି। ଏହି ମହତ୍ତ୍ୱପୂର୍ଣ୍ଣ ବିନିଯୋଗ ସହ ଓଡ଼ିଶା କ୍ରୀଡ଼ା ଉତ୍କର୍ଷର ଏକ କେନ୍ଦ୍ରବିନ୍ଦୁ ଭାବରେ ଉଭା ହେବ। ଯୁବ କ୍ରୀଡ଼ାବିତ୍‌ମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ସଫଳ ହେବା ପାଇଁ ଆବଶ୍ୟକ କରୁଥିବା ସମସ୍ତ ସୁବିଧା ଏବଂ ସମର୍ଥନ ପାଇପାରିବେ। 'ଖେଳରତ୍ନ ଖୋଜା ଅଭିଯାନ' ଏବଂ 'ଯୁବଶକ୍ତି' ଭଳି ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଆଗାମୀ ପିଢ଼ିର ଚାମ୍ପିୟନମାନଙ୍କୁ ପ୍ରତିପୋଷଣ ଏବଂ ପ୍ରୋତ୍ସାହିତ କରିବ। ଏହି ପୁଞ୍ଜି ବିନିଯୋଗ କେବଳ କ୍ରୀଡ଼ା ଭିତ୍ତିଭୂମି ନୁହେଁ ବରଂ ଏକ ଇକୋସିଷ୍ଟମ ସୃଷ୍ଟିକରିବା ପାଇଁ ଓଡ଼ିଶାର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ଯାହା ତୃଣମୂଳ ସ୍ତରରୁ ପ୍ରତିଭା ସୃଷ୍ଟି ଏବଂ ଭବିଷ୍ୟତରେ କ୍ରୀଡ଼ା ସଫଳତା ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବ।




# କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

**କେନ୍ଦ୍ରୀୟ ବିଦ୍ୟାଳୟ ଜାତୀୟ ହ୍ୟାଣ୍ଡବଲ**

ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ଚାଲିଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ରିଜିଅନ ପ୍ରବେଶ କରିଛି। ଭୁବନେଶ୍ୱର ଦଳ ପ୍ରଥମ ମ୍ୟାଚରେ ଦିଲ୍ଲୀକୁ ୧୪-୯ ଓ ଦ୍ୱିତୀୟ ମ୍ୟାଚରେ କୋଲକାତାକୁ ୧୬-୮ ଗୋଲରେ ପରାସ୍ତକରି ଆଗକୁ ବଢ଼ିଛି। ଦଳର ଏହି ସଫଳତା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ-୨ (ଭୁବନେଶ୍ୱର) ପ୍ରିନ୍ସିପାଲ ଧନଞ୍ଜୟ ପ୍ରସାଦ ଶର୍ମା, ବରିଷ୍ଠ କ୍ରୀଡା ଶିକ୍ଷକ ସୁଧାଂଶୁ କୁମାର ନନ୍ଦ, କୋଚ ଗୌରୀ ଶଙ୍କର ମିଶ୍ର ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଓଡ଼ିଶା ପ୍ରତିଯୋଗୀଙ୍କୁ ୨ ପଦକ




ପାୟଲ ପଲ୍ଲବୀ ସାହୁ(ବାମ) ଓ ଚିନ୍ମୟୀ ସ୍ୱାଇଁଙ୍କ ସହ କୋଚ୍ ସାଗରିକା ନାୟକ।

**ଭୁବନେଶ୍ୱର,୧୧।୯(ସରୋଜ ଜେନା)**

ଉତ୍ତର ପ୍ରଦେଶରେ ଟାଏକୋଣ୍ଡୋ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଜାତୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ ଉଦ୍‌ଯାପିତ ହୋଇଛି। ୮-୧୦ ମଧ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି ଓଡ଼ିଶାର ୨ ପ୍ରତିଯୋଗୀ। ସୁପର ସବ୍ ଜୁନିୟର କ୍ୟୁରୋଗି ଓ ପୁମ୍‌ସେ ଇଭେଣ୍ଟରେ ପାୟଲ ପଲ୍ଲବୀ ସାହୁ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଜୁନିୟର ବର୍ଗରେ ଚିନ୍ମୟୀ ସ୍ୱାଇଁ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଉଭୟ ଖେଳାଳି କଟକର କିଙ୍ଗ ଟାଏକୋଣ୍ଡୋ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। କୋଚ୍ ସାଗରିକା ନାୟକ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବର୍ଷାରେ ଧୋଇଗଲା ଆଫଗାନିସ୍ତାନ ଟେଷ୍ଟ

**ଗ୍ରେଟର ନଏଡା,୧୧।୯(ପି.ଟି.)**

ଆଫଗାନିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳା ଯାଉଥିବା ଏକମାତ୍ର ଟେଷ୍ଟ ବର୍ଷା କାରଣରୁ ବାତିଲ ହୋଇଛି। ଓଦା ଆଉଟ ଫିଲ୍ଡ କାରଣରୁ ଗୋଟିଏ ବି ବଲ ପଡିବା ସମ୍ଭବ ନ ହେବା କାରଣରୁ ତୃତୀୟ ଦିନ ପରେ ମ୍ୟାଚ ବାତିଲ କରାଯାଇଛି। ଅତ୍ୟାଧୁନିକ ସୁବିଧାର ଅଭାବ କାରଣରୁ ସମାନ୍ୟ ବର୍ଷାରେ ମଧ୍ୟ ଆଉଟଫିଲ୍ଡ ଶୁଖୁ ନ ଥିଲା। ଯାହା ଫଳରେ ପ୍ରଥମ ୨ ଦିନର ଖେଳ ସମ୍ଭବ ହୋଇ ନ ଥିଲା। ତୃତୀୟ ଦିନରେ ସମାନ ପରସ୍ଥିତି ହେବାରୁ ମ୍ୟାଚ୍‌କୁ ବାତିଲ କରାଯାଇଛି।

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

ଜାତୀୟ ରୋଲ ବଲ୍ ଚାମ୍ପିୟନଶିପ୍‌ର ୧୭ଶ ସଂସ୍କରଣ ପୁଣେର ବାଲେୱାଡ଼ିସ୍ଥିତ ଛତ୍ରପତି ଶିବାଜୀ ଷ୍ଟାଡିୟମରେ ଗୁରୁବାର ଆରମ୍ଭ ହେବ। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମ ପରେ ଓଡ଼ିଶା ଦଳ ପୁଣେ ଯାତ୍ରା କରିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହକି ପ୍ରମୋଶନ କାଉନ୍ସିଲ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ରାଜ୍ୟ ରୋଲ ବଲ୍ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ (ବାଳିକା):** ଗୀତିକା ଗୀତିମାୟା, ଅଶ୍ଳେଷା ପଣ୍ଡା, ବଂଶିକା ଗୁରୁ, ଓମ୍ ଦିବ୍ୟାଂଶ୍ରୀ ବେହେରା, ଓମ୍ ଦିବ୍ୟାଂଶୀ ବେହେରା, ଶିମନ ଶ୍ରେୟା, ମଧୁକ୍ଷର ମିଶ୍ର, ଗୁଞ୍ଜନ ରାଉତ, ଇଚିନି ଦିବ୍ୟାଞ୍ଜଳି, ଶ୍ୱେତପର୍ଣ୍ଣା ପ୍ରିୟଦର୍ଶିନୀ।

**ଓଡ଼ିଶା ଦଳ (ବାଳକ):** ଶୁଭମ୍ କୁମାର ଦୋରା, ପ୍ରତୀକ ଅର୍ଣ୍ଣବ ଜେନା, ଭିବନ ଟିକ୍‌ମନି, ଅନିଶ ପଟ୍ଟନାୟକ, ବିରେନ ଦାସ, ଆରୁଷ ଦାସ, ସାତ୍ତ୍ୱିକ ରାୟ ସାମନ୍ତ, ଅର୍ଣ୍ଣବ ରାଉତ, ହର୍ଷିତ ଗୋଏଲ, ଏସ.ପି. ଅର୍ଣ୍ଣବ ମହନ୍ତ, ସ୍ୱୟମ ପି. ସ୍ୱାଇଁ, ସୌର୍ଯ୍ୟାଂଶୁ ମହାପାତ୍ର।




କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଜାତୀୟ ରୋଲ ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳର ଖେଳାଳି।

# ଟମ୍ କ୍ରେଗ୍ ବର୍ଷେ ବାସନ୍ଦ

**ସିଡ୍‌ନୀ,୧୧।୯(ପି.ଟି.):** ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ କୋକେନ୍ କିଣି ଗିରଫ ହୋଇଥିବା ଅଷ୍ଟ୍ରେଲିଆ ହକି ଖେଳାଳି ଟମ୍ କ୍ରେଗ୍‌ଙ୍କୁ ୧ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଅଲିମ୍ପିକ୍ସ ସମୟରେ ଅଗଷ୍ଟ ୭ ତାରିଖରେ କୋକେନ୍ କିଣୁଥିବା ସମୟରେ କ୍ରେଗଙ୍କୁ ପ୍ୟାରିସ୍‌ରେ ଗିରଫ କରାଯାଇଥିଲା।

# ସିବିଏସ୍‌ଇ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୧୧।୯ (ତପନ ସ୍ୱାଇଁ)**

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ସିବିଏସ୍‌ଇ ଆଥଲେଟିକ୍ସ ମିଟ୍ କ୍ଲଷ୍ଟର-୧ ବୁଧବାର ଉଦ୍‌ଯାପିତ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ଅଲିମ୍ପିଆନ ଶ୍ରାବଣୀ ନନ୍ଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅନ୍ତର୍ଜାତୀୟ ଆଥଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ନିର୍ଦ୍ଦେଶକ ତଥା ପ୍ରିନ୍ସିପାଲ ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ଥିଲେ। ୧୪ ବର୍ଷରୁ କମ୍ ବାଳକରେ ଶୁଭ୍ରଜିତ ପଞ୍ଚବିହାର, ବାଳିକାରେ ଅଣିତା ଯାଦବ, ୧୭ ବର୍ଷରୁ କମ୍ ବାଳକରେ ବିଜୟ କୁମାର ଯାଦବ, ବାଳିକାରେ ଅଦିତି କୁମାରୀ ଶ', ୧୯ ବର୍ଷରୁ କମ୍ ବାଳକରେ ସମ୍ରାଟ ମଣ୍ଡଳ ଓ ବାଳିକାରେ ଅନନ୍ୟା ପାଣ୍ଡେ ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଛନ୍ତି। କିଟ୍‌ର ଶୁଭାଶିଷ ପଣ୍ଡା ୧୭ ବର୍ଷରୁ କମ୍ ବାଳକ ହାଇଜମ୍ପ ଓ ଆଂଶିକ ଦାସ ୧୪ ବର୍ଷରୁ କମ୍ ବାଳକ ୨୦୦ ମିଟରରେ ତୃତୀୟ ସ୍ଥାନ ହାସଲ କରିଥିଲେ।




ସିବିଏସ୍‌ଇ ଆଥ୍‌ଲେଟିକ୍ ମିଟ୍‌ର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ